# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୭/୨୦୨୩ (୧୮ ପୃଷ୍ଠା) | Bhubaneswar, Tuesday, June 27/2023 | Page 18 | ₹ 7.00

୪୯ଶ ଭାଗ ୨୧୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 212 ମୂଲ୍ୟ ₹୭/-




**ଆଶ୍‌ଲେ ଗାର୍ଡନରଙ୍କୁ ୮ ଉଇକେଟ ସଫଳତା**

ଇଂଲଣ୍ଡ ବିପକ୍ଷ ମହିଳା ଆଶେସ କ୍ରିକେଟ ଟେଷ୍ଟ ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆର ଆଶ୍‌ଲେ ଗାର୍ଡନର ୮ ଉଇକେଟ ହାସଲ କରିଛନ୍ତି।

୧୬

୧୫

**ସୋନମ୍‌ଙ୍କ ଡିଜିଟାଲ ଡେବ୍ୟୁ**

ବଲିଉଡ୍ ଅଭିନେତ୍ରୀ ସୋନମ୍ କପୁର କିଛି ବର୍ଷର ବିରତି ପରେ 'ବ୍ଲାଇଣ୍ଡ' ମାଧ୍ୟମରେ ତାଙ୍କ ଡିଜିଟାଲ ପ୍ଲାଟ୍‌ଫର୍ମ ଡେବ୍ୟୁ କରିବାକୁ ଯାଉଛନ୍ତି।



# ବେଆଇନ ପରିବହନ ୧୧ ଜୀବନ ନେଲା

## ବସ୍-ମିନିବସ୍ ମୁହାଁମୁହିଁ ଧକ୍କା

■ ଏମ୍‌କେସିଜି ମେଡିକାଲରେ ୬ ଗୁରୁତର, କଟକରେ ଜଣେ

ବ୍ରହ୍ମପୁର (ସୁବାସ ଚନ୍ଦ୍ର ପାଢ଼ୀ)/ ଦିଗପହଣ୍ଡି (ଅଶେଷ ନାଥ ମିଶ୍ର)/ ପାଟପୁର(ସୀମାଞ୍ଚଳ ସାହୁ),୨୬।୬



ରବିବାର ବିଳମ୍ବିତ ରାତିରେ ଗଞ୍ଜାମ ଜିଲା ଦିଗପହଣ୍ଡି ନିକଟରେ ଓଏସ୍‌ଆର୍‌ଟିସି ବସ୍ ସହ କନ୍ୟାଯାତ୍ରୀ ମିନିବସ୍ ମୁହାଁମୁହିଁ ଧକ୍କା ହେବା ଯୋଗୁ ବଡ଼ଧରଣର ଦୁର୍ଘଟଣା ଘଟିଛି। ଏଥିରେ ଅକାଳରେ ୧୧ ଜୀବନ ଚାଲିଯାଇଥିବାବେଳେ ୭ଜଣ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହା ହେଉଛି ରାଜ୍ୟରେ ବେଆଇନ ଯାତ୍ରୀ ପରିବହନର ଦୁଃଖଦ ପରିଣାମ। ମିନିବସ୍ ମାଲିକଙ୍କ ଖାମଖିଆଲ ମନୋବୃତ୍ତି, ଭଡ଼ା ଲୋଭ ଏବଂ ରାଜ୍ୟରେ ପରିବହନ କ୍ଷେତ୍ରରେ ନିୟମିତ ବିଧିବଦ୍ଧ ଭାବେ ଯାଞ୍ଚ ହେଉ ନ ଥିବା ଯୋଗୁ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଲା ବୋଲି ଦାୟୀ କରାଯାଉଛି। ରାତିରେ ଯାତ୍ରୀ ପରିବହନ ପାଇଁ ଉକ୍ତ ମିନିବସ୍‌ର ପରିମିଶନ ନ ଥିଲା। ଏହାର ଫିଟ୍‌ନେସ ଚଳିତବର୍ଷ ନଭେମ୍ବର ପର୍ଯ୍ୟନ୍ତ ଥିବାବେଳେ ବୀମା ନ ଥିଲା। ୨୫ ବର୍ଷର ମିନିବସ୍ ହୋଇଥିଲେ ମଧ୍ୟ ଏହାକୁ କିଭଳି ଫିଟ୍‌ନେସ ସାର୍ଟିଫିକେଟ୍ ଅଦ୍ୟାବଧି ଦିଆଚାଲିଥିଲା ତାହା ସନ୍ଦେହ ଘେରକୁ ଆସିଛି। କେବଳ ସେତିକି ନୁହେଁ, ରାଜ୍ୟରେ ଅସୁରକ୍ଷିତ ଯାତ୍ରୀ ପରିବହନ ବ୍ୟବସ୍ଥା ପ୍ରତି ବିଭାଗ କିଭଳି ଆଖିବୁଜି ରହିଛି ତାହା ସ୍ପଷ୍ଟ ହୋଇଛି।

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଖେମୁଣ୍ଡି କଲେଜ ଛକ ନିକଟରେ ରବିବାର ରାତି ପ୍ରାୟ ସାଢ଼େ ୧ଟାରେ ଘଟିଛି ଦୁର୍ଘଟଣା। ☞ପୃଷ୍ଠା-୧୨

## ଯାଞ୍ଚ ହେଉନି: ଗଡୁଛି ବହୁ ପୁରୁଣା ଗାଡ଼ି

ଭୁବନେଶ୍ୱର,୨୬।୬(ଅନିଲ ଦାସ)

ରାଜ୍ୟରେ ଅନେକ ବସ୍, ଟ୍ରକ୍ ସମେତ ବିଭିନ୍ନ କିସମର ଗାଡ଼ି ବିନା ଫିଟନେସ୍, ପରମିଟ ଓ ବୀମାରେ ଗଡୁଛି। ଯାତ୍ରୀଙ୍କୁ ନେଉଥିବା ଘରୋଇ ବସ୍‌ଗୁଡିକରେ ମଧ୍ୟ ଅନୁରୂପ ଅବସ୍ଥା, ଯାହାକି ଯାତ୍ରୀଙ୍କ ପାଇଁ ପ୍ରାଣଘାତକ ହେଉଛି। ରାଜ୍ୟରେ ଏଭଳି ବେଆଇନ ଯାତ୍ରୀ ପରିବହନ ଜାରି ରହିଥିଲେ ମଧ୍ୟ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ ଠିକ୍ ଭାବେ ହେଉନାହିଁ। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୫୦୦ରୁ ଊର୍ଦ୍ଧ୍ୱ ସରକାରୀ ଏବଂ ☞ପୃଷ୍ଠା-୧୨

## ଯୁକ୍ତ୨ ନାମଲେଖା ଆବେଦନ ଅବଧି ବଢ଼ିଲା

### ଜୁଲାଇ ୬ରେ ପ୍ରଥମ ମେଧା ତାଲିକା

**ଭୁବନେଶ୍ୱର,୨୬।୬(ଅନୁରାଧା ମହାରଣା):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଏକାଦଶ ବା ଯୁକ୍ତ୨ ନାମଲେଖା ପାଇଁ ଆବେଦନ ଅବଧି ଦ୍ୱିତୀୟଥର ପାଇଁ ବୃଦ୍ଧି କରାଯାଇଛି। ଛାତ୍ରଛାତ୍ରୀ ଜୁନ୍ ୨୬ ପରିବର୍ତ୍ତେ ୩୦ ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲ ଜରିଆରେ ଆବେଦନ କରିପାରିବେ। ଛାତ୍ରଛାତ୍ରୀ, ଅଭିଭାବକ ଓ ବିଦ୍ୟାଳୟ ଅଧକ୍ଷଙ୍କ ଅନୁରୋଧକ୍ରମେ ଏପରି ନିଷ୍ପତ୍ତି ନିଆଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ପରିବର୍ତ୍ତିତ ସୂଚୀ ଅନୁଯାୟୀ ପ୍ରଥମ ମେଧା ତାଲିକା ଜୁଲାଇ ୬ ତାରିଖରେ ପ୍ରକାଶ ପାଇବ। ସେହିପରି ପ୍ରଥମ ପର୍ଯ୍ୟାୟ ନାମଲେଖା ଜୁଲାଇ ୭ରୁ ଆରମ୍ଭ ହୋଇ ୧୩ ତାରିଖ ମଧ୍ୟରେ ଶେଷ ହେବ। ଦ୍ୱିତୀୟ ମେଧା ତାଲିକା ଜୁଲାଇ ୧୯ ତାରିଖରେ ପ୍ରକାଶ ପାଇବ। ଏହାର ନାମଲେଖା ପ୍ରକ୍ରିୟା ଜୁଲାଇ ୨୨ ସୁଦ୍ଧା ସରିବ। ସେହିପରି ଅନ୍‌ଲାଇନ୍ ସ୍ପଟ୍ ନାମଲେଖା ପ୍ରକ୍ରିୟା ଜୁଲାଇ ୨୧ରୁ ଆରମ୍ଭ ହୋଇ ଜୁଲାଇ ୨୭ ପର୍ଯ୍ୟନ୍ତ ଚାଲିବ। ଅଗଷ୍ଟ ୧ରେ ଏକାଦଶ ଶ୍ରେଣୀର ପାଠପଢ଼ା ଆରମ୍ଭ ହେବ। ସାମସ୍ ପୋର୍ଟାଲରୁ ମିଳିଥିବା ସୂଚନାନୁସାରେ, ସୋମବାର ରାତି ୮ଟା ୧୫ସୁଦ୍ଧା ୪,୯୮,୬୯୬ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବାବେଳେ ୪,୬୪, ୫୬୧ଜଣ ଆବେଦନ କରିଛନ୍ତି। ସେହିପରି ୪,୫୯,୭୬୨ଜଣ ଅନ୍‌ଲାଇନରେ ଦେୟ ପୈଠ କରିଛନ୍ତି।

# ସ୍ୱତନ୍ତ୍ର ସହାୟତା ଯୋଜନାରେ ଓଡ଼ିଶାକୁ ୪,୫୨୮ କୋଟି ମଞ୍ଜୁର

### ବିଭିନ୍ନ ପ୍ରକଳ୍ପରେ ଅର୍ଥ ବିନିଯୋଗ ଲାଗି ବଜେଟରେ କରାଯାଇଥିଲା ଘୋଷଣା

ନୂଆଦିଲ୍ଲୀ (କୁଳଦୀପ ସିଂ), ୨୬।୬

ଚଳିତ ଆର୍ଥିକ ବର୍ଷରେ ବିଭିନ୍ନ ପ୍ରକଳ୍ପରେ ଅର୍ଥ ବିନିଯୋଗ ସକାଶେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ସହାୟତା ଯୋଜନାରେ ଅର୍ଥ ମଞ୍ଜୁର କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ଅଧୀନ ଖର୍ଚ୍ଚ ବିଭାଗ ପକ୍ଷରୁ ଓଡ଼ିଶାକୁ ୪,୫୨୮ କୋଟି ଟଙ୍କା ଅନୁମୋଦନ କରାଯାଇଛି। ତେବେ ୧୬ଟି ରାଜ୍ୟକୁ ମଞ୍ଜୁର ହୋଇଥିବା ସମୁଦାୟ ଅର୍ଥରାଶିର ପରିମାଣ ହେଉଛି ୫୬,୪୧୫ କୋଟି ଟଙ୍କା।

ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ଜଳ ଯୋଗାଣ, ଶକ୍ତି, ସଡ଼କ, ପୋଲ ଓ ରେଲୱେ ଭଳି ଦୀର୍ଘମିଆଦୀ ପ୍ରକଳ୍ପରେ ଉପରୋକ୍ତ ଅର୍ଥ ବିନିଯୋଗ କରାଯିବ। ଏଥିରେ ଜଳଜୀବନ ମିଶନ ଓ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟକାରିତା ଦିଗରେ ରାଜ୍ୟ ଅଂଶ ବାବଦକୁ ବ୍ୟୟ ହେବାକୁ ଥିବା ଅର୍ଥକୁ ମଧ୍ୟ ମଞ୍ଜୁର ପ୍ରଦାନ କରାଯାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, କେନ୍ଦ୍ର ବଜେଟ ୨୦୨୩-୨୪ରେ 'ସ୍ପେଶାଲ ଆସିଷ୍ଟାନ୍ସ ଟୁ ଷ୍ଟେଟସ୍ ଫର୍ କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ ୨୦୨୩-୨୪' ବିଷୟରେ ଘୋଷଣା କରାଯାଇଥିଲା। ରାଜ୍ୟଗୁଡ଼ିକର ବିଭିନ୍ନ ପ୍ରକଳ୍ପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ ରଖାଯାଇ ଏଭଳି ଯୋଜନାର ପରିକଳ୍ପନା ହୋଇଥିଲା। ତଦନୁଯାୟୀ ରାଜ୍ୟଗୁଡ଼ିକୁ ୫୦ ବର୍ଷିଆ ସୁଧମୁକ୍ତ ଋଣ ଦେବା ଲାଗି ସ୍ୱତନ୍ତ୍ର ସହାୟତା ବିଷୟରେ ବଜେଟରେ କୁହାଯାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ସମୁଦାୟ ୧.୩ ଲକ୍ଷ କୋଟି ଟଙ୍କା ମଞ୍ଜୁର କରିବା ଲାଗି ବଜେଟରେ ବ୍ୟବସ୍ଥା କରାଯାଇଥିଲା।

**ଆଜିର ସମ୍ପାଦକୀୟ** ଦୁର୍ଘଟଣା ଲାଗିରହିବ







## କଶ୍ମୀର ମସ୍‌ଜିଦରେ ସ୍ଲୋଗାନ ବିବାଦ: ଅଫିସର ବଦଳିଲେ

ଜମ୍ମୁ-କଶ୍ମୀରର ପୁଲୱାମା ଜିଲା ଜାଡୁରା ଗ୍ରାମରେ ଥିବା ମସ୍‌ଜିଦରେ ଯବାନମାନେ ପ୍ରବେଶ କରି ମୁସଲମାନମାନଙ୍କୁ 'ଜୟ ଶ୍ରୀରାମ' ଏବଂ 'ଭାରତ ମାତା କି ଜୟ୍' ସ୍ଲୋଗାନ ଦେବାକୁ ବାଧ କରିବା ଘଟଣାରେ ସୁରକ୍ଷା ବଳର ଜଣେ ଅଧିକାରୀଙ୍କୁ ଡ୍ୟୁଟିରୁ ହଟାଇ ଦିଆଯାଇଛି। ଶନିବାର ସକାଳେ ଏହି ଘଟଣା ଘଟିଥିଲା। ଅଭିଯୋଗର ତଦନ୍ତ ପାଇଁ ଜମ୍ମୁ-କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦ, ଓମାର ଅବଦୁଲ୍ଲା ଏବଂ ମେହବୁବା ମୁଫ୍‌ତି ଦାବି କରିଥିଲେ।



## ସଂକ୍ଷେପରେ

### ଲୁମ୍ପିରେ ୧୦୦ରୁ ଉର୍ଦ୍ଧ୍ୱ ଗାଈ ମୃତ

**ଶିଲଂ,୨୬।୬:** ମେଘାଳୟରେ ଲୁମ୍ପି ସ୍କିନ୍ ଡିଜିଜ୍ (ଏଲ୍ଏସ୍‌ଡି)ରେ ଆକ୍ରାନ୍ତ ହୋଇ ୧୦୦ରୁ ଉର୍ଦ୍ଧ୍ୱ ଗାଈଙ୍କ ମୃତ୍ୟୁ ଘଟିଛି। ବର୍ତ୍ତମାନ ସୁଦ୍ଧା ଅଞ୍ଚଳରେ ମୋଟ ୨୮୫୦୦ ଗାଈଙ୍କୁ ଏଲ୍ଏସ୍‌ଡି ଟିକା ଦିଆସରିଛି। କିଛିଦିନ ପୂର୍ବରୁ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ୮,୧୭୭ ଗାଈଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫,୮୮୪ଟି ସୁସ୍ଥ ହୋଇଥିବାବେଳେ ୧୦୧ ପ୍ରାଣ ହରାଇଥିବା ଆନିମଲ ହଜବ୍ୟାଣ୍ଡ୍ରି ଭେଟେରନାରି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ବଜ୍ରପାତରେ ୧୦ ମୃତ

**ଇସ୍‌ଲାମାବାଦ୍,୨୬।୬:** ପାକିସ୍ତାନ ପଞ୍ଜାବ ପ୍ରଦେଶରେ ବଜ୍ରପାତରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଲଗାଣ ବର୍ଷା ସପ୍ତାହେ ପର୍ଯ୍ୟନ୍ତ ଲାଗି ରହିବ ବୋଲି ପାକିସ୍ତାନ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ବୃଷ୍ଟିପାତ ଯୋଗୁ ସ୍ଥାନୀୟ ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିବାନେଇ ପାକିସ୍ତାନ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇଛି।

### ଭାଜପା ଏମ୍‌ପି ହରଦ୍ୱାର ଦୁବେଙ୍କ ପରଲୋକ



**ନୂଆଦିଲ୍ଲୀ, ୨୬।୬(ପି.ଟି.):** ଉତ୍ତରପ୍ରଦେଶର ଭାଜପା ରାଜ୍ୟ ସଭା ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ହରଦ୍ୱାର ଦୁବେଙ୍କର ସୋମବାର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କୁ ୭୪ ବର୍ଷ ହୋଇଥିଲା। ସେ ଗତ ୧୨ ତାରିଖରେ ଫୋର୍ଟିସ୍ ଏସ୍କର୍ଟ୍ସ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ଭର୍ତ୍ତି ହୋଇଥିଲେ। ତାଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଉତ୍ତରପ୍ରଦେଶର ବିକାଶ ଯାତ୍ରାରେ ଦୁବେଙ୍କ ଅବଦାନ ପାଇଁ ସେ ସବୁବେଳେ ମନେ ରହିବେ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଦୁବେଙ୍କ ବିୟୋଗରେ ଶୋକପ୍ରକାଶ କରିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ୟୁପିରେ କଲ୍ୟାଣ ସିଂ ସରକାରରେ ଦୁବେ ମନ୍ତ୍ରୀ ଥିଲେ।

### ଟାର୍ଗେଟ୍‌ରେ ସଲମାନ୍: ଗୋଲ୍ଡି ବ୍ରାର

**ନୂଆଦିଲ୍ଲୀ,୨୬।୬:** ଅଭିନେତା ସଲମାନ ଖାନ୍‌ଙ୍କୁ ହତ୍ୟା କରିବାକୁ ଚାହୁଁଥିବା କାନାଡାରେ ଥିବା ଗ୍ୟାଙ୍ଗଷ୍ଟର୍ ଗୋଲ୍ଡି ବ୍ରାର କହିଛନ୍ତି ଏକ ଭାରତୀୟ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ ଗୋଲ୍ଡି କହିଛନ୍ତି ଯେ, ଆମ ଶତ୍ରୁମାନଙ୍କ ତାଲିକାରେ ସଲମାନଙ୍କ ନାଁ ରହିଛି। ସେ ଏବେ ଆମ ଟାର୍ଗେଟ୍‌ରେ। ଏକାଧିକ ଥର ତାଙ୍କ ହତ୍ୟା ଉଦ୍ୟମ କରାଯାଇଥିଲେ ସୁଦ୍ଧା ସେଗୁଡ଼ିକ ସଫଳ ହୋଇ ନାହିଁ ବୋଲି ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟାର ମୁଖ୍ୟ ଅଭିଯୁକ୍ତ ଗୋଲ୍ଡି କହିଛନ୍ତି। ବାରମ୍ବାର ସଲମାନଙ୍କୁ ହତ୍ୟା ଧମକ ମିଳିବା ନେଇ ଅଭିଯୋଗ ହେବା ପରେ ମାର୍ଚ୍ଚରେ ମୁମ୍ବାଇ ପୋଲିସ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଓ ଗୋଲ୍ଡି ବ୍ରାରଙ୍କ ବିରୋଧରେ ମାମଲା ରୁଜୁ କରିଥିଲା ।



ଗୋଲ୍ଡି ବ୍ରାର

## ହିମାଚଳରେ ଭୂସ୍ଖଳନ: ଫସିଛନ୍ତି ୨୦୦ ପର୍ଯ୍ୟଟକ



### ୧୫ କିଲୋମିଟର ଯାଏ ଟ୍ରାଫିକ୍ ଜାମ୍

**ନୂଆଦିଲ୍ଲୀ, ୨୬।୬**

ହିମାଚଳପ୍ରଦେଶରେ ପ୍ରବଳ ବର୍ଷା ଓ ଅନେକ ଭୂସ୍ଖଳନ ଯୋଗୁ ମଣ୍ଡି ଏବଂ କୁଲ୍ଲୁକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ଅବରୋଧ ହୋଇଛି। ଫଳରେ ଅନ୍ୟୁନ ୧୫ କିଲୋମିଟର ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ହୋଇଥିବାବେଳେ ପ୍ରାୟ ୨୦୦ ପର୍ଯ୍ୟଟକ ଫସିରହିଛନ୍ତି। ପାଖରେ କୌଣସି ହୋଟେଲ ରୁମ୍ ନ ଥିବାବେଳେ ପ୍ରତିକୂଳ ପାଗ ମଧ୍ୟରେ ସେମାନଙ୍କୁ କେତେ ସମୟ ରାସ୍ତାରେ ଅଟକି ରହିବାକୁ ପଡ଼ିବ ତାହା ଅନିଶ୍ଚିତତା ମଧ୍ୟରେ ରହିଛି। ଉକ୍ତ ପାର୍ବତ୍ୟାଞ୍ଚଳ ରାଜ୍ୟରେ ବର୍ଷା ଲାଗିରହିବା ସହ ଭୂସ୍ଖଳନ ଯୋଗୁ ରବିବାର ସନ୍ଧ୍ୟାରୁ ରାଜପଥ ଅବରୋଧ ହୋଇ ରହିଛି। ରାସ୍ତା ଅବରୋଧ କରିଥିବା ବଡ଼ ଶିଳାଖଣ୍ଡଗୁଡ଼ିକୁ ଭାଙ୍ଗିବା ପାଇଁ ବିସ୍ଫୋରକ ବ୍ୟବହାର କରାଯାଉଛି। ୭/୮ ଘଣ୍ଟା ପରେ ରାସ୍ତା ଅବରୋଧମୁକ୍ତ ହୋଇପାରେ ବୋଲି ଜଣେ ଅଧିକାରୀ କହିଛନ୍ତି। ପର୍ଯ୍ୟଟକମାନେ ପିଲାଛୁଆ ଓ ପରିବାର ସହ ଆସିଥିବାରୁ ସେମାନେ ହୋଟେଲ ରୁମ୍ ନ ପାଇ ବହୁ ଅସୁବିଧାରେ ପଡ଼ିଛନ୍ତି। ସେମାନେ ପିଲାମାନଙ୍କ ପାଇଁ ବେଶି ଚିନ୍ତିତ ହୋଇପଡ଼ିଛନ୍ତି। ସେଠାରୁ ବାହାରିବାକୁ ଅନ୍ୟ କୌଣସି ବିକଳ୍ପ ରାସ୍ତା ନ ଥିବା ଜଣେ ପର୍ଯ୍ୟଟକ କହିଛନ୍ତି। କେବେ ରାସ୍ତା ଖୋଲିବ ଏବଂ ପର୍ଯ୍ୟଟକମାନେ ଆଗକୁ ଯିବେ କି ପଛକୁ ଫେରିଯିବେ ତାହା ଠିକ୍ କରିପାରୁ ନାହାନ୍ତି।

ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାରୁ ଦକ୍ଷିଣପଶ୍ଚିମ ମୌସୁମୀ ଏବେ ଦ୍ରୁତଗତିରେ ଦେଶର ବିଭିନ୍ନ ପ୍ରାନ୍ତରେ ପହଞ୍ଚିଛି। ଏହାର ପ୍ରଭାବରେ ଉତ୍ତର ଭାରତ ସମେତ ଦେଶର ଅଧିକାଂଶ ଅଞ୍ଚଳରେ ବର୍ଷା ଲାଗିରହିଛି। ଦେଶର ୮୦ ପ୍ରତିଶତ ଅଞ୍ଚଳରେ ମୌସୁମୀ ପହଞ୍ଚି ସାରିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

# କୋଇଲା ସାମ୍ପଲିଂରେ ୧୩୭ କୋଟିର ଦୁର୍ନୀତି

## ସିଆଇଏମ୍ଏଫ୍ଆର୍‌ର ପୂର୍ବତନ ନିର୍ଦ୍ଦେଶକ, ମୁଖ୍ୟ ବୈଜ୍ଞାନିକଙ୍କ ବିରୋଧରେ ସିବିଆଇ ମାମଲା

**ନୂଆଦିଲ୍ଲୀ, ୨୬।୬(ପି.ଟି.)**



କୋଲ୍ ସାମ୍ପଲିଂ ପ୍ରକଳ୍ପ ପାଇଁ ୧୩୭ କୋଟି ଟଙ୍କା ବୌଦ୍ଧିକ ଦେୟ ଆବଣ୍ଟନରେ ଦୁର୍ନୀତିକୁ ନେଇ ସିବିଆଇ ସିଏସ୍ଆଇଆର୍-କେନ୍ଦ୍ରୀୟ ଖଣି ଓ ଇନ୍ଧନ ଗବେଷଣା ସଂସ୍ଥାର ପୂର୍ବତନ ନିର୍ଦ୍ଦେଶକ ପି.କେ. ସିଂ ଏବଂ ମୁଖ୍ୟ ବୈଜ୍ଞାନିକ ଏ.କେ. ସିଂଙ୍କ ବିରୋଧରେ ମାମଲା ରୁଜୁ କରିଛି। ବିଭିନ୍ନ କମ୍ପାନୀ ଦ୍ୱାରା ବ୍ୟବହୃତ ହେବାକୁ ଥିବା କୋଇଲାର ମାନ ପରୀକ୍ଷାରେ ଲାଇବ୍ରେରିଆନ୍, ଏମ୍‌ବିବିଏସ୍ ଡାକ୍ତର, ଟେକ୍‌ନିକାଲ ଅଫିସରମାନଙ୍କର କୌଣସି ଅବଦାନ ନ ଥିଲାବେଳେ ସେମାନଙ୍କୁ ଉକ୍ତ ପ୍ରକଳ୍ପର ବୌଦ୍ଧିକ ଦେୟ ପୈଠ କରାଯାଇଥିଲା ବୋଲି ସିବିଆଇ ଅଭିଯୋଗ କରିଛି। ସିଏସ୍ଆଇଆର୍‌ର ଟେକ୍‌ନୋଲୋଜିକାଲ ଟ୍ରାନ୍ସଫର ଆଣ୍ଡ ନଲେଜ୍ ବେସ୍, ୨୦୦୫ ଓ ୨୦୧୭ ଗାଇଡ୍‌ଲାଇନର ଉଲ୍ଲଂଘନ କରି ୩୦୪ କୋଇଲା ନମୁନା ପରୀକ୍ଷଣ ପ୍ରକଳ୍ପ ଜରିଆରେ ପି.କେ. ସିଂ ୧୫.୩୬ କୋଟି ଏବଂ ଏ.କେ. ସିଂ ୯.୦୪ କୋଟି ଟଙ୍କା ଗ୍ରହଣ କରିଥିଲେ ବୋଲି ଅଭିଯୋଗ ହୋଇଛି। ତାପଜ ବିଦ୍ୟୁତ୍ କେନ୍ଦ୍ର ଓ କୋଇଲା କମ୍ପାନୀ ଦ୍ୱାରା ବ୍ୟବହୃତ ହେବାକୁ ଥିବା କୋଇଲାର ନମୁନା ପରୀକ୍ଷଣ ଏବଂ ବିଶ୍ଳେଷଣ ପାଇଁ ସିଏସ୍ଆଇଆର୍-ସିଆଇଏମ୍ଏଫ୍ଆର୍‌କୁ ଥାର୍ଡ ପାର୍ଟି ଭାବେ ୨୦୧୫ ଅକ୍ଟୋବର ୨୮ ବୈଠକରେ ନିଯୁକ୍ତ କରାଯାଇଥିଲା। ଏହି ବୈଠକରେ କୋଇଲା, ଶକ୍ତି ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ଅଧ୍ୟକ୍ଷତା କରିଥିଲେ। ଉକ୍ତ ସଂସ୍ଥା ୧୦ ବର୍ଷ ପାଇଁ କୋଇଲା ଉତ୍ପାଦନକାରୀ ଏବଂ ବିଦ୍ୟୁତ୍ କମ୍ପାନୀଗୁଡ଼ିକ ସହ ୪ଟି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା, ଯାହାକୁ ମୌଖିକ ସହମତିରେ ଆଉ ୫ ବର୍ଷ ବଢ଼ାଯାଇପାରିବ। ବିଭିନ୍ନ ରାଜିନାମାକୁ ଏକାଠି କରି ସିଏସ୍ଆଇଆର୍-ସିଆଇଏଫ୍ଏମ୍ଆର୍ ୩୦୪ କୋଇଲା ସାମ୍ପଲିଂ ପ୍ରୋଜେକ୍ଟକୁ ଗୋଟିଏ ପ୍ରୋଜେକ୍ଟ କରିଥିଲା। ପି.କେ. ସିଂ ଏବଂ ଏ.କେ. ସିଂ ଏଥିରେ ଷଡ଼ଯନ୍ତ୍ର କରି ୨୦୧୬ରୁ ୨୦୨୧ ମଧ୍ୟରେ ୧୩୭.୭୯ କୋଟି ଟଙ୍କାର ମାନଦେୟ, ବୌଦ୍ଧିକ ଦେୟ ଏବଂ ପ୍ରକଳ୍ପ ଦେୟ ଆବଣ୍ଟନରେ ଅନିୟମିତତା କରିଥିଲେ। ଉକ୍ତ ଦେୟକୁ ସିଆଇଏଫ୍ଏମ୍ଆର୍‌ର ବୈଜ୍ଞାନିକ, ଟେକ୍‌ନିକାଲ ଅଫିସର ଓ ପ୍ରଶାସନିକ କର୍ମଚାରୀମାନଙ୍କୁ ଦିଆଯାଇଥିଲା। ସିଏସ୍ଆଇଆର୍ ଗାଇଡ୍‌ଲାଇନର ଉଲ୍ଲଂଘନ କରାଯାଇ ଏବଂ ଶ୍ରମଶକ୍ତି, ଶ୍ରମଦିବସ ଓ ଫଳାଫଳକୁ ବିଚାରକୁ ନିଆ ନ ଯାଇ ଅଫିସରମାନଙ୍କ ମର୍ଜିରେ ବୌଦ୍ଧିକ ଦେୟକୁ ଆବଣ୍ଟନ କରାଯାଇଥିଲା ବୋଲି ସିବିଆଇ ଅଭିଯୋଗ କରିଛି।

### ମିସୋତାକିସ୍ ଗ୍ରୀସ୍ ପ୍ରଧାନମନ୍ତ୍ରୀ ନିର୍ବାଚିତ



**ଏଥେନ୍ସ, ୨୬।୬**

ଗ୍ରୀକ୍ ପାର୍ଲାମେଣ୍ଟ ନିର୍ବାଚନରେ ନିଉ ଡେମୋକ୍ରାଟିକ୍ ପାର୍ଟି ନେତା କିରିଆକୋସ୍ ମିସୋତାକିସ୍ ବିରୋଧୀ ବାମଦଳକୁ ରେକର୍ଡ ବ୍ୟବଧାନରେ ପରାଜିତ କରି ସୋମବାର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ମୋଟ ୯୯.୭୦ ପ୍ରତିଶତ ଭୋଟ ଗଣତି ହୋଇଥିବାବେଳେ ମିସୋତାକିସ୍‌ଙ୍କ ଦଳକୁ ୪୦.୫୫ ପ୍ରତିଶତ ଭୋଟ ମିଳିଥିଲା। ମୁଖ୍ୟ ବିରୋଧୀ ଦଳ ମାତ୍ର ୧୭.୮୪ ପ୍ରତିଶତ ଭୋଟ ପାଇଛି। ୫୦ ବର୍ଷ ମଧ୍ୟରେ ଏହା ସର୍ବାଧିକ ବ୍ୟବଧାନରେ ବିଜୟ।

## ମଣିପୁରରେ ତଲାସି ଅଭିଯାନ ଜାରି

- ୧୨ ବଙ୍କର ଧ୍ୱଂସ, ୬ ମୋର୍ଟାର ସେଲ୍ ଜବତ
- ଇଣ୍ଟରନେଟ୍ ସେବା ୩୦ ଯାଏ ବନ୍ଦ

**ଇମ୍ଫାଲ, ୨୬।୬**

ମଣିପୁରରେ ସେନା ଯବାନମାନେ ଶନିବାର ଏକ ସ୍ୱତନ୍ତ୍ର ଅଭିଯାନରେ ଗିରଫ କରିଥିବା ୧୨ ଜଣ ଉଗ୍ରପନ୍ଥୀଙ୍କୁ ସ୍ଥାନୀୟ ମହିଳାମାନଙ୍କ ନେତୃତ୍ୱରେ ୧,୨୦୦ରୁ ଉର୍ଦ୍ଧ୍ୱ ଲୋକେ ଛଡ଼ାଇନେବା ପରେ ଇମ୍ଫାଲ ଇଷ୍ଟ, ବିଷ୍ଣୁପୁର, କଙ୍ଗପୋକ୍‌ପି, କାକ୍‌ଚିଙ୍ଗ ଏବଂ ଚୁରାଚାନ୍ଦପୁର ଜିଲାରେ ତଲାସି ଅଭିଯାନକୁ ଜୋର୍‌ଦାର କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ସୁରକ୍ଷା ବଳ ୧୨ଟି ବଙ୍କର ଧ୍ୱଂସ କରିବା ସହ ୬ଟି ମୋର୍ଟାର ସେଲ୍ ଜବତ କରିଛି। ତଲାସି ସମୟରେ ସାହୁମ୍ଫାଇସ୍ଥିତ ଏକ ଧାନଜମିରୁ ୩ଟି ୫୧ ଏମ୍ଏମ୍ ଏବଂ ଅନ୍ୟ ୩ଟି ୮୪ଏମ୍ଏମ୍ ମୋର୍ଟାର ସେଲ୍ ମିଳିଥିଲା। ବିଷ୍ଣୁପୁର ଜିଲାର କାଙ୍ଗଭାଇ ଏବଂ ଏସ୍. କୋଟଲିଆନ୍ ଗ୍ରାମ ନିକଟରୁ ଆଇଇଡି ଜବତ ହୋଇଛି। ବୋମା ନିଷ୍କ୍ରିୟକାରୀ ଟିମ୍ ସେଗୁଡ଼ିକୁ ଅକାମୀ କରିଦେଇଛି। ମଣିପୁର ହିଂସାକାଣ୍ଡ ଆରମ୍ଭ ହେବା ଦିନରୁ ବର୍ତ୍ତମାନ ସୁଦ୍ଧା ୧,୧୦୦ ଅସ୍ତ୍ରଶସ୍ତ୍ର, ୧୩,୭୦୨ ଗୁଳିଗୋଳା ଓ ୨୫୦ ବୋମା ଜବତ ହେଲାଣି। ହିଂସା ମାମଲାରେ ପୋଲିସ ୧୩୫ ଜଣଙ୍କୁ ଗିରଫ କରିଛି। ମଣିପୁରରେ ଇଣ୍ଟରନେଟ୍ ସେବା ବନ୍ଦ ରହିଥିବାବେଳେ ଏହାକୁ ୩୦ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ରାଜ୍ୟରେ ଶାନ୍ତି ଓ ଆଇନ ଶୃଙ୍ଖଳା ସ୍ଥିତିରେ ବ୍ୟାଘାତ ନ ହେବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି।



### ମୋଦିଙ୍କୁ ମଣିପୁର ସ୍ଥିତି ଅବଗତ କରାଇଲେ ଶାହା

**ନୂଆଦିଲ୍ଲୀ, ୨୬।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୬ ଦିନିଆ ବିଦେଶ ଗସ୍ତ ଶେଷ କରି ଫେରିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ତାଙ୍କୁ ଭେଟି ହିଂସା କ୍ଷତିଗ୍ରସ୍ତ ମଣିପୁର ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଏଥିସହିତ ଆସାମ ବନ୍ୟା ପରିସ୍ଥିତିକୁ ନେଇ ମଧ୍ୟ ଶାହା ପ୍ରଧାନମନ୍ତ୍ରୀଙ୍କୁ ଜଣାଇଛନ୍ତି। ଶାହାଙ୍କ ସହିତ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ୍ ସିଂ ପୁରୀ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ଶ୍ରମମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ ବରିଷ୍ଠ ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କ ସହ ବୈଠକରେ ଉପସ୍ଥିତ ଥିଲେ। ରବିବାର ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଭେଟିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ଯଥାସମ୍ଭବ ହିଂସା ରୋକିବାରେ ସକ୍ଷମ ହୋଇଥିବା ସେ ଶାହାଙ୍କୁ ଜଣାଇଥିଲେ। ଜୁନ୍ ୧୩ରୁ ରାଜ୍ୟରେ କୌଣସି ହିଂସାକାଣ୍ଡ ଘଟିନାହିଁ। ମଣିପୁରରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାରେ କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେବେ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ବୀରେନ୍ ସିଂ ଟୁଇଟ୍ କରିଥିଲେ।



ଲଗାଣ ବର୍ଷା ପରେ ପାଣି ଜମିଥିବା ଦିଲ୍ଲୀ-ଗୁରୁଗ୍ରାମ ଏକ୍ସପ୍ରେସ୍‌ୱେରେ ଲୋକେ ଯାଉଛନ୍ତି।

## 'ସବୁ ଜାତିର ବ୍ୟକ୍ତି ମନ୍ଦିର ପୂଜକ ହୋଇପାରିବେ'

### ମାଡ୍ରାସ ହାଇକୋର୍ଟଙ୍କ ରାୟ

**ଚେନ୍ନାଇ, ୨୬।୬**

ମନ୍ଦିର ପୂଜକ ନିଯୁକ୍ତ କରିବାରେ ଜାତିର କୌଣସି ଭୂମିକା ନ ଥିବା ମାଡ୍ରାସ ହାଇକୋର୍ଟ ସୋମବାର କହିଛନ୍ତି। ପୂଜକ ହେବାକୁ ଥିବା ବ୍ୟକ୍ତି ନିର୍ଦ୍ଦିଷ୍ଟ ମନ୍ଦିରର ରୀତିନୀତି ସମ୍ପର୍କରେ ଭଲ ଭାବେ ଜାଣିଥିବା ଆବଶ୍ୟକ ବୋଲି ଜଷ୍ଟିସ୍ ଏନ୍. ଆନନ୍ଦ ଭେଙ୍କଟେଶ ତାଙ୍କ ରାୟରେ କହିଛନ୍ତି। ପୂଜକ ନିଯୁକ୍ତି ନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କ୍ଷମତାକୁ ଚ୍ୟାଲେଞ୍ଜ କରାଯାଇଥିଲା। ପୂଜକ ନିଯୁକ୍ତି ସବୁବେଳେ ଟ୍ରଷ୍ଟି ଉପରେ ଛାଡ଼ିଦିଆଯାଇଥାଏ। ଜଣେ ବ୍ୟକ୍ତି ମନ୍ଦିର ରୀତିନୀତି ଓ ପୂଜାପାଠ ସମ୍ପର୍କରେ ଉପଯୁକ୍ତ ତାଲିମ ନେଇଥିଲେ, ସେ ପୂଜକ ହୋଇପାରିବେ। ସାଲେମସ୍ଥିତ ସୁଗାବନେଶ୍ୱର ମନ୍ଦିରରେ ପୂଜକ ନିଯୁକ୍ତି ଲାଗି ୨୦୧୮ରେ ପ୍ରକାଶିତ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ମୁଥୁ ସୁବ୍ରମନିଆ ଗୁରୁକ୍କଲ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ରିଟ୍ ପିଟିଶନକୁ କୋର୍ଟ ଖାରଜ କରିଦେବା ସହ ପୂଜକ ନିଯୁକ୍ତି ଲାଗି ସାନି ବିଜ୍ଞପ୍ତି ପ୍ରକାଶ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବନ୍ଧୁଙ୍କ ଗଳାକାଟି ରକ୍ତ ପିଇଲେ

### ସ୍ତ୍ରୀଙ୍କ ସହ ପରକୀୟା ସମ୍ପର୍କ ସନ୍ଦେହ

**ବେଙ୍ଗାଲୁରୁ, ୨୬।୬**

କର୍ନାଟକ ଚିକାବାଲାପୁରରେ ଜଣେ ଯୁବକ ତାଙ୍କ ବନ୍ଧୁଙ୍କ ଗଳା କାଟି ରକ୍ତ ପିଇଥିବା ଘଟଣା ସାମ୍ନାକୁ ଆସିଛି। ବିଜୟଙ୍କ ସ୍ତ୍ରୀ ସହ ବନ୍ଧୁ ମରେଶଙ୍କ ଅନୈତିକ ସମ୍ପର୍କ ଥିବା ନେଇ ସେ ସନ୍ଦେହ କରୁଥିଲେ। ମରେଶଙ୍କଠାରୁ ପ୍ରତିଶୋଧ ନେବା ପାଇଁ ଗତ ୧୯ ତାରିଖରେ ବିଜୟ ତାଙ୍କୁ ଦେଖା କରିବାକୁ ବାହାନା କରି ଡାକିଥିଲେ। ଦେଖା ହେବା ପରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ବିଜୟ ରାଗିଯାଇ ଏକ ଧାରୁଆ ଅସ୍ତ୍ରରେ ମରେଶଙ୍କ ବେକ କାଟି ରକ୍ତ ପିଇଥିଲେ। ଆହତ ଅବସ୍ଥାରେ ମରେଶଙ୍କୁ ଡାକ୍ତରଖାନା ନିଆଯାଇଥିବାବେଳେ ସେ ଏବେ ସୁସ୍ଥ ଥିବା କୁହାଯାଉଛି। ତେବେ ଘଟଣାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବା ପରେ ପୋଲିସ ବିଜୟଙ୍କୁ ଗିରଫ କରିଛି। ହତ୍ୟା ଉଦ୍ୟମ ଅଭିଯୋଗରେ ବିଜୟଙ୍କ ବିରୋଧରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି ପୋଲିସ।



ବିଜୟ

## ବିଦ୍ରୋହ ପରେ ସର୍ବସମ୍ମୁଖକୁ ଆସିଲେ ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ

**ମସ୍କୋ, ୨୬।୬**

ଜୁନ୍ ୨୪ରେ ୟେଭଗେନି ପ୍ରିଗୋଝିନ୍‌ଙ୍କ ନେତୃତ୍ୱାଧୀନ ୱାଗନର ଗ୍ରୁପ୍ ରୋସ୍ତଭ-ଅନ୍-ଡନ୍ ଅକ୍ତିଆର କରି ମସ୍କୋ ଆଡ଼କୁ ଅଗ୍ରସର ହେବା ଓ ପରବର୍ତ୍ତୀ ସମୟରେ ବିଦ୍ରୋହକୁ ରୋକାଯିବା ପରେ ପ୍ରଥମ ଥର ପାଇଁ ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ ସୋମବାର ସର୍ବସମ୍ମୁଖକୁ ଆସିଛନ୍ତି। ୟୁକ୍ରେନ୍ ଯୁଦ୍ଧରେ ୱାଗନରଙ୍କ ସଫଳତାକୁ ଶ୍ରେୟ ଦେଇ ନ ଥିବାରୁ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ବିଦା କରିବା ଲାଗି ୟେଭଗେନି ଦାବି କରିଆସୁଛନ୍ତି। ଏଭଳି ସ୍ଥଳେ ନିଜ ସ୍ଥିତି ଜାହିର କରିବା ଲାଗି ସର୍ଗେଇ ୟୁକ୍ରେନ୍‌ରେ ସେନା ଶିବିର ଯାଞ୍ଚ କରୁଥିବାର ଏକ ଭିଡିଓ ସାଧାରଣରେ ପ୍ରଦର୍ଶନ କରାଯାଇଛି।

କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଛି ଯେ, ଘଟିଯାଇଥିବା ବିଦ୍ରୋହ ପରେ ପ୍ରିଗୋଝିନ୍ ଓ ତାଙ୍କ ଯୋଦ୍ଧାମାନେ ବେଲାରୁଷରେ ଆଶ୍ରୟ ନେବା ଲାଗି ଏକ ଚୁକ୍ତି କରାଯାଇଛି। ତେବେ ପ୍ରିଗୋଝିନ୍‌ଙ୍କ ବିଷୟରେ ସବିଶେଷ ତଥ୍ୟ ମିଳିପାରି ନ ଥିଲେ ମଧ୍ୟ ଏକ ଲୋକପ୍ରିୟ ରୁଷୀୟ ଚ୍ୟାନେଲ ପକ୍ଷରୁ କୁହାଯାଇଛି ଯେ, ସେ ବେଲାରୁଷ ରାଜଧାନୀ ମିନ୍‌ସ୍କର ଏକ ହୋଟେଲରେ ଥିବା ଦେଖାଯାଉଛନ୍ତି। ରୁଷିଆ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ତାଙ୍କ ବିରୋଧରେ ଆପରାଧିକ ତଦନ୍ତ ଚାଲିଛି ଓ କେତେକ ଆଇନ ପ୍ରଣେତା ତାଙ୍କ ମୁଣ୍ଡ ଦରକାର ବୋଲି କହିଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ଓ ଅନ୍ୟ ସାମରିକ ନେତାମାନେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ଆସ୍ଥା ହରାଇଛନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇବା ପରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଉପରୋକ୍ତ ଭିଡିଓ ଜାରି କରାଯାଇଛି। ଏଥିରେ ଶୋଇଗୁ ଏକ ହେଲିକପ୍ଟରରେ ବସିଥିବା ଓ ପରେ ସେ ୟୁକ୍ରେନ୍‌ରେ ଥିବା ଏକ ସାମରିକ ମୁଖ୍ୟାଳୟରେ ଅଧିକାରୀଙ୍କ ସହିତ ବୈଠକରେ କଥା ହେଉଥିବା ଦେଖାଯାଉଛନ୍ତି। ଏହା ସରକାରୀ ପରିଚାଳିତ ଟେଲିଭିଜନ ସହିତ ଅନ୍ୟାନ୍ୟ ଗଣମାଧ୍ୟରେ ବହୁଳ ଭାବେ ପ୍ରସାରଣ କରାଯାଉଛି। ହେଲେ ଏହା କେବେ ରେକର୍ଡିଂ କରାଯାଇଛି ସେ ବିଷୟରେ ସ୍ପଷ୍ଟ ଜଣାପଡୁନାହିଁ। ଅନ୍ୟପକ୍ଷରେ ପ୍ରିଗୋଝିନ୍‌ଙ୍କ ଅନ୍ୟତମ ଟାର୍ଗେଟ ରହିଆସିଥିବା ଜେନେରାଲ ଷ୍ଟାଫ୍ ଚିଫ୍ ଜେନେରାଲ ଭାଲେରି ଗେରାସିମୋଭ୍‌ଙ୍କୁ ସାଧାରଣରେ ଦେଖିବାକୁ ମିଳୁନାହିଁ।



ସର୍ଗେଇ ଶୋଇଗୁ

ସେପଟେ ପ୍ରିଗୋଝିନ୍ ଓ ତାଙ୍କ ସମର୍ଥକଙ୍କ ଭାଗ୍ୟ କ'ଣ ରହିବ ସେହି ବିଷୟରେ ସ୍ୱଷ୍ଟତା ପ୍ରକାଶ ପାଉନାହିଁ। କ୍ରେମ୍‌ଲିନ ମୁଖପାତ୍ର ଗତ ଶନିବାର କହିଥିଲେ ଯେ, ପ୍ରିଗୋଝିନ୍‌ଙ୍କୁ ବେଲାରୁଷ ଯିବା ଲାଗି ଅନୁମତି ଦିଆଯିବ। କିନ୍ତୁ ଅସମର୍ଥିତ ସୂତ୍ରରୁ କୁହାଯାଇଛି ଯେ ପ୍ରସିକ୍ୟୁଟର ଜେନେରାଲଙ୍କ କାର୍ଯ୍ୟାଳୟ ଅନୁଯାୟୀ, କ୍ରେମଲିନ୍ ପକ୍ଷରୁ ପ୍ରକାଶିତ ବିବୃତି ସତ୍ତ୍ୱେ ପ୍ରିଗୋଝିନ୍‌ଙ୍କ ବିରୋଧରେ ଆପରାଧିକ ମାମଲା ବନ୍ଦ କରାଯାଇ ନାହିଁ। ବହୁ ଆଇନ ପ୍ରଣେତା ଦାବି କରୁଛନ୍ତି, ଘରୋଇ ସାମରିକ କମ୍ପାନୀ ଲାଗି ନୂଆ ଆଇନ ଅଣାଯାଇ କଠୋର ନିୟମାବଳୀ ପ୍ରସ୍ତୁତ କରାଯିବା ଦରକାର। ଆଉ କେତେକ ପ୍ରିଗୋଝିନ୍ ଦଣ୍ଡିତ ହେବା ଦରକାର ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି। ଅବସରପ୍ରାପ୍ତ ଜେନେରାଲ ଆଣ୍ଡ୍ରେଇ ଗୁରୁଲେଭ୍ କହିଛନ୍ତି, ଯୁଦ୍ଧ ଚାଲିଥିବା ବେଳେ ଏଭଳି ଦେଶଦ୍ରୋହୀଙ୍କ ମୁଣ୍ଡକାଟ ହେବା ଦରକାର।

ୟୁକ୍ରେନ୍‌ର ବାଖମୁଟରେ ୱାଗନର ଯୋଦ୍ଧାମାନେ ଯୁଦ୍ଧ କରୁଥିବା ବେଳେ ସେମାନଙ୍କୁ ସରକାରୀ ସାମରିକ କର୍ତ୍ତୃପକ୍ଷ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ଦେଇ ନ ଥିବାରୁ ପ୍ରଗୋଝିନ୍ ପ୍ରତିରକ୍ଷା ମନ୍ତ୍ରୀ ଓ ଜେନେରାଲ ଷ୍ଟାଫ୍ ଚିଫ୍‌ଙ୍କୁ ସମାଲୋଚନା କରିଥିଲେ। ସେତେବେଳେ ଘରୋଇ ଯୋଦ୍ଧା ଓ ସରକାରୀ ସେନା ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ପରବର୍ତ୍ତୀ ସମୟରେ ବିରାଟ ରୂପ ଧାରଣ କରିଛି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ସୋସିଆଲ ମିଡିଆରେ ହେଉଥିବା ଚର୍ଚ୍ଚା ଅନୁଯାୟୀ ପ୍ରିଗୋଝିନ୍ ତାଙ୍କ ଯୋଦ୍ଧାମାନଙ୍କ ପାଇଁ ପାଣ୍ଠି ଯୋଗାଇବାରେ ଅସମର୍ଥ ହେବାରୁ ବିଦ୍ରୋହ କରି ଦାବି ହାସଲ ଲକ୍ଷ୍ୟ ରଖିଥିଲେ। ହେଲେ ତାହା ବାସ୍ତବ ଆକାର ଧାରଣ କଲା ନାହିଁ। ୱାଗନର ଗ୍ରୁପ୍ ମସ୍କୋ ଅଗ୍ରସର ହେଉଥିବା ବେଳେ ପୁଟିନ୍‌ଙ୍କ ଅନୁରୋଧକ୍ରମେ ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଲୁକାଶେଙ୍କୋ ମଧ୍ୟସ୍ଥତା କରିବାରୁ ରୁଷିଆ ଉପରେ ଥିବା ଏକ ବିପଦ ଟାଳି ହୋଇଯାଇଛି।


Govt. of Uttarakhand
Azadi Ka Amrit Mahotsav
G20
भारत 2023 INDIA
वसुधैव कुटुम्बकम्
ONE EARTH • ONE FAMILY • ONE FUTURE
"Guided by the principle of 'One Earth, One Family, One Future' and in line with our ethos of 'Vasudhaiva Kutumbakam', India's G-20 Presidency has worked to further global good and create a better planet."
Narendra Modi
Prime Minister
Pushkar Singh Dhami
Chief Minister, Uttarakhand
A Warm Welcome & Greetings
to the G-20 Delegates at
Devbhoomi Uttarakhand
Infrastructure Working Group
26-28 June, 2023
Narendra Nagar, Rishikesh
देहरादून हवाई अड्डा
DEHRADUN AIRPORT
Issued in Public Interest by Information & Public Relations Department, Uttarakhand
www.uttarainformation.gov.in | DIPR_UK | UttarakhandDIPR | UttarakhandDIPR

**ଆଜିର ମନ୍ତବ୍ୟ**

"ଭାରତ ଅଧିକ ଶକ୍ତିଶାଳୀ ହୋଇଛି। ଆବଶ୍ୟକ ପଡ଼ିଲେ ଏହା ଉଭୟ ସୀମା ଭିତରେ ଓ ବାହାରେ ଆତଙ୍କବାଦ ନେଟୱର୍କ ଉପରେ ଆକ୍ରମଣ କରିପାରିବ। ଭାରତର କାର୍ଯ୍ୟାନୁଷ୍ଠାନ ଦ୍ୱାରା ଆତଙ୍କବାଦକୁ ଆଦୌ ବରଦାସ୍ତ କରାଯିବ ନାହିଁର ଅର୍ଥ ବିଶ୍ୱ ବୁଝିପାରିଛି।
–ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ



## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଛ ଛାଇ ଦେଖି ବସିଲି**
**ଯାଡୁଆ ମୁହଁ ମୁଁ ଜାଣି ନ ଥିଲି**
**ସବୁ ଚାଦରକୁ ରସିଲି।**

ଭଲକୁ ଆପଣାର କରିବାକୁ ଯାଇ ଭେଲ ପାଇଲେ ମନ ଖଟା ହୋଇଯାଏ। ରୂପଠାରୁ ଗୁଣର ମହତ୍ତ୍ୱ କାହିଁ କେତେ ଗୁଣରେ ଅଧିକ ହୋଇଥାଏ। ଯୋଡ଼ି ନୟନରେ ବାହ୍ୟ ସୌନ୍ଦର୍ଯ୍ୟରେ ଭଳିଯିବା ଉଚିତ ହେଉ ନ ଥିବା ସ୍ଥଳେ ଗୁଣ ନ ଚିହ୍ନି ରୂପରେ ମୋହିବାର ଫଳ ଅନେକ ସମୟରେ ମନ୍ଦ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ଗଛ ପଲଙ୍କରେ ଶୋଇଲି**
**ଦିନଯାକ ଅଭିମାନରେ ଗଲା**
**ରାତିକି ଓପାସ ରହିଲି।**

ନିଜ ଲୋକଙ୍କ ଉପରେ ରାଗ, ରୁଷା, ମାନ, ଅଭିମାନ ଶୋଭାପାଇ ନ ଥାଏ। ଏହାର ମାତ୍ରା ଯେତେ କମ୍ ହୁଏ ସମ୍ପର୍କର ମଧୁରତା ସେତେ ବଢ଼ିଥାଏ। ଜୀବନ ସେତେ ସୁଖକର ଲାଗିଥାଏ। ଏପରି ସ୍ଥଳେ ଅଯଥା ଅଭିମାନ କରି ନିଜେ ହଇରାଣ ହେବା, ଦୁଃଖକଷ୍ଟ ଭୋଗକରିବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ପ୍ରେଣ୍ଡସ୍ ପବ୍ଲିଶର୍ସ

# ବିବାଦ ପରେ ସାମ୍ନାକୁ ଆସିଲା ମୁଖ୍ୟମନ୍ତ୍ରୀଙ୍କ ଅଡିଓ ରେକର୍ଡ

**ଭୁବନେଶ୍ୱର, ୨୬।୬(ସୁଜିତ୍ ମିଶ୍ର)**

### ଆପଣମାନଙ୍କ ସୁଖଦୁଃଖ ବୁଝିବାକୁ ପାଣ୍ଡିଆନ ବାବୁଙ୍କୁ ପଠାଇଛି: ନବୀନ



ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଯିବା, ସାଧାରଣ ସଭା କରିବା, ସେଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ମିଳିବାକୁ ନେଇ ବିବାଦ ବଢ଼ିବା ପରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁହଁ ଖୋଲିଛନ୍ତି। ମୁଖ୍ୟତଃ ପାଣ୍ଡିଆନ ଏବେ ସବୁ ଜିଲାରେ ସରକାରୀ କାର୍ଯ୍ୟକ୍ରମ କରୁଥିବାବେଳେ ବିରୋଧୀ ଏହାକୁ କଡ଼ା ଭାଷାରେ ସମାଲୋଚନା କରୁଥିଲେ। ମୁଖ୍ୟମନ୍ତ୍ରୀଙ୍କ ଜାଣତରେ ଏସବୁ ହେଉଛି ନା ନାହିଁ ବୋଲି ସେମାନେ ବାରମ୍ବାର ପ୍ରଶ୍ନ ଉଠାଉଥିଲେ। ଯଦି ମୁଖ୍ୟମନ୍ତ୍ରୀ ଏନେଇ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ନିର୍ଦ୍ଦେଶ ଦେଇନାହାନ୍ତି ତେବେ ମୁହଁ ଖୋଲନ୍ତୁ ବୋଲି ମଧ୍ୟ ଉଭୟ କଂଗ୍ରେସ ଏବଂ ଭାଜପା ନେତାମାନେ ଦାବି କରିଥିଲେ। ତେବେ ବରଗଡ଼ ଜିଲା ଗସ୍ତରେ ଥିବା ପାଣ୍ଡିଆନ ସେଠାରେ ନବୀନଙ୍କ ଏକ ଅଡିଓ ରେକର୍ଡକୁ ୫-ଟି ସଚିବ ପାଣ୍ଡିଆନ ମିଶନ ଶକ୍ତି ମା'ମାନଙ୍କୁ ଭେଟିବାବେଳେ ନିଜ ଫୋନରୁ ବଜାଇ ଶୁଣାଇଛନ୍ତି। କାଳେ ଲୋକେ ଠିକ୍ ସେ ଶୁଣି ନ ପାରିବେ ସେଥିପାଇଁ ପୂର୍ବରୁ ରେକର୍ଡ ହୋଇଥିବା ନବୀନଙ୍କ ଏହି ଅଡିଓ ସନ୍ଦେଶକୁ ୨ ଥର ବଜାଇ ପାଣ୍ଡିଆନ ଶୁଣାଇଛନ୍ତି। ଯେଉଁଥିରେ ନବୀନ କହିଛନ୍ତି, ଆପଣଙ୍କ ସୁଖଦୁଃଖ ବୁଝିବା ପାଇଁ ସେ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ପଠାଇଛନ୍ତି। ଆପଣମାନେ ଭଲ କାମ କରନ୍ତୁ। ସେ ସାହାଯ୍ୟ କରିବେ। ମୁଖ୍ୟମନ୍ତ୍ରୀଙ୍କ ଏହି ୨ ପଦ କଥା ପରେ ପାଣ୍ଡିଆନଙ୍କ ଜିଲା ଗସ୍ତ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ହେଉଥିବା ସ୍ପଷ୍ଟ ହୋଇଛି ବୋଲି ଆଲୋଚନା ଜୋର୍ ଧରିଛି। ତେବେ ଏନେଇ ବିରୋଧୀ କ'ଣ କହୁଛନ୍ତି ତାକୁ ଏବେ ସମସ୍ତଙ୍କ ନଜର ରହିଛି। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, କାହିଁକି ପ୍ରତିଦିନ ପାଣ୍ଡିଆନଙ୍କ ଜିଲା ଗସ୍ତ ଲାଗି ୫ କୋଟି ଟଙ୍କା ସରକାରୀ ତହବିଲରୁ ଖର୍ଚ୍ଚ କରାଯାଉଛି। ଜଣେ ସରକାରୀ ଅଧିକାରୀଙ୍କ ପାଇଁ କିପରି ଏ ଟଙ୍କା ଖର୍ଚ୍ଚ ହେଉଛି। ଏହା ୫୦ ପ୍ରତିଶତ ମୋ ସରକାରର ପ୍ରତିଫଳନ। ମୁଖ୍ୟମନ୍ତ୍ରୀ କହିଲେ, ସେ ତାଙ୍କ ସଚିବଙ୍କ ପଠାଉଛନ୍ତି, ହେଲେ କେଉଁଠି ବି ସେ ତାଙ୍କ ପ୍ରତିନିଧିଙ୍କୁ ପଠାଉଛନ୍ତି ବୋଲି କହିନାହାନ୍ତି। ତେବେ ୫-ଟି ସଚିବଙ୍କ ଗସ୍ତ ପଛର ସତ୍ୟତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ପାଣ୍ଡିଆନଙ୍କ ଗସ୍ତ ଲାଗି ଯେଉଁ ପ୍ରକାରର ସୁରକ୍ଷା ବ୍ୟବସ୍ଥା କରାଯାଉଛି, ଏହାକୁ କେଉଁ ସୁରକ୍ଷା କମିଟି ସ୍ଥିର କରିଛି ଯାହା ତାଙ୍କୁ ମିଳୁଛି, ସବୁ ସଚିବଙ୍କ ଲାଗି ଏହି ବ୍ୟବସ୍ଥା ହେବ କି ବୋଲି ପୃଥ୍ୱୀରାଜ ପ୍ରଶ୍ନ କରିଛନ୍ତି।

# ଯୁକ୍ତ୨ ଦ୍ୱିତୀୟ ବର୍ଷରେ ଶିକ୍ଷାନୁଷ୍ଠାନ ବଦଳାଇବା ଆବେଦନ ୨୮ରୁ

**ଭୁବନେଶ୍ୱର,୨୬।୬(ଅନୁରାଧା ମହାରଣା)**

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଏଚ୍‌ଏସ୍‌ଏସ୍) ଗୁଡ଼ିକର ଯୁକ୍ତ୨ ଦ୍ୱିତୀୟ ବର୍ଷ ବା ଦ୍ୱାଦଶରେ ଶିକ୍ଷାନୁଷ୍ଠାନ ବଦଳାଇ ହେବ। ବିଦ୍ୟାଳୟରେ ଖାଲିଥିବା ସିଟ୍‌ରେ ନାମ ଲେଖାଇବାକୁ ଚାହୁଁଥିବା ଛାତ୍ରୀଛାତ୍ର ଜୁନ୍ ୨୮ରୁ ଜୁଲାଇ ୭ ମଧ୍ୟରେ ଆବେଦନ କରିପାରିବେ। ଜୁନ୍ ୨୮ରୁ ଜୁଲାଇ ୮ ମଧ୍ୟରେ ଆବେଦନକାରୀଙ୍କ ଏଚ୍‌ଏସ୍‌ଏସ୍ ପ୍ରମାଣପତ୍ର ଯାଞ୍ଚ କରାଯିବ। ଜୁନ୍ ୨୯ରୁ ଜୁଲାଇ ୧୦ ମଧ୍ୟରେ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯିବ। ଡିଷ୍ଟ୍ରିକ୍ଟ ନୋଡାଲ ସାମ୍‌ସ ରିସୋର୍ସ ସେଣ୍ଟରରେ ଏହି ଯାଞ୍ଚ ପ୍ରକ୍ରିୟା ସରିବ। ଜୁଲାଇ ୧୦ରୁ ୨୦ ମଧ୍ୟରେ ଆବେଦନର ରିଭ୍ୟୁ କରାଯିବ ଓ ଜୁଲାଇ ୧୧ରୁ ୨୨ ତାରିଖ ମଧ୍ୟରେ ନାମଲେଖା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ସୌରିନ୍

## ଓଡ଼ିଆ ଗାୟିକାଙ୍କୁ ଯୌନ ଶୋଷଣ ମାମଲା

**କଟକ,୨୬।୬ (କାର୍ତ୍ତିକ ସାହୁ)**



ଓଡ଼ିଆ ଗାୟିକାଙ୍କୁ ଯୌନ ଶୋଷଣ ମାମଲାରେ ଅଭିଯୁକ୍ତ ବଲିଉଡ୍ କଣ୍ଠଶିଳ୍ପୀ ସୌରିନ ଭଟ୍ଟ ଆଗୁଆ ଜାମିନ ପାଇଁ ସୋମବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଟକ ମହିଳା ଥାନାରେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାରେ ପୋଲିସ୍ ତାଙ୍କୁ ଖୋଜୁଥିବା ବେଳେ ସେ ଏଯାଏ ଥାନାରେ ହାଜର ହୋଇନାହାନ୍ତି। ଅପରପକ୍ଷରେ ଗିରଫଦାରି ଏଡ଼ାଇବାକୁ ସେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି।

ସୂଚନାଯୋଗ୍ୟ, ସୌରିନ ଜଣେ ଓଡ଼ିଆ ଗାୟିକାଙ୍କୁ ଯୌନ ଶୋଷଣ ଓ ନିର୍ଯାତନା ଦେଇଆସୁଥିବା ସମ୍ପର୍କରେ ସମ୍ପୃକ୍ତ ଗାୟିକା କଟକ ମହିଳା ଥାନାରେ ଏତଲା ଦେଇଥିଲେ। ସୌରିନ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇଥିବାବେଳେ ପରବର୍ତ୍ତୀ ସମୟରେ ସେ ବିବାହିତ ଓ ତାଙ୍କର ଏକ ଝିଅ ରହିଛି ବୋଲି ଯୁବତୀ ଜଣକ ଜାଣିବାକୁ ପାଇଥିଲେ। ସେ ତାଙ୍କଠାରୁ ଦୂରେଇବାରୁ ତାଙ୍କର ନଗ୍ନ ଫଟୋ ଓ ଭିଡିଓ ଦେଖାଇ ସୌରିନ ତାଙ୍କୁ ବ୍ଲାକମେଲ୍ ସହ ଯୌନ ଶୋଷଣ କରୁଥିଲେ। ଯୁବତୀ ବିରୋଧ କଲେ ତାଙ୍କୁ ମାଡ଼ ମଧ ମାରୁଥିଲେ। ଏପରିକି ଯୁବତୀ ଜଣଙ୍କୁ ସେ କଟକ ଜଗତ୍‌ପୁର ନିକଟରେ କାର୍‌ରୁ ଠେଲି ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ସୌରିନଙ୍କୁ ଥାନାରେ ହାଜର ହେବା ପାଇଁ କୁହାଯାଇଥିଲା। ହେଲେ ସେ ହାଜର ନ ହେବାରୁ ପୋଲିସ ପକ୍ଷରୁ କୋଲକାତାସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ କରାଯାଇଥିଲା। ତେବେ ସୌରିନ ମିଳି ନ ଥିଲେ। ଅନ୍ୟପକ୍ଷରେ ଗିରଫ ଭୟରେ ସୌରିନ ଫେରାର ଥିବା କୁହାଯାଉଛି।

# ୧୦ମ ଶ୍ରେଣୀ ଇତିହାସ, ରାଜନୀତି ବିଜ୍ଞାନ ବହିରେ ତ୍ରୁଟି

**କୁଜଙ୍ଗ,୨୬।୬(ମନୋଜ ପ୍ରଧାନ)**

ଦଶମ ଶ୍ରେଣୀ ଇତିହାସ ଓ ରାଜନୀତି ବିଜ୍ଞାନ ବହିରେ ସ୍ୱାଧୀନତା ସଂଗ୍ରାମ ଉପରେ ଭୁଲ୍ ତଥ୍ୟ ଉପସ୍ଥାପନ କରାଯାଇଥିବା ନେଇ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଇଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ପରିଚୟ ହେଉଛି ଲବଣ ସତ୍ୟାଗ୍ରହ। ୧୯୩୦ରେ ଗାନ୍ଧିଜୀଙ୍କ ଦ୍ୱାରା ଡାକରା ଦିଆଯାଇଥିବା ଲବଣ ସତ୍ୟାଗ୍ରହରେ କୁଜଙ୍ଗର ଅବଦାନ ବିଶ୍ୱବିଦିତ। ଓଡ଼ିଶାର ଇଞ୍ଚୁଡ଼ି ପରି କୁଜଙ୍ଗର ସ୍ଥାନ ସ୍ୱତନ୍ତ୍ର। ଇଂରେଜଙ୍କ ଭୟରେ ଯେତେବେଳେ ଲୋକେ ଘରୁ ବାହାରୁ ନ ଥିଲେ ସେତେବେଳେ କୁଜଙ୍ଗ ରାଜ୍ୟର ମହାରାଣୀ ଭାଗ୍ୟବତୀ ପାଟ ମହାଦେଈଙ୍କ ଆହ୍ୱାନରେ ପ୍ରାୟ ୭ ହଜାର ମହିଳା ଲବଣ ସତ୍ୟାଗ୍ରହରେ ଯୋଗଦେଇ ଲୁଣ ମାରି ଆଇନ ଅମାନ୍ୟ କରିଥିଲେ। ଆନ୍ଦୋଳନରେ ଏତେ ସଂଖ୍ୟକ ମହିଳାଙ୍କ ଯୋଗଦାନ ସେତେବେଳେ ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିଲା। କୁଜଙ୍ଗର କାଳିଆପାଟ ଏହି ଲବଣ ସତ୍ୟାଗ୍ରହର ଅଗ୍ରଗାମୀ ସ୍ଥାନ ଥିଲା। ସେହି ଏକା ସମୟରେ ରମାଦେବୀ, ନାରାୟଣ ବୀରବର ସାମନ୍ତ, ଦୁର୍ଯୋଧନ ପଟ୍ଟନାୟକ, ମନମୋହନ ଚୌଧୁରୀ ପ୍ରମୁଖଙ୍କ ନେତୃତ୍ୱରେ ଚଟୁଆର ବେଡ଼ି ମଠରେ ଏକତ୍ରିତ ହୋଇ ଲବଣ ସତ୍ୟାଗ୍ରହରେ ଅଂଶଗ୍ରହଣ କରିଥିଲେ। ଗାନ୍ଧିଜୀଙ୍କ ଦାଣ୍ଡି ଯାତ୍ରାକୁ ସଫଳ କରିଥିଲେ। ସେହିଦିନ ଇଂରେଜମାନେ ଅକଥନୀୟ ଅତ୍ୟାଚାର କରିଥିଲେ। କିନ୍ତୁ ଦଶମ ଶ୍ରେଣୀ ଇତିହାସ ଓ ରାଜନୀତି ବିଜ୍ଞାନ ବହିରେ ଚଟୁଆ ବଦଳରେ ଗଡୁଆ, କାଳିଆପାଟ ବଦଳରେ କାଳିଘାଟ, ବଗଦିଆ ବଦଳରେ ବଗଡ଼ିଆ ଲେଖାଯାଇଥିବାରୁ ଏସବୁ ଗ୍ରାମରେ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଅସମ୍ମାନ ଓ କୁଜଙ୍ଗର ଐତିହ୍ୟ ପ୍ରତି ଅପମାନ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ମନରେ ଭୁଲ୍ ଧାରଣା ସୃଷ୍ଟି ହେଉଛି ବୋଲି ତରାଇ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଇଛନ୍ତି। ତୁରନ୍ତ ତ୍ରୁଟି ସଂଶୋଧନ କରି ପାଠ୍ୟପୁସ୍ତକରେ ୩ ଗ୍ରାମର ଠିକ୍ ନାମ ଉଲ୍ଲେଖ କରିବା ପାଇଁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଗଣଶିକ୍ଷା ବିଭାଗ ଏହାକୁ ସଂଶୋଧନ କରିବା ପାଇଁ ପଦକ୍ଷେପ ନ ନେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରାଯିବ ବୋଲି ସେଥିରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ୨୦୨୧ ସଂସ୍କରଣରେ ଏହି ତ୍ରୁଟି ହୋଇଥିଲେ ବି ତାହା ଏପର୍ଯ୍ୟନ୍ତ ସଂଶୋଧନ ହୋଇପାରିନାହିଁ।

**ସଂଶୋଧନ ନ ହେଲେ ଆନ୍ଦୋଳନ ଚେତାବନୀ**

# ମା' ସଶକ୍ତ ହେଲେ ଓଡ଼ିଶା ବିକଶିତ ହେବ

## ୨ ଦିନିଆ ବରଗଡ଼ ଗସ୍ତରେ ୫-ଟି ସଚିବ

**ବରଗଡ଼,୨୬।୬(ପ୍ରେମାନନ୍ଦ ଖମାରୀ)**

ମା' ସଶକ୍ତ ହେଲେ ପରିବାର ସଶକ୍ତ ହୁଏ। ପରିବାର ସଶକ୍ତ ହେଲେ ରାଜ୍ୟ ବିକଶିତ ହୁଏ। ମୁଖ୍ୟମନ୍ତ୍ରୀ ସବୁବେଳେ କହିଥାନ୍ତି, ମା'ମାନେ ଆଗକୁ ବଢ଼ିଲେ ଓଡ଼ିଶା ଆଗକୁ ବଢ଼ିବ। ୨ ଦିନିଆ ବରଗଡ଼ ଗସ୍ତରେ ଆସି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କେ. ପାଣ୍ଡିଆନ ସୋମବାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଏହା କହିଛନ୍ତି। ପ୍ରଥମେ ସେ ଅତାବିରା ବ୍ଲକର ୫-ଟି ଅନ୍ତର୍ଭୁକ୍ତ ସରଣ୍ଡା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ପରେ ସେ ବିଭିନ୍ନ ମନ୍ଦିର, ମସ୍‌ଜିଦ, ଗୁରୁଦ୍ୱାର, କମ୍ୟୁନିଟି ସେଣ୍ଟର ଆଦିର ଦରଖାସ୍ତ ଗ୍ରହଣ କରି ଆସନ୍ତା ୭ଦିନ ମଧ୍ୟରେ ସେସବୁର ତଦନ୍ତ କରି ଉନ୍ନତୀକରଣ ପାଇଁ ଭଲ ଖବର ପାଇବେ ଏବଂ ଚାଷୀଭାଇଙ୍କ ଆପତ୍ତି, ଅଭିଯୋଗ ଥିଲେ ତାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରାଯିବ ବୋଲି ପାଣ୍ଡିଆନ କହିଥିଲେ। ସେହିପରି ବରଗଡ଼ ମହିଳା କଲେଜରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା ବେଳେ କଲେଜଗୁଡ଼ିକୁ ୫-ଟି ଅନ୍ତର୍ଭୁକ୍ତ କରିବା ପାଇଁ ବିଚାର କରାଯାଉଥିବା ସେ ସୂଚନା ଦେଇଥିଲେ।

୫-ଟି ସଚିବ ପାଣ୍ଡିଆନ ଆନନ୍ଦ କଲ୍ୟାଣ ମଣ୍ଡପ ଏବଂ ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ଏସ୍‌ଏଚ୍‌ଜି ସଦସ୍ୟାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବିନା ସୁଧରେ ୫ଲକ୍ଷ ଟଙ୍କା ଯାଏ ଋଣ ଦେବା ସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପ୍ରଦାନ କରାଯାଉଥିବା ସେ କହିଥିଲେ। ପାଣ୍ଡିଆନ ସମ୍ବଲପୁରୀ ବସ୍ତ୍ରାଳୟକୁ ଯାଇ ବୁଣାକାରଙ୍କ ସମସ୍ୟା ବୁଝିଥିଲେ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ରୋଗୀମାନଙ୍କ ସମସ୍ୟା ବୁଝିବା ସହିତ ନିର୍ମାଣାଧୀନ କ୍ୟାନ୍‌ସର ହସ୍ପିଟାଲ ଅଗ୍ରଗତି କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ ସେ ବରଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମିଶନ ଶକ୍ତି କାଫେରେ ମଧ୍ୟାହ୍ନଭୋଜନ କରିଥିଲେ।

ଏହାପରେ ୫-ଟି ସଚିବ ପାଣ୍ଡିଆନ ବରପାଲି ଷ୍ଟାଡ଼ିୟମ ପଡ଼ିଆରେ ଜନସାଧାରଣ, ଏସ୍‌ଏଚ୍‌ଜି ମହିଳାଙ୍କୁ ସମ୍ବୋଧିତ କରି ରାଜ୍ୟ ସରକାର ମା'ମାନଙ୍କୁ ସଶକ୍ତ କରିବା ସହିତ ସ୍ୱତନ୍ତ୍ର ପରିଚୟ ଦେଇଥିବା କହିଥିଲେ। ସେ ଗଙ୍ଗାଧର ମେହେରଙ୍କ କବି କୁଟୀର ପରିଦର୍ଶନ କରି ଉନ୍ନତୀକରଣ ପାଇଁ ଆଲୋଚନା କରିଥିଲେ। ବରଗଡ଼ ବ୍ଲକର ଶହୀଦ ମାଧୋ ସିଂ ଛକ (ବୀର ଛକ) ନିକଟ ରଣେଶ୍ୱର ରାମଚଣ୍ଡୀ ମନ୍ଦିର, ଡୁରୁଙ୍ଗାର ବୈଷ୍ଣୋଦେବୀ ମନ୍ଦିରକୁ କିଭଳି ପର୍ଯ୍ୟଟନ କ୍ଷେତ୍ର ଭାବେ ବିକଶିତ କରାଯାଇପାରିବ, ସେ ନେଇ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ।

ସନ୍ଧ୍ୟାରେ ବରଗଡ଼ ନିଶାମଣି ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୫-ଟି ସଚିବ କହିଥିଲେ, ମା'ମାନେ ଆଗକୁ ବଢ଼ିଲେ ଓଡ଼ିଶା ଆଗକୁ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ ସବୁବେଳେ କୁହନ୍ତି। ଖାଦ୍ୟଶସ୍ୟ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ ହେବା ସହ ବର୍ତ୍ତମାନ ଚାଉଳ ରପ୍ତାନି କରୁଛି। ଏଥିରେ ବରଗଡ଼ ଜିଲାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ସେଥିପାଇଁ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲାକୁ ବହୁତ ଭଲ ପାଆନ୍ତି ବୋଲି ସେ କହିଥିଲେ। ପରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ବେଳେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପି.ଏସ୍ ମୀନାଙ୍କ ସମେତ ଜିଲାର ସମସ୍ତ ପଦସ୍ଥ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

### ଓଡ଼ିଶାରେ ଗଣତନ୍ତ୍ରର ପରିଭାଷା ବଦଳୁଛି : ସୁରେଶ ପୂଜାରୀ

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ବରଗଡ଼ ଗସ୍ତକୁ ଭାଜପା ସମାଲୋଚନା କରିଛି। ସୋମବାର ବରଗଡ଼ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏମ୍‌ପି ସୁରେଶ ପୂଜାରୀ କହିଥିଲେ, ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ କ୍ଷମତା ହସ୍ତାନ୍ତର କରାଯାଇ ପାରିବନାହିଁ। ଯଦି ୫-ଟି ସଚିବ ମୁଖ୍ୟମନ୍ତ୍ରୀଙ୍କ ଅଜାଣତରେ ଆସିଛନ୍ତି, ତାହା ଆଦୌ ଶୁଭଙ୍କର ନୁହେଁ। ସେହିପରି ଯଦି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆସିଛନ୍ତି, ତାହା ମଧ୍ୟ ଆହୁରି ଅଶୁଭଙ୍କର। ଏମ୍‌ପି ପୂଜାରୀ ଆହୁରି କହିଥିଲେ, ଏମ୍‌ପି, ବିଧାୟକମାନେ ଲୋକଙ୍କ ଭୋଟ୍‌ରେ ନିର୍ବାଚିତ ହୋଇଛନ୍ତି। ସମ୍ବିଧାନ ଧରି ଶପଥ ଗ୍ରହଣ କରିଛନ୍ତି। କିନ୍ତୁ ଜଣେ ସଚିବଙ୍କ ଗସ୍ତରେ ଏମ୍‌ପି, ବିଧାୟକମାନେ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଏହା ଦୁର୍ଭାଗ୍ୟଜନକ ଏବଂ ଓଡ଼ିଶାରେ ଗଣତନ୍ତ୍ରର ପରିଭାଷା ବଦଳି ଯାଇଛି ବୋଲି ପୂଜାରୀ କହିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ଏବଂ ଦଳର ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟ ଉପସ୍ଥିତ ଥିଲେ।




ବିଜୁ ଶ୍ରମିକ ସାମ୍ମୁଖ୍ୟ ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକାପାଚକ ମହାସଂଘ ପକ୍ଷରୁ ଏକକ ନିଯୁକ୍ତି ପତ୍ର, ସରକାରୀ ମାନ୍ୟତା ପ୍ରଦାନ ଦାବି ସହ ୧୦ ଦଫା ଦାବି ନେଇ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।

# ୩୨ କେନ୍ଦ୍ରରେ ହେବ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

## ସରିଲା ଆବେଦନ, ଜୁଲାଇ ୧୩ ଓ ୧୪ରେ ପରୀକ୍ଷା

**ଭୁବନେଶ୍ୱର,୨୬।୬(ଅନୁରାଧା ମହାରଣା)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷାର ଗୋଟିଏ ବିଷୟରେ ଫେଲ୍ ହୋଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ଜୁଲାଇ ୧୩ ଓ ୧୪ରେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଅନୁଷ୍ଠିତ ହେବ। ୧୩ ତାରିଖ ପୂର୍ବାହ୍ନ ୧୦ଟାରୁ ୧ଟା ମଧ୍ୟରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଏବଂ ୧୪ରେ ସମସ୍ତ ବିଷୟର ପ୍ରାକ୍ଟିକାଲ ଓ ପ୍ରୋଜେକ୍ଟ ଆଦି ପରୀକ୍ଷା କରାଯିବ। ଏଥିପାଇଁ ରାଜ୍ୟରେ ୩୨ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା ମିଳିଛି। ଇତିମଧ୍ୟରେ ଗତ ୧୯ ତାରିଖରୁ ଆବେଦନ ଆରମ୍ଭ ହୋଇ ସୋମବାର ଶେଷ ହୋଇଛି। ୨୭ ଓ ୨୮ ତାରିଖ ମଧ୍ୟରେ ନିର୍ଦ୍ଧାରିତ ଦେୟ ପୈଠ କରିବାକୁ ପଡ଼ିବ। ତେବେ ଧନ୍ଦାମୂଳକ ଟ୍ରେଡ୍ ପେପର ଓ ବାୟୋଲୋଜିକୁ ବାଦ୍ ଦେଲେ ଅନ୍ୟ ସମସ୍ତ ବିଷୟରେ ରେଗୁଲାର ତଥା ଏକ୍ସ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷାଦେବେ। ପୂର୍ବରୁ କେବଳ ଥିଓରିରେ ପାସ୍ କରି ପ୍ରାକ୍ଟିକାଲ ବା ପ୍ରୋଜେକ୍ଟରେ ଫେଲ୍ ହୋଇଥିଲେ ଉଭୟ ଥିଓରି ଓ ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ ପଡ଼ିବ। ସେହିପରି ଥିଓରିରେ ଫେଲ୍ ହୋଇ ପ୍ରାକ୍ଟିକାଲ ବା ପ୍ରୋଜେକ୍ଟରେ ପାସ କରିଥିଲେ କେବଳ ଥିଓରୀ ପରୀକ୍ଷା ଦେବାକୁ ହେବ। ଉଭୟ ଥିଓରି ଓ ପ୍ରାକ୍ଟିକାଲ ପରୀକ୍ଷାରେ ଫେଲ୍ ଛାତ୍ରୀଛାତ୍ର ଉଭୟ ପରୀକ୍ଷା ଦେବାକୁ ପଡ଼ିବ। ତେବେ ପରୀକ୍ଷା ହେବାକୁ ଥିବା କେନ୍ଦ୍ରଗୁଡ଼ିକ ମଧ୍ୟରେ ବାଲେଶ୍ୱରର ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଏଚ୍‌ଏସ୍‌ଏସ୍), ଭଦ୍ରକ ଏଚ୍‌ଏସ୍‌ଏସ୍, ବଲାଙ୍ଗୀରର ରାଜେନ୍ଦ୍ର ଏଚ୍‌ଏସ୍‌ଏସ୍, ସୋନପୁର ଏଚ୍‌ଏସ୍‌ଏସ୍, କଟକର ଜେକେବିକେ ଏଚ୍‌ଏସ୍‌ଏସ୍, ଜଗତ୍‌ସିଂହପୁରର ଏସ୍‌ଭିଏମ୍ ଏଚ୍‌ଏସ୍‌ଏସ୍, ଯାଜପୁରର ଏନ୍‌ସି ଏଚ୍‌ଏସ୍‌ଏସ୍, କେନ୍ଦ୍ରାପଡ଼ା ଏଚ୍‌ଏସ୍‌ଏସ୍, ଅନୁଗୋଳ ସରକାରୀ ଏଚ୍‌ଏସ୍‌ଏସ୍, ଢେଙ୍କାନାଳ ସରକାରୀ ଏଚ୍‌ଏସ୍‌ଏସ୍, ବ୍ରହ୍ମପୁରର ଖଲ୍ଲିକୋଟ ଏଚ୍‌ଏସ୍‌ଏସ୍, ଭବାନୀପାଟଣା ସରକାରୀ ଏଚ୍‌ଏସ୍‌ଏସ୍, ନୂଆପଡ଼ା ଜାତୀୟ ଏଚ୍‌ଏସ୍‌ଏସ୍, ଜୟପୁରର ଭି. ଦେବ ଏଚ୍‌ଏସ୍‌ଏସ୍, ମାଲକାନଗିରି ସରକାରୀ ଏଚ୍‌ଏସ୍‌ଏସ୍, ନବରଙ୍ଗପୁର ଏଚ୍‌ଏସ୍‌ଏସ୍, ରାୟଗଡ଼ା ଏଚ୍‌ଏସ୍‌ଏସ୍, ବାରିପଦାର ଏମପିସି ଏଚ୍‌ଏସ୍‌ଏସ୍, ବୌଦ୍ଧ ପଞ୍ଚାୟତ ଏଚ୍‌ଏସ୍‌ଏସ୍, ଫୁଲବାଣୀ ସରକାରୀ ଏଚ୍‌ଏସ୍‌ଏସ୍, ଭୁବନେଶ୍ୱରର ବିଜେବି ଏଚ୍‌ଏସ୍‌ଏସ୍, ଖୋର୍ଦ୍ଧା ପ୍ରାଣନାଥ ଏଚ୍‌ଏସ୍‌ଏସ୍, ନୟାଗଡ଼ ଏଚ୍‌ଏସ୍‌ଏସ୍, ପୁରୀ ଏସ୍‌ସିଏସ୍ ଏଚ୍‌ଏସ୍‌ଏସ୍, ବରଗଡର ପଞ୍ଚାୟତ ଏଚ୍‌ଏସ୍‌ଏସ୍, ଦେବଗଡ଼ ଏଚ୍‌ଏସ୍‌ଏସ୍, ଝାରସୁଗୁଡ଼ାର ଆଇଏନ୍ ଏଚ୍‌ଏସ୍‌ଏସ୍, ସମ୍ବଲପୁରର ଜିଏମ୍ ଏଚ୍‌ଏସ୍‌ଏସ୍, ରାଉରକେଲା ସରକାରୀ ଏଚ୍‌ଏସ୍‌ଏସ୍ ଓ ସୁନ୍ଦରଗଡ଼ର ସରକାରୀ ଏଚ୍‌ଏସ୍‌ଏସ୍‌ରେ ଏହି ପରୀକ୍ଷା ଅନୁଷ୍ଠିତ ହେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପାପ ମଧ୍ୟସ୍ଥ ଚନ୍ଦ୍ରଜନିତ ବିଭିନ୍ନ କାରଣକୁ ନେଇ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ଅବଶ୍ୟ ଅଟକି ରହିଥିବା କାମଗୁଡ଼ିକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ଜମିଜମା, କଳ କାରଖାନା, ଜଳ, ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ୍ ହେବେ। ଫେରିବା ବାଟରେ ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ।

**ବୃଷ**
ତୃତୀୟସ୍ଥ ଶୁକ୍ର ହେତୁ ନିଜ ସମ୍ପର୍କୀୟମାନଙ୍କ ଅସହଯୋଗରୁ କେତେକ ନୂତନ ସମସ୍ୟା ସୃଷ୍ଟି ହେବ। ଆଦୌ ଭଲ ସମ୍ପର୍କ ନ ଥିବା ଲୋକମାନଙ୍କ ଶୁଣାକଥାକୁ ବିଶ୍ୱାସକଲେ ଅସୁବିଧାରେ ପଡ଼ିବେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ଶାରୀରିକ ଅସୁସ୍ଥତା ହେତୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**ମିଥୁନ**
କିଛି ସାହାଯ୍ୟ ଓ ସହାନୁଭୂତି ମାଧ୍ୟମରେ ଅନ୍ୟମାନଙ୍କୁ ନିଜ ସପକ୍ଷରେ ନେଇ କାମ ହାସଲ କରିବେ। କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ସତର୍କରେ ଚଳନ୍ତୁ ନଚେତ୍ ଝମେଲା ଅଧିକ ବଢ଼ିଯାଇପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଜମିଜମା ବାବଦରେ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ।

**କର୍କଟ**
ବୁଧାଦିତ୍ୟ ଯୋଗଜନିତ ଅର୍ଥନୈତିକ ଅଭିବୃଦ୍ଧି ଓ ବୈଷୟିକ ସୁଖ, ସମୃଦ୍ଧି ମନକୁ ଖୁସି କରିବାରେ ସାହାଯ୍ୟ କରିବ। ପୁରୁଣା ରାଗ ଶୁଝାଇବା ସକାଶେ କେହି ଜଣେ ମିଥ୍ୟା ଅଭିଯୋଗ ଆଣିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ ଓ କଳା, ସାହିତ୍ୟରେ ଉନ୍ନତି କରିବେ। ପରିବହନ, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ**
ପାରିବାରିକ ଖର୍ଚ୍ଚ ବିଶେଷ ବୃଦ୍ଧି ପାଇବା ହେତୁ ଚିନ୍ତିତ ରହିବେ। କର୍ମକ୍ଷେତ୍ର ଭଲ ରହିଲେ ମଧ୍ୟ ପିଲାମାନଙ୍କ ସକାଶେ ମନ ଅସ୍ଥିର ରହିବ। ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ରହିବ।

**କନ୍ୟା**
ରାଶିରେ ଚନ୍ଦ୍ର ଥିବାରୁ ଯେତେ ସମସ୍ୟା ଆସିଲେ ମଧ୍ୟ ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ବନ୍ଧୁଙ୍କଠାରୁ ସାହାଯ୍ୟ ସହଯୋଗ ବ୍ୟତୀତ ଶୁଖିଲା ଉପଦେଶ ଶୁଣି ବିରକ୍ତ ହେବେ। ଉପରିସ୍ଥଙ୍କ ଆଲୋଚନା ବିଷୟରେ କୌଣସି ଖବର ପାଇ ବିସ୍ମିତ ହେବେ। ଅର୍ଥନୈତିକ, ପାରିବାରିକ କ୍ଷେତ୍ର ଭଲ ରହିବ।

**ତୁଳା**
ଥଣ୍ଡା ମିଜାଜରେ କାମଗୁଡ଼ିକୁ ସମ୍ପନ୍ନ କରିବାରେ ଆନୁଷଙ୍ଗିକ ସୁବିଧା ସୁଯୋଗ ଅବଶ୍ୟ ପାଇବେ। ଅବହେଳାଜନିତ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉ ଥିବାରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିପାରନ୍ତି।

**ବିଛା**
ଯେତେ ସତର୍କରେ ଚଳିଲେ ମଧ୍ୟ କିଛିନା କିଛି ସମସ୍ୟା ମନକୁ ଅସ୍ଥିର କରିବ। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମତାନ୍ତର କିମ୍ବା ବନ୍ଧୁଙ୍କ ସହ ବିତର୍କ ଘଟିବ। କଳା, ସାହିତ୍ୟ, ଚଳଚ୍ଚିତ୍ର, ସଙ୍ଗୀତ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ**
ନିଜ ଲୋକଙ୍କ ଉପରେ ଲଘୁ କ୍ରୋଧ ଓ ଅଭିମାନ କରି ପରିବେଶକୁ ସରଗରମ କରିପାରନ୍ତି। କୌଣସି ଅଭାବ ନ ଥିଲେ ମଧ୍ୟ ବିଭିନ୍ନ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରି ରଖିବ। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ପ୍ରଯତ୍ନ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ।

**ମକର**
ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ଅପୂରଣୀୟ କାମନାକୁ କର୍ମକ୍ଷମ କରାଇବାରେ ସହାୟ ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ଶାରୀରିକ ପରିଶ୍ରମଜନିତ ପୀଡ଼ା ଅନୁଭବ କରିବେ।

**କୁମ୍ଭ**
ଆଜି କଠିନ ଶ୍ରମଜନିତ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଆଜିର କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପଡ଼ା, ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ପାରିବାରିକ ଜୀବନରେ ଉଚିତ ବୁଝାମଣା ରହିବ।

**ମୀନ**
ଆଜିର ସପ୍ତମ ଚନ୍ଦ୍ର ଆପଣଙ୍କୁ ଅର୍ଥଲାଭ ସାଙ୍ଗକୁ ବାକ୍ ବିଳାସ ପ୍ରଦାନକରି ଆପ୍ୟାୟିତ କରିବ। ତଥାପି ମାନସିକ ଅସ୍ଥିରତାବଶତଃ ଅପରାହ୍ନରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ଆଶ୍ୱସ୍ତି ଅନୁଭବ କରିବେ। ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ଠିକ୍ ଠିକ୍ ହୋଇଯିବ।

ଆଜି ଆଷାଢ଼ ଶୁକ୍ଳ ନବମୀ ମଙ୍ଗଳବାର, ଜୁନ୍ ୨୭ ତାରିଖ, ଆଡ଼ପ ମଣ୍ଡପେ ଶ୍ରୀଜୀଉଙ୍କ ନବମୀ ସନ୍ଧ୍ୟା ଦର୍ଶନ, ଇନ୍ଦ୍ରଦ୍ୟୁମ୍ନ ମହୋତ୍ସବ, ଦୋଅଡ଼ା ଭୋଗ, ମକ୍କାରେ ହଜ୍ ଆରମ୍ଭ। ରାଶି ନକ୍ଷତ୍ର –ହସ୍ତା/କନ୍ୟା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୩ ଗତେ ଘ.୦୬।୫୨ ମଧ୍ୟେ, ଘ.୦୯।୩୭ ଗତେ ଘ.୧୨।୧୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୭ ଗତେ ଘ.୦୪।୪୬ ମଧ୍ୟେ ରାହୁକାଳ।




# ବିପର୍ଯ୍ୟୟ, ମହାମାରୀ ପରିଚାଳନା ତାଲିମ ନେବେ ସରକାରୀ କର୍ମଚାରୀ

**ଭୁବନେଶ୍ୱର, ୨୬।୬ (ସୁନିତ୍ ମିଶ୍ର)**

ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କଠାରୁ ଆରମ୍ଭ କରି ଗ୍ରୁପ୍-ଡି ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କୁ ବିପର୍ଯ୍ୟୟ ଏବଂ ମହାମାରୀ ପରିଚାଳନା ସମ୍ବନ୍ଧୀୟ ତାଲିମ ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ୨୦୨୧ ମେ ୨୯ ତାରିଖରେ ରାଜ୍ୟ ମନ୍ତ୍ରୀ ପରିଷଦର ଏକ ଐତିହାସିକ ବୈଠକରେ ଏ ସମ୍ପର୍କିତ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ଅନୁପାଳନପୂର୍ବକ ବିପର୍ଯ୍ୟୟ ଏବଂ ମହାମାରୀ ପରିଚାଳନା ନିମନ୍ତେ ଉକ୍ତ ବିଷୟ ସମ୍ବନ୍ଧୀୟ ପାଠ୍ୟକ୍ରମ ବିକଶିତ କରାଯାଉଛି। ଗ୍ରୁପ୍-ଡି ସ୍ତରର ସମସ୍ତ କର୍ମଚାରୀଙ୍କ ପାଇଁ ଯେଉଁ ପାଠ୍ୟକ୍ରମ ନିର୍ଦ୍ଧାରିତ ହେବ, ତାହା କ୍ରମାଗତ ଭାବେ ବୃଦ୍ଧି ହୋଇ ଗ୍ରୁପ୍-ଏ ସ୍ତରର କର୍ମଚାରୀମାନେ ମଧ୍ୟ ସମ୍ପୂର୍ଣ୍ଣ କରିବେ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଓ ଉଚ୍ଚଶିକ୍ଷା ବିଭାଗର ସହଭାଗିତାରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସୋମବାର ସ୍ୱାକ୍ଷରିତ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ



## ପାଠ୍ୟକ୍ରମ ପାଇଁ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ

ପ୍ରମିଳା ମଲିକ, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଏସ୍ଆର୍ସି ସତ୍ୟବ୍ରତ ସାହୁ, ଉଚ୍ଚଶିକ୍ଷା ବିଭାଗ କମିଶନର ଅରବିନ୍ଦ ଅଗ୍ରୱାଲ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରର କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ରଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଓସ୍ଡମା ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ଡ. ଜ୍ଞାନ ଦାସ, ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ବୀରେନ୍ଦ୍ର କୋରକରା ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ, ସମ୍ବଲପୁରଙ୍କ ପକ୍ଷରୁ ରେଜିଷ୍ଟ୍ରାର ପ୍ରଫେସର ମାନସ ରଞ୍ଜନ ପୂଜାରୀ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି ।

ତାଲିମ୍ ଦକ୍ଷତା ବୃଦ୍ଧି ଏବଂ ପାଠ୍ୟକ୍ରମ ପ୍ରସ୍ତୁତ କରିବାରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ବୈଷୟିକ ସହାୟତା ପ୍ରଦାନ କରିବ। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିଭିନ୍ନ ବିଭାଗ ସ୍ତରୀୟ ସରକାରୀ (ଗ୍ରୁପ-ଏ, ଗ୍ରୁପ୍-ବି, ଗ୍ରୁପ-ସି ଏବଂ ଗ୍ରୁପ୍-ଡି) କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରିବା ଏହି ମିଳିତ ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ। ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ପାଠ୍ୟକ୍ରମକୁ ମୁକ୍ତ ଏବଂ ଦୂର ଶିକ୍ଷା ନିମନ୍ତେ ଶିକ୍ଷଣ ପରିଚାଳନା ବ୍ୟବସ୍ଥା ପ୍ଲାଟଫର୍ମରେ ଅନ୍-ଲାଇନ୍ ମାଧ୍ୟମରେ ଏହି ୪ଟି ଡିଜାଇନ୍ ଏବଂ ବିକାଶ କରାଯାଇଛି। ଏହାସହ ଶିକ୍ଷାର୍ଥୀମାନଙ୍କ ଡାଟାବେସ୍ ବିକାଶ, ସେମାନଙ୍କ ଅଗ୍ରଗତିକୁ ନିରୀକ୍ଷଣ କରିବା ଏବଂ ଅନଲାଇନ ପାଠ୍ୟକ୍ରମର ସମାପ୍ତି ପରେ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଏକ ୱେବ୍ ଆଧାରିତ ଆପ୍ଲିକେଶନ ବିକଶିତ କରାଯାଇଛି। ଏହି ତାଲିମ୍ ପାଇଁ ମନୋନୀତ ଶିକ୍ଷାନୁଷ୍ଠାନରୁ ବିପର୍ଯ୍ୟୟ ପରିଚାଳନାରେ ଦକ୍ଷତା ତଥା ଅଭିଜ୍ଞତା ଥିବା ଶିକ୍ଷକ ଏବଂ କାର୍ଯ୍ୟରତ ବ୍ୟକ୍ତିଙ୍କୁ ଚୟନ କରାଯିବ।

# ଶିଶୁକନ୍ୟାଙ୍କୁ ବିଷ ପିଆଇ ନିଜେ ପିଇଦେଲେ

**ବୁଗୁଡ଼ା, ୨୬।୬ (କଳୀଚରଣ ଦାଶ)**

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ପୋଚାଲୁଣ୍ଡି ଗ୍ରାମରେ ଜନ୍ମିତ ଶିଶୁକନ୍ୟାଙ୍କୁ ବିଷ ପିଆଇ ମା' ନିଜେ ପିଇଦେବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଉଭୟ ମା' ଓ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ କୃଷ୍ଣଚନ୍ଦ୍ର ବିଷୋୟୀଙ୍କ ସ୍ତ୍ରୀ ଆରତୀ ବିଷୋୟୀ ଓ ତାଙ୍କର ଦେଢ଼ବର୍ଷର କନ୍ୟା। ପ୍ରକାଶ ଯେ, ପାରିବାରିକ ଅଶାନ୍ତି କାରଣରୁ ରବିବାର ରାତିରେ ମା' ଆରତୀ ଦେଢ ବର୍ଷର ଶିଶୁକନ୍ୟାକୁ ବିଷ ପିଆଇ ନିଜେ ମଧ୍ୟ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କର ମୃତ୍ୟୁ ହୋଇଛି। ଏ ନେଇ ସ୍ୱାମୀ କୃଷ୍ଣଚନ୍ଦ୍ରଙ୍କ ପକ୍ଷରୁ ବାଲିପଦର ଫାଣ୍ଡିରେ ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଥାନା କେସ୍ ନଂ ୧୨/୨୩ ଏବଂ ୧୩/୨୩ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି। ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ପରୀକ୍ଷା ଜାରି ରଖିଥିବା ବେଳେ ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

**ମା' ଓ ଶିଶୁଙ୍କ ମୃତ୍ୟୁ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**

# ନଦୀରେ ଗାଧୋଉଥିବା ବେଳେ ଛାତ୍ରଙ୍କୁ ଟାଣିନେଲା କୁମ୍ଭୀର

**ଦିଗପହଣ୍ଡି, ୨୬।୬ (ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ସେବକ ଟିକରପଡ଼ା ଗ୍ରାମ ଘୋଡାହାଡ ନଦୀ ଗଣ୍ଡରେ ସୋମବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଗାଧୋଉଥିବା ବେଳେ ଜଣେ ୫ମ ଶ୍ରେଣୀ ଛାତ୍ରଙ୍କୁ ଏକ କୁମ୍ଭୀର ଟାଣି ନେଇଥିଲା। ବହୁ ସମୟ ଖୋଜାଖୋଜି କରିବା ପରେ ଗ୍ରାମବାସୀଙ୍କ ସହାୟତାରେ ଛାତ୍ରଙ୍କ ମୃତଦେହ ଜବତ କରାଯାଇଛି। ମୃତ ଛାତ୍ର ହେଲେ ଖମ୍ବାରୀଗାଁ ପଞ୍ଚାୟତ ସେବକ .ଟିକରପଡା ଗ୍ରାମର ଶୁଭ୍ରାଂଶୁ କୁମାର ଗୌଡ଼ (୧୧)। ପ୍ରକାଶ ଯେ, ଘୋଡ଼ାହାଡ଼ ନଦୀରେ ଶୁଭ୍ରାଂଶୁ ଗାଧୋଇବା ସମୟରେ ଏକ କୁମ୍ଭୀର ତାଙ୍କୁ ପାଣି ଭିତରକୁ ଟାଣି ନେଇଥିଲା। ସନ୍ଧ୍ୟା ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ନଦୀ ନିକଟକୁ ଯାଇଥିଲେ । ସେଠାରେ ତାଙ୍କ ଡ୍ରେସ ଓ ଚପଲ ଥିବା ଦେଖିଥିଲେ। ଗ୍ରାମବାସୀ ଓ କୈବର୍ତ୍ତ୍ୟ ସମ୍ପ୍ରଦାୟର ଲୋକେ ନଦୀ ଭିତରେ ଏକ କୁମ୍ଭୀରକୁ ଦେଖିଥିଲେ। ଡଙ୍ଗା ସାହାଯ୍ୟରେ କୁମ୍ଭୀରକୁ ଘେରାଇ ମାଛ ଜାଲ ଫୋପାଡି ଥିଲେ। ଫଳରେ କୁମ୍ଭୀରଟି ଶୁଭ୍ରାଂଶୁଙ୍କୁ ଛାଡି ପଳାଇଥିଲା। ଗ୍ରାମବାସୀ ଶୁଭ୍ରାଂଶୁଙ୍କୁ ଉଦ୍ଧାର କରି ଡଙ୍ଗା ସାହାଯ୍ୟରେ ଆଣିଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣାସ୍ଥଳରେ ଗ୍ରାମବାସୀଙ୍କ ପକ୍ଷରୁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ବନ ବିଭାଗର ଅବହେଳା ଯୋଗୁଁ ଏଭଳି ବାରମ୍ବାର ଦୁର୍ଘଟଣା ହେଉଥିବା ଅଭିଯୋଗ କରିଥିଲେ। ଦିଗପହଣ୍ଡି ତହସିଲଦାର ସିପକ କୁମାର ପାତ୍ର ଏବଂ କେ. ନୂଆଗାଁ ପୋଲିସ ଟିମ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଛି। ସନ୍ଧ୍ୟା ହୋଇଯାଇଥିବାରୁ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି କେ.ନୂଆଗାଁ ଥାନା ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି। ଏନେଇ ବନବିଭାଗ ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକଙ୍କୁ ପଚାରିବାରୁ ଏହି ଘଟଣା ଦୁର୍ଭାଗ୍ୟଜନକ। ବିଭାଗୀୟ ତଦନ୍ତ ପରେ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ସୂର୍ଯ୍ୟକାନ୍ତ, ଗୌରାଙ୍ଗ ଓପିଏସ୍‌ସି ସଦସ୍ୟ ନିଯୁକ୍ତ

**ଭୁବନେଶ୍ୱର, ୨୬।୬ (ଅନିଲଦାସ)**-ରାଜ୍ୟ ସରକାର ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ବେସିକ ସାଇନ୍ସର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଏବଂ ପୂର୍ତ୍ତ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ(ବିଲ୍ଡିଂ) ଗୌରାଙ୍ଗ ଚରଣ ସାହୁଙ୍କୁ ଓଡିଶା ପ୍ରଶାସନିକ ସେବା ଆୟୋଗ (ଓପିଏସସି) ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ରାଜ୍ୟପାଳଙ୍କ ଅନୁମୋଦନ ପରେ ଏ ନେଇ ସୋମବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଆସନ୍ତା ୬ ବର୍ଷ ଅଥବା ସର୍ବାଧିକ ୬୨ ବର୍ଷ ବୟସ ପର୍ଯ୍ୟନ୍ତ ଉଭୟ ଏହି ପଦବୀରେ ରହିପାରିବେ।









"ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। -ଶ୍ରୀଅରବିନ୍ଦ

# ଦୁର୍ଘଟଣା ଲାଗିରହିବ

ରବିବାର ବିଳମ୍ବିତ ରାତିରେ ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଖେମୁଣ୍ଡି କଲେଜ ନିକଟରେ ଘଟିଥିବା ଭୟଙ୍କର ବସ୍ ଦୁର୍ଘଟଣାରେ ୧୧ ଜଣଙ୍କର ମୃତ୍ୟୁ ଘଟିବା ସହ ୭ ଜଣ ଗୁରୁତର ଅବସ୍ଥାରେ ଅଛନ୍ତି। ବାହାଘର ସ୍ଥାନରେ କନ୍ୟାକୁ ଛାଡ଼ି ଖଣ୍ଡଦେଉଳି ଗ୍ରାମର କନ୍ୟାଯାତ୍ରୀ ଦଳକୁ ନେଇ ଫେରୁଥିବା ଘରୋଇ ବସ୍ ବିପରୀତ ଦିଗରୁ ଆସୁଥିବା ଓଏସ୍ଆର୍‌ଟିସି ବସ୍ ସହ ଧକ୍କା ହୋଇଥିଲା। ଅତୀତରେ ମଧ୍ୟ ଏଭଳି ଅନେକ ଦୁଃଖଦ ଦୁର୍ଘଟଣା ଦେଖିବାକୁ ମିଳିଛି। କିନ୍ତୁ ଦିଗପହଣ୍ଡି ଦୁର୍ଘଟଣାର ପ୍ରାଥମିକ ରିପୋର୍ଟରୁ ଯାହା ଜଣାପଡ଼ିଛି ତାହା ଅତ୍ୟନ୍ତ ଚିନ୍ତାଜନକ। କାରଣ ଦୁର୍ଘଟଣାଗ୍ରସ୍ତ ଘରୋଇ ବସ୍ ୨୫ ବର୍ଷର ପୁରୁଣା ଓ ଏହାର ପର୍ମିଟ କି ଇନ୍ସ୍ୟୁରାନ୍ସ ନ ଥିଲା। ଦେଖିବାକୁ ଗଲେ ଏବକାର ପରିବହନ ବ୍ୟବସ୍ଥାରେ ଏହା ଭାତ ହାଣ୍ଡିରୁ ଗୋଟିଏ। କୁହାଯାଉଛି, ଆହୁରି ଅନେକ ହଜାର ଗାଡ଼ି ବି ଏମିତି ରାସ୍ତାରେ ଚାଲୁଛି ଓ ଦୁର୍ଘଟଣାର କାରଣ ହେଉଛି। ଏହା ସଡ଼କ ଓ ପରିବହନ ବିଭାଗ ନା ବସ୍ ମାଲିକମାନଙ୍କ ଖାମଖିଆଲ ଯୋଗୁ ଘଟୁଛି ତାହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହୋଇପାରେ। କିନ୍ତୁ ମୂଳ ସମସ୍ୟା ରହୁଛି ସରକାରୀ ନୀତି ସହିତ ଜଡ଼ିତ। ସମଗ୍ର ଦେଶରେ ମୋଟରଗାଡ଼ି ନିର୍ମାତା କମ୍ପାନୀମାନଙ୍କ ଚାପର ବଶବର୍ତ୍ତୀ ହୋଇ ଉଭୟ କେନ୍ଦ୍ର ଏବଂ ସବୁ ରାଜ୍ୟ ସରକାର ଅବାଞ୍ଛିତ ଆଇନ ସୃଷ୍ଟି କରିବାରେ ଲାଗିଛନ୍ତି। ପ୍ରତ୍ୟେକ ଗାଡ଼ିର ରେଜିଷ୍ଟ୍ରେଶନ (ପଞ୍ଜୀକରଣ) ଦିନଠାରୁ ମିଟର ଚାଲିବା ଆରମ୍ଭ ହୋଇଯାଉଛି। ୧୦ ବର୍ଷ ଜୀବନକାଳ ଦିଆଯାଇ ଗାଡ଼ିଗୁଡ଼ିକୁ ରେଜିଷ୍ଟର କରାଯାଉଛି। ଓଡ଼ିଶା ଭଳି କେତୋଟି ରାଜ୍ୟରେ ପରିବହନ ବିଭାଗ ଅଫିସରଙ୍କ ଇଚ୍ଛା ଅନୁଯାୟୀ କେତୋଟି ଗାଡ଼ିକୁ ଅଧିକ ୫ ବର୍ଷ ରାସ୍ତାରେ ବ୍ୟବହାର ହେବା ପାଇଁ ଅନୁମତି ମିଳିପାରୁଛି। ଅନ୍ୟପଟେ ଦିଲ୍ଲୀ ଓ ହରିୟାଣା ଭଳି ରାଜ୍ୟରେ ଗାଡ଼ିମାଲିକଙ୍କୁ ୧୦ ବର୍ଷ ପୁରୁଣା ଗାଡ଼ିରୁ ଓହ୍ଲାଇ ଦିଆଯାଇ ଗାଡ଼ିକୁ ଜବତ କରାଯାଉଛି। ସେଭଳି ରାଜ୍ୟଗୁଡ଼ିକରେ ୧୦ ବର୍ଷରୁ ଅଧିକ ଦିନର ଗାଡ଼ି ଚଳାଇବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଉଛି। ଏହା ଫଳରେ ମାଲିକମାନେ ଚୋରାରେ ଗାଡ଼ି ଚଳାଇବାକୁ ବାଧ୍ୟ ହେଉଛନ୍ତି। ବିଶେଷକରି ଡିଜେଲ ଚାଳିତ ଗାଡ଼ି ଉପରେ ଅଧିକ କଟକଣା ଲଗାଯାଉଛି। ଯାହା ଫଳରେ ବିନା ପର୍ମିଟ ଏବଂ ଫିଟ୍‌ନେସ ସାର୍ଟିଫିକେଟରେ ଗାଡ଼ି ଚାଲୁଛି। ବାସ୍ତବରେ ଦେଖିବାକୁ ଗଲେ ଗାଡ଼ିଗୁଡ଼ିକର ଅବସ୍ଥା ସବୁବେଳେ ଖରାପ ହେଉଛି ବୋଲି କହିବା ଉଚିତ ହେବ ନାହିଁ। ଅନେକ ଗାଡ଼ି ବିନା ପର୍ମିଟରେ ଚାଲୁଥିଲେ ମଧ୍ୟ ତାହାର ଇଞ୍ଜିନ ଭଲ ପରିସ୍ଥିତିରେ ଥାଇପାରେ। ଯଦି ହଠାତ୍ ସବୁ ମାଲିକ ସରକାରୀ ଆଇନକୁ ମାନି ନିଜର ୧୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଗାଡ଼ି ବ୍ୟବହାର କରିବା ବନ୍ଦ କରିଦେବେ, ତେବେ ସେଗୁଡ଼ିକର ମଶାଣି କେଉଁଠି ହେବ ତାହା ସରକାର କୌଣସି ରାଜ୍ୟରେ ସ୍ପଷ୍ଟ କରିନାହାନ୍ତି। ଆମେରିକା ଭଳି ଦେଶରେ ପୁରୁଣା ଅକାମୀ ଗାଡ଼ିକୁ ନେଇ ଯନ୍ତ୍ରପାତି ସାହାଯ୍ୟରେ ଚାପି ଦିଆଯାଏ। ଏହା କରିବା ପୂର୍ବରୁ ଗାଡ଼ିର ଅନେକ ବ୍ୟବହାରଯୋଗ୍ୟ ଜିନିଷ ବାହାର କରି ଅନ୍ୟତ୍ର ଉପଯୋଗ କରାଯାଇଥାଏ। ହେଲେ ଭାରତବର୍ଷରେ ସେଭଳି କୌଣସି ସୁବିଧା ନାହିଁ। ବସ ମାଲିକର ରୋଜଗାର କରିବା ଆକର୍ଷଣ ପୁରୁଣା ଗାଡ଼ି ଚଳାଇବାର ଏକ ମୂଳ କାରଣ। ଯଦି ପୁରୁଣାଗାଡ଼ି ଛାଡ଼ିବ ତେବେ ତାକୁ କେଉଁଠି ରଖିବ। ଏଭଳି ମୌଳିକ ସମସ୍ୟା ସମାଧାନ କରିବା ପୂର୍ବରୁ ସରକାର ତାଙ୍କର ଆଇନ ତିଆରି କରିବାରେ ବ୍ୟସ୍ତ ରହୁଛନ୍ତି। ଏହା ହେଉଛି ଗୋଟିଏ ଦିଗ।

ଅନ୍ୟଦିଗଟି ହେଲା ଡ୍ରାଇଭର ବା ଚାଳକଙ୍କ ଦକ୍ଷତା। ଦିଗପହଣ୍ଡି ଦୁର୍ଘଟଣାରେ ଉଭୟ ଗାଡ଼ିର ବୟସ ଏବଂ ଫିଟ୍‌ନେସ ସମ୍ପର୍କରେ ଯଥେଷ୍ଟ କୁହାଗଲାଣି। ଅନ୍ୟପକ୍ଷରେ କୌଣସିଠାରୁ ସେହି ବସ୍ ଚାଳକର ବୟସ, ଚକ୍ଷୁର ଶକ୍ତି, କେଉଁ ପ୍ରକାର ଲାଇସେନ୍ସଧାରୀ ଏବଂ ସର୍ବୋଚ୍ଚରେ ଉଭୟ ଗାଡ଼ି ଚାଳକଙ୍କ ମଧ୍ୟରୁ କେହି ମଦ୍ୟପାନ କରିଥିଲେ କି ନାହିଁ ତାହା ସମ୍ପର୍କରେ କୌଣସି ତଥ୍ୟ ପ୍ରକାଶ ପାଉନାହିଁ। ସାଧାରଣରେ ଦେଖାଯାଏ ଯେ, ବିଭାଘର କାର୍ଯ୍ୟକ୍ରମରୁ ଫେରୁଥିବା ଗାଡ଼ି ଚାଳକଙ୍କୁ ସେହି ଗାଡ଼ିର ଯାତ୍ରୀମାନେ ମଦ ଯାଚି ପିଇବାକୁ ଉତ୍ସାହିତ କରିଥାନ୍ତି। ସରକାର ମଧ୍ୟ ରାସ୍ତାକଡ଼ରେ ମଦ ଦୋକାନ ଖୋଲି ଚାଳକଙ୍କୁ ମଦ୍ୟପାନ କରିବା ପାଇଁ ପ୍ରୋତ୍ସାହନ ଯୋଗାଇଦେଉଛନ୍ତି।

କେଉଁ ନୀତି କଲେ ରାସ୍ତା ଦୁର୍ଘଟଣା ହ୍ରାସ ପାଇବ ତାହା ଭାରତରେ ଚିନ୍ତା କରିବାକୁ କେହି ନାହିଁ। କେବଳ ୧୦ ବର୍ଷିଆ ପୁରୁଣା ଗାଡ଼ିକୁ ବନ୍ଦ କରିବା ଆଇନ ସୃଷ୍ଟି କରି ନୂଆ ଗାଡ଼ି ବିକ୍ରି ହେବାର ପରିସ୍ଥିତି ସରକାର ତିଆରି କରୁଛନ୍ତି। କିନ୍ତୁ ଆଧୁନିକ ଗାଡ଼ି ଚଳାଇବା ପାଇଁ ଡ୍ରାଇଭରଙ୍କୁ ପ୍ରଶିକ୍ଷଣ ଦେବାର କୌଣସି ବ୍ୟବସ୍ଥା ଘରୋଇ ଗାଡ଼ି କମ୍ପାନୀ କରୁନାହାନ୍ତି। ମଦ ରାସ୍ତା ଦୁର୍ଘଟଣାର ଏକ ମୁଖ୍ୟ କାରଣ ହୋଇଥିବାବେଳେ ଅନ୍ୟଟି ହେଉଛି ଥକି ଯାଇଥିବା ଚାଳକ ଗାଡ଼ି ଚଳାଇବାବେଳେ ଶୋଇପଡ଼ିବା। କେବଳ ୪ ଲେନ୍ କିମ୍ବା ୫ ଲେନ୍‌ର ବିରାଟକାୟ ରାସ୍ତା ତିଆରି କରିଦେଲେ ଗମନାଗମନର ସୁବିଧା ହୁଏନାହିଁ। ସେହିଭଳି ରାସ୍ତା ବା ସଡ଼କ ବ୍ୟବହାର କରିବା ପାଇଁ ଉପଯୁକ୍ତ ମାନବ ସମ୍ବଳ ସୃଷ୍ଟି କରିବାର ଦାୟିତ୍ୱ ଘରୋଇ ଗାଡ଼ି ନିର୍ମାତା କମ୍ପାନୀମାନଙ୍କର। ସେ ଦିଗରେ ସେହିସବୁ ଲାଭ ଉଠାଉଥିବା ବ୍ୟବସାୟୀ କିପରି ଦାୟିତ୍ୱ ବହନ କରିବେ ସେଥିଲାଗି ସରକାରଙ୍କ ତରଫରୁ କୌଣସି ଆଇନ କରାଯାଉନାହିଁ।

# ଭାରି ଭୋକ



ଡ. ଭବାନୀ ଶଙ୍କର ଦାଶ

ଭୋକ ସାର୍ବଜନୀନ ଓ ସର୍ବକାଳୀନ। ଭୋକର ଜନ୍ମ ଇତିହାସ ପ୍ରାଣିସମୂହର ଜନ୍ମ ସହ ଜଡ଼ିତ। ଭୋକ କାହାର ନାହିଁ ଏମିତି ନାହିଁ। ସଦ୍ୟଜାତ ଶିଶୁର କ୍ରନ୍ଦନ କାରଣ ତ ଭୋକ। ମାତୃଗର୍ଭରେ ଥିବାଯାଏ ମଣିଷ ଛୁଆଟା ଭୋକ କବଳିତ ହୁଏ କି ନା ଜଣାନାହିଁ। ମାତ୍ର ଜନ୍ମ ହେଲା ପରେ ମରିବାଯାଏ ଭୋକରେ ଆକ୍ରାନ୍ତ ହୁଏ। ସେ ଭୋକଟି ଥରେ ଜନ୍ମ ହୋଇ ମରେ ନାହିଁ। ଜୀବଦ୍ଦଶା ଭିତରେ ବାରମ୍ବାର ଜନ୍ମ ହୁଏ। ବାରମ୍ବାର ରୂପ ବଦଳାଏ। କେତେ ରୂପରେ ପ୍ରକଟିତ ହୁଏ ସିଏ। କିନ୍ତୁ ଜମା ମରେନି ଭୋକ। କରୋନା ଭଳି ଭୋକ ବି ବହୁବିଧ। ଭୋକର ମରଣ ନାହିଁ। ଖାଦ୍ୟ ପାଇଲେ ନୀରବିଯାଏ। ଖାଦ୍ୟ ସରିଗଲେ ଫଣାଟେକି ଗର୍ଜନ କରେ। ଅବଶ୍ୟ ଭୋକର ସ୍ୱରୂପ ଅନେକ ଥିଲେ ହେଁ ପରିଭାଷା କିନ୍ତୁ ଏକ। ଏଣୁ ଏ ପୃଥିବୀଟି ଭୋକର ଭୂଗୋଳଟିଏ। ଆମେ ମୂର୍ଖ ଗାଁବାଲା ଜାଣିବାରେ ଭୋକ ସର୍ବଦା ଭୋଗବାଦ ସହ ଜଡ଼ିତ ନୁହେଁ। ପିଣ୍ଡ ପାଇଁ ମଣ୍ଡ (ଖାଦ୍ୟ) ନିହାତି ଆବଶ୍ୟକ। ସନ୍ଥ କବି ଭୀମ ଭୋଇ ଆକୁଳ ସ୍ୱରରେ ସେଥିପାଇଁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାଇଥିଲେ- 'ପିଣ୍ଡ ଦେଇ ପ୍ରଭୁ ମଣ୍ଡ ନ ଦେଉଚ ଏ ପୁଣି କେବଣ କଥା।' ମଣିଷର ଭୋକ ପ୍ରଶମନ ପାଇଁ ଖାଦ୍ୟ ଲୋଡ଼ା। ଦେବଦେବୀଙ୍କ ଭୋକ ପ୍ରଶମନ ଉଦ୍ଦେଶ୍ୟରେ କେଉଁ ଅଜଣା କାଳରୁ ଆମେ ଭୋଗ ବ୍ୟବସ୍ଥା କରିଛୁ। ଏବେ ଏବେ ଲାଞ୍ଚର ଆଧୁନିକ ନାମ ହେଲାଣି ଭୋଗ। କେବେକେବେ ତାହା ପି.ସି, ବଟି ବା ଅନ୍ୟାନ୍ୟ ସାଂକେତିକ ନାମରେ ନାମିତ। ସ୍ୱାଧୀନ ଭାରତରେ ଏଇ ଭୋଗ ପାଇଁ ଭୋକର ତୀବ୍ରତା ଓ ବ୍ୟଗ୍ରତା ଉଗ୍ର ହୋଇଉଠିଛି ସର୍ବତ୍ର। ବିଶେଷତଃ ଭାରତ ଗଣତନ୍ତ୍ରର ତନ୍ତ୍ରୀମାନେ ଅଧିକଭାବେ ଏଇ ଭୋଗ ଭୋକ କବଳିତ। ଫଳତଃ ତିଆରି ହେଲା ଥିଲା ଓ ନଥିଲାର ସୀମାରେଖା ଓ ଭେଦଭାବ, ବଡ଼ଲୋକ ହେବାର ପ୍ରତିଯୋଗିତା। ଏଇ ପ୍ରତିଯୋଗିତାମୂଳକ ଭୋକର ରାଜୁତି ଏବେ ଆମ ଓଡ଼ିଶାରେ ପ୍ରବଳ। ଅବଶ୍ୟ ଭୋକ ସମସ୍ତଙ୍କ ପାଖରେ ଅଛି, ମାତ୍ର ଏଇ ଥିଲାବାଲାଙ୍କୁ ଭାରି ଭୋକ। ତେବେ ଥିଲାବାଲା ଲୋକେ କେବଳ ପେଟର ଭୋକରେ ନୁହେଁ, ସବୁ କିସମର ଭୋକରେ ଆକ୍ରାମାକ୍ରା। ଯେତେ ଖାଇଲେ, ଯେତେ ପାଇଲେ ବି ତାଙ୍କର ସେ ଭୋକ ଜମା ମରୁନି। ଏମାନେ ହେଲେ ଖାଉ ମହାବାହୁ ନେତା। ଓଡ଼ିଶାରେ ଭୋକର ମାନଚିତ୍ର ଦେଖିଲେ ଓ ଭୋକର ବିଭାଗୀକରଣ କଲେ ଚାରି କିସମର ଭୋକ ଦେଖାଯାଏ। ଯଥା-ଭୋକ, ଭାରିଭୋକ, ଅତିଭୋକ ଓ ମହାଭୋକ। ଭୋକ କବଳିତ ଭୋକିଲା ଲୋକ ଅଧିକ ଦେଖାଯା'ନ୍ତି ବୋଧେ ଏଇ ମାଟିରେ। ସେଥିପାଇଁ ତ ଆଜିଯାଏଁ ପଛୁଆ, ଗରିବ ଏଣୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଁ ଉଦ୍ୟମ ଜାରି ରହିଛି। ସ୍ୱାଧୀନତା ପରେ ପରେ



ଓଡ଼ିଶାରେ ଭୋକର ରାଜୁତି ବଢ଼ିଗଲା। ଏ ଥିଲା ପେଟର ଭୋକ। ସେଥିପାଇଁ ଭିକାରିଙ୍କ ସଂଖ୍ୟା ବଢ଼ିଯାଇଥିଲା। କ୍ରମେ ପେଟର ଭୋକ ପ୍ରଶମି ଆସିଲା ବେଳକୁ ମନର ଭୋକ ଚହଟି ଉଠିଲା ବିଦେଶୀ ଅପସଂସ୍କୃତି ପ୍ରଭାବରେ।

ମନର ଭୋକ ଅମେଣ୍ଟା। ସାହେବୀ ଚଳଣି ବା ପାଶ୍ଚାତ୍ୟ ନଗ୍ନତା ହିଁ ଆଧୁନିକତା ବୋଲି ଏକ ଧାରଣା ସୃଷ୍ଟି ହୋଇଗଲା ପରେ ଏଠି ଜୀବନଧାରା ବେଗବାନ ଓ ପରିବର୍ତ୍ତିତ ହୋଇଗଲା। ଶରୀର ଉପରେ ମନ ଓ ପେଟଙ୍କ ଔଦ୍ଧତ୍ୟ ବଢ଼ିଚାଲିଲା। ଏ ସସାଗରା ପୃଥିବୀ ମଣିଷ ପାଇଁ ନିଅଣ୍ଟ ହେଲା। ନିଜ ହିତ ପାଇଁ ଜାତ ନୁହେଁ ହିନ୍ଦୁ, ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ଭାବନା ବଦଳିଗଲା। ଦେଶସେବା ଥିଲା ଏ ମାଟିର ଆଦର୍ଶ। ଭୋକ ପାଇଁ ସେ ଆଦର୍ଶ ଅର୍ଥହୀନ ହୋଇପଡିଲା। ଭୋକ ଲାଗି ଭାରତରେ ବିଶ୍ୱାସ ଓ ଆଦର୍ଶର ଦୁର୍ବଳ ଦେବାଳୟ ଦୋହଲିଗଲା। ଦେଶ ସେବା ନାଁରେ ଚତୁରମାନେ ରାଜନେତା ବନିଗଲେ। ତା' ପରଠୁ ସେଇମାନଙ୍କ ଦ୍ୱାରା ଅଙ୍କିତ ହେଲା ଆଧୁନିକ ଭାରତରେ ନବୀନତମ ଭୋକର ଭୂଗୋଳ।

ଦେଶସେବକ ଗତକାଲି ଦେଶ ପାଇଁ ଅକାତରେ ନିଜ ସଂଚୟ ସବୁ ଉତ୍ସର୍ଗ କରିଦେଉଥିଲା। ଦେଶସେବାର ପ୍ରତିଦାନ କାମନା କରୁ ନ ଥିଲେ। ସେମାନଙ୍କ କାମନା ଥିଲା ମିଶୁ ମୋର ଦେହ ଏ ଦେଶ ମାଟିରେ। ମାତ୍ର ଆଜି ଦେଶସେବକ ଦେଶସେବା ବିନିମୟରେ ଭତ୍ତା ଓ ଦରମା ପାଇଁ ଅଡ଼ିବସିଲେ। ଅତି ଚତୁର ଭାବେ ଦରମା ଓ ଭତ୍ତା ସହିତ ଚାକିରିଆ ଭଳି ଅବସରକାଳୀନ ପେନସନ୍ ବ୍ୟବସ୍ଥା ଏପରି କରିଦେଲେ ଯେ ନ କହିଲା ଲୋକ କହିବ ୟାଙ୍କୁ ଭାରିଭୋକ। ତା' ପୁଣି ଯେତେଥର ନିର୍ବାଚିତ ହେବେ, ସେତେ ଥର ପେନ୍‌ସନ। ଅର୍ଥାତ୍ ଥରେ ନେତା ହୋଇଗଲେ ଫନ୍ଦିଫିକର କରି ନିଜ ସାତପୁରୁଷ ପାଇଁ ଏମାନେ ଧନ ସମ୍ପତ୍ତି ଯୋଗାଡ଼ି ନିଅନ୍ତି। ସେମାନେ ଯେତେ ଆୟ କଲେ ବି ଆୟକର ଦେବାକୁ ପଡ଼େନା। ଏଥିରେ ଏତେ ଲାଭ ଯେ ନିଜେ ନେତା ମରୁ ନ ମରୁଣୁ ନିଜ ଝିଅ ବା ପୁଅକୁ ଏଇ ନେତାଗିରି ବ୍ୟବସାୟରେ ନିଯୁକ୍ତ କରିଦିଅନ୍ତି। ସ୍ୱାଧୀନତା ପ୍ରାପ୍ତି ବେଳକୁ ନେତାଙ୍କର ଦରମା କି ଭତ୍ତା କିଛି ନ ଥିଲା। ସ୍ୱାଧୀନତା ପରେ ସରକାର ମୁକ୍ତି ସଂଗ୍ରାମୀମାନଙ୍କ ପାଇଁ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ବ୍ୟବସ୍ଥା କରିଦେଲେ। ସେମାନଙ୍କ ସମ୍ମାନ ଉଦ୍ଦେଶ୍ୟରେ ପରେ ପରେ ସ୍ୱାଧୀନ ଭାରତର ନେତାଏ ଏଇଟାକୁ ଗଳିବାଟ ଭଳି ବ୍ୟବହାରକରି ନିଜ ନିଜ ଲାଭଖୋର ମନୋବୃତ୍ତିକୁ ଚରିତାର୍ଥ କରି ଚାଲିଛନ୍ତି ଆଜିଯାଏ। ତେବେ ଏମାନଙ୍କୁ ଦେଶସେବକ ନେତା ନା ଭତ୍ତାଧାରୀ କର୍ମଚାରୀ କୁହାଯିବ ତାହା ଆଗାମୀକାଲିର ଉତ୍ତର। କିନ୍ତୁ ସବୁଠୁ ସମ୍ବେଦନଶୀଳ କଥାଟି ହେଉଛି କାଲେ ତଳତଳିଆ ଅର୍ଥାତ୍ ପଞ୍ଚାୟତ ସ୍ତରରୁ ହୋ ହଲ୍ଲା ଶୁଭିବ, ସେଥିପାଇଁ ସେମାନଙ୍କ ପାଇଁ ବି ଭତ୍ତା ବ୍ୟବସ୍ଥା କରିଦେଲେ। ତେଣିକି କହିବାକୁ କେହି ନାହିଁ। ଏଣିକି ତୁ ତ ମୂତୁରୀ ମୁଁ ତ ମୂତୁରୀ ହେଁସ କାହିଁପାଇଁ ଧୋଇବା ନୀତି ଚାଲିଲା। ଅନ୍ୟ ଦିଗରୁ ଦେଖିଲେ ନେତାଙ୍କର ତ ପୁଣି ସଂସାର ଅଛି। ସେମାନେ ତ ଚବିଶ ଘଣ୍ଟା ଦେଶର ଉନ୍ନତି ପାଇଁ ମନମୁନ ଲଗାଇ ଖଟିଲେ। ସେପଟେ ତାଙ୍କ ପରିବାର କିପରି ଚଳିବ! ଏକଥା ବି ଚିନ୍ତାର ବିଷୟ। ଦେଶସେବା ଲାଗି ନେତାଏ ନିଜ ଭୋକକୁ ଅଣଦେଖା କରିପାରନ୍ତି। ମାତ୍ର ତାଙ୍କ ଉପରେ ନିର୍ଭରଶୀଳ ପରିବାର, ପରିଜନ ଓ ଆପଣା ଲୋକଙ୍କ ଭୋକ ତ କିଛି କମ ନୁହେଁ ନା। ସେଥିପାଇଁ ପାଉଥିବା ଭତ୍ତା ବା ଦରମାର ନାଁଟା ବଦଳେଇ ପାରିତୋଷିକ ବା ପ୍ରତିବେଦନ ବା ସମାର୍ଥବାଚକ ରାଜନୈତିକ ଶବ୍ଦ ରଖିବାକୁ ହେବ। ପେନ୍‌ସନର ନାମ ପୁରସ୍କାର କରିବାକୁ ହେବ। ନ ହେଲେ ବିଶ୍ୱ ଭାରିଭୋକ ତାଲିକାର ସର୍ବାଗ୍ରେ ଭାରତୀୟ ନେତାଙ୍କ ନାମ ରହିଯାଇପାରେ।

**ଅଲାରପୁର,**
**ବାଲିଅନ୍ତା, ଖୋର୍ଦ୍ଧା**
**ମୋ: ୮୯୧୭୬୨୪୩୮୬**

# ସାଙ୍ଘାତିକ ସ୍ଥିତି: ସଲିଳସମାଧି



ଉପେନ୍ଦ୍ର ବିଶ୍ୱାଳ

ପିଲାଟି କେତେ ଆଶା ନେଇ ବ୍ରହ୍ମପୁରରୁ ଆସି ପହଁଚିଥିଲା ନାରୁଣିସ୍ଥ (ଖୋର୍ଦ୍ଧା) ମାମୁଘରେ, ରଜରେ ଟିକେ ମଉଜ ପାଇଁ। ଏକମାତ୍ର ଭଣଜାକୁ ପାଇ ଖୁସିରେ ବି ଫାଟି ପଡୁଥିଲା ମାମୁଘର। କେତେ ହସଖୁସି, ଦୋଳି, ନାଚଗୀତରେ ଫାଟି ପଡୁଥିଲା ମାମୁଘର ଗାଁ। କିନ୍ତୁ କାଳ ସହିଲା ନାହିଁ ସେ ଖୁସି ଟିକକ। ଗତ ୧୫ ତାରିଖ ମଧ୍ୟାହ୍ନରେ ପୋଖରୀରେ ଗାଧୋଉଥିବା ବେଳେ ଚାଲିଗଲା ୧୫ ବର୍ଷର ପିଲାଟି। ଦଶମ ଶ୍ରେଣୀରେ ପଢୁଥିବା ଏକମାତ୍ର ପୁଅଟିକୁ ହରାଇ ପାଗଳପ୍ରାୟ ଅବସ୍ଥା ତା' ମାଆବାପାଙ୍କର। ଅତ୍ୟନ୍ତ ମେଧାବୀ ପିଲାଟିର ଆକସ୍ମିକ ବିୟୋଗରେ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆଖିରେ ବି ଲୁହ। ସେହିଭଳି ଅନ୍ୟ ଏକ ଦୁଃଖଦ ଘଟଣାକ୍ରମରେ କୋଳାହଳପୂର୍ଣ୍ଣ କାଲିର ସେ ଆନନ୍ଦମୟ ପରିବେଶକୁ ଆଚ୍ଛାଦିତ କଲା କାଳର କରାଳଛାୟା। ସ୍ତବ୍ଧ ହୋଇଉଠିଲା ସାରା ଅଞ୍ଚଳ। ଅତ୍ୟନ୍ତ ମେଧାବୀ ପୁଅଟିର ସଫଳତାରେ ଉଲ୍ଲସିତ ମାଆବାପା ମିଠା ବାଣ୍ଟୁଥିଲେ କାଲି। ମାତ୍ର ଆଜି? ମା'କୋଳ ଖାଲିକରି ଅସମୟରେ ଚାଲିଗଲା ପିଲାଟି। ଭଦ୍ରକ ଜିଲାର ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ପିଲାଟି ସଲିଳସମାଧି ନେଲା ସାଙ୍ଗମେଳରେ ଗାଧୋଉଥିଲା ବେଳେ। ଏହା ଥିଲା ଗତ ମାଟ୍ରିକ ପରୀକ୍ଷାଫଳ ବାହାରିବା ପରଦିନର ଘଟଣା। ଏକମାତ୍ର ପୁଅଟିକୁ ହରାଇ ବାହୁନୁଥିଲେ ମାଆବାପା। କାନ୍ଦୁଥିଲା ଗାଁ, କାନ୍ଦୁଥିଲା ସ୍କୁଲ। ବନ୍ଧୁପରିଜନ, ସାଇପଡ଼ିଶା ସଭିଙ୍କ ମୁହଁରେ ବିଷାଦର ଘନ କଳାବାଦଲ। ସେମିତି ବି ବାହୁନି ବାହୁନି ଅଥୟ ଆଜି ଭଦ୍ରକର ଆହୁରି ତିନିଜଣ ମାଆ। ପୁତ୍ରହରା ଜନନୀଙ୍କର ଲୁହରେ ଭାସୁଛି ସେ ଅଞ୍ଚଳ। ଗତ ଅପ୍ରେଲ ୪ରେ ଗାଧୋଉଥିବାବେଳେ ବୁଡ଼ିଗଲେ ୩ଜଣ କଲେଜ ପିଲା। ସୌଭାଗ୍ୟବଶତଃ ବର୍ତ୍ତିଗଲେ ଆଉ ଦୁଇଜଣ, ଗାଁ ଲୋକଙ୍କ ଯୋଗୁ। ଏହାର ଠିକ୍ ୭ଦିନ ପୂର୍ବରୁ ଜଗତ୍‌ସିଂହପୁରର ଦେବୀ ନଦୀରେ ବୁଡ଼ିଯାଇ ଅକାଳରେ ଚାଲିଗଲେ ୩ଜଣ ସ୍କୁଲଛାତ୍ର। ଗତ ମାର୍ଚ୍ଚ ୧୯ରେ ହୋଲିର ମଜା ନେଇ ଗାଧୋଉଥିବାବେଳେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୯ଜଣ ପିଲା ବୁଡ଼ି ମରିଗଲେ। କୋଭିଡ୍ ଯୋଗୁ ଦୁଇବର୍ଷ ପରେ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ସହିତ ହୋଲିପର୍ବ ପାଳନ ପରେ ପରେ ୨୦୨୨ରେ ବି ୧୭ଜଣ ଛାତ୍ରଙ୍କ ଅକାଳ ବିୟୋଗ ଘଟିଥିଲା ନଦୀ ପୋଖରୀରେ ସ୍ନାନ କରୁକରୁ। ଏହିଭଳି କେବେ ସ୍କୁଲ ପିଲା ତ ଆଉ କେବେ କଲେଜ ପିଲାଙ୍କ ସଲିଳସମାଧି। ପୁଣି ଅତ୍ୟନ୍ତ ମେଧାବୀ ଛାତ୍ରୀଛାତ୍ର, ଆଇଆଇଟି ଏବଂ ଡାକ୍ତରୀ ପଢୁଥିବା ପିଲାଙ୍କ ଅକାଳ ବିୟୋଗ। କେଇବର୍ଷ ତଳେ ଗୋଟେ ସପ୍ତାହରେ ଘାଟିକିଆସ୍ଥ ସିଇଟି (ଭୁବନେଶ୍ୱର)ର ୨ଜଣଙ୍କ ସମେତ ରେଭେନ୍ସାର ୪ଜଣ ଅତି ମେଧାବୀ ଛାତ୍ରଙ୍କ ଜୀବନ ଚାଲିଗଲା ନଦୀସୁଅରେ। ସେମିତି ବି ହାଇଦ୍ରାବାଦସ୍ଥ ଏକ ଇଂଜିନିୟରିଂ କଲେଜର ୨୪ଜଣ ଛାତ୍ରଙ୍କ ଅକାଳ ବିୟୋଗ ଘଟିଲା ନଦୀଧାରରେ ଫଟୋ ଉଠାଉଥିଲାବେଳେ। ଜୀବନ ଆରମ୍ଭରୁ ମଧ୍ୟାହ୍ନରେ ସୂର୍ଯ୍ୟାସ୍ତ ହେଲା



ପରି ଆଲୋକବର୍ତ୍ତିକା ସଦୃଶ ଅନେକ ମେଧାବୀ ଛାତ୍ରୀଛାତ୍ରଙ୍କ ଜୀବନଦୀପ ନିର୍ବାପିତ ହୋଇଯିବା, ଦେଶ ଓ ଦୁନିଆ ପାଇଁ ଅପୂରଣୀୟ କ୍ଷତି ନୁହେଁ କି?

ଆମ ଦେଶରେ ସଡ଼କ ଦୁର୍ଘଟଣା ପରେ ସଲିଳସମାଧି ହେଉଛି ଦ୍ୱିତୀୟ ସର୍ବାଧିକ ମୃତ୍ୟୁଫାଶ। ଏପରିକି ମ୍ୟାଲେରିଆ ମୃତ୍ୟୁଯନ୍ତାଠାରୁ ଅଧିକ ଭୟାବହ। ଭାରତରେ କେବଳ ୩୦ ହଜାର ପିଲା ୨୦୨୧ରେ ସଲିଳ ସମାଧି ନେଇଥିବାର ଜଣାଯାଏ। ଓଡ଼ିଶାରେ ୨୦୧୬ରୁ ୨୦୨୧ ମଧ୍ୟରେ ୮୫୦୬ ଜଣ ପିଲାଙ୍କ ମୃତ୍ୟୁ ହୋଇଛି ପାଣିରେ ବୁଡ଼ିଯିବା କାରଣରୁ। କେବଳ ୨୦୨୨ରେ ୧୪୭୬ ଜଣ ପିଲାଙ୍କ ଯାଇଛି ଜୀବନ। ସରକାରଙ୍କ ଏହି ତଥ୍ୟଠାରୁ ବାସ୍ତବ ସଂଖ୍ୟା ଆହୁରି ଢେର ବେଶି। ମ୍ୟାଲେରିଆଜନିତ ମୃତ୍ୟୁ ଘଟଣା ତୁଳନାରେ ସଲିଳସମାଧି ଆହୁରି ସାଙ୍ଘାତିକ। ସ୍କୁଲ କଲେଜରେ ପଢୁଥିବାବେଳେ କଅଁଳ ବୟସରେ ଦେଶରୁ ହଜିଯାଆନ୍ତି ଦିନକୁ ହାରାହାରି ୮୦ଜଣ, ଓଡ଼ିଶାରୁ ୪ଜଣ। ବେଖାତିର ଓ ବେପରବାୟ ମନୋଭାବ ଅନେକାଂଶରେ ଡାକିଆଣେ ବିପର୍ଯ୍ୟୟକୁ। ଦୈବୀଦୁର୍ବିପାକ ବ୍ୟତୀତ ଦୁନିଆରେ ଯେତେସବୁ ଦୁର୍ଘଟଣା ଘଟେ, ତାହା ପ୍ରାୟତଃ ଘଟିଥାଏ ଅସାବଧାନତା ଓ ସତର୍କପଣିଆ ଅଭାବରୁ।

ଅନ୍ୟପକ୍ଷରେ ପିଲାଙ୍କୁ ଟିକେ ସନ୍ତରଣ ବି ଶିଖାଇଲୁ ନାହିଁ। ଖାଲି ପାଠ ପଢ଼, କ୍ୟାରିଅର ଗଢ଼। ଛୋଟ ପିଲାଟିଏ (ଲାଲ ବାହାଦୂର ଶାସ୍ତ୍ରୀ) ତ ସେଦିନ ମଥାରେ ବସ୍ତାନି ବାନ୍ଧି ପହଁରି ପହଁରି ସ୍କୁଲ ଯିବାଆସିବା କରୁଥିଲେ। ଜୀବନ ଜିଣିବାକୁ ପିଲାଙ୍କୁ ଯେଉଁମାତ୍ରାରେ ପ୍ରେରିତ କରୁଛୁ, ସେହି ମାତ୍ରାରେ ଜୋର ଦେଲୁନାହିଁ ଜୀବନ ଜିଇବା ଉପରେ। ଜୀବନ ଜିଇବା ଆଗ ନା ଜୀବନରେ ଜିତାପଟ ଆଗ? ପୁନଶ୍ଚ ସ୍କୁଲ କଲେଜରେ ସନ୍ତରଣ ଶିକ୍ଷାର ବ୍ୟବସ୍ଥା ନାହିଁ। ସ୍କୁଲଗୁଡ଼ିକ ଆଜି ରୂପାନ୍ତରିତ ୫-ଟି ଯୋଜନାରେ। ପ୍ରାୟ ସବୁ ସ୍କୁଲରେ ଆଜି ପାଇପ୍ ପାଣିର ବ୍ୟବସ୍ଥା ରହିଛି। ଏପରିସ୍ଥଳେ ସ୍କୁଲମାନଙ୍କରେ 'ସୁଇମିଂ ପୁଲ' ତିଆରି କରି ୬ଷ୍ଠ, ୭ମ, ୮ମ ଛାତ୍ରୀଛାତ୍ରଙ୍କୁ ବାଧ୍ୟତାମୂଳକ ଭାବେ ସନ୍ତରଣ ଶିକ୍ଷା ଦେବାରେ ଅସୁବିଧା କେଉଁଠି? ଆତ୍ମହତ୍ୟା ପ୍ରବଣତାରୁ ପିଲାଙ୍କୁ ଦୂରେଇ ରଖିବାକୁ ଗଣଶିକ୍ଷା ବିଭାଗ ଯେମିତି ସ୍ୱତନ୍ତ୍ର ଶିକ୍ଷାର ବ୍ୟବସ୍ଥା କରିଛି, ଠିକ୍ ସେହିଭଳି ଓଡ଼ିଶା ଓ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅତ୍ୟନ୍ତ ଗମ୍ଭୀରତା ସହକାରେ ଏ ବିଷୟ ବିଚାରକୁ ନେବା ଉଚିତ। ଏଭଳି ସ୍ପର୍ଶକାତର, ସମ୍ବେଦନଶୀଳ ପ୍ରସଙ୍ଗକୁ ଅଣଦେଖା କରିବା ଅର୍ଥ ପିଲାଙ୍କୁ ମରଣମୁହଁକୁ ଠେଲିଦେବ।

ବିଶେଷଜ୍ଞମାନଙ୍କ ମତରେ ସନ୍ତରଣ ଏକ ଉତ୍କୃଷ୍ଟ କ୍ରୀଡ଼ା। ଏହାଦ୍ୱାରା ମନ ଓ ଶରୀର ଖୁବ୍ ଫୂର୍ତ୍ତି ରହେ। ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌ଜନିତ ରୋଗରୁ ରକ୍ଷା ମିଳେ। ଶରୀରରେ ଶର୍କରା ସ୍ତର ସନ୍ତୁଳିତ ଓ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ। ଫଳରେ ମେଦବହୁଳତା, ହୃଦ୍‌ଘାତ ଓ ବହୁମୂତ୍ର ରୋଗ ଆଦିର ଆଶଙ୍କା ହ୍ରାସ ପାଏ। ପୁନଶ୍ଚ ଏହାଦ୍ୱାରା ମାଂଶପେଶୀ ଦୃଢ଼ ହୁଏ, ଶରୀର ବେଶ୍ ହୃଷ୍ଟପୁଷ୍ଟ ଓ ସୁଠାମ ହୋଇଥାଏ। ଅନ୍ୟପକ୍ଷରେ ସନ୍ତରଣ ମଧ୍ୟ କଷ୍ଟକର ନୁହେଁ। ବରଂ ଏକ ସହଜ ଓ ସରଳ ବ୍ୟାୟାମ। ଅତଏବ, ପିଲାମାନେ ଯଦି ସନ୍ତରଣ ଶିଖନ୍ତି, ତେବେ ହଜାର ହଜାର ପିଲାଙ୍କ ଜୀବନ ରକ୍ଷା ସହିତ ସୁସ୍ଥ, ନୀରୋଗ ଜୀବନଯାପନ କରିପାରନ୍ତେ। କୋଳଶୂନ୍ୟ ବା ବଂଶଶୂନ୍ୟର ବିପତ୍ତିରୁ ବି ବର୍ତ୍ତିଯାଆନ୍ତେ ଅନେକ ମାଆବାପାମାନେ।

**ଗୋଡ଼ିଶୂଳ, ସଜନାଗଡ଼, ବାଲେଶ୍ୱର**
**ମୋ: ୯୪୩୭୪୩୬୦୭୩**

## ଏଇ ଭାରତରେ

ମହିଳାଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ଯେଉଁ କେତେଜଣ ବୈଜ୍ଞାନିକ କାର୍ଯ୍ୟ କରୁଛନ୍ତି ସେମାନଙ୍କ ମଧ୍ୟରେ ଆଇଆଇଟି ୫ ଦିଲ୍ଲୀର ଦୁଇ ଜଣ ଏବେ ନୂତନତ୍ୱ ପାଇଁ ପ୍ରଶଂସିତ ହୋଇଛନ୍ତି। ଏହି ଦୁଇ ମ୍ୟାଟେରିଆଲ ବୈଜ୍ଞାନିକ ହେଲେ ଡ. ସବାପାଥି ଏସ୍ ଏବଂ ଅନୁପ ଘୋଷ। ସେମାନେ ଏକ ପ୍ରକାର ପରିବେଶ ଉପଯୋଗୀ ଓ ସୁପର ଆବର୍ଜବେଣ୍ଟ ପ୍ରସ୍ତୁତ କରିଛନ୍ତି ଏବଂ ଏଥିରେ ସାନିଟାରି ପ୍ୟାଡ ଶସ୍ତାରେ ହୋଇପାରୁଛି। ଭାରତରେ ୬୪% ମହିଳା ସାନିଟାରି ପ୍ୟାଡ ବ୍ୟବହାର କରୁଛନ୍ତି। ଏଣୁ ଶସ୍ତା ଓ ପରିବେଶ ଉପଯୋଗୀ ପ୍ୟାଡ କିଭଳି ଆହୁରି ଅଧିକ ମହିଳା ବ୍ୟବହାର କରିବେ ସେହି ଲକ୍ଷ୍ୟରେ ଏହି ଦୁଇ ଜଣ ବୈଜ୍ଞାନିକ ଏଭଳି ପ୍ୟାଡ ତିଆର କରିବାରେ ସଫଳ ହୋଇଛନ୍ତି। ଦୁଇବର୍ଷ ଗବେଷଣା ପରେ ସେମାନେ ୨୦୨୩ରେ ପ୍ରଥମେ ଏଭଳି ପ୍ୟାଡ୍ ତିଆରି କରିଛନ୍ତି। ରେଗୁଲାର ସାନିଟାରି ପ୍ୟାଡରେ ଥିବା ସିଙ୍ଗଲ ୟୁଜ ପଲିମର ଏବଂ ପ୍ଲାଷ୍ଟିକ ଶିଟ୍ ପରିବେଶ ପାଇଁ କ୍ଷତିକାରକ। କାରଣ ଏହା ସହଜରେ ମାଟିରେ ମିଶୁନାହିଁ କିନ୍ତୁ ସବାପାଥି ଓ ଘୋଷଙ୍କ ଦ୍ୱାରା ତିଆରି କରାଯାଉଥିବା ପ୍ୟାଡ୍ ବ୍ୟବହାର ପରେ ମାତ୍ର ୩ ମାସରେ ମାଟିରେ ସମ୍ପୂର୍ଣ୍ଣ ମିଶିଯାଉଛି ଏବଂ ଏହାର ପରିବେଶ ଉପରେ କୌଣସି ନକାରାତ୍ମକ ପ୍ରଭାବ ରହୁନାହିଁ। ସେମାନେ ପ୍ୟାଡ ନିର୍ମାତାଙ୍କ ପାଇଁ ଏହି ପ୍ରକାର ପ୍ୟାଡ୍ ତିଆରି କରିବା ଲାଗି ପ୍ରଶିକ୍ଷଣର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏବେ ଏହି ପ୍ୟାଡ କର୍ଣ୍ଣାଟକ ଓ ତାମିଲନାଡୁରେ ବିକ୍ରି ଆରମ୍ଭ ହୋଇଛି ଓ ଖୁବ୍ ଶୀଘ୍ର ଅନ୍ୟ ରାଜ୍ୟଗୁଡ଼ିକରେ ଉପଲବ୍ଧ ହେବ ବୋଲି କହନ୍ତି ସବାପାଥି।

## ଚିରନ୍ତନୀ

ତୁମ ଅପମାନ, ପ୍ରିୟ
ମରଣ ହୁଁ ବଳି ଦେଉ ବ୍ୟଥା,
ତବ ଅପମାନ କଲେ
ମୂକ ହେଉ ମୋର ସବୁ କଥା।
ହେଉ ଅନ୍ଧ ଏ ନୟନ
ନିନ୍ଦା ତବ ଦେଖେଁ ଯଦି ତାହା,
ସବୁ ଦରଶନ ମମ
ହେଉ ଦୂର, ଜୀବନର ନାହା!

(ଆସ୍ତିକର ଆକୁତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | 1 | | 4 | | | |
| | | 6 | | | | | | 2 |
| 4 | | | | | | 3 | | |
| | | 5 | 3 | 2 | | | | |
| | | 4 | | | | 6 | 9 | 7 |
| | | | | | 9 | | | 5 |
| 9 | | | | | 8 | | | 6 |
| 2 | 1 | | | 6 | | | | |
| | | | | | 3 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 5 | 6 | 1 | 2 | 8 | 4 | 7 |
| 8 | 1 | 7 | 3 | 4 | 5 | 2 | 6 | 9 |
| 6 | 4 | 2 | 7 | 9 | 8 | 5 | 3 | 1 |
| 4 | 7 | 1 | 8 | 2 | 3 | 6 | 9 | 5 |
| 5 | 2 | 9 | 4 | 6 | 1 | 3 | 7 | 8 |
| 3 | 6 | 8 | 9 | 5 | 7 | 4 | 1 | 2 |
| 1 | 8 | 4 | 5 | 3 | 9 | 7 | 2 | 6 |
| 2 | 5 | 3 | 1 | 7 | 6 | 9 | 8 | 4 |
| 7 | 9 | 6 | 2 | 8 | 4 | 1 | 5 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଏହା କେଉଁ ପ୍ରକାର ସାମାଜିକ ସମାନତା

ମହାଶୟ,

ସାମାଜିକ ବିକାଶରେ ପରିବାରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସରକାରୀସ୍ତରର ଗ୍ରାମ୍ୟ ଜୀବନ ଯାଏଁ ବ୍ୟାପ୍ତ ନାରୀଶିକ୍ଷା। ସ୍ୱାଧୀନତା, ସ୍ୱତନ୍ତ୍ରତା, ସମାନତା ଆଦି ନାରାବାଜି ଆମ କର୍ଣ୍ଣ କୁହରରେ ପ୍ରତିଧ୍ୱନିତ ହେଉଥିଲେ ହେଁ ବାସ୍ତବରେ ତା'ର ସ୍ଥିତି ଯେ କେତେ ଦୟନୀୟ ତାହା ମୁଣ୍ଡବ୍ୟଥାର ବିଷୟ ପାଲଟିଛି। ଯେଉଁଠୁ ଆରମ୍ଭ ହୁଏ ମଣିଷର ଜୀବନଯାତ୍ରା, ତାହା ହେଉଛି ଆମ ପରିବାର। ନାରୀ, ପୁରୁଷ ଭେଦରେ ମଣିଷର ସଂସ୍ଥିତି। ବିଶେଷତଃ ଓଡ଼ିଶାର ଜାତୀୟ ଜୀବନ ମଧ୍ୟରେ ମଧ୍ୟ ପାରିବାରିକ ସୌହାର୍ଦ୍ଦ୍ୟ, ସଂପ୍ରୀତି ଅନନ୍ୟ। ହୀନ ମାନସିକତାର ଦ୍ୱାହିଦେଇ ଆମେ ଆମ ଝିଅମାନଙ୍କ ମୁକ୍ତି ବିଚାର ଓ ସ୍ୱାଧୀନତା ଦେବା ପାଇଁ ଅନିଚ୍ଛୁକ। ଯୌଥ ପରିବାରର ଭୂମିକା ସମ୍ପର୍କରେ ଅନେକ କଥା କୁହାଯାଇପାରେ। ମାତ୍ର ବର୍ତ୍ତମାନ ଏଇ ଯୌଥ ପରିବାରର ବିଭାଜନ ସବୁକିଛି ଧ୍ୱଂସ୍ତ କରିଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବହୁ ଯୁଗର ନାରୀମାନେ ଯେଉଁ ଲିଙ୍ଗ ବୈଷମ୍ୟର ଶିକାର ହୋଇ ଆସୁଛନ୍ତି ତନ୍ମଧ୍ୟରେ ଶିକ୍ଷା ମଧ୍ୟ ଅନ୍ୟତମ। ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ କଳହ, ହିଂସା, ମତଭେଦ, ଗର୍ବ ଅହଂକାର ଯୋଗୁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷିହେଉଥାଏ। ଜାତିର ଜନକ ମହାତ୍ମା ଗାନ୍ଧୀ ମଧ୍ୟ ଏ ସମ୍ପର୍କରେ ମତ ଦେଇ କହିଥିଲେ, ଜଣେ ନାରୀ ଶିକ୍ଷିତ ହେବା ଅର୍ଥ ଗୋଟାଏ ସମାଜକୁ ଶିକ୍ଷିତ କରିବା। ପରିବାରର ସବୁ ସଦସ୍ୟଙ୍କ ସମାନ ଅଧିକାର ଭଳି ଝିଅମାନଙ୍କ ଅଧିକାର ଓ ନିଜ ଭଳି ବଞ୍ଚିବାର ଇଚ୍ଛାକୁ ମାରିଦିଆ ନ ଯାଉ। ପିତୃକୈନ୍ଦ୍ରିକ ପରିବାରରେ ଏହି ପ୍ରଭୃତ୍ୱକୁ ଉଠାଇବା ହିଁ ପରିବାରର ବିକାଶ। ଏହା ହିଁ ପ୍ରତି ପରିବାରର ଦାୟିତ୍ୱ ହେବା ଉଚିତ।

**ଦେବତିକ୍ତ ମିଶ୍ର**
**ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ଯୁବପିଢ଼ି, ଗଣମାଧ୍ୟମ ଚାହିଁଲେ ଗଣତନ୍ତ୍ର ସମୃଦ୍ଧ ହେବ'



ବଲାଙ୍ଗୀର ଆୟୁର୍ବେଦ କଲେଜରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି ଓ ବିଚାରକ ମଣ୍ଡଳୀ।



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଏବଂ ଉପସ୍ଥିତ ବ୍ୟକ୍ତିବିଶେଷ।

## ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା

ବଲାଙ୍ଗୀର, ୨୬।୬ (ବୀରେନ୍ଦ୍ର କୁମାର ଝାଙ୍କର)

ସମଗ୍ର ବିଶ୍ୱରେ ଭାରତ ଏବେ ଏକ ଯୁବ-ଦେଶ ଭାବେ ଉଭାହୋଇଛି। ଦେଶରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ରହିଛି। ଦେଶର ଅଗଣିତ ଯୁବପିଢ଼ି ଏବଂ ନିଷ୍ଠାବାନ୍, ଦାୟିତ୍ୱସମ୍ପନ୍ନ ଗଣମାଧ୍ୟମ ଉଭୟେ ଚାହିଁଲେ ଗଣତନ୍ତ୍ର ସମୃଦ୍ଧ ହେବ ବୋଲି ସୋମବାର ଧରିତ୍ରୀର ୫୦ ବର୍ଷ ପାଳନ ଉପଲକ୍ଷେ ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟଠାରେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଡାକ୍ତରୀ ଛାତ୍ରୀଛାତ୍ରମାନେ ମତପ୍ରକାଶ କରିଥିଲେ। ଏହି ବକ୍ତୃତା ପ୍ରତିଯୋଗିତାରେ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟର ୧୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଛାତ୍ରୀ ଆକାଂକ୍ଷା ସ୍ୱାଇଁ ପ୍ରଥମ, ଛାତ୍ର ଅନୀଲ କୁମାର ପାଣିଗ୍ରାହୀ ଦ୍ୱିତୀୟ ଏବଂ ଶୁଭକାନ୍ତ ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତାର ବିଚାରକ ଭାବେ ବଲାଙ୍ଗୀର ଜିଲା ଶିକ୍ଷା ତାଲିମ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ଯୁବୋଦୟ କଲେଜର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ଯୋଗଦାନ କରିଥିଲେ। ଅତିଥି ଭାବେ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡା.ଅରୁଣ କୁମାର ଦାସ ଓ ଧରିତ୍ରୀର ବରିଷ୍ଠ ସହସମ୍ପାଦକ ମାନସ ରଞ୍ଜନ ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଧରିତ୍ରୀର ଜିଲା ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର ପରିଚାଳନା କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟାପକ ଡା. ନିଗମାନନ୍ଦ ବଳ ଅତିଥି, ବିଚାରକ ଓ ଆୟୋଜକଙ୍କୁ ଆମନ୍ତ୍ରଣ କରିଥିଲେ। ପ୍ରତିଯୋଗୀମାନେ ଗଣମାଧ୍ୟମ, ଗଣତନ୍ତ୍ର ଏବଂ ଯୁବପିଢ଼ି ବିଷୟରେ ବକ୍ତବ୍ୟ ରଖି ସାମ୍ପ୍ରତିକ ସମୟରେ ଦେଶର ଗଣତନ୍ତ୍ର କିଭଳି ଏକ ସଙ୍କଟମୟ ସ୍ଥିତି ଦେଇ ଗତି କରୁଛି କହିଥିଲେ। କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ, କିଛି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହାତବାରିସି ସାଜୁଥିବାରୁ ଲୋକଙ୍କ ପାଖକୁ ଠିକ୍ ସୂଚନା ପହଞ୍ଚି ପାରୁନାହିଁ। ଫଳରେ ଦେଶରେ ଅନେକ ସମୟରେ ଅରାଜକତା ଏବଂ ଦଙ୍ଗା ସ୍ଥିତି ସୃଷ୍ଟି ହେଉଛି। ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଆଜି ବି ଆମେ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛୁ। ଭାରତକୁ ଯୁବପିଢ଼ିଙ୍କ ଦେଶ କୁହାଯାଉଥିଲେ ମଧ୍ୟ ଦେଶର ଯୁବପିଢ଼ି ଅସଲ ଆହ୍ୱାନ ସବୁର ମୁକାବିଲା କରିବାରେ ସମର୍ଥ କି ଏହି ପ୍ରଶ୍ନ ଉଙ୍କି ମାରୁଛି। ଏଭଳି ସମୟରେ ଗଣମାଧ୍ୟମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନିରପେକ୍ଷ ଏବଂ ନିର୍ଭୀକ ଖବର ଗଣତନ୍ତ୍ରକୁ କେବଳ ସୁରକ୍ଷିତ ରଖିବ ନାହିଁ ବରଂ ଯୁବବର୍ଗଙ୍କ ସହ ଦେଶର ଜନସାଧାରଣଙ୍କୁ ଉତ୍ତରଦାୟୀ କରିବାରେ ସହାୟକ ହେବ ବୋଲି ପ୍ରତିଯୋଗୀମାନେ କହିଥିଲେ। ଆଜିର ସାମାଜିକ ଗଣମାଧ୍ୟମରେ ଅଧିକ ସମୟ ଅପଚୟକରି ଦେଶର ଯୁବବର୍ଗ ପ୍ରକୃତ ଆହ୍ୱାନରୁ ନିଜକୁ ଦୂରେଇ ରଖୁଛନ୍ତି। ଏଣୁ ଯୁବପିଢ଼ିଙ୍କୁ ସଚେତନ ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମତପ୍ରକାଶ ପାଇଥିଲା। ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଜିଲା ପ୍ରତିନିଧି ଝାଙ୍କର ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ନିଆଯାଉଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମଗୁଡିକ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡା. ଦାସ ତାଙ୍କ ବକ୍ତବ୍ୟରେ ଯୁବପିଢ଼ି କିଭଳି ଗଣତନ୍ତ୍ରର ମୂଲ୍ୟକୁ ବୁଝିବେ ଏବଂ ସମାଜର ଉନ୍ନତି ଦିଗରେ କାର୍ଯ୍ୟ କରିବେ କହିଥିଲେ। ଧରିତ୍ରୀର ଏଭଳି ପ୍ରୟାସକୁ ସେ ଭୂୟସୀ ପ୍ରଶଂସା କରି ଗଣତନ୍ତ୍ର ଓ ସମ୍ବିଧାନ ବିଷୟରେ ଯୁବବର୍ଗ ଅଧିକ ସଚେତନ ହେବେ ବୋଲି କହିଥିଲେ। ବିଚାରକ ଭାବେ ଯୋଗଦେଇଥିବା ନାଟ୍ୟଭୂଷଣ ଛୁରିଆ ତାଙ୍କ ବକ୍ତବ୍ୟରେ ଯୁବବର୍ଗଙ୍କଠାରୁ ଦେଶ ପ୍ରକୃତରେ କ'ଣ ଆଶାକରେ ସୂଚନା ଦେଇଥିଲେ। ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ସେବାର ମହତ୍ତ୍ୱ ସମ୍ପର୍କରେ ଅବଗତ କରିଥିଲେ। ଅନ୍ୟତମ ବିଚାରକ ଅଧ୍ୟାପକ କୁଅଁର ଗଣତନ୍ତ୍ରକୁ ସୁରକ୍ଷିତ ରଖିବା ପାଇଁ ଛାତ୍ରୀଛାତ୍ର କିଭଳି ଯୋଗଦାନ ଦେଇପାରିବେ ମତପ୍ରକାଶ କରିଥିଲେ। ବରିଷ୍ଠ ସହସମ୍ପାଦକ ଷଡ଼ଙ୍ଗୀ ଧରିତ୍ରୀର ଆଭିମୁଖ୍ୟ ଏବଂ ଆଦର୍ଶ ସମ୍ପର୍କରେ କହିଥିଲେ।

କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟ ଅଧ୍ୟାପିକା ଡା. ଲିପ୍‌ସା ଦାସ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଫେସର ମନୋଜ କୁମାର ସାହୁ, ପ୍ରଫେସର ସରିତା ମହନ୍ତ, ପ୍ରଫେସର ସୀମାଦ୍ରି ଭୂଷଣ ନାୟକ, ପ୍ରଫେସର ଶିବବ୍ରତ ବେହେରା, ଡା. ଉତ୍କଳିନୀ ନାଏକ, ଡା. ବୁଦ୍ଧଦେବ ମିଶ୍ର, ଡା. ସୁଶାନ୍ତ ସାହୁ, ଡା. ଗୋପୀନାଥ ମିଶ୍ର, ଡା. ଉଷସୀ ସାହୁ, ଡା. ଅମ୍ବୁଜ କୁମାର ବିଶ୍ୱାଳ, ଡା. ଶିବବ୍ରତ ଦାଶ, ଡା. ଶୁଭସ୍ମିତା ଜେନା, ଡା. ଚନ୍ଦ୍ରକାନ୍ତ ସାମନ୍ତ ଓ ଅନ୍ୟମାନେ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟର ୧୨୫ରୁ ଅଧିକ ଡାକ୍ତରୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଧରିତ୍ରୀ ଫଟୋ ଖବରଦାତା ସୁନୀଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରତିଯୋଗୀଙ୍କ ମୁହଁରୁ...



ଗଣମାଧ୍ୟମ ଜରିଆରେ ଲୋକଙ୍କ ପାଖକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପହଞ୍ଚିଥାଏ। ଗଣତନ୍ତ୍ର ଶାସନରେ ଗଣ ବା ଲୋକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୁବବର୍ଗ ସେମାନଙ୍କ କର୍ତ୍ତବ୍ୟ ଦିଗରେ ସଚେତନ ହେବା ଉଚିତ।
-ମହିମା ପ୍ରସାଦ



ଗଣତନ୍ତ୍ରକୁ ସମୃଦ୍ଧ କରିବାକୁ ହେଲେ ଗଣମାଧ୍ୟମ ଏକ ପ୍ରମୁଖ ଆୟୁଧ। ଆଜି କେତେକ ଗଣମାଧ୍ୟମରେ ଭୁଲ୍ ତଥ୍ୟ ଜାଣିଶୁଣି ପ୍ରଚାର କରାଯାଉଛି। ଯୁବବର୍ଗ ମିଛ ଖବର ପ୍ରତି ସଚେତନ ହେବା ଜରୁରୀ। ନିରପେକ୍ଷ ଓ ନିର୍ଭୀକ ଖବର ଗଣତନ୍ତ୍ରକୁ ମଜଭୁତ କରିବା ସହ ଗଣମାଧ୍ୟମକୁ ଦାୟିତ୍ୱସମ୍ପନ୍ନ ଓ ବିଶ୍ୱାସଯୋଗ୍ୟ କରିବ।
-ଆକାଂକ୍ଷା ସ୍ୱାଇଁ



ଆମ ସମାଜ ଆଜି ଦୁର୍ନୀତିଗ୍ରସ୍ତ ହୋଇଯାଇଛି। ସାମାଜିକ ଗଣମାଧ୍ୟମ ଆହୁରି କଳୁଷିତ କରିଦେଇଛି। ପଡୋଶୀକୁ ଜାଣି ନ ଥିବା ଲୋକେ ଆମେରିକାର ଲୋକଙ୍କ ବିଷୟରେ ଜାଣି ଖୁସି ହେଉଛନ୍ତି। କୌଣସି ସ୍ଥାନରେ ଦଙ୍ଗା ହେଲାବେଳେ ପ୍ରଶାସକମାନେ ସାମାଜିକ ଗଣମାଧ୍ୟମ ଉପରେ ରୋକ୍ ଲଗାଉଛନ୍ତି କାହିଁକି, ଏନେଇ ବିଚାର କରିବାର ଆବଶ୍ୟକତା ରହିଛି।
-ଭେଲେଣ୍ଟିନା ଷଡଙ୍ଗୀ



ଗଣତନ୍ତ୍ର କେବଳ ଏକ ଶାସନ ଶୈଳୀ ନୁହଁ, ଏହା ଏକ ଜୀବନ ଶୈଳୀ। ଆମ ପୂର୍ବପୁରୁଷ ପରସ୍ପର ଯୁଦ୍ଧରେ ଅଧିକ ସମୟ ବ୍ୟୟ କରୁଥିଲେ। ଏହାପରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଆସିଲା। ଲୋକେ ପରସ୍ପର ଉଚିତ ସମନ୍ୱୟ ରଖିଲେ ଗଣତନ୍ତ୍ର ସଫଳ ହେବ। ଗଣମାଧ୍ୟମର ଏଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। -ପ୍ରତୀକ୍ଷା ମେହେର



ଭାରତ ପୃଥିବୀର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର। ଏନେଇ ଜନସାଧାରଣ ଏବଂ ଗଣମାଧ୍ୟମ ଠିକ୍ ଭାବେ ଅବଗତ ହେଉ ନ ଥିବାରୁ ଦେଶରେ ନାନା ସମସ୍ୟା ଦେଖାଯାଉଛି। ଦେଶର ସମସ୍ୟା ଦୂର କରିବାକୁ ହେଲେ ଲୋକଙ୍କୁ ସଚେତନ ହେବାକୁ ହେବ।
-ଅଭିଷେକ ନାୟକ



କିଛି ଗଣମାଧ୍ୟମ ତ୍ରୁଟିପୂର୍ଣ୍ଣ ଖବର ପରିବେଷଣ କରୁଛନ୍ତି। କିଛି ରାଜନୈତିକ ଲୋକଙ୍କ ହାତବାରିସୀ ସାଜୁଛନ୍ତି। ଏହା ବିପଜ୍ଜନକ। ଜରୁରିକାଳୀନ ପରିସ୍ଥିତିରେ ପ୍ରେସ୍ ସ୍ୱାଧୀନତା ହାନି ହେବା ଦ୍ୱାରା କିଭଳି ଗଣତନ୍ତ୍ର ପ୍ରଭାବିତ ହୋଇଥିଲା ସେଦିଗରେ ଆମେ ଜାଣିଛୁ। ଏଣୁ ସଚେତନତା ହିଁ ସବୁଠୁ ବଡ ପ୍ରାଥମିକତା।
-ଅନୀଲ କୁମାର ପାଣିଗ୍ରାହୀ



ଭୁଲ୍ ସୂଚନା ମାରାତ୍ମକ। ଗଣମାଧ୍ୟମକୁ କିଛି ଲୋକ ମନ୍ଦ କାର୍ଯ୍ୟରେ ବ୍ୟବହାର କରିବାକୁ ପଛାଉନାହାନ୍ତି। ପୁଞ୍ଜିପତିମାନଙ୍କ ଯଶଗାନରେ ଗଣମାଧ୍ୟମ ବ୍ୟସ୍ତ ରହୁଛି। ଫଳରେ ଜନସମସ୍ୟା ଲୋକଲୋଚନକୁ ଆସିପାରୁନାହିଁ। ଗଣତନ୍ତ୍ର ସମୃଦ୍ଧ ହେବା ପରିବର୍ତ୍ତେ ଦୁର୍ବଳ ହେବାରେ ଲାଗିଛି। ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ହେଲେ ଗଣମାଧ୍ୟମକୁ ଠିକ୍ ଦାୟିତ୍ୱ ନିର୍ବାହ କରିବାକୁ ହେବ। ଯୁବପିଢ଼ି ଏଦିଗରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ କରିପାରିବେ।
-ଶୁଭକାନ୍ତ ଦାଶ



୨୦୫୦ ମସିହା ବେଳକୁ ଭାରତ ତା'ର ସ୍ୱର୍ଣ୍ଣିମ ଲକ୍ଷ୍ୟ ହାସଲ କରିବା ଆଶା ରଖିଛି। ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଯୁବବର୍ଗ ଓ ଗଣମାଧ୍ୟମଙ୍କୁ ଏକ ବଡ ଦାୟିତ୍ୱ ତୁଲାଇବାକୁ ହେବ। ତ୍ରୁଟିପୂର୍ଣ୍ଣ ସୂଚନା ଯୁବପିଢ଼ି ଓ ଜନସାଧାରଣଙ୍କୁ ବିଭ୍ରାନ୍ତ କରିଦେଉଛି। ଏଦିଗରେ ସମସ୍ତେ ସଚେତନ ହେବା ଉଚିତ।
-ସ୍ୱସ୍ତିକ ମହାନ୍ତି



ସମ୍ବିଧାନକୁ ନ ମାନିଲେ ଗଣତନ୍ତ୍ରର ମୂଲ୍ୟ ରହିବ ନାହିଁ। ଗଣମାଧ୍ୟମ ସମ୍ବିଧାନ ସୁରକ୍ଷାରେ ଅଧିକ ସଚେତନତା କରିବା ଉଚିତ। ଗଣତନ୍ତ୍ର ଫେଲ ମାରିଲେ ଅରାଜକତା ବ୍ୟାପିଯିବ।
-ଅଭିଲାଷ ପଟ୍ଟନାୟକ



ଯୁବପିଢ଼ି ଭୁଲ୍ ରାସ୍ତାରେ ଯେଭଳି ନ ଯିବେ ସେ ଦିଗରେ କାର୍ଯ୍ୟ କରାଯିବା ଉଚିତ। ନିଜସ୍ୱ ଧର୍ମ ପାଳନ କଲେ ସମାଜରେ ଶାନ୍ତି ପ୍ରତିଷ୍ଠା ହେବ। ଯୁବପିଢ଼ି ହିଁ ଦେଶର ଗଣତନ୍ତ୍ରକୁ ସୁରକ୍ଷିତ ରଖିପାରିବେ। ଏଦିଗରେ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବା ଉଚିତ। -ନିତେଶ ପାଣ୍ଡେ

# ରବିବାର ଖୋଲାରହିବ ଡାକ୍ତରଖାନା ପରିସରରେ ଥିବା ଆହାର କେନ୍ଦ୍ର

ଭୁବନେଶ୍ୱର, ୨୬।୬(ସୁନିତ୍ ମିଶ୍ର)

ରାଜ୍ୟରେ ବିଭିନ୍ନ ଡାକ୍ତରଖାନା ପରିସର ବା ନିକଟରେ ଥିବା ଆହାର କେନ୍ଦ୍ରଗୁଡିକ ଏଣିକି ରବିବାର ଖୋଲା ରହିବ। ଏ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ସମସ୍ତ ମହାନଗର ନିଗମ କମିଶନର ତଥା ସିଟି ଆହାର ସମିତି ସଭାପତି, ଜିଲାପାଳ ଏବଂ ଜିଲା ଆହାର ସମିତିର ସଭାପତିଙ୍କୁ ଅବଗତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ରାଜ୍ୟରେ ୧୬୭ଟି ଆହାର କେନ୍ଦ୍ର ରହିଛି। ସେଥିରୁ ୮୨ଟି ଡାକ୍ତରଖାନା ପରିସରରେ ଅଛି। ସେଥିମଧ୍ୟରୁ ୫୮ ଟିରେ ରାତିରେ ଖାଦ୍ୟ ପରିବେଷଣ ସୁବିଧା ରହିଛି। ଏସବୁ ଆହାର କେନ୍ଦ୍ରଗୁଡ଼ିକ ଯୋଗୁ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କର ପରିବାର ଲୋକ କିମ୍ବା ଆଟେଣ୍ଡାଣ୍ଟମାନେ ଉପକୃତ ହୋଇଥାଆନ୍ତି। ଏହି ୮୨ଟି କେନ୍ଦ୍ରରେ ଦୈନିକ ହାରାହାରି ୪୮ ହଜାର ଲୋକ ଉପକୃତ ହେଉଛନ୍ତି। ତେବେ ରବିବାର ଏହି ଆହାର କେନ୍ଦ୍ରଗୁଡ଼ିକ ବନ୍ଦ ରହୁଥିବାରୁ ରୋଗୀଙ୍କ ପରିବାର ଲୋକ ବା ଆଟେଣ୍ଡାଣ୍ଟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ଡାକ୍ତରଖାନାରେ ଥିବା ଆହାର କେନ୍ଦ୍ରଗୁଡ଼ିକୁ ରବିବାର ଖୋଲା କରିବାକୁ ଅନୁରୋଧ କରିଥିଲେ। ସରକାରୀ ଡାକ୍ତରଖାନାକୁ ରୋଗୀମାନେ ସବୁଦିନ ଆସୁଥିବାରୁ ସପ୍ତାହରେ ୬ ଦିନ ପରିବର୍ତ୍ତେ ୭ ଦିନ ଆହାର କେନ୍ଦ୍ର ଖୋଲା ରଖିବା ଉପରେ ଧ୍ୟାନ ଦେବାକୁ କହିଥିଲେ। ବିଭିନ୍ନ ଦିଗରୁ ବିଚାରକୁ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ରବିବାର ମଧ୍ୟ ସେହିସବୁ ଆହାର କେନ୍ଦ୍ରଗୁଡ଼ିକୁ ଖୋଲା ରଖିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

Azadi Ka Amrit Mahotsav | G20 2023 INDIA

ପ୍ୟାନ୍ଧାରକଗଣ ଧ୍ୟାନ ଦିଅନ୍ତୁ!

ଏହି ଅବହେଳା ପାଇଁ ଏକାକୀ ଆପଣ ହିଁ ଉତ୍ତରଦାୟୀ ରହିବେ



ପ୍ୟାନ୍ ଏବଂ ଆଧାରକୁ ଲିଙ୍କ୍ କରିବା ବାଧ୍ୟତାମୂଳକ ଅଟେ

ଶେଷ ତାରିଖ
୩୦|୦୬|୨୦୨୩



ଟ.୧୦୦୦/-ର ବିଳମ୍ବ ଦେୟ ସହିତ ଅନ୍‌ଲାଇନରେ ଲିଙ୍କ୍ କରନ୍ତୁ

ପ୍ୟାନ୍ ସହିତ ଆଧାରକୁ ଲିଙ୍କ୍ କରିବା ପାଇଁ ପରିଦର୍ଶନ କରନ୍ତୁ https://www.incometax.gov.in/iec/foportal ଏବଂ 'କୁଇକ୍ ଲିଙ୍କ୍ସ' ଉପରେ କ୍ଲିକ୍ କରିବା ଏବଂ 'ଲିଙ୍କ୍ ଆଧାର' ବିକଳ୍ପକୁ ଚୟନ କରିବା ପରେ ପରେ ପରଦାରେ ପ୍ରଦତ୍ତ ନିର୍ଦ୍ଦେଶାବଳୀକୁ ଅନୁସରଣ କରନ୍ତୁ

ନିଜର ପ୍ୟାନ୍‌କୁ ଆଧାର ସହିତ ଲିଙ୍କ୍ ନ କରିବାର ପରିଣାମ
- ଆପଣଙ୍କର ପ୍ୟାନ୍ ଅଚଳ ହୋଇଯିବ
- ଉଚ୍ଚତର ଦରରେ ଟିଡିଏସ୍ କାଟ କରିବାର ଆବଶ୍ୟକତା ରହିବ
- ବକେୟା ରିଫଣ୍ଡ ଏବଂ ଏଭଳି ରିଫଣ୍ଡ ଉପରେ ସୁଧ ଜାରି କରାଯିବ ନାହିଁ
- ଉଚ୍ଚତର ଦରରେ ଟିସିଏସ୍ ସଂଗ୍ରହ କରିବାର ଆବଶ୍ୟକତା ରହିବ

ଅଧିକ ସୂଚନା ପାଇଁ, ଦୟାକରି ଆୟକର ନିୟମାବଳୀ, ୧୯୬୨ର ନିୟମ ୧୧୪ଏଏଏ ଏବଂ ୧୧ ମେ ୨୦୧୭ର ଅଧିସୂଚନା ସଂ. ୩୭/୨୦୧୭ ଦେଖନ୍ତୁ

ଧ୍ୟାନରେ ରଖନ୍ତୁ
- କୌଣସି ବ୍ୟକ୍ତି ଏକରୁ ଅଧିକ ପ୍ୟାନ୍‌ର ଅଧିକାରୀ ହୋଇପାରିବେ ନାହିଁ
- ଏକାଧିକ ପ୍ୟାନ୍ ରଖିବା ପାଇଁ ଟ.୧୦,୦୦୦/-ର ଜରିମାନା ଲାଗୁ ହୋଇପାରେ

ଡିଡକ୍ଟରଗଣ ନିମ୍ନ ଅନୁଯାୟୀ ପ୍ୟାନ୍‌ର ସ୍ଥିତି ଯାଞ୍ଚ କରିପାରିବେ
- ଗୋଟିଏ ପ୍ୟାନ୍‌ର ସ୍ଥିତି ଯାଞ୍ଚ କରିବା ପାଇଁ ପରିଦର୍ଶନ କରନ୍ତୁ https://www.incometax.gov.in
- ବହୁ ପରିମାଣର ପ୍ୟାନ୍‌ର ସ୍ଥିତି ଯାଞ୍ଚ କରିବା ପାଇଁ ପରିଦର୍ଶନ କରନ୍ତୁ https://report.insight.gov.in

cbc 15401/13/0007/2324

ଇ-ବ୍ରୋଚର୍ ପାଇଁ, କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ପରିଷଦ
ଅଧିକ ସୂଚନା ପାଇଁ ଦୟାକରି www.incometax.gov.in ପରିଦର୍ଶନ କରନ୍ତୁ

ଅଧିକ ସୂଚନା ପାଇଁ, କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

@IncomeTaxIndia | @IncomeTaxIndiaOfficial | @IncomeTaxIndiaOfficial | @Income Tax India | @Income Tax India Official

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୭ ଜୁନ୍, ୨୦୨୩



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସମ୍ବାଦ ସିଇଓ କନ୍‌କ୍ଲେଭ ୨୦୨୩, ହୋଟେଲ ମେ ଫେୟାର, ଅପରାହ୍ନ ୪ଟା ୩୦।
- ଏକାମ୍ର ପ୍ରକଳ୍ପର ଭୂମିପୂଜନ ଯଜ୍ଞ, ଲିଙ୍ଗରାଜ ମନ୍ଦିର ନିକଟ, ସନ୍ଧ୍ୟା ୬ଟା।
- ଡ. ଭଗବାନ ପଣ୍ଡାଙ୍କ ୧୦ମ ବାର୍ଷିକ ଶ୍ରାଦ୍ଧୋତ୍ସବ, କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସନ୍ଧ୍ୟା ୬ଟା।
- ଶ୍ରୀରାଧା କଳାକୁଞ୍ଜର ବାର୍ଷିକୋତ୍ସବ, ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।
- ୧୩ତମ ମାର୍ଗି ନୃତ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

## ରାଜଧାନୀରେ ମହିଳାଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୨୬।୬(ସତ୍ୟଜିତ୍ ରାଉତ):** ଭୁବନେଶ୍ୱରର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚିନ୍ତାମଣିଶ୍ୱର ଜେନା କଲୋନୀରେ ରହୁଥିବା ଜଣେ ମହିଳା ସୋମବାର ଫ୍ୟାନ୍‌ରେ ଓଢ଼ଣୀ ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନାଞ୍ଚଳର ଜେ କେ ମିଳନ। ପୋଲିସ ରାତି ପ୍ରାୟ ୧୧ଟାରେ ଭଡ଼ାଘରର ତାଲା ଭାଙ୍ଗି ମୃତଦେହକୁ ଜବତ କରିବା ପରେ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ମଙ୍ଗଳବାର ମୃତଦେହର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ପାରିବାରିକ ସମସ୍ୟା ପାଇଁ ମହିଳା ଜଣକ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପୋଲିସ ସନ୍ଦେହ କରୁଛି। ସୂଚନା ଅନୁଯାୟୀ, ମୃତା ମହିଳା ଜଣକ ପରିବାର ସହ ଏଠାରେ ରହୁଥିଲେ। କିଛିଦିନ ହେଲା ସ୍ୱାମୀ ଓ ପିଲାମାନେ ଗାଁକୁ ଚାଲିଯାଇଥିଲେ। ସୋମବାର ସନ୍ଧ୍ୟାରେ ମିଳନ୍ ଘରେ ଆତ୍ମହତ୍ୟା କରିଥିବା ଝରକା ପଟେ ପୋଡଶୀ ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରିଥିଲା।

## ୬୪ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ବାଲିଅନ୍ତା,୨୬।୬(ନୀଳମାଧବ ସାହୁ):** ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଖୋର୍ଦ୍ଧା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ୪୬ଟି ଅଭିଯୋଗ ଉପରେ ଶୁଣାଣି କରି ଏହାର ସମାଧାନ ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୪୬ଟି ଅଭିଯୋଗ ମଧ୍ୟରୁ ୧୫ଟି ସାମୂହିକ ଓ ଅନ୍ୟ ସବୁ ବ୍ୟକ୍ତିଗତ ଥିଲା। ଲଗାଣ ବର୍ଷା ଯୋଗୁ ଦୂରଦୁରାନ୍ତ ପଞ୍ଚାୟତ ଅଞ୍ଚଳରୁ ଲୋକେ ଅଭିଯୋଗ ଶିବିରକୁ ଆସି ପାରି ନ ଥିଲେ। ଫଳରେ ଅଭିଯୋଗର ସଂଖ୍ୟା କମି ଯାଇଥିଲା। ଶିବିରରେ ୩ ଜଣ ହିତାଧିକାରୀଙ୍କୁ ରେଡ଼କ୍ରସ୍ ପକ୍ଷରୁ ୧୪ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଖୋର୍ଦ୍ଧା ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତ, ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ, ବାଲିଅନ୍ତା ତହସିଲଦାର ବିମଳ ଲେଙ୍କା, ବିଡିଓ ପବିତ୍ର ସାମଲ, ଜୋନ୍-୪ର ଏସିପି ଶୁଭନାରାୟଣ ମୁଦୁଲି, ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ରଥଯାତ୍ରାରେ ସେବା କାର୍ଯ୍ୟ

**ପୁରୁଣା ଭୁବନେଶ୍ୱର,୨୬।୬(ସୁବାସ ଚନ୍ଦ୍ର ପ୍ରଧାନ):** ରଥଯାତ୍ରା ଅବସରରେ ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ଭୁବନେଶ୍ୱର ପକ୍ଷରୁ ପୁରୀ ବଡ଼ଦାଣ୍ଡସ୍ଥିତ ଶ୍ରୀଗୁଣ୍ଡିଚା ନିକଟରେ ନିଃଶୁଳ୍କ ଅନ୍ନପ୍ରସାଦ ଓ ପାନୀୟଜଳ ବଣ୍ଟନ ଆଦି ସେବା କାର୍ଯ୍ୟ କରାଯାଇଥିଲା। ତୃତୀୟ ଦିବସରେ ବାବା ସୀତାରାମ ଦାସ ଓ ବାବା ବଳରାମ ଦାସ ଯୋଗଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ପରିଚାଳନା ଟ୍ରଷ୍ଟି ଭାବଗ୍ରାହୀ ଶାନ୍ତି, ସଭାପତି ରତିକାନ୍ତ ପାଢ଼ୀ, ଉଦୟ ମହାନ୍ତି, କୁମୁଦୁନୀ ପଣ୍ଡା, ଚନ୍ଦ୍ରଶେଖର ସିଙ୍ଗୋଟି, ଇନ୍ଦିରା ମିଶ୍ର, କିଶୋର ଚନ୍ଦ୍ର ପ୍ରଧାନ, ବନଜ୍ୟୋସ୍ନା ପାଢ଼ୀ, ପ୍ରତାପ ଚନ୍ଦ୍ର ମିଶ୍ର, ଅକ୍ଷୟ ସାହୁ, ଧନେଶ୍ୱର ସାହୁ, ସୁମିତ୍ରା ପଣ୍ଡା, ପ୍ରମୋଦ ବିଶ୍ୱାଳ, ବନଜା ବେହେରା, ଦୀନବନ୍ଧୁ ନାୟକ, ପ୍ରଦ୍ୟୁମ୍ନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଫଳ ପ୍ରକାଶ

### କଳାରେ ୯୦.୬୨%, ବିଜ୍ଞାନ ୯୫.୨୬% ଓ ବାଣିଜ୍ୟରେ ୮୯.୨୯% ପାସ୍

**ଭୁବନେଶ୍ୱର,୨୬।୬(ଅନୁରାଧା ମହାରଣା)**

ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ଯୁକ୍ତ୩ କଳା, ବିଜ୍ଞାନ ଓ ବାଣିଜ୍ୟ ଶେଷ ସେମିଷ୍ଟର ସହିତ ବ୍ୟାକ ପରୀକ୍ଷାର୍ଥୀଙ୍କ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। କଳାରେ ପାସ୍‌ହାର ୯୦.୬୨ ପ୍ରତିଶତ ରହିଥିବାବେଳେ ବିଜ୍ଞାନ ୯୫.୨୬ ଓ ବାଣିଜ୍ୟରେ ୮୯.୨୯ ପ୍ରତିଶତ ରହିଥିବା ପରୀକ୍ଷା ନିୟନ୍ତ୍ରକ ଶରତ କୁମାର ମାଝୀ ସୂଚନା ଦେଇଛନ୍ତି। କଳାରେ ମୋଟ ୨୫ ହଜାର ୩୫୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯ ହଜାର ୭୭୦ ଜଣ ପାସ୍ ହୋଇଛନ୍ତି। ୨୦୩୭ଜଣ ଫେଲ ହୋଇଥିବାବେଳେ ୧୦ଜଣ କପି କରି ଧରା ପଡ଼ିଥିଲେ। ୩୫୩୪ ଜଣଙ୍କ ଫଳାଫଳ ୱିଥ୍‌ହେଲ୍ଡ ରହିଛି। କଳା ସମ୍ମାନରେ ୨୫ହଜାର ୩୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯ ହଜାର ୫୦୪ଜଣ କୃତକାର୍ଯ୍ୟ ହୋଇଛନ୍ତି। ୨,୦୧୭ଜଣ ଫେଲ୍ ହୋଇଥିବାବେଳେ ୧୦ଜଣ କପି କରି ଧରାପଡ଼ିଛନ୍ତି। ୩୫୦୮ ଜଣଙ୍କ ଫଳ ୱିଥ୍‌ହେଲ୍ଡ ରହିଛି। ସେହିପରି କଳା ଜେନେରାଲରେ ୩୧୨ଜଣଙ୍କ ମଧ୍ୟରୁ ୨୬୬ ଜଣ ପାସ ହୋଇଛନ୍ତି। ୨୦ଜଣ ଫେଲ୍ ହୋଇଥିବାବେଳେ ୨୬ଜଣଙ୍କ ଫଳାଫଳ ୱିଥ୍‌ହେଲ୍ଡ ରହିଛି। ବିଜ୍ଞାନରେ ମୋଟ ୧୩ ହଜାର ୬୯୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ହଜାର ୬୭୧ଜଣ ପାସ୍ ଓ ୫୮୧ଜଣ ଫେଲ୍ ହୋଇଛନ୍ତି। ୧୪୪୧ଜଣ ୱିଥ୍‌ହେଲ୍ଡରେ ରହିଛନ୍ତି। ବିଜ୍ଞାନ ସମ୍ମାନରେ ପାସହାର ୯୫.୩୦ ପ୍ରତିଶତ ଓ ଜେନେରାଲରେ ୮୮ ପ୍ରତିଶତ ରହିଛି। ବାଣିଜ୍ୟରେ ମୋଟ ୪୧୭୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୧୮୫ଜଣ ପାସ ହୋଇଛନ୍ତି। ୩୮୫ଜଣ ଫେଲ ହୋଇଥିବାବେଳେ ୬୦୫ଣଙ୍କ ଫଳ ୱିଥ୍‌ହେଲ୍ଡ ରହିଛି। ବାଣିଜ୍ୟ ସମ୍ମାନରେ ପାସ୍‌ହାର ୮୯.୨୮ ପ୍ରତିଶତ ଓ ଜେନେରାଲାରରେ ୯୦.୪୮ ପ୍ରତିଶତ ରହିଛି। ଏଥିସହିତ ପ୍ରତି ସମ୍ମାନର ଟପ୍ପର ତାଲିକା ପ୍ରକାଶ ପାଇଛି।

### ସରକାରୀ ଓ ଅନୁଦାନପ୍ରାପ୍ତ କଲେଜର ନୈରାଶ୍ୟଜନକ ପ୍ରଦର୍ଶନ

ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ୩୫୦ରୁ ଅଧିକ ମହାବିଦ୍ୟାଳୟର ଫଳାଫଳକୁ ଅନୁଧ୍ୟାନ କଲେ ଟପ୍ପର ତାଲିକାରେ ଘରୋଇ କଲେଜ ଆଗରେ ରହିଛି। ଅନ୍ୟପଟେ ସରକାରୀ ଓ ଅନୁଦାନପ୍ରାପ୍ତ କଲେଜର ଖରାପ ପ୍ରଦର୍ଶନ ଦେଖିବାକୁ ମିଳିଛି। ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ସମସ୍ତ ବିଷୟ ଭିତ୍ତିକ ଟପ୍ପର ଛାତ୍ରୀଛାତ୍ର ଘରୋଇ କଲେଜର ରହିଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଗୋଟିଏ ପଟେ ବ୍ୟାପକ ଅଧ୍ୟାପକ ନିଯୁକ୍ତି, କଲେଜର ଭିତ୍ତିଭୂମି ବିକାଶ ନାରା ଦିଆଯାଉଥିବାବେଳେ ଫଳଫଳରେ ତାହା ପରିପ୍ରକାଶ ହେଉନାହିଁ ଯୁକ୍ତ ୩ରେ ସରକାରୀ ଓ ଅନୁଦାନପ୍ରାପ୍ତ କଲେଜରେ ନାମଲେଖାଇବା ପାଇଁ ଛାତ୍ରୀଛାତ୍ରଙ୍କୁ ଦୃଢ଼ ଚୟନ ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼ିଥାଏ। ମାତ୍ର ସରକାରୀ କଲେଜରେ ସିଟ ନ ପାଇ ଘରୋଇ କଲେଜକୁ ବାଧ ହୋଇ ଯାଉଥିବା ଛାତ୍ରୀଛାତ୍ର ଟପ୍ପର ତାଲିକାରେ ସ୍ଥାନ ପାଉଥିବାବେଳେ ସରକାରୀ କଲେଜର ଛାତ୍ରୀଛାତ୍ର ଏଥିରୁ ବାଦ ପଡ଼ିବା ନୈରାଶ୍ୟଜନକ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ବିଦ୍ୟୁତ ଆଘାତରେ ବାପା ମୃତ, ପୁଅ ଗୁରୁତର

**ଭୁବନେଶ୍ୱର,୨୬।୬(ସୂର୍ଯ୍ୟକାନ୍ତ ବେହେରା)**

ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିବା ମାଆଙ୍କୁ ବଞ୍ଚାଇବାକୁ ଯାଇ ପୁଅ ଓ ପରେ ବାପା ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ତେବେ ଘଟଣାସ୍ଥଳରେ ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ପୁଅ ଗୁରୁତର ଆହତ ହୋଇଛନ୍ତି। ଖାରବେଳନଗର ଥାନା ଅନ୍ତର୍ଗତ ପ୍ରେସ୍ କଲୋନୀ ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ସୁରେଶ ମଲ୍ଲ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ପୁଅ ଗୁରୁତର ଅବସ୍ଥାରେ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି।

ସୂଚନାନୁସାରେ, ମୃତ ସୁରେଶଙ୍କ ସ୍ତ୍ରୀ ଘରେ ଭିତରେ ଲୁଗା ଶୁଖାଉଥିବାବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଏହା ଦେଖି ମାଙ୍କୁ ବଞ୍ଚେଇବାକୁ ଯାଇ ପୁଅ ମଧ୍ୟ ଲାଗି ଯାଇଥିଲେ। ମା-ପୁଅ ଛଟପଟ ହେଉଥିବାବେଳେ ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ସୁରେଶ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ପରିବାରର ଅନ୍ୟ ସଦସ୍ୟ ସମସ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସୁରେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ବିଶ୍ୱନାଥ ପଟ୍ଟନାୟକଙ୍କୁ 'ଏପିଜେ ଅବଦୁଲ୍ କଲାମ୍ ଇନ୍‌ସ୍ପିରେଶନ ସମ୍ମାନ'

**ଭୁବନେଶ୍ୱର,୨୬।୬ (ଅନୁରାଧା ମହାରଣା)**




ଗ୍ଲୋବାଲ୍ ଓଡିଆ ନିବେଶକ ବିଶ୍ୱନାଥ ପଟ୍ଟନାୟକଙ୍କୁ ନୈତିକ ପୁଞ୍ଜି ନିବେଶରେ ଉଲ୍ଲେଖନୀୟ ଅବଦାନ ପାଇଁ ଦିଲ୍ଲୀର ଟପ୍‌ନଚ୍ ଫାଉଣ୍ଡେଶନ ପକ୍ଷରୁ 'ଏପିଜେ ଅବଦୁଲ୍ କଲାମ୍ ଇନ୍‌ସ୍ପିରେଶନ ସମ୍ମାନ' ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେରଳ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍, କେନ୍ଦ୍ର ଶିଳ୍ପମନ୍ତ୍ରୀ ମହେନ୍ଦ୍ର ନାଥ ପାଣ୍ଡେ, ଭାରତୀୟ ବକ୍ସର୍ ମେରି କମ୍, ପୂର୍ବତନ ଏମ୍‌ପି ଫଗଗାନ୍ ସିଂ କୁଲାସ୍ତେ, କେନ୍ଦ୍ର ଇସ୍ପାତ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ କୈଳାଶ ଚୌଧୁରୀ, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଡ. ଠାକୁର୍ ରଘୁରାଜ୍ ସିଂ, ଉତ୍ତରପ୍ରଦେଶର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ରାମଦାସ ଆଥ୍‌ୱାଲେ, କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରୀ ଜୟ ପ୍ରକାଶ ନିଶାଦ, ଏମ୍‌ପି ରାମଦାସ ତାଦାସ ପ୍ରମୁଖ ଉପସ୍ଥିତ ଥିଲେ।

ବିଶ୍ୱନାଥ ଫିନେଷ୍ଟ୍ ଗ୍ରୁପ୍ ଅଫ୍ କମ୍ପାନୀର ଚେୟାରମ୍ୟାନ୍ ତଥା ବିଏନ୍‌ପି ଭେଞ୍ଚର୍ କ୍ୟାପିଟାଲ୍‌ର ପ୍ରତିଷ୍ଠାତା। ଦିଲ୍ଲୀର ସୋସିଆଲ ଆକ୍ସନ୍ ଫାଉଣ୍ଡେଶନ ଅନ୍ତର୍ଜାତୀୟ କମିଟିର ଚେୟାରମ୍ୟାନ ଅଛନ୍ତି। ଓଡିଶାରେ ୪୫୦କୋଟି ଟଙ୍କାର ଇଭି-ହାଇଡ୍ରୋଜେନ୍ ଲୋକୋମୋଟିଭ୍ ମ୍ୟାନୁଫାକ୍ଚରିଂ ପ୍ଲାଣ୍ଟ ଓ ୫୦ କୋଟିର ବାୟୋ ବ୍ୟାଗ୍ ମ୍ୟାନୁଫାକ୍ଚରିଙ୍ଗ୍ ପ୍ଲାଣ୍ଟ ସ୍ଥାପନ ନେଇ ସେ ଚର୍ଚ୍ଚାକୁ ଆସିଥିଲେ। ପୁଞ୍ଜି ନିବେଶ ମାଧ୍ୟମରେ ସେ ଲଣ୍ଡନ, ୱାର୍ସ (ପୋଲାଣ୍ଡ) ଜୁରିଚ୍, ସିଙ୍ଗାପୁର, ୟୁଏଇ, ମରିସସ୍ ଓ ଘାନାର ଅନେକ କମ୍ପାନୀରେ ଅଂଶଧନ ନିୟନ୍ତ୍ରଣ କରିଛନ୍ତି। ଲଣ୍ଡନରେ ପ୍ରଥମ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ୨୫୦କୋଟି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଅନେକ ଷ୍ଟାର୍ଟ ଅପ୍ ଓ ବ୍ୟବସାୟିକ ପୁଞ୍ଜି ନିବେଶ ସହିତ ବିଏନ୍‌ପି ବ୍ରିଟେନ୍ ସଂସଦରେ ଏକାଧିକଥର ସମ୍ମାନିତ ହୋଇଛନ୍ତି।

## ପାଚେରି ନିର୍ମାଣକୁ ଅନୁସୂଚିତ ଜନଜାତି ଲୋକଙ୍କ ବିରୋଧ



**ବାରଙ୍ଗ,୨୬।୬(ଲିଙ୍ଗରାଜ ରାଉତ)**

ନନ୍ଦନକାନନର ସୌନ୍ଦର୍ଯ୍ୟକରଣ ନିମନ୍ତେ ହେଉଥିବା ସମ୍ପ୍ରସାରଣ କାର୍ଯ୍ୟରେ ନିର୍ମାଣ ଚାଲିଥିବା ପାଚେରି କାମକୁ ସୋମବାର ବିରୋଧ କରାଯାଇଛି। ଚୁଡ଼ଙ୍ଗ, ଭାଲୁଙ୍କା ଓ କୃଷ୍ଣନଗର ମୌଜାର ଅନୁସୂଚିତ ଜନଜାତି ଲୋକମାନେ ଏହି କାମକୁ ବିରୋଧ କରିବାରୁ ପାଚେରି କାମ ବନ୍ଦ ହୋଇଯାଇଛି। ଲୋକମାନଙ୍କୁ ଥଇଥାନ କରିବାର ବ୍ୟବସ୍ଥା ଓ ବାକିଥିବା ଲୋକଙ୍କୁ ସ୍ଥାୟୀପଟ୍ଟା ନ ଦେବା ପର୍ଯ୍ୟନ୍ତ ପାଚେରି କାମ ପୂର୍ଣ୍ଣାଙ୍ଗ କରାଇଦେବୁ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ନନ୍ଦନକାନନରେ ଚୁଡ଼ଙ୍ଗକୁ ମିଶାଇବା ନେଇ ନନ୍ଦନକାନନ ପକ୍ଷରୁ କାମ ଆରମ୍ଭ ହୋଇଯାଇଛି।

### ନନ୍ଦନକାନନରେ ଚୁଡ଼ଙ୍ଗକୁ ମିଶାଇବାକୁ ନାପସନ୍ଦ

ଏଥି ନିମନ୍ତେ ନନ୍ଦନକାନନ ପକ୍ଷରୁ ଚୁଡ଼ଙ୍ଗ, ଭାଲୁଙ୍କା, କୃଷ୍ଣନଗର ମୌଜାରେ ପାଚେରି କାମ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କର ୫-ଟି ମାଧ୍ୟମରେ ନନ୍ଦନକାନନ ସହ ଚୁଡଙ୍ଗର ମିଶ୍ରଣ ନିମନ୍ତେ ଆର୍ଥିକ ଅନୁଦାନ ଖର୍ଚ୍ଚ ହେବାର ଘୋଷଣା ହେବା ପରେ ୩ ମୌଜାର ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଚୁଡ଼ଙ୍ଗ ମୌଜାର ଲୋକମାନଙ୍କ ଯାତାୟାତ ପାଇଁ ଛଡାଯାଇଥିବା ରାସ୍ତା ଉପରେ ରବିବାର ପାଚେରି କାମ ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ସୋମବାର ୩ମୌଜାର ଅନୁସୂଚିତ ଜନଜାତି ଲୋକମାନେ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ନିର୍ମାଣାଧୀନ ପାଚେରି ପାଖକୁ ଆସି କାର୍ଯ୍ୟକୁ ବିରୋଧ କରି ବନ୍ଦ କରିଛନ୍ତି। ଲୋକମାନଙ୍କର କହିବା ଅନୁଯାୟୀ, ଜଙ୍ଗଲ ଅଧିକାର ଆଇନ ବଳରେ ୨୦୧୦ମସିହାରେ ୮୫ଜଣ ପରିବାରକୁ ସରକାରଙ୍କ ପକ୍ଷରୁ ପଟ୍ଟା ମିଳିଛି। ଏବେ ବିନା ଗ୍ରାମସଭାରେ ଓ ବିସ୍ଥାପିତ ହେବାକୁ ଥିବା ଲୋକମାନଙ୍କୁ ଥଇଥାନର ବ୍ୟବସ୍ଥା ନ କରି ସରକାର ଚୁଡ଼ଙ୍ଗକୁ ନନ୍ଦନକାନନରେ ମିଶାଇବାକୁ ନିଷ୍ପତ୍ତି ନେଇଛନ୍ତି। ଯାହାଦ୍ୱାରା ଏହିଗ୍ରାମର ଲୋକ ନାନା ହଇରାଣ ହେବେ। ତେଣୁ ଦୀର୍ଘବର୍ଷ ଧରି ରହିଥିବା ଆମ ଜାଗାକୁ ସରକାରଙ୍କ ପକ୍ଷରୁ ନନ୍ଦନକାନନକୁ ଦେବାକୁ ନେଇଥିବା ନିଷ୍ପତ୍ତିକୁ ବିରୋଧ କରାଯାଉଥିବା ଗ୍ରାମବାସୀ କହିଛନ୍ତି।

## ବାହୁଡ଼ା ଯାତ୍ରାରେ ସାମିଲ ହେବାକୁ ଜଗନ୍ନାଥପୁରରୁ ଶ୍ରୀକ୍ଷେତ୍ର ପଦଯାତ୍ରା

**ବାଲିଅନ୍ତା,୨୬।୬(ନୀଳମାଧବ ସାହୁ):** ମହାପ୍ରଭୁ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରାରେ ସାମିଲ ହେବାକୁ ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ଗ୍ରାମରୁ ଏକ ୮ ଜଣିଆ ପଦଯାତ୍ରୀ ଦଳ ସୋମବାର ସନ୍ଧ୍ୟାରେ ପଦଯାତ୍ରାରେ ବାହାରିଛନ୍ତି। ଗ୍ରାମର ଆରାଧ୍ୟ ଠାକୁର ଗୋପୀନାଥ ଓ ନୀଳକଣ୍ଠେଶ୍ୱର ମନ୍ଦିରରୁ ପୂଜାର୍ଚ୍ଚନା ପରେ ସେମାନେ ତାଙ୍କ ଯାତ୍ରା ଆରମ୍ଭ କରିଥିଲେ। ଗ୍ରାମର ମଙ୍ଗଳ ଓ ସମସ୍ତେ ଯେପରି ସୁଖ ଶାନ୍ତିରେ ରୁହନ୍ତି, ଏହି କାମନା ରଖି ୨୩ ବର୍ଷ ଧରି ସେମାନେ ଶ୍ରୀକ୍ଷେତ୍ରକୁ ଚାଲି ଚାଲି ଯାଉଛନ୍ତି। ପ୍ରାୟ ୭୦ କିମି ବାଟ ପଦଯାତ୍ରା କରି ବୁଧବାର ପୁରୀରେ ପହଞ୍ଚିବେ ବୋଲି ଲକ୍ଷ୍ୟ ରଖିଛନ୍ତି। ବାଟରେ ୩ ସ୍ଥାନରେ ବିଶ୍ରାମ ନେଇ ୨ ରାତି ଚାଲିବା ପରେ ପୁରୀରେ ପହଞ୍ଚିବେ। ଦଳର ନେତୃତ୍ୱ ନେଇଥିବା ଯୁବ ସାମାଜିକ କର୍ମୀ ସଞ୍ଜୟ ପରିଜା କୁହନ୍ତି, ସେମାନେ ପ୍ରଭୁଙ୍କ ନିର୍ଦ୍ଦେଶରେ ଚାଲିଛନ୍ତି। ଅନ୍ୟଜଣେ ଦୀପ୍ତି ରଞ୍ଜନ ପରିଜା କୁହନ୍ତି, ଚାଲି ଚାଲି ପୁରୀ ଯାଇ ପ୍ରଭୁଙ୍କୁ ଦର୍ଶନ କରିବା ମଜା ନିଆରା। ୧୯୯୯ ବାତ୍ୟାର କରୁଣ ପରିସ୍ଥିତି ପରେ ଗ୍ରାମର କିଛି ଯୁବକ ପ୍ରଭୁଙ୍କ ଶରଣ ପଶି ଏଭଳି ପ୍ରାକୃତିକ ବିପର୍ଯ୍ୟୟରୁ ମାନବ ଜାତିକୁ ରକ୍ଷା ଉଦ୍ଦେଶ୍ୟରେ ଏହି ପଦଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲେ। ଦେହରେ ଜୀବନ ଥିବା ପର୍ଯ୍ୟନ୍ତ ଏଭଳି ଚାଲି ଚାଲି ପୁରୀ ଯିବାକୁ ଆଶା ରଖିଥିବା ନିରଞ୍ଜନ ସାହୁ କହିଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ପର୍ଶୁରାମେଶ୍ୱର ମନ୍ଦିର ଯାତ୍ରା

**ପୁରୁଣା ଭୁବନେଶ୍ୱର,୨୬।୬ (ସୁବାସ ଚନ୍ଦ୍ର ପ୍ରଧାନ)**

ପର୍ଶୁରାମାଷ୍ଟମୀ ଅବସରରେ ସୋମବାର ପ୍ରଭୁ ଶ୍ରୀଲିଙ୍ଗରାଜ ପର୍ଶୁରାମେଶ୍ୱର ମନ୍ଦିର ଯାତ୍ରା କରିଥିଲେ। ଦୈନିକ ନୀତି ଭୋଗ ମଣ୍ଡପ ସରିବା ପରେ ପୁନଃ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା ବେଶ କରାଯାଇ ଯାତ୍ରା ପୂଜା କରାଯାଇଥିଲା। ପରେ ଶ୍ରୀଜୀଉମାନଙ୍କୁ ପୂଜାପଣ୍ଡା ସେବକ ଆଜ୍ଞା ପ୍ରସାଦ ଦେଇସାରିବା ପରେ ବିମାନ ଓ ପାଲିଙ୍କିରେ ବିଜେ କରିଥିଲେ। ଏହା ପରେ ଦ୍ୱିପ୍ରହର ଧୂପ, ଠାକୁରାଣୀ ଦ୍ୱିପ୍ରହର ଧୂପ କରାଯାଇ ମନ୍ଦିର ପହୁଡ଼ ପଡ଼ିଥିଲା। ଶ୍ରୀଜୀଉମାନେ ସେବକମାନଙ୍କ ଗହଣରେ ରାତି ୮ଟା ୩୦ରେ ପର୍ଶୁରାମେଶ୍ୱର ମନ୍ଦିରକୁ ଯାତ୍ରା କରିଥିଲେ। ସେଠାରେ ଖଟୁଲିରେ ବିରାଜମାନ କରାଯାଇଥିଲା। ପୂଜାପଣ୍ଡା ସେବକ ପଞ୍ଚ ଉପଚାରରେ ଭୋଗ ନୈବେଦ୍ୟ କରିସାରିବା ପରେ ପର୍ଶୁରାମେଶ୍ୱରଙ୍କ ସହିତ ଭେଟ ଆଳତି ହୋଇଥିଲା। ଏହି ଆଳତି କରାଯିବା ସମୟରେ ପୂଜାପଣ୍ଡା ସେବକ ମନ୍ତ୍ର ମାଧ୍ୟମରେ ପର୍ଶୁରାମେଶ୍ୱରଙ୍କୁ ଦିଅଁ ଶୋଇବାଠାରୁ ଉଠିବା ପର୍ଯ୍ୟନ୍ତ ଦୀର୍ଘ ୪ମାସ ରାଜ୍ୟ ଭାର ସମ୍ଭାଳିବାକୁ ଦାୟିତ୍ୱ ଅର୍ପଣ କରିଥିଲେ। ଏହା ପରେ ଶ୍ରୀଜୀଉମାନେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।

## ନିଶାଠାରୁ ଦୂରେଇ ରୁହନ୍ତୁ, ସୁସ୍ଥ ଜୀବନ ବଞ୍ଚନ୍ତୁ

**ଭୁବନେଶ୍ୱର,୨୬।୬(ସୂର୍ଯ୍ୟକାନ୍ତ ବେହେରା/ଅଭିଜିତ୍ ଦାସ):** ନିଶାଠାରୁ ଦୂରେଇ ରହିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ ୨୬କୁ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ବେଆଇନ କାରବାର ନିରୋଧ ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ କମିଶନରେଟ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ମାଷ୍ଟରକ୍ୟାଣ୍ଟିନଠାରେ ଏକ ସଭା କରାଯିବା ପରେ ଶିଶୁ ଭବନ ଛକ ପର୍ଯ୍ୟନ୍ତ ଏକ ସଚେତନତା ଶୋଭଯାତ୍ରା ଯାଇଥିଲା। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପ୍ରତୀକ ସିଂ ଓ ଅବକାରୀ ବିଭାଗର ଡେପୁଟି କମିଶନର ରାମ ମିଶ୍ର ଏବଂ ଅନ୍ୟାନ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଅଭିନେତା ସବ୍ୟସାଚୀ ଓ ଅଭିନେତ୍ରୀ ଅର୍ଚ୍ଚିତା ଯୋଗ ଦେଇଥିଲେ। ନିଶାଠାରୁ ଦୂରେଇ ରହି ସୁସ୍ଥ ଜୀବନ ବଞ୍ଚିବାକୁ ଆହ୍ୱାନ ଦେଇଥିଲେ।

ସେହିପରି ୱାନ୍ ଓଡିଶା ଗାର୍ଲ ବାଟାଲିୟନ୍ ପକ୍ଷରୁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀଙ୍କ ଦ୍ୱାରା ନୀଳାଚଳ ପଲିଟେକନିକ୍ କଲେଜଠାରୁ ପଥରଗାଡିଆ ଗାଁ ଯାଏ ପଦଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନା କରାଯାଇଥିଲା। ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ନିଶାଦ୍ରବ୍ୟ କବଳରୁ କିପରି ମୁକ୍ତି ମିଳିବ ସେନେଇ ବାର୍ତ୍ତା ଦିଆଯାଇଥିଲା। ବାଟାଲିୟନ କମାଣ୍ଡିଂ ଅଫିସର ଲେଫ୍ଟନେଣ୍ଟ କରୋନେଲ ବିକାଶ ଜେ ମଣ୍ଡଳ ଓ ମେଜର ସୀମା ଜୟସ୍ୱାଲ ଉଦ୍‌ଘାଟନ କରିଥିଲେ।

## ରାଜ୍ୟରେ ବ୍ୟାପକ ହେବ ସାମାଜିକ ନ୍ୟାୟ ଆନ୍ଦୋଳନ

**ଭୁବନେଶ୍ୱର,୨୬।୬(ଅଭିଜିତ ଦାସ)**



କାର୍ଯ୍ୟକ୍ରମରେ ବରିଷ୍ଠ ସିପିଏମ୍ ନେତା ଜନାର୍ଦ୍ଦନ ପତ, ସମାଜବାଦୀ ପାର୍ଟିର ରାଜ୍ୟସଭାପତି ରବି ବେହେରା ଓ ଅନ୍ୟମାନେ।

ସାମାଜିକ ନ୍ୟାୟ ଅଭିଯାନ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଅନୁସୂଚିତ ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ସାମ୍ବିଧାନିକ ଅଧିକାରକୁ ନେଇ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସୋମବାର ଦିନ ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସାମାଜିକ ନ୍ୟାୟ ଅଭିଯାନର ଆବାହକ ଅକ୍ଷୟ ମଲ୍ଲିକ କହିଛନ୍ତି ରାଜ୍ୟରେ ସମୁଦାୟ ଜନସଂଖ୍ୟା ମଧ୍ୟରୁ ୪୦ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବର୍ଗରଲୋକ ଅଛନ୍ତି। ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ୨୦ ପ୍ରତିଶତ ସଂରକ୍ଷଣ ଦିଆଯାଉଥିବାରୁ ଏହି ବର୍ଗର ଅନେକ ଛାତ୍ରଛାତ୍ରୀ ବିଦ୍ୟା କ୍ଷେତ୍ରରୁ ବଞ୍ଚିତ ହେଉଛନ୍ତି। ସେହିପରି ୫୪ ପ୍ରତିଶତ ଓବିସି ବର୍ଗର ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାକ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଥିବାରୁ ଅନେକ ପିଲା ଶିକ୍ଷା ପାଇପାରୁନାହାନ୍ତି। ରାଜ୍ୟରେ ବିକାଶ ବଦଳରେ ପଛୁଆ ବର୍ଗ ଓ ଅନୁସୂଚିତ ଜନଜାତି ଲୋକଙ୍କର ବିନାଶ କରାଯାଉଛି। ଶିକ୍ଷା ବଦଳରେ ବାହାର ରାଜ୍ୟକୁ ଯାଇ ଦାଦନ ଖଟିବାକୁ ଯାଉଛନ୍ତି। ଆଗାମୀ ଦିନରେ ଯଦି ପଛୁଆ ବର୍ଗ ଓ ଅନୁସୁଚିତ ଜନଜାତିଙ୍କ ସାମ୍ବିଧାନିକ ହକ୍ ନ ମିଳେ ତେବେ ୧୦ଟି ରାଜନୈତିକ ଦଳ ଗଣଆନ୍ଦୋଳନ କରିବେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରବି ଦାସ, ବରିଷ୍ଠ ସିପିଏମ୍ ନେତା ଜନାର୍ଦ୍ଦନ ପତି,ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ସମାଜବାଦୀ ପାର୍ଟିର ରାଜ୍ୟସଭାପତି ରବି ବେହେରା, କଂଗ୍ରେସ ଦଳର ମୁଖପାତ୍ର ଅମୀୟ ପାଣ୍ଡବ ପ୍ରମୁଖ ଉପସ୍ଥିତ ଥିଲେ।





ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ବେଆଇନ କାରବାର ନିରୋଧ ଦିବସ ପାଳନ ଅବସରରେ କମିଶନରେଟ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ସୋମବାର ମାଷ୍ଟରକ୍ୟାଣ୍ଟିନରୁ ବାହାରିଥିବା ସଚେତନତା ଶୋଭାଯାତ୍ରା(ବାମ)। ଏନ୍‌ସିସି ପକ୍ଷରୁ ନୀଳାଚଳ ପଲିଟେକନିକ୍ କଲେଜଠାରୁ ପଥରଗାଡିଆ ଗାଁ ପର୍ଯ୍ୟନ୍ତ ପଦଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି।



ଜାଗୃତି କଲ୍‌ଚରାଲ ଏକାଡେମୀ ପକ୍ଷରୁ ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ସୋମବାର ଅନୁଷ୍ଠିତ ଜାଗୃତି ଜାତୀୟ ନୃତ୍ୟ ମହୋତ୍ସବ ଅବସରରେ ଅତିଥିମାନେ ଜାଗୃତି ସମ୍ମାନ ପ୍ରଦାନ କରୁଛନ୍ତି। (ଫଟୋ- ବିକାଶ)

## କ୍ୱାର୍ଟର୍ସ ତାଲା ଭାଙ୍ଗି ଟଙ୍କା,ଗହଣା ଲୁଟ୍

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଆରତି ଷ୍ଟିଲ କାରଖାନା ଭିତରେ ଥିବା କ୍ୱାର୍ଟର୍ସରୁ ରବିବାର ରାତିରେ ସୁନା, ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, କମ୍ପାନୀର ମାନବ ସମ୍ବଳ ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରତାପ ରେଡ୍ଡିଙ୍କ ନିଜ ମା'ଙ୍କ ସହିତ ଷ୍ଟାଫ୍ କ୍ୱାର୍ଟରରେ ରୁହନ୍ତି। ଅପରାହ୍ନରେ ସେ ନିଜ ମା'ଙ୍କୁ ଧରି କଟକ ବକ୍ସିବଜାରସ୍ଥିତ ନିଜ ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ପାଚେରି ଡେଇଁ କ୍ୱାର୍ଟରେ ତାଲା ଭାଙ୍ଗି ଗଡ଼ରେଜ ଭିତରେ ଥିବା ନଗଦ ୫୦ହଜାର ଟଙ୍କା, ୨୫ଗ୍ରାମର ସୁନା ଓ କିଛି ରୁପା ଗହଣାକୁ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅନ୍ୟ ୫ଟି କ୍ୱାର୍ଟରେର ତାଲାକୁ ଦୁର୍ବୃତ୍ତ ଭାଙ୍ଗିଥିଲେ ମଧ୍ୟ କୌଣସି ଚୋରି ହୋଇ ନାହିଁ।

## ଆଜି କ'ଣ କେଉଁଠି

କଟକ

- ସିଏମ୍‌ସି କାଉନସିଲ ବୈଠକ, ବିଜୁ ଭବନ, ପୂର୍ବାହ୍ନ ୧୦ଟା ।
- ଏଆଇଡିଏସ୍‌ଓ ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ, ପୂର୍ବାହ୍ନ ୧୦ଟା ୩୦ ।

# ସହରର ଉନ୍ନତି ପାଇଁ ୫୦ କୋଟିର ଯୋଜନା

- କାଉନ୍‌ସିଲ ବୈଠକରେ ଅନୁମୋଦନ ପରେ ଆରମ୍ଭ ହେବ କାର୍ଯ୍ୟ
- ବାରବାଟୀ ଷ୍ଟାଡିୟମ ଆଗରେ ହେବ ଫୁଡ୍ କୋର୍ଟ
- ବସ୍ ଷ୍ଟପ ନବୀକରଣ ହେବ, ବସ୍ତିରେ ହେବ ପାଠାଗାର



ପାଠାଗାର, ଫୁଡ୍ କୋର୍ଟ ନେଇ ପ୍ରସ୍ତୁତ ମଡେଲ ।

କଟକ,୨୬।୬(ସୁପ୍ରିୟା ପ୍ରିୟଦର୍ଶିନୀ)

ବାରବାଟୀ ଷ୍ଟାଡିୟମ ସାମ୍ନା ପଡ଼ିଆରେ ତିଆରି ହେବ ଫୁଡ୍ କୋର୍ଟ। ୧.୧୨ ଏକର ପରିମିତ ଜମିରେ ଏହି ଫୁଡ କୋର୍ଟ ନିର୍ମାଣ ହେବ। ସେହିପରି ଯାତ୍ରୀମାନଙ୍କ ସୁବିଧା ପାଇଁ ସହରରେ ନୂଆ ବସ୍‌ଷ୍ଟପ ସହ ପୁରୁଣା ବସ୍ ଷ୍ଟପଗୁଡ଼ିକର ନବୀକରଣ କରାଯିବ। ଏଥିସହ ବିଭିନ୍ନ ୱାର୍ଡରେ ସ୍ମାର୍ଟ ଜୈବ ଶୌଚାଳୟ ନିର୍ମାଣ ହେବ। ଶୌଚାଳୟରେ ଏକ ପ୍ରକାର ବ୍ୟାକ୍ଟେରିଆକୁ ବ୍ୟବହାର କରାଯାଇ ମଳକୁ ନଷ୍ଟ କରି ପାଣି ଓ ଗ୍ୟାସରେ ପରିବର୍ତ୍ତନ କରାଯିବ। ଏ ନେଇ କଟକ ମହାନଗର ନିଗମ (ସିଏମ୍‌ସି) ଯୋଜନା ପ୍ରସ୍ତୁତ କରିଛି। ତେବେ ବିଭିନ୍ନ ପ୍ରକଳ୍ପ ପାଇଁ ସିଏମ୍‌ସି ପକ୍ଷରୁ ପ୍ରାୟ ୫୦ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକୁ ଆସନ୍ତା କାଉନ୍‌ସିଲ ବୈଠକରେ ଅନୁମୋଦନ ପରେ କାର୍ଯ୍ୟ ଆରମ୍ଭ ହେବ।

ସିଏମ୍‌ସି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସହରର ଉନ୍ନତୀକରଣ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି। ଚୌଧୁରୀବଜାରସ୍ଥିତ ସିଏମ୍‌ସିର ଶହୀଦ ଭବନର ନବୀକରଣ ହେବ। ଏଥିପାଇଁ ପ୍ରାୟ ୩ କୋଟି ବ୍ୟୟ କରାଯାଇଛି। ଶହୀଦ ଭବନର ଦୀର୍ଘବର୍ଷ ହେବ ଉପରମହଲା ବନ୍ଦ ହୋଇପଡିଥିବା ବେଳେ ଗ୍ୟାଲେରିର ଚେୟାର ନଷ୍ଟ ହେବାରେ ଲାଗିଲାଣି। ଷ୍ଟେଜର ସ୍ଥିତି ବିଗିଡ଼ିବାରେ ଲାଗିଥିବାରୁ ସମ୍ପୂର୍ଣ୍ଣ ଶହୀଦ ଭବନକୁ ନୂଆ ରୂପରେଖ ଦିଆଯିବ। ସେହିପରି ଶହୀଦ ଭବନ ସମ୍ମୁଖରେ ଥିବା କଲ୍ୟାଣ ମଣ୍ଡପର ମଧ୍ୟ ନବୀକରଣ କରାଯିବ। ସହରବାସୀଙ୍କ ଖାଦ୍ୟ ପ୍ରତି ରୁଚି ଦେଖି ବାରବାଟୀ ଷ୍ଟାଡିୟମ ନିକଟ ପଡ଼ିଆରେ ଫୁଡ୍ କୋର୍ଟ ନିର୍ମାଣ କରାଯିବ। ଯୋଜନା ଅନୁସାରେ ୭୨ଟି ଛୋଟ ବଡ଼ ଖାଦ୍ୟ କିଓସ୍କୋ (ଦୋକାନ) ନିର୍ମାଣ ହେବ। ଏଠାରେ ଏକାଥରେ ୧୯୨ଜଣ ବସି ଖାଇପାରିବେ। ୯ଟି ସ୍ଥାନରେ ଶୁଦ୍ଧ ପାନୀୟ ଜଳ କେନ୍ଦ୍ର ଉପଲବ୍ଧ ହେବ। ଗହଳି କମାଇବା ପାଇଁ ୮ଟି ପ୍ରବେଶ ପଥ କରାଯିବ। ଉଭୟ ଦୁଇ ଓ ଚାରିଚକିଆ ଯାନ ଲାଗି ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯିବ। ସୌନ୍ଦର୍ଯ୍ୟକରଣ ପାଇଁ ସୁନ୍ଦର ଆଲୋକୀକରଣର ବ୍ୟବସ୍ଥା କରାଯିବ। ଏପରିକି ରୁଫ୍‌ଟଫରେ ବସି ଖାଇବାର ମଜା ନେଇପାରିବେ ଲୋକେ। ଇଞ୍ଜିନିୟରିଂ ପ୍ରୋଜେକ୍ଟ ଇଣ୍ଡିଆ ଲିଃ ପକ୍ଷରୁ ଏହାର ରୂପରେଖ ପ୍ରସ୍ତୁତ କରାଯାଇଛି। ୧.୧୨ ଏକର ପରିମିତ ଜମିରେ ୧୦ କୋଟି ଟଙ୍କା ବ୍ୟୟ କରାଯାଇ ଏହା ନିର୍ମାଣ କରାଯିବ।

ସେହିପରି ସ୍ମାର୍ଟ ଜୈବ ଶୌଚାଳୟ ଅତ୍ୟାଧୁନିକ ବିଶ୍ରାମ କକ୍ଷ ବ୍ୟବସ୍ଥା ରହିବ। ଶୌଚାଳୟ ଦୈନିକ ୧୬ ଘଣ୍ଟା ଖୋଲା ରହିବ। ୯୦୦ ବର୍ଗଫୁଟରେ ୩୩ ଲକ୍ଷ ଟଙ୍କା ବ୍ୟୟରେ ଏହାର ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତି ଶୌଚାଳୟରେ ବିଶ୍ରାମାଗାର ସହିତ ୩ଟି ପୁରୁଷଙ୍କ ନିମନ୍ତେ ଶୌଚାଳୟ ଏବଂ ୨ଟି ପରିସ୍ରାଗାର, ୫ଟି ମହିଳାମାନଙ୍କ ନିମନ୍ତେ ତିଆରି ହେବ। ସେହିଭଳି ଦିବ୍ୟାଙ୍ଗଙ୍କ ନିମନ୍ତେ ୨ଟି ସ୍ୱତନ୍ତ୍ର ଶୌଚ କକ୍ଷ ନିର୍ମାଣ ଯୋଜନା ରହିଛି। ସହରର ବସ୍ତିଗୁଡ଼ିକରେ ୧୦ଟି ପାଠାଗାର ନିର୍ମାଣ କରାଯିବ। ୧୦୦୦ ବର୍ଗଫୁଟରେ ଏହି ପଠାଗାର ରହିବ। ଏହା ସୌରଶକ୍ତି ଦ୍ୱାରା ଚାଲିବ। ପ୍ରତି ପାଠାଗାର ବାବଦକୁ ୭୪ ଲକ୍ଷ ଟଙ୍କା ବ୍ୟୟ କରାଯିବ। ସେହିପରି ବସ୍ ଷ୍ଟପଗୁଡ଼ିକ ଷ୍ଟିଲରେ ତିଆରି କରାଯାଇ ଉପରେ ପଲିକାର୍ବୋନେଟ୍ ଛାତ ପଡ଼ିବ। ଡିଜିଟାଲ୍ ଏଲଇଡି ଡିସ୍‌ପ୍ଲେ ବୋର୍ଡ କାନ୍ଥରେ ଲଗାଯିବ। ସୁରକ୍ଷା ପାଇଁ ସିସିଟିଭି ଲଗାଯିବା ସହ ବିଶ୍ରାମ ବ୍ୟବସ୍ଥା ମଧ୍ୟ ରହିବ। ପୁରୁଣା ବସ୍ ଷ୍ଟପଗୁଡ଼ିକର ଢାଞ୍ଚା ବଦଳାଯାଇ ନୂତନ ନିର୍ମାଣ କରାଯିବ। ପ୍ରତି ବସ୍ ଷ୍ଟପ ନିର୍ମାଣ ବାବଦକୁ ୩୪ ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ଯୋଜନା କରାଯାଇଛି। ଏହି ସବୁ ଯୋଜନା କାଉନସିଲରେ ଅନୁମୋଦନ ମିଳିବା ପରେ ଖୁବ୍‌ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ହେବ ବୋଲି ମେୟର ସୁବାସ ସିଂ କହିଛନ୍ତି।

## ସଂକ୍ଷେପରେ

### ଖାଦ୍ୟ ସୁରକ୍ଷା ଅଧିକାରୀ, କର୍ପୋରେଟର ମୁହାଁମୁହିଁ

କଟକ,୨୬।୬(ସୁପ୍ରିୟା ପ୍ରିୟଦର୍ଶିନୀ): କଟକ ମହାନଗର ନିଗମ(ସିଏମ୍‌ସି)ର ବିକାଶ ଭବନରେ ଚପଲ ପିନ୍ଧି ଭିତରକୁ ପ୍ରବେଶ କରିବା ନେଇ ସୋମବାର ବିବାଦ ଦେଖିବାକୁ ମିଳିଛି। ଏ ନେଇ ଖାଦ୍ୟ ସୁରକ୍ଷା ଅଧିକାରୀ ଏବଂ ଭାଜପା ଓ କଂଗ୍ରେସ କର୍ପୋରେଟର ମୁହାଁମୁହିଁ ହୋଇଛନ୍ତି। ସୂଚନା ଅନୁଯାୟୀ, କୌଣସି କାର୍ଯ୍ୟ ନେଇ କଂଗ୍ରେସ କର୍ପୋରେଟର ସନ୍ତୋଷ ଭୋଳ ବିକାଶ ଭବନରେ ଥିବା ସ୍ୱାସ୍ଥ୍ୟ ବିଭାଗକୁ ଯାଉଥିଲେ। ସେଠାରେ ଉପସ୍ଥିତ ଖାଦ୍ୟ ସୁରକ୍ଷା ଅଧିକାରୀ ତାଙ୍କୁ ଚପଲ ପିନ୍ଧି ପ୍ରବେଶ କରିବାକୁ ବାରଣ କରିଥିଲେ। ତେବେ ଏଭଳି ବାରଣ ନେଇ କର୍ପୋରେଟର ପାଲଟା ପ୍ରଶ୍ନ କରିବା ପରେ ସମ୍ପୃକ୍ତ ଅଧିକାରୀ ସେଠାକୁ କିଛି ପିଲାଙ୍କୁ ଡାକିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ କଂଗ୍ରେସର ଅନ୍ୟ କର୍ପୋରେଟର ଓ ଭାଜପା କର୍ପୋରେଟର ମିଶି ସମ୍ପୃକ୍ତ ଅଧିକାରୀଙ୍କୁ ଘେରିଥିଲେ। ତେବେ ଉପସ୍ଥିତ ଲୋକମାନେ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡିଥିଲା।

### ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

କଣ୍ଟାପଡା,୨୬।୬(ସୁର ନାରାୟଣ ସାହୁ): କଣ୍ଟାପଡା ପଞ୍ଚାୟତ ବିଜେଡି ଶାଖାର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ କୈଳାସ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମୀ ସମ୍ମିଳନୀରେ ବିଧାୟକ ପ୍ରମୋଦ ମଲ୍ଲିକ ଯୋଗଦେଇ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ପ୍ରତି ଲୋକଙ୍କ ଭରସା ଜିତିବାକୁ ପ୍ରୟାସ କରିବା ସହ ଦଳୀୟ ପ୍ରତିନିଧିଙ୍କୁ ଭୋଟ ଦେଇ ଜିତାଇବାକୁ କହିଥିଲେ। ଏଥିରେ ୯ନଂ ଯୋନ ଜିଲା ପରିଷଦ ସଭ୍ୟ କ୍ରିଷ୍ଣାରାଣୀ ବେହେରା ଯୋଗଦେଇ ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବାରୁ ବିଜେଡି ଏକ ଜନକଲ୍ୟାଣ କାରୀ ପାର୍ଟି ବୋଲି କହିଥିଲେ। ଏହି ସମ୍ମିଳନୀରେ ବିଭିନ୍ନ ଗ୍ରାମ କର୍ମୀଙ୍କ ସମେତ ମହିଳାମାନେ ଯୋଗଦେଇଥିଲେ।

### ଅନନ୍ତପୁରରେ ଶିବ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ

ଖୁଣ୍ଟୁଣୀ,୨୬।୬(ସଚ୍ଚିଦାନନ୍ଦ ପଣ୍ଡା): ଆଠଗଡ଼ ବ୍ଲକ କଣ୍ଡରେଇ ପଞ୍ଚାୟତର ଖୁଣ୍ଟୁଣୀ ଥାନା ଅଧୀନ ଅନନ୍ତପୁର ଗ୍ରାମରେ ଏକ ନୂତନ ଶିବ ମନ୍ଦିର ନିର୍ମାଣ ନିମନ୍ତେ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପୌରୋହିତ୍ୟ କରିଥିଲେ। ଏଥିରେ କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶଙ୍କ ସମେତ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, ସମିତିସଭ୍ୟ, ପ୍ରମୁଖ ଉପସ୍ଥିତ ଥିଲେ।


ଗୋ ବଂଶକୁ ଉଦ୍ଧାର କରି ଥଇଥାନ କରିବା ଦାବି ନେଇ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ କଟକ ଜିଲା ପକ୍ଷରୁ ସୋମବାର ଡିସିପିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପ୍ରତିନିଧିଦଳ ।

## ଲୁଟେରା ଗିରଫ, ୫ ମୋବାଇଲ୍ ଫୋନ୍ ଜବତ

କଟକ,୨୬।୬ (କାର୍ତ୍ତିକ ସାହୁ)

ଏସ୍‌ସିବି ମେଡିକାଲ୍‌ରେ ସାହାଯ୍ୟ କରିବାର ପ୍ରଲୋଭନ ଦେଖାଇ ରୋଗୀ ସମ୍ପର୍କୀୟମାନଙ୍କଠାରୁ ମୋବାଇଲ୍ ଲୁଟି ନେଉଥିବା ଜଣେ ଲୁଟେରାକୁ ମଙ୍ଗଳାବାଗ ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ତିନିକୋଣିଆ ବଗିଚାର ସେକ୍ ଅମନ୍ତ ଉଲ୍ଲା। ପୋଲିସ୍ ଅଭିଯୁକ୍ତଙ୍କଠାରୁ ୫ଟି ମୋବାଇଲ୍ ଫୋନ୍ ଜବତ କରିବା ସହ କୋର୍ଟ ଚାଲାଣ କରିଛି। ଏ ନେଇ ପୋଲିସ ମାମଲା ନଂ ୧୮୩/୨୩ ରୁଜୁ ହୋଇଛି। ସୂଚନା ଅନୁସାରେ, ଅନୁଗୋଳ ଜିଲା ହୁଲୁରିଫିଙ୍ଗା ଅଞ୍ଚଳର ଦେବାଶିଷ ମହାପାତ୍ର ତାଙ୍କ ବାପାଙ୍କୁ ଏସ୍‌ସିବି ମେଡିକାଲ ଆଣିଥିଲେ। ସେ ସର୍ଜରୀ ୱାର୍ଡରେ ଚିକିତ୍ସିତ ହେଉଥିବା ବେଳେ ସେକ୍ ତାଙ୍କ ନିକଟକୁ ଆସି ନିଜକୁ ଏସ୍‌ସିବି କର୍ମଚାରୀର ପରିଚୟ ଦେଇଥିଲେ। ତାଙ୍କ ବାପାଙ୍କ ଚିକିତ୍ସା ପାଇଁ ଏକ ପ୍ଲାଜ୍‌ମା ଆବଶ୍ୟକ ବୋଲି କହି ତାଙ୍କୁ ବ୍ଲଡ୍‌ବ୍ୟାଙ୍କ ନିକଟକୁ ନେଇଥିଲେ। ପ୍ଲାଜ୍‌ମା ପାଇଁ ଟଙ୍କା ଆବଶ୍ୟକ ବୋଲି କହି ସେ ଦେବାଶିଷଙ୍କୁ ଟଙ୍କା ମାଗିଥିଲେ। ଦେବାଶିଷଙ୍କ ନିକଟରେ ଟଙ୍କା ନଥିବାରୁ ସେ ଫୋନ୍ ପେ'ରେ ଦେବାକୁ କହିଥିଲେ। ସେକ୍ ଏହି ସମୟରେ ଦେବାଶିଷଙ୍କ ଠାରୁ ତାଙ୍କ ଫୋନ୍‌ଟି ମାଗି ନେଇଥିଲେ। ବ୍ଲଡ୍‌ବ୍ୟାଙ୍କର ଜଣେ କର୍ମଚାରୀଙ୍କ ନମ୍ବର ସେଭ୍ କରିବା ଲାଗି କହି ସେ ଫୋନ୍‌ଟିକୁ ଧରି ବ୍ଲଡ୍ ବ୍ୟାଙ୍କ୍ ଭିତରକୁ ଯାଇଥିଲେ। ଦେବାଶିଷ ଅପେକ୍ଷା କରିଥିଲେ ବି ସେ ଫେରି ନଥିଲେ। ଠକେଇର ଶିକାର ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ ।

# ୮୦ଲକ୍ଷ ବ୍ୟୟରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟନ

ଚୌଦ୍ୱାର,୨୬।୬(ଆଶୁତୋଷ ଦାସ):

ଚୌଦ୍ୱାର ପୌରପାଳିକାର ବିଭିନ୍ନ ୱାର୍ଡରେ ବିଭିନ୍ନ ସରକାରୀ ଯୋଜନାରେ ୮୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉନ୍ନୟନ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ଏଥିରେ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରିଥିଲେ। ପ୍ରକଳ୍ପଗୁଡ଼ିକ ମଧ୍ୟରେ ୫ନମ୍ବର ୱାର୍ଡ଼ରେ ୨ଟି, ୭ନଂ. ଓ ୨ନଂ. ୱାର୍ଡରେ ଗୋଟିଏ ଲେଖାଏ ପେଭର ରାସ୍ତା, ୧୭ନମ୍ବର ୱାର୍ଡରେ ଏକ ରାସ୍ତା,୧୯ ନମ୍ବର ୱାଡ଼ ହାଉସିଂ ବୋର୍ଡ଼ରେ ୨ଟି ପେଭର ରାସ୍ତା, ୧୦ ନମ୍ବର ୱାର୍ଡ଼ରେ ପେଭର ରାସ୍ତା ଅନ୍ତର୍ଭୁକ୍ତ। ଏଥିସହିତ ୧୯ନଂ. ୱାର୍ଡରେ ବିଧାୟକ ପାଣ୍ଠିରେ ନିର୍ମିତ କମ୍ୟୁନିଟି ୱେଲଫେୟାର ସେଣ୍ଟରର ନୂତନ ଗୃହ, ମୁକ୍ତା ଯୋଜନାରେ ନିର୍ମିତ ୧୦ ନମ୍ବର ୱାର୍ଡ଼ସ୍ଥିତ ମହିଳା ସହାୟକ କେନ୍ଦ୍ରଗୃହ, ଓଟିଏମ୍ ପରିବା ବଜାରସ୍ଥିତ ଗୋପବନ୍ଧୁ ଓ ବିଜୁବାବୁଙ୍କ ପ୍ରତିମୂର୍ତ୍ତି, ଓଟିଏମ୍ ହାଇସ୍କୁଲଠାରୁ ନବ ନିର୍ମିତ ଇନ୍‌ଡୋର ଷ୍ଟାଡ଼ିୟମ ପର୍ଯ୍ୟନ୍ତ ନୂତନ ରାସ୍ତା ତଥା ୧୧ ନମ୍ବର ୱାର୍ଡ଼ରେ ରାଧାମୋହନ ବିରଜା ମଣ୍ଡପର ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥାକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ପୌରାଧକ୍ଷା ମାନସୀ ସ୍ୱାର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ନଗର ବିଜେଡି ସଭାପତି ବିଷ୍ଣୁଚରଣ ପରିଡ଼ା, ଏମ୍‌ପି ପ୍ରତିନିଧି ପ୍ରେମଚାନ୍ଦ ନାୟକ, ମ୍ୟୁନିସିପାଲ ଇଞ୍ଜିନିୟର ଶୁଭଶ୍ରୀ ବେହେରା, ସଞ୍ଜୟ ସାମଲ, କବିତାରାଣୀ ଲେଙ୍କାଙ୍କ ସମେତ ସମସ୍ତ କାଉନ୍‌ସିଲର ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ପୌରସଭା ଗୃହରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସହରାଞ୍ଚଳର ୧୬୭ଜଣ ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା କାର୍ଡ଼ ବିଧାୟକ ବିଶ୍ୱାଳ ବଣ୍ଟନ କରିଥିଲେ।


ବିଧାୟକ ସୌଭିକ୍ ବିଶ୍ୱାଳ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି ।

# ଉତ୍କଳ ବିଶ୍ୱବିଦ୍ୟାଳୟ +୩ ଫଳ ପ୍ରକାଶ

### କଳାରେ ୯୦.୬୨%, ବିଜ୍ଞାନ ୯୫.୨୬% ଓ ବାଣିଜ୍ୟରେ ୮୯.୨୯% ପାସ୍

ଭୁବନେଶ୍ୱର,୨୬।୬
(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ଯୁକ୍ତ୩ କଳା, ବିଜ୍ଞାନ ଓ ବାଣିଜ୍ୟ ଶେଷ ସେମିଷ୍ଟର ସହିତ ବ୍ୟାକ ପରୀକ୍ଷାର୍ଥୀଙ୍କ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। କଳାରେ ପାସ୍‌ହାର ୯୦.୬୨ ପ୍ରତିଶତ ରହିଥିବାବେଳେ ବିଜ୍ଞାନ ୯୫.୨୬ ଓ ବାଣିଜ୍ୟରେ ୮୯.୨୯ ପ୍ରତିଶତ ରହିଥିବା ପରୀକ୍ଷା ନିୟନ୍ତ୍ରକ ଶରତ କୁମାର ମାଝୀ ସୂଚନା ଦେଇଛନ୍ତି। କଳାରେ ମୋଟ ୨୫ ହଜାର ୩୫୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯ ହଜାର ୭୭୦ ଜଣ ପାସ୍ ହୋଇଛନ୍ତି। ୨୦୩୭ଜଣ ଫେଲ ହୋଇଥିବାବେଳେ ୧୦ଜଣ କପି କରି ଧରା ପଡ଼ିଥିଲେ। ୩୫୩୪ ଜଣଙ୍କ ଫଳାଫଳ ୱିଥ୍‌ହେଲ୍ଡ ରହିଛି। କଳା ସମ୍ମାନରେ ୨୫ହଜାର ୩୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯ ହଜାର ୫୦୪ଜଣ କୃତକାର୍ଯ୍ୟ ହୋଇଛନ୍ତି। ୨,୦୧୭ଜଣ ଫେଲ୍ ହୋଇଥିବାବେଳେ ୧୦ଜଣ କପି କରି ଧରାପଡ଼ିଛନ୍ତି। ୩୫୦୮ ଜଣଙ୍କ ଫଳ ୱିଥ୍‌ହେଲ୍ଡ ରହିଛି। ସେହିପରି କଳା ଜେନେରାଲରେ ୩୧୨ଜଣଙ୍କ ମଧ୍ୟରୁ ୨୬୬ ଜଣ ପାସ ହୋଇଛନ୍ତି। ୨୦ଜଣ ଫେଲ୍ ହୋଇଥିବାବେଳେ ୨୬ଜଣଙ୍କ ଫଳାଫଳ ୱିଥ୍‌ହେଲ୍ଡ ରହିଛି। ବିଜ୍ଞାନରେ ମୋଟ ୧୩ ହଜାର ୬୯୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ହଜାର ୬୭୧ଜଣ ପାସ୍ ଓ ୫୮୧ଜଣ ଫେଲ୍ ହୋଇଛନ୍ତି। ୧୪୪୧ଜଣ ୱିଥ୍‌ହେଲ୍ଡରେ ରହିଛନ୍ତି। ବିଜ୍ଞାନ ସମ୍ମାନରେ ପାସହାର ୯୫.୩୦ ପ୍ରତିଶତ ଓ ଜେନେରାଲରେ ୮୮ ପ୍ରତିଶତ ରହିଛି। ବାଣିଜ୍ୟରେ ମୋଟ ୪୧୭୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୧୮୫ଜଣ ପାସ ହୋଇଛନ୍ତି। ୩୮୫ଜଣ ଫେଲ ହୋଇଥିବାବେଳେ ୬୦୫ଜଣଙ୍କ ଫଳ ୱିଥ୍‌ହେଲ୍ଡ ରହିଛି। ବାଣିଜ୍ୟ ସମ୍ମାନରେ ପାସ୍‌ହାର ୮୯.୨୮ ପ୍ରତିଶତ ଓ ଜେନେରାଲାରରେ ୯୦.୪୮ ପ୍ରତିଶତ ରହିଛି। ଏଥିସହିତ ପ୍ରତି ସମ୍ମାନର ଟପ୍ପର ତାଲିକା ପ୍ରକାଶ ପାଇଛି।

# ଅଲଟ୍ରାସାଉଣ୍ଡ, ଏକ୍ସ'ରେ ମେଶିନ ପାଇଁ ଦାବିପତ୍ର


ନିରାମୟ ଯୋଜନାର ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ଜଣେ ରୋଗୀଙ୍କୁ ପଚାରି ବୁଝୁଛନ୍ତି ।

କଟକ ସଦର,୨୬।୬(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ନିରାମୟ ଯୋଜନାର ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ସୋମବାର ଆସିଥିଲେ। ବିଭିନ୍ନ ୱାର୍ଡ ବୁଲିବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ଅଭାବ ଅସୁବିଧା ସମ୍ପର୍କରେ ଅଧୀକ୍ଷକ ଡା.ବସନ୍ତ କୁମାର ସାହୁଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଲଟ୍ରାସାଉଣ୍ଡ ଓ ଏକ୍ସ'ରେ ମେଶିନ ଯୋଗାଇଦେବାକୁ କଟକ ଜିଲା ପରିଷଦ ଜୋନ ନଂ. ୬ର ସଦସ୍ୟ ସସ୍ମିତା ମହାର୍ଥା ଏକ ଦାବିପତ୍ର ବିଶ୍ୱାଳଙ୍କୁ ପ୍ରଦାନ କରିଥିଲେ। ଏଥିସହ ଡାକ୍ତରଖାନାର ଅଭାବ ଅସୁବିଧା ସମ୍ପର୍କରେ ଲୋକ ପ୍ରତିନିଧିମାନଙ୍କ ସହ ଆଲୋଚନା କରି ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ବିପିଏମ ଜୟଶ୍ରୀ ଦାସ, ଫାର୍ମାସିଷ୍ଟ ହେମନ୍ତ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଅମ୍ବିକା ପାତ୍ର, ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ପରିଡ଼ା, ମିହିର ରଞ୍ଜନ ପତିଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

# ନିଖିଳ ଓଡ଼ିଶା ଓପନ୍ କରାଟେ ପ୍ରତିଯୋଗିତାରେ ହଂସିତାଙ୍କୁ ସ୍ୱର୍ଣ୍ଣ

କଟକ,୨୬।୬(ସୁପ୍ରିୟା ପ୍ରିୟଦର୍ଶିନୀ)



କଟକ ବାରବାଟୀ ଜେଏନ୍ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଥିବା ନବମ ନିଖିଳ ଓଡ଼ିଶା ଓପନ୍ ଟିଏସ୍‌କେଏଫ୍‌ଆଇ କରାଟେ କୃତୀ ପ୍ରତିଯୋଗିତା – ୨୦୨୩ରେ ହଂସିତା ଜେନା କୁମିଟେ (ଫାଇଟିଂ)ରେ ସ୍ୱର୍ଣ୍ଣ ଓ କାତାରେ ରୌପ୍ୟ ପଦକ ଲାଭ କରିଛନ୍ତି। କଟକ ଖାନନଗରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ– ୨ ନବମ ଶ୍ରେଣୀର ମେଧା ଛାତ୍ରୀ ହଂସିତା। ସେ ଖାନନଗର ନିବାସୀ ସମାଜସେବୀ ମାଖନଲାଲ ଜେନା ଓ ମୋନାଲିସା ଜେନାଙ୍କ ପୁତ୍ରୀ। ସୂଚନାଯୋଗ୍ୟ, ଅନଲାଇନ କୁଇଜ୍ ପ୍ରତିଯୋଗିତାରେ ମିନିଷ୍ଟ୍ରି ଅଫ୍ ଏଜୁକେଶନ୍ ଗଭର୍ନମେଣ୍ଟ ଅଫ୍ ଇଣ୍ଡିଆ ପକ୍ଷରୁ ପୁରସ୍କାର ଲାଭ, ସୁନ୍ଦର ଚିତ୍ରକଳା ବା ପ୍ରୋଜେକ୍ଟ ପ୍ରସ୍ତୁତି, ରଙ୍ଗୋଲି କାର୍ଯ୍ୟକ୍ରମ, ଲମ୍ଫ ଡିଆଁ, ଜଣା ଅଜଣା, ପ୍ରବନ୍ଧ ଲିଖନ ଆଦି ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇ ବିଦ୍ୟାଳୟ ତଥା ନିଜ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି।

# ବିଜୁ ଛାତ୍ର ଜନତା ପକ୍ଷରୁ କୁଳପତିଙ୍କୁ ଦାବିପତ୍ର

କଟକ,୨୬।୬(ସୁପ୍ରିୟା ପ୍ରିୟଦର୍ଶିନୀ)

### ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସରେ ଅବ୍ୟବସ୍ଥା

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସରେ ଥିବା ଅବ୍ୟବସ୍ଥା ନେଇ ସୋମବାର ବିଜୁ ଛାତ୍ର ଜନତା ପକ୍ଷରୁ କୁଳପତି, କୁଳ ସଚିବ ଏବଂ ଦ୍ୱିତୀୟ କ୍ୟାମ୍ପସ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଜୁ ଛାତ୍ର ଜନତା ଦଳର ସଭାପତି ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବିନାଶ ମହାନ୍ତିଙ୍କ ନେତୃତ୍ୱରେ ୭ ଜଣିଆ ପ୍ରତିନିଧି ଦଳ ଏହି ଦାବି ପତ୍ର ପ୍ରଦାନ କରିଛନ୍ତି। ଅଧିକାରୀଙ୍କୁ ଭେଟି ଦ୍ୱିତୀୟ କ୍ୟାମ୍ପସକୁ ଛାତ୍ରୀଛାତ୍ରଙ୍କୁ ସ୍ଥାନାନ୍ତର ସମୟରେ ଯେଉଁଭଳି ମୌଳିକ ସୁବିଧା ମିଳିବ ଓ ଶିକ୍ଷା, ପରୀକ୍ଷା ଏବଂ ସୁରକ୍ଷା ଉପରେ ଧ୍ୟାନ ଦେବା ପାଇଁ ଦାବି କରାଯାଇଛି। ଏଥିସହ ମୁଖ୍ୟ ବିଲ୍ଡିଂରୁ କ୍ୟାମ୍ପସର ପ୍ରତ୍ୟେକଟି ସ୍ଥାନକୁ ପିଚୁ କିମ୍ବା କଂକ୍ରିଟ ରାସ୍ତା ଆବଶ୍ୟକ ପରିମାଣର ଷ୍ଟ୍ରିଟ ଲାଇଟ୍, ଗମନା ଗମନ ନିମନ୍ତେ ପୁରୁଣା କ୍ୟାମ୍ପସରୁ ଦ୍ୱିତୀୟ କ୍ୟାମ୍ପସ କୁ ଆବଶ୍ୟକ ପରିମାଣର ବସ୍ ସେବା ଆଦି ଦାବି କରାଯାଇଛି। କୁଳପତିବର୍ତ୍ତମାନ ଛାତ୍ରୀଛାତ୍ରଙ୍କୁ ସ୍ଥାନାନ୍ତର ନ କରି, ଦ୍ୱିତୀୟ କ୍ୟାମ୍ପସରେ କେବଳ ପାଠପଢ଼ା ଆରମ୍ଭ କରିବାକୁ କହିବା ସହ କିଭଳି ପ୍ରଥମ କ୍ୟାମ୍ପସରୁ ପିଲାମାନେ ଦ୍ୱିତୀୟ କ୍ୟାମ୍ପସକୁ ସହଜରେ ବସରେ ଯାଇପାରିବେ ସେନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ରୋହନ ପ୍ରଧାନ, ଅଲଭ୍ୟ ଅନୁରାଗ ଦାଶ, ଋତୁପର୍ଣ୍ଣା କର, ସଲୋନି ସର୍ମପିତା, ବିଶ୍ୱଭୂଷଣ ନାୟକ ଓ ସାହିଲ ସାହୁ ପ୍ରମୁଖ ଥିଲେ ।

# 'ନିଶାର କୁପ୍ରଭାବରୁ ଯୁବଗୋଷ୍ଠୀ ନିବୃତ୍ତ ରହିବା ଆବଶ୍ୟକ'

କଟକ,୨୬।୬ (କାର୍ତ୍ତିକ ସାହୁ)

### ଆର୍ନ୍ତଜାତିକ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ

କଟକ ଜିଲା ପ୍ରଶାସନ ପକ୍ଷରୁ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ କାର୍ଯ୍ୟାଳୟ ଏବଂ ଜିଲା ଅବକାରୀ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଆର୍ନ୍ତଜାତିକ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ବେଲିଭ୍ୟୁ ଛକଠାରୁ ଆରମ୍ଭ ହୋଇ ରେଭେନ୍ସା କଲିଜିଏଟ ସ୍କୁଲ ଠାରେ ଶେଷ ହୋଇଥିଲା। ରେଭେନ୍ସା କଲିଜିଏଟ ସ୍କୁଲଠାରେ ଏକ କର୍ମଶାଳା ମଧ୍ୟ ଅନୁଷ୍ଠିତ ହୋଇଥିଲା।

ମୁଖ୍ୟଅତିଥି ଭାବେ ଜିଲାପାଳ ଡ. ଭବାନୀ ଶଙ୍କର ଚୟନୀ ଉକ୍ତ କର୍ମଶାଳାରେ ଯୋଗଦେଇ କହିଲେ, ନିଶାସେବନ ଓ ବେଆଇନ ଭାବେ ହେଉଥିବା ନିଶା କାରବାରକୁ ନିରୋଧ କରାଯିବା ଦରକାର। ଏହାର କୁପ୍ରଭାବରୁ ଯୁବଗୋଷ୍ଠୀ ନିବୃତ୍ତ ରହିବା ଆବଶ୍ୟକ। ନିଶାମୁକ୍ତ ଜୀବନଶୈଳୀକୁ ଆପଣେଇବା ଓ ସାମାଜିକ ସ୍ତରରେ ଜନସଚେତନତା ସୃଷ୍ଟି କରାଯିବା ଜରୁରି। ନିଶାର କୁପରିଣାମ ବ୍ୟାପକ ଭାବେ ପ୍ରଚାର ଓ ପ୍ରସାର କରିବା ନିମନ୍ତେ ସମ୍ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଜିଲାପାଳ କହିଛନ୍ତି। ଅତିରିକ୍ତ ଜିଲାପାଳ ଶିବୋ ଟପୋ ଶୋଭାଯାତ୍ରାରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜିଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। ଆଡିସିନାଲ ଡିସିପି ଏସ.କେ. ସରିଫଉଦ୍ଦୀନ, ଜିଲା ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲ ଉପସ୍ଥିତ ଥିଲେ। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ମନୋଜ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରେଭେନ୍ସା କଲିଜିଏଟ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଅନୁସ୍ମିତା ସାଇଁ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବିଶ୍ୱନାଥ ମିଶ୍ରଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ରମାନେ ବନ୍ଦେ ଉତ୍କଳ ଜନନୀ ଗାଇଥିଲେ। ପ୍ରୋଜେକ୍ଟ ସ୍ୱରାଜଙ୍କ ସମେତ ଅନ୍ୟ ବେସରକାରୀ ନିଶା ନିବାରଣ ଅନୁଷ୍ଠାନର ପ୍ରତିନିଧିମାନେ ସାମିଲ ଥିଲେ।


ସାରଳା ଭବନରେ ଅନୁଷ୍ଠିତ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ କୈଳାସ ଚନ୍ଦ୍ର ବରାଳ ସ୍ମୃତି ସମ୍ମାନ ପ୍ରଦାନ କରୁଛନ୍ତି ।



୫ଦଫା ଦାବିନେଇ ସିପିଆଇ (ଏମ୍) ପକ୍ଷରୁ ଖାନ୍‌ନଗର ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରୁ ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟକୁ ବାହାରିଥିବା ଶୋଭାଯାତ୍ରା ।


ଜିଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ପାଳନ ଅବସରରେ କୁଡିସିଆଲ ଏକାଡେମୀ ଛକ ନିକଟରୁ ବାହାରିଥିବା ସଚେତନତା ଶୋଭାଯାତ୍ରା ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୭ ଜୁନ୍, ୨୦୨୩



## ସଂକ୍ଷେପରେ

### ସାପ କାମୁଡ଼ାରେ ଚାଷୀ ମୃତ

ନିରାକାରପୁର,୨୬।୬(ମାନସ ଚନ୍ଦ୍ର ପଟ୍ଟନାୟକ): ସାପ କାମୁଡ଼ାରେ ସୋମବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ସିକୋ ଫାଣ୍ଡି ଅଧୀନ ହଜ-ତଳସାହିର ସାଧୁ ଚରଣ ସ୍ୱାଇଁ (୭୦)। ସକାଳ ୭ଟାରେ ସାଧୁ କ୍ଷେତରୁ ବାଇଗଣ ତୋଳୁଥିବା ବେଳେ ଏହି ସମୟରେ ତାଙ୍କ ଡାହାଣ ହାତକୁ ଏକ ସାପ କୁମୁଡ଼ି ଦେଇଥିଲା। ଫଳରେ ସେଠାରେ ସେ ଅଚେତ ହୋଇ ପଡ଼ିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ସାନପୁଅ ଓ ସ୍ଥାନୀୟ ବାସିନ୍ଦା ଖୋର୍ଦ୍ଧା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର ପରେ ସ୍ଥାନୀୟ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ପୂର୍ବତନ ବିଧାୟକ ସହଧର୍ମିଣୀଙ୍କ ପରଲୋକ



ବୋଲଗଡ଼,୨୬।୬ (ଦେବବ୍ରତ ହୋତା): ବୋଲଗଡ଼-ବେଗୁନିଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ସୁରେନ୍ଦ୍ର ନାଥ ମିଶ୍ରଙ୍କ ସହଧର୍ମିଣୀ ସମାଜସେବୀ ଶାନ୍ତିଲତା ମିଶ୍ର (୭୧)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱାସ୍ଥ୍ୟାବସ୍ଥାର ଚିକିତ୍ସା ପାଇଁ ସେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଗତ କିଛିଦିନ ହେବ ଚିକିତ୍ସିତ ହେଉଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ରବିବାର ପରଲୋକ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ସୁଧିରଂଜନ ମିଶ୍ର ମୁଖାଗ୍ନି ଦେଇଥିଲେ। ଦିଅର ରବିନ୍ଦ୍ର ନାଥ ମିଶ୍ର, ରାଜେନ୍ଦ୍ର ନାଥ ମିଶ୍ର, ଝିଅ ଓ ଜ୍ୱାଇଁଙ୍କ ସମେତ ସମ୍ପର୍କୀୟ ଉପସ୍ଥିତ ଥିଲେ।

### ମହାପ୍ରଭୁଙ୍କ ନିମନ୍ତେ ପୋଡ଼ପିଠା ପ୍ରସ୍ତୁତି

ପୁରୀ, ୨୬।୬(ଅଜିତ୍ ମହାନ୍ତି): ଭୋଜନ ପ୍ରିୟ ମହାପ୍ରଭୁ ଶ୍ରୀଜଗନ୍ନାଥ। ସେଥିପାଇଁ ତାଙ୍କ ନିକଟରେ ୬୦ ପଉଟି ଭୋଗ ଓ ୫୬ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ତଥାପି ଖାଇବା ନିମନ୍ତେ ମହାପ୍ରଭୁଙ୍କର ଥାଏ ବିଶେଷ ରୁଚି ପ୍ରତିଦିନ ତାଙ୍କ ପାଖରେ ପିଠା ଭୋଗ କରାଯାଏ। ସେହିପରି ଘୋଷଯାତ୍ରା ଅବସରରେ ନିଆରା ପରମ୍ପରା ହେଉଛି ବାହୁଡ଼ାଯାତ୍ରାରେ ଦାରୁବିଗ୍ରହମାନଙ୍କୁ ପୋଡପିଠ଼ା ଭୋଗ ମଣୋହି ହେବା। ମହାପ୍ରଭୁ ନବଦିନାତ୍ମକ ଯାତ୍ରା ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କଲାବେଳେ ତାଙ୍କ ମାଉସୀ ମା' ଭାବେ ପରିଚିତ ମା' ଅର୍ଦ୍ଧଶୋଷିନୀ ଠାକୁରାଣୀ ପୋଡ଼ପିଠା ପ୍ରସ୍ତୁତ କରିଥାନ୍ତି। ମହାପ୍ରଭୁ ସର୍ବଦା ବାତ୍ସଲ୍ୟ ମମତାରେ ବନ୍ଧା। ସେ ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିରକୁ ଫେରିବାବେଳେ ମାଉସୀଙ୍କ ହାତ ତିଆରି ପୋଡ଼ପିଠା ଖାଇଥାନ୍ତି। ରଥାରୁଢ଼ ଶ୍ରୀବିଗ୍ରହଙ୍କୁ ମାଉସୀ ମା' ମନ୍ଦିର ସମ୍ମୁଖରେ ପୋଡ଼ପିଠ଼ା ଭୋଗ କରାଯାଇଥାଏ। କାହିଁ କେଉଁ କାଳରୁ ଏହି ପରମ୍ପରା ଚାଲି ଆସିଛି। ବର୍ତ୍ତମାନ ମା'ଙ୍କ ମୁଖ୍ୟ ପୂଜକ ବିଶ୍ୱନାଥ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କ ନିମନ୍ତେ ପୋଡ଼ପିଠା ପ୍ରସ୍ତୁତ କରାଯାଉଛି। ମୁଖ୍ୟତଃ ହେରାପଞ୍ଚମୀ ତିଥିରୁ ପୋଡ଼ପିଠା ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଏହି ପୋଡ଼ପିଠା ପୋଡ଼ା ନ ଯାଇ ପାଣିର ବାଷ୍ପରେ ପ୍ରସ୍ତୁତ କରାଯାଇଥାଏ।

# ଆନ୍ଦୋଳନ କରିବେ ୧୫ ଗାଁ ବାସିନ୍ଦା

**ଜମିଜମା ରେକର୍ଡ ସଂଶୋଧନ ପ୍ରସଙ୍ଗ**

- ପ୍ରତିଶ୍ରୁତି ସତ୍ତ୍ୱେ ଦାବି ପୂରଣ ହୋଇନି
- ଆଇନ ଅମାନ୍ୟ ପାଇଁ ବସିଲା ବୈଠକ

ଖୋର୍ଦ୍ଧା,୨୬।୬(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଉପସ୍ଥିତ ଗ୍ରାମବାସୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଏଖରାଜାତ ମାହାଲର ନରଣଗଡ଼, ତାପଙ୍ଗ ଓ ଧଉଲିମୁହଁ ପଞ୍ଚାୟତର ୧୫ଟି ରାଜସ୍ୱ ଗ୍ରାମର ଶତାଧିକ ଗ୍ରାମବାସୀ ଜମିଜମାର ସ୍ୱତ୍ୱାଧିକାର ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର ପରିଚାଳନା କମିଟି, ପୁରୀ ପରିବର୍ତ୍ତେ ଓଡ଼ିଶା ସରକାର ଲେଖାଯିବାକୁ ଦାବି କରିଆସୁଛନ୍ତି। ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ଫଳରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ମାର୍ଚ୍ଚରେ ଜମିଜମା ରେକର୍ଡ ସଂଶୋଧନ ଦାବିରେ ଆଞ୍ଚଳିକ ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି ଆନୁକୂଲ୍ୟରେ ଉପରୋକ୍ତ ପଞ୍ଚାୟତର ଶତାଧିକ ଗ୍ରାମବାସୀ ଗଣଧାରଣାରେ ବସିଥିଲେ। ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏପରିକି ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଯାବତ୍ କୌଣସି ପଦକ୍ଷେପ ନିଆଗଲା ନାହିଁ। ସୋମବାର ଏହାର ପ୍ରତିବାଦରେ ସମିତି ଆନୁକୂଲ୍ୟରେ ୩ ପଞ୍ଚାୟତର ଗ୍ରାମବାସୀଙ୍କୁ ନେଇ ବୈଠକ ହୋଇଥିଲା। ସମିତି ସଭାପତି ଗୋଦାବରୀଶ ଗୁମାନସିଂ ସଭାପତିତ୍ୱ କରିଥିଲେ। ସମ୍ପାଦକ ଯୁଧିଷ୍ଠିର ହରିଚନ୍ଦନ ବିବରଣୀ ପାଠ କରିଥିଲେ। ଜମିଜମା ସଂଶୋଧନ ନେଇ ପୂର୍ବରୁ ଜିଲା ପ୍ରଶାସନ ଏବଂ ରାଜସ୍ୱ ମନ୍ତ୍ରୀଙ୍କ ସହ ହୋଇଥିବା ବାର୍ତ୍ତାଳାପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତ ୧୨ ତାରିଖ ସୁଦ୍ଧା ଏ ଦିଗରେ ପଦକ୍ଷେପ ନେବା ଲାଗି ସମିତି ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ତେବେ ପ୍ରଶାସନ ପକ୍ଷରୁ ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏହାର ପ୍ରତିବାଦରେ ଆଞ୍ଚଳିକ ଭିଟାମାଟି ସଂଗ୍ରାମ ସମିତି ଆସନ୍ତା ଜୁଲାଇ ୭ରୁ ନରଣଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବ ବୋଲି ଏକ ପ୍ରେସ ବିବୃତିରେ ସଭାପତି ଓ ସମ୍ପାଦକ ଜଣାଇଛନ୍ତି। ଏହି ବୈଠକରେ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ସମ୍ପାଦକ ହରିଚନ୍ଦନ କହିଛନ୍ତି, ଜମିଜମାର ସ୍ୱତ୍ୱାଧିକାରୀ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିଚାଳନା କମିଟି, ପୁରୀଙ୍କ ନାମରେ ହୋଇଥିବାରୁ ଗ୍ରାମବାସୀ କୌଣସି ଅତ୍ୟାବଶ୍ୟକ ସମୟରେ ଜମି ବିକ୍ରି କରିପାରୁନାହାନ୍ତି। ଏପରିକି ଜମି ପଟ୍ଟାରେ ଓଡ଼ିଶା ସରକାର ଲେଖା ନ ଥିବାରୁ ଆବାସ ଓ ଋଣ ଆଦି ସରକାରୀ ସୁବିଧା ପାଇପାରୁନାହାନ୍ତି ବୋଲି ସେ କହିଛନ୍ତି।

ଖୋର୍ଦ୍ଧା ମାଟିର ପାଇକବୀର ଇଂରେଜ ମାନଙ୍କ ମଧ୍ୟରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ଇଂରେଜ ପାଖରେ ମୁଣ୍ଡ ନୁଆଁଇ ନ ଥିଲେ। ସେତେବେଳେ ମାଟି ମା ପାଇଁ ଲଢେଇ କରିଥିବା ପାଇକ ପୁଅ ଏବେ ନିଜ ହକ୍ ପାଇବା ପାଇଁ ଦୀର୍ଘ ବର୍ଷ ଧରି ଆନ୍ଦୋଳନ ଚାଲିଥିଲେ ମଧ୍ୟ ସରକାର କୌଣସି କର୍ଣ୍ଣପାତ କରୁନାହାନ୍ତି। ଭିଟାମାଟି ପାଇଁ ଲଢେଇ କରିବୁ, ଏଭଳି ଜବାବ ରଖିଛି ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି। ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳି ଦେଇଥିବା ପାଇକ ବୀରଙ୍କ ମାଟି ପ୍ରତି ସରକାର ଅଣଦେଖା କରୁଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି।

### କମିଟି ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଉ

୨୦୨୧ରେ ଆଇନ ବିଭାଗ ଓ ୭ ଜଣିଆ କମିଟି ଦେଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦୀର୍ଘ ୬୦ବର୍ଷ ଧରି ବନ୍ଦୋବସ୍ତ ହୋଇନଥିବା ଏଖରାଜାତ ମାହାଲର ବନ୍ଦୋବସ୍ତ କରାଯାଇ ସ୍ୱତ୍ୱଲିପି ପ୍ରଦାନ ତଥା ଜମିଦାରଙ୍କ ନାମ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ,ପୁରୀ ମାର୍ଫତ ଆଡମିନିଷ୍ଟ୍ରେଟର, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ପୁରୀ ପରିବର୍ତ୍ତେ ଓଡ଼ିଶା ସରକାର ଲେଖାଯିବାକୁ ଦାବି କରିଛନ୍ତି। ବକ୍ସିଙ୍କ ନେତୃତ୍ୱରେ ସେତେବେଳେ ତାପଙ୍ଗ ଓ ରାମେଶ୍ୱର ଆଦି ଅଞ୍ଚଳର ୧୫୬ ଗ୍ରାମର ପ୍ରଜାମେଳି ହୋଇ ୧୮୧୭ର ଗଣ ବିପ୍ଳବରେ ପାଇକ ବୀରମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। ଜମିଦାରି ଉଚ୍ଛେଦ ପରେ ୧୫୬ଟି ଗ୍ରାମରୁ ୧୨୦ଟି ଗ୍ରାମକୁ ରେକର୍ଡଭୁକ୍ତ(୧୯୬୨-୬୫) ସ୍ଥିତିବାନ ପ୍ରଜାମାନଙ୍କ ଓଡ଼ିଶା ସରକାରଙ୍କ ଅଧୀନରେ ପ୍ରକାଶିତ ଚୂଡାନ୍ତ ସତ୍ୱଲିପି ପ୍ରଦାନ କରାଯାଇଛି। ସେହିପରି ଅବଶିଷ୍ଟ ୩୬ଟି ଗ୍ରାମକୁ ଓଡ଼ିଶା ସରକାର ଚୁଡାନ୍ତ ସ୍ୱତ୍ୱଲିପି ପ୍ରଦାନ କରାଯିବାକୁ କମିଟି ପ୍ରସ୍ତାବ ଦେଇଥିଲେ। ତେବେ ଏହି ପ୍ରସ୍ତାବକୁ ଦୀର୍ଘ ମାସ ବିତିଲାଣି। ତାହାକୁ କାର୍ଯ୍ୟକାରୀ କରାଯାଉନାହିଁ ବୋଲି ସମିତି ପକ୍ଷରୁ କୁହାଯାଇଛି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

ବାଲିପାଟଣା,୨୬।୬(ଅଭିମନ୍ୟୁ ନାୟକ)

ଆମେଶକୁଦ ପଞ୍ଚାୟତଠାରେ ଏକ ସମୀକ୍ଷା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଶଶାଙ୍କ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନାରେ ଚାରିବର୍ଷ ମଧ୍ୟରେ ଉକ୍ତ ପଞ୍ଚାୟତରେ କ'ଣ କାମ ହୋଇଛି ଏବଂ କେଉଁ କାମ ବାକି ରହିଛି ତାହାର ସମୀକ୍ଷା କରିଥିଲେ। ଅତିଥି ପଞ୍ଚାୟତ ସମିତିସଭ୍ୟା ବିଜୟଲକ୍ଷ୍ମୀ ବେହେରା ବାକି ରହିଥିବା କାର୍ଯ୍ୟର ତାଲିକା ବିଧାୟକଙ୍କୁ ପ୍ରଦାନ କରିଥିଲେ। ତେବେ ବାକି ରହିଥିବା କାର୍ଯ୍ୟରୁ ଅତି ଆବଶ୍ୟକ କାର୍ଯ୍ୟର ସମାଧାନ ପାଇଁ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବିଧାୟକ କହିଥିଲେ। ଏହି ଅବସରରେ ଉପସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ଓ ଗୁରୁଜନଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କୈଳାସ ଚନ୍ଦ୍ର ସେଠି, ପୂର୍ବତନ ସରପଞ୍ଚ ମମତା ଭୋଇ, ବେଣୁଧର ମହାପାତ୍ର, ରମେଶ ମହାପାତ୍ର, ନଗେନ ନାୟକ, ରତ୍ନାକର ସାହୁ, ଭାଗୀରଥି ଭୁଇଁଆଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# 'ନିଶାମୁକ୍ତ ସମାଜ ଗଠନ ସମସ୍ତଙ୍କ ଦାୟିତ୍ୱ'



ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଅବକାରୀ ବିଭାଗ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଖୋର୍ଦ୍ଧା,୨୬।୬(ପ୍ରଭାତ ପାଣିଗ୍ରାହୀ)

ନିଶା ଏକ ମାରାତ୍ମକ ବ୍ୟାଧି। ଏଥିରେ ଥରେ ଅଭ୍ୟସ୍ତ ହୋଇଗଲେ, ମୁକୁଳିବା ସହଜ ନ ଥାଏ। ଏପରିକି ନିଶା ଯୋଗୁ ପାରିବାରିକ ହିଂସା ଓ ସମାଜରେ ଅଶାନ୍ତି ସୃଷ୍ଟିହୋଇ ବହୁ ପରିବାର ନଷ୍ଟ ହୋଇଯାଉଛି। ବିଶେଷକରି ଆଜିର ଯୁବପିଢ଼ି ପ୍ରଭାବିତ ହେଉଥିବାରୁ ସଚେତନତା ମାଧ୍ୟମରେ ସେମାନଙ୍କୁ ଭଲ ବାଟକୁ ଫେରାଇ ଆଣିବାରେ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି ବୋଲି ମତପ୍ରକାଶ ପାଇଛି। ସୋମବାର ସକାଳ ୮ଟାରେ ମାଦକ ଦ୍ରବ୍ୟର ଅପବ୍ୟବହାର ତଥା ଅବୈଧ କାରବାର ବିରୋଧୀ ଅନ୍ତଃରାଷ୍ଟ୍ରୀୟ ଦିବସ ଅବସରରେ ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ(ଡିଏସ୍ଏସ୍ଓ) ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିତ ଆନୁକୂଲ୍ୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଥିଲେ, ଯେଉଁମାନଙ୍କ କାନ୍ଧରେ ଦେଶର ଆଗାମୀ ଭବିଷ୍ୟତ ରହିଛି, ସେହିମାନେ ବିପଥଗାମୀ ହେବାରେ ଲାଗିଛନ୍ତି। ଆଜିର ଯୁବ ସମାଜ ଏବେ ଧୀରେ ଧୀରେ ନିଶା ବଳୟକୁ ଚାଲିଗଲେଣି। ଯୁବସମାଜ ପଥଭ୍ରଷ୍ଟ ହେଉଛନ୍ତି। ଲକ୍ଷ୍ୟପଥରୁ ବିଚ୍ୟୁତ ହେଉଛନ୍ତି। ନିଶାମୁକ୍ତ ସମାଜ ଗଠନ ଲାଗି ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ଡିଏସ୍ଏସ୍ଓ ପ୍ରସନ୍ନ କୁମାର ମଲ୍ଲିକ, ଅବକାରୀ ଅଧିକାରୀ ଭୈରବ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଶୋଭାଯାତ୍ରାରେ ବିଭାଗୀୟ କର୍ମଚାରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ପ୍ଲାକାର୍ଡ ଧରି ଲୋକଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟ +୩ ଫଳ ପ୍ରକାଶ

ଭୁବନେଶ୍ୱର,୨୬।୬(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡ଼ିକରେ ଯୁକ୍ତ୩ କଳା, ବିଜ୍ଞାନ ଓ ବାଣିଜ୍ୟ ଶେଷ ସେମିଷ୍ଟର ସହିତ ବ୍ୟାକ ପରୀକ୍ଷାର୍ଥୀଙ୍କ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। କଳାରେ ପାସ୍‌ହାର ୯୦.୬୨ ପ୍ରତିଶତ ରହିଥିବାବେଳେ ବିଜ୍ଞାନ ୯୫.୨୬ ଓ ବାଣିଜ୍ୟରେ ୮୯.୨୯ ପ୍ରତିଶତ ରହିଥିବା ପରୀକ୍ଷା ନିୟନ୍ତ୍ରକ ଶରତ କୁମାର ମାଝୀ ସୂଚନା ଦେଇଛନ୍ତି। କଳାରେ ମୋଟ ୨୫ ହଜାର ୩୫୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯ ହଜାର ୭୭୦ ଜଣ ପାସ୍ ହୋଇଛନ୍ତି। ୨୦୩୭ଜଣ ଫେଲ ହୋଇଥିବାବେଳେ ୧୦ଜଣ କପି କରି ଧରା ପଡ଼ିଥିଲେ। ୩୫୩୪ ଜଣଙ୍କ ଫଳାଫଳ ୱିଥ୍‌ହେଲ୍ଡ ରହିଛି। କଳା ସମ୍ମାନରେ ୨୫ହଜାର ୩୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯ ହଜାର ୫୦୪ଜଣ କୃତକାର୍ଯ୍ୟ ହୋଇଛନ୍ତି। ୨,୦୧୭ଜଣ ଫେଲ୍ ହୋଇଥିବାବେଳେ ୧୦ଜଣ କପି କରି ଧରାପଡ଼ିଛନ୍ତି। ୩୫୦୮ ଜଣଙ୍କ ଫଳ ୱିଥ୍‌ହେଲ୍ଡ ରହିଛି। ସେହିପରି କଳା ଜେନେରାଲରେ ୩୧୨ଜଣଙ୍କ ମଧ୍ୟରୁ ୨୬୬ ଜଣ ପାସ ହୋଇଛନ୍ତି। ୨୦ଜଣ ଫେଲ୍ ହୋଇଥିବାବେଳେ ୨୬ଜଣଙ୍କ ଫଳାଫଳ ୱିଥ୍‌ହେଲ୍ଡ ରହିଛି। ବିଜ୍ଞାନରେ ମୋଟ ୧୩ ହଜାର ୬୯୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ହଜାର ୬୭୧ଜଣ ପାସ୍ ଓ ୫୮୧ଜଣ ଫେଲ୍ ହୋଇଛନ୍ତି। ୧୪୪୧ଜଣ ୱିଥ୍‌ହେଲ୍ଡରେ ରହିଛନ୍ତି। ବିଜ୍ଞାନ ସମ୍ମାନରେ ପାସହାର ୯୫.୩୦ ପ୍ରତିଶତ ଓ ଜେନେରାଲରେ ୮୮ ପ୍ରତିଶତ ରହିଛି। ବାଣିଜ୍ୟରେ ମୋଟ ୪୧୭୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୧୮୫ଜଣ ପାସ ହୋଇଛନ୍ତି। ୩୮୫ଜଣ ଫେଲ ହୋଇଥିବାବେଳେ ୬୦୫ଜଣଙ୍କ ଫଳ ୱିଥ୍‌ହେଲ୍ଡ ରହିଛି। ବାଣିଜ୍ୟ ସମ୍ମାନରେ ପାସ୍‌ହାର ୮୯.୨୮ ପ୍ରତିଶତ ଓ ଜେନେରାଲରେ ୯୦.୪୮ ପ୍ରତିଶତ ରହିଛି। ଏଥିସହିତ ପ୍ରତି ସମ୍ମାନର ଟପ୍ପର ତାଲିକା ପ୍ରକାଶ ପାଇଛି।

# 'ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷା ଜରୁରୀ'




ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୬।୬(ପ୍ରଭାତ ପାଣିଗ୍ରାହୀ)

**ଅଧାରୁ ପାଠ ଛାଡିଥିବା ପିଲା, ଅଭିଭାବକଙ୍କୁ ନେଇ ପରାମର୍ଶ ଶିବିର**

ଖୋର୍ଦ୍ଧା ଜିଲା ପ୍ରଶାସନ ଓ ସ୍ଥାନୀୟ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଅଧାରୁ ପାଠ ଛାଡ଼ିଥିବା ବାଳିକା ଓ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନେଇ ଏକ ପରାମର୍ଶ ଶିବିର ବାଜପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ରାଉଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ଯୋଗଦେଇ କହିଥିଲେ, ଗୁଣାତ୍ମକ ଶିକ୍ଷା ବିକାଶ କ୍ଷେତ୍ରରେ ସରକାର ଗୁରୁତ୍ୱ ଦେଉଛନ୍ତି। କୌଣସି କାରଣରୁ ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ପୁଣିଥରେ ପାଠପଢ଼ାର ସୁଯୋଗ ଦେଇ ସାମାଜିକ ସ୍ରୋତରେ ସାମିଲ ପାଇଁ ଗୁରୁତ୍ୱ ଦିଆଯାଉଛି। ସରକାରଙ୍କ ପକ୍ଷରୁ ଛାତ୍ରୀଙ୍କୁ ପାଠ୍ୟପୁସ୍ତକ, ପୋଷାକ, ମଧ୍ୟାହ୍ନ ଭୋଜନ, ସାଇକେଲ ଆଦି ଅନେକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ତତ୍‌ସହିତ ମାଗଣା ଧନ୍ଦାମୂଳକ ଶିକ୍ଷା ଏବଂ ଉଚ୍ଚତର ଅଧ୍ୟୟନ ନିମନ୍ତେ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ଶିକ୍ଷା ସଫଳତାର ମାପକାଠି। କୌଣସି କ୍ଷେତ୍ରରେ ଆଗକୁ ବଢ଼ିବାକୁ ହେଲେ ଶିକ୍ଷାଗତ ଯୋଗ୍ୟତା ନିତାନ୍ତ ଆବଶ୍ୟକ। ତେଣୁ ଅଧାରୁ ପାଠ ଛାଡିଥିବା ପିଲାମାନେ ପୁଣି ବିଦ୍ୟାଳୟରେ ନାମ ଲେଖାଇ ପଢ଼ା ଆରମ୍ଭ କରିପାରିବେ। ଯଦି ପ୍ରାଥମିକ ଶିକ୍ଷା ଲାଭ ନ କରିବା ତେବେ ଭବିଷ୍ୟତ ଅନ୍ଧକାର ହୋଇଯିବ। ପାଠ ଛାଡ଼ିଥିବା ଛାତ୍ରୀଛାତ୍ର କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେଥିପାଇଁ ଗୁରୁତ୍ୱ ଦିଆଯାଇଛି। କେହି ଯେମିତି ଅପାଠୁଆ ନ ରୁହନ୍ତି, ଏ ଦିଗରେ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା, ଶୈକ୍ଷିକ ବାତାବରଣ ମଧ୍ୟରେ ଆଧୁନିକ ଜ୍ଞାନକୌଶଳରେ ପିଲାଙ୍କ ବୌଦ୍ଧିକ, ମାନସିକ, ଶାରୀରିକ ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଛି। ସଭିଏ ସଙ୍କଳ୍ପ କରିବା, ପାଠ ପଢ଼ିବା ନିଜେ ସାକ୍ଷର ହୋଇ ପରିଚୟ ସୃଷ୍ଟି କରିବା ବୋଲି ମତପ୍ରକାଶ ପାଇଥିଲା। ବାଜପୁର, କୁରାଡ଼ମଲ୍ଲ ଓ ନରଣଗଡ଼ କ୍ଲଷ୍ଟର ଅଧାରୁ ପାଠ ଛାଡ଼ିଥିବା (ଡ୍ରପ୍ ଆଉଟ୍) ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ୱାତୀ ତନୟା ମିଶ୍ର, ସୁଶ୍ରୀ ସନ୍ଧ୍ୟା, ପ୍ରକାଶ ଚନ୍ଦ୍ର ବାରିକ, ରବିନାରାୟଣ ସାହୁ, ଅଞ୍ଜଳିବାଳା ମଲିକ, ପ୍ରେମାଞ୍ଜଳି ପତି ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ସାଧନ ସଂଯୋଜକ ଯୁଧିଷ୍ଠିର ସାହୁ, ରେବତୀ ପଣ୍ଡା, ରବିନାରାୟଣ ପଣ୍ଡା, ଧ୍ରୁବଚରଣ ରଣା, ରବିନାରାୟଣ ସାହୁ, ରବୀନ୍ଦ୍ର ପ୍ରଧାନ, ବିକାଶ ମୁଦୁଲି, ଅମିୟ ଜେନା, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ସୁଶାନ୍ତ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# 'ଗୋ ସେବା ପାଇଁ ନିଜକୁ ସମର୍ପଣ କର'

ବେଗୁନିଆ,୨୬।୬(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମସ୍ଥିତ ଗୋଶାଳା ପରିସରରେ ଗୋମାତା ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମଠ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ତୁଳସୀ ପିଠାଧିସ୍ୱର ପଦ୍ମବିଭୂଷଣ ଜଗତଗୁରୁ ରାମ ଭଦ୍ରାଚାର୍ଯ୍ୟ ଯୋଗଦେଇଥିଲେ। ଗୋମାତାର ଯତ୍ନ ଓ ଗୋସମ୍ପଦର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଦିକ ପରମ୍ପରା ଓ ସଂସ୍କୃତି ଧୀରେ ଧୀରେ ଲୋପ ପାଇବାକୁ ବସିଛି। ତେବେ ସମୟ ଆସିଛି ପୁନର୍ବାର ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ହେଲେ ଗୋମାତାଙ୍କ ସେବା ପାଇଁ ସମର୍ପଣ ଭାବ ନେଇ ଆଗେଇ ଆସନ୍ତୁ ବୋଲି ଅତିଥି ଭଦ୍ରାଚାର୍ଯ୍ୟ ଆହ୍ୱାନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଗୋପାଳକମାନେ ନିଜ ଇଚ୍ଛାରେ ଗୋ ଦାନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଗୋ ପ୍ରେମୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଗାଁ ବୁଲିଲା ଶିକ୍ଷା ସଚେତନତା ରଥ

କୃଷ୍ଣପ୍ରସାଦ,୨୬।୬(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ଶିକ୍ଷା ସଚେତନତା ରଥ ସୋମବାର ଶୁଭାରମ୍ଭ କରାଯାଇଛି। ଏହି ସଚେତନତା ରଥକୁ ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ବିଆର୍‌ସିସି ସତ୍ୟବ୍ରତ ସାହୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ରଥ ୨୧ଟି ପଞ୍ଚାୟତର ୧୫୮ଟି ବିଦ୍ୟାଳୟ ଓ ସମସ୍ତ ଗ୍ରାମ ବୁଲିବା ଲକ୍ଷ୍ୟ ରଖାଯାଇଛି ବୋଲି ବ୍ଲକ ଶିକ୍ଷା ଅଧିକାରୀ ଜେନା କହିଛନ୍ତି। ସମସ୍ତ ପିଲା ଯେପରି ବିଦ୍ୟାଳୟରେ ଅଧ୍ୟୟନ କରିବେ ସେଥିପ୍ରତି ସଜାଗ ରହିବା ଲାଗି କୁହାଯାଇଥିବା ବେଳେ ଏହି ସଚେତନତା ବାର୍ତ୍ତା ଯେପରି ସମସ୍ତଙ୍କ ପାଖରେ ପହଞ୍ଚିବ ଶିକ୍ଷା ବିଭାଗର ଲକ୍ଷ୍ୟ ରହିଛି। ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ସିଆରସିସି ପ୍ରଶାନ୍ତ କୁମାର ପ୍ରଧାନ, ସୁନୀଲ କୁମାର ଜେନା, ବିଦ୍ୟାଧର ଜେନା, ବୈକୁଣ୍ଠ ନାଥ ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଚିଲିକା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୀପକ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ରଥକୁ ସ୍ୱାଗତ କରିଥିଲେ।



ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ବିଆର୍‌ସିସି ସତ୍ୟବ୍ରତ ସାହୁ ପତାକା ଦେଖାଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

# କାର୍ଯ୍ୟ ଅଧାପନ୍ତରିଆ ପ୍ରତିବାଦରେ ରାସ୍ତାରୋକୋ

ବେଗୁନିଆ,୨୬।୬(ହର ପ୍ରସନ୍ନ ପଣ୍ଡା)

- ସିମୋର ବଜାରରେ କୃତ୍ରିମ ପୋଖରୀ ଭ୍ରମ
- ପ୍ରତିଶ୍ରୁତି ପରେ ଅବରୋଧ ହଟିଲା

ଲୋକଙ୍କ ସୁବିଧା ଓ ସୁରକ୍ଷିତ ଗମନାଗମନ ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଅବହେଳା ପାଇଁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ସହ ଅଧାପନ୍ତରିଆ ହୋଇରହିଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ ସିମୋର-ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତାରେ ଦେଖିବାକୁ ମିଳିଛି। ରାସ୍ତା କାମ ଆରମ୍ଭରୁ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଆସୁଛି। ତେବେ ଅଭିଯୋଗକୁ ଗୁରୁତ୍ୱ ଦେବା ବଦଳରେ ଠିକାଦାରଙ୍କୁ ସହଯୋଗ କରାଯାଉଥିବା ପ୍ରତିବାଦରେ ସୋମବାର ସ୍ଥାନୀୟ ଲୋକେ ସିମୋର ବଜାର ରାସ୍ତା ଉପରେ ପଥର ପକାଇ ଏକ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ଗାଡ଼ି ଅଟକି ରହିଥିଲା।



ସ୍ଥାନୀୟ ଲୋକେ ସାଇକେଲ, ପଥର ରଖି ରାସ୍ତା ଅବରୋଧ କରିଛନ୍ତି।

ବାଘମାରୀ ପୋଲିସ, ସ୍ଥାନୀୟ ପୂର୍ତ୍ତ ବିଭାଗ ଅଧିକାରୀ, ସରପଞ୍ଚ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ସିମୋର-ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତାର ଦୁରବସ୍ଥା ପାଇଁ ଟେଣ୍ଡର ପ୍ରକ୍ରିୟା ପରେ ଗତ ଏପ୍ରିଲ ୧୭ରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଶିଳାନ୍ୟାସ ଦେଇଥିଲେ। ପରେ ଠିକାଦାର ରାସ୍ତାର ଉଭୟ ପାର୍ଶ୍ୱ ଗଛ କାଟିବା ସହ ରାସ୍ତା ପ୍ରଶସ୍ତୀକରଣ ପ୍ରକ୍ରିୟା ଆରମ୍ଭ କରିଥିଲେ। ଗଁପୁର ଛକଠାରେ ୫ ଶହ ମିଟର କଂକ୍ରିଟ ଢଳେଇ ଓ କୋଟପଲ୍ଲା ବଜାରଠାରେ ଶହେ ମିଟର କଂକ୍ରିଟ ଢଳେଇ କାର୍ଯ୍ୟ କରିଥିଲେ। ତେବେ ଆରମ୍ଭରୁ ରାସ୍ତା ନିର୍ମାଣରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ସୂଚନା ଫଳକରେ ବ୍ୟୟବରାଦ ରାଶିର କୌଣସି ପରିମାଣ ଉଲ୍ଲେଖ ନ ଥିଲା। ସେହିପରି ଢଳେଇ ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ସିମୋର ଏବଂ ଗଁପୁର ବଜାର ପରିସରରେ ରାସ୍ତା ଅଧାପନ୍ତରିଆ ଭାବେ ଛାଡି ଦିଆଯାଇଛି। ଫଳରେ ଲଘୁଚାପଜନିତ ବର୍ଷାରେ ଉଭୟ ବଜାରରେ କୃତ୍ରିମ ପୋଖରୀ ଭ୍ରମ ସୃଷ୍ଟି ହୋଇଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୬।୬।୨୦୨୩

| | |
|---|---|
| ୧,୯୦,୬୨୪ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ଆଜି ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ

**ସନ୍ଧ୍ୟା ୫ ପରେ ଦର୍ଶନ ବନ୍ଦ**

- ଅସନ୍ତୋଷ ବ୍ୟକ୍ତ କଲେ ଶ୍ରଦ୍ଧାଳୁ
- ଦିନରେ ସନ୍ଧ୍ୟା ଦର୍ଶନ ନେଇ ପ୍ରଶ୍ନ ଉଠାଇଲେ ଗବେଷକ

ପୁରୀ, ୨୬।୬(ଅଜିତ୍ ମହାନ୍ତି): ଘୋଷଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ରଥାରୂଢ଼ ହୋଇ କର୍ମବେଦି ଶ୍ରୀମନ୍ଦିର ଛାଡ଼ି ଜନ୍ମବେଦି ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିଛନ୍ତି। ଜନ୍ମବେଦିରେ ମହାପ୍ରଭୁଙ୍କ ଲୀଳା ସରିସରି ଆସୁଛି। ଆଷାଢ଼ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ବୁଧବାର ଶ୍ରୀବିଗ୍ରହମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ଫଳରେ ମହାପ୍ରଭୁଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କରିବା ପାଇଁ ଭକ୍ତଙ୍କ ଭିଡ଼ ଜମୁଛି। ମଙ୍ଗଳବାର ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହେବ। ବିଶ୍ୱାସ ରହିଛି, ଏହି ଦିନ ଆଡ଼ପମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ। ତେଣୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ ବାହୁଡ଼ା ପାଇଁ ମହାପ୍ରଭୁଙ୍କ ବିଶେଷ ନୀତିକାନ୍ତି ଥିବାରୁ ସନ୍ଧ୍ୟା ୫ଟା ପରଠାରୁ ଭକ୍ତଙ୍କ ଦର୍ଶନ ବନ୍ଦ ରହିବ।

ସୂଚନା ଅନୁଯାୟୀ, ବାହୁଡ଼ା ଯାତ୍ରାକୁ ଶୃଙ୍ଖଳିତ ଭାବେ ତଥା ଶୀଘ୍ର ସମ୍ପନ୍ନ କରିବା ପାଇଁ ମହାପ୍ରଭୁଙ୍କ ନୀତିକାନ୍ତି ଉପରେ ଦଇତାପତି ଏବଂ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ବାହୁଡ଼ା ପାଇଁ ବିଶେଷ ନୀତି ରହିଥାଏ। ତାହାକୁ ସମ୍ପାଦନ କରିବା ନିମନ୍ତେ ୪ରୁ ୫ ଘଣ୍ଟା ଲାଗିଥାଏ। ମହାପ୍ରଭୁଙ୍କ ଗୁପ୍ତ ନୀତି ସାରି ବାହୁଡ଼ା ଯାତ୍ରା ପାଇଁ ସଅଳ ନୀତି କରିବାକୁ ଲକ୍ଷ୍ୟ ରଖି ଶ୍ରୀମନ୍ଦିର ପ୍ରଶାସନ ଏବଂ ଦଇତାପତି ନିଯୋଗ ମଧ୍ୟରେ ଆଲୋଚନା କରାଯାଇ ସନ୍ଧ୍ୟା ଦର୍ଶନର ସମୟକୁ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରଖାଯାଇଛି। ସନ୍ଧ୍ୟା ୫ଟା ପରେ ଦର୍ଶନ ବନ୍ଦ ରଖାଯାଇ ମହାପ୍ରଭୁଙ୍କ ନୀତି ଆରମ୍ଭ କରାଯିବ ବୋଲି ଦଇତାପତି ସେବକ କୀର୍ତ୍ତିପ୍ରକାଶ ଦାସ ମହାପାତ୍ର କହିଛନ୍ତି। ସେହିପରି ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର ମଧ୍ୟ ସମାନ କଥା ଦୋହରାଇଛନ୍ତି। ଭକ୍ତମାନେ ସଅଳ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଏନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ତତଃପକ୍ଷେ ରାତି ୯ଟା ପର୍ଯ୍ୟନ୍ତ ସାନ୍ଧ୍ୟ ଦର୍ଶନ ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ଅନେକ ଭକ୍ତ ମତବ୍ୟକ୍ତ କରିଛନ୍ତି। ଏ ନେଇ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ହରିଶଙ୍କର ମିଶ୍ର କହିଛନ୍ତି ସନ୍ଧ୍ୟା ଦର୍ଶନ ସନ୍ଧ୍ୟାରେ କରାଯାଏ। ପୂର୍ବରୁ ବହୁ ରାତି ପର୍ଯ୍ୟନ୍ତ ଭକ୍ତମାନେ ମହାପ୍ରଭୁଙ୍କୁ ସନ୍ଧ୍ୟା ଦର୍ଶନ କରୁଥିଲେ। ପରେ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ରାତି ୯ଟା ପର୍ଯ୍ୟନ୍ତ ସନ୍ଧ୍ୟା ଦର୍ଶନକୁ ସୀମିତ କରାଯାଇଥିଲା। ସନ୍ଧ୍ୟା ଦର୍ଶନର ଅର୍ଥ ସନ୍ଧ୍ୟାକାଳରେ ମହାପ୍ରଭୁଙ୍କ ଦର୍ଶନ କରିବା। ତେଣୁ ସନ୍ଧ୍ୟା ପୂର୍ବରୁ ଦର୍ଶନ ବନ୍ଦ କରିଦେବା ଧାର୍ମିକ ଦୃଷ୍ଟିକୋଣରୁ ଠିକ୍ ନୁହେଁ। ପ୍ରଶାସନ ଜଗନ୍ନାଥ ସଂସ୍କୃତି ଓ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେଇ ଅତ୍ୟନ୍ତ ଆକାଶରେ ତାରା ଆସିବା ପର୍ଯ୍ୟନ୍ତ ସନ୍ଧ୍ୟା ଦର୍ଶନ କରିବା ପାଇଁ ପଦକ୍ଷେପ ନେବା ଉଚିତ ବୋଲି ସେ ମତ ଦେଇଛନ୍ତି। ଏସ୍‌ପି କନୱର ବିଶାଲ ସିଂହ କହିଛନ୍ତି, ସନ୍ଧ୍ୟା ଦର୍ଶନ ଲାଗି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅଧିକ ସଂଖ୍ୟକ ଫୋର୍ସ ନିୟୋଜିତ ରହିଛନ୍ତି। ବ୍ୟାରିକେଡ ବ୍ୟବସ୍ଥା କରାଯାଇଛି।



ପଲ୍ଲିଶ୍ରୀ ମେଳାରେ ଏକ ଷ୍ଟଲରେ ଦୁଇଜଣ ଯୁବତୀ ସାମଗ୍ରୀ ଦେଖୁଛନ୍ତି । (ଫଟୋ-ଯଜ୍ଞେଶ୍ୱର)

# ୬ ଦିନରେ ୪.୬୫ କୋଟିର ବ୍ୟବସାୟ

**ପଲ୍ଲିଶ୍ରୀ ମେଳାରେ ଜମୁଛି ଭିଡ଼**

ପୁରୀ, ୨୬।୬(ଅଜିତ୍ ମହାନ୍ତି): ରଥଯାତ୍ରା ସମୟରେ ଅନ୍ୟତମ ଆକର୍ଷଣ ସାଜେ ପଲ୍ଲିଶ୍ରୀ ମେଳା। ଜିନିଷ କିଣିବା ପାଇଁ ଏହି ପଲ୍ଲିଶ୍ରୀ ମେଳାରେ ପର୍ଯ୍ୟଟକଙ୍କ ଠାରୁ ଆରମ୍ଭ କରି ପୁରୀବାସୀଙ୍କ ଗହଳି ଲାଗିଥାଏ। ଚଳିତ ବର୍ଷ ପୁରୀ ଜିଲା ପ୍ରଶାସନ ଏବଂ ଓର୍‌ମାସ ପକ୍ଷରୁ ପଲ୍ଲିଶ୍ରୀ ମେଳା ଆୟୋଜିତ ହୋଇଛି। ମେଳାରେ ୨୭୩ଟି ଷ୍ଟଲ ରହିଛି। ୩୫ଟି ଷ୍ଟଲ ବାହାର ରାଜ୍ୟର ରହିଛି। ୭ ରାଜ୍ୟର ବ୍ୟବସାୟୀ ଦୋକାନ ଖୋଲିଛନ୍ତି। ବିଭିନ୍ନ ବିଭାଗ ନିମନ୍ତେ ୮୨ଟି ଷ୍ଟଲ ରହିଛି। ୫ଟି ଷ୍ଟଲ ସେବା କାର୍ଯ୍ୟ ନିମନ୍ତେ ଉଦ୍ଦିଷ୍ଟ। ୨୦ଟି ଷ୍ଟଲରେ ଖାଦ୍ୟ ପସରା ଖୋଲିଛି। ପଲ୍ଲୀଶ୍ରୀ ମେଳାରେ ଗତ ୬ଦିନ ମଧ୍ୟରେ ମୋଟ ୪.୬୫ କୋଟି ଟଙ୍କାର ବ୍ୟବସାୟ ହେଲାଣି। ରବିବାର ସୁଦ୍ଧା ମେଳାରେ ୪.୬୫ କୋଟି ଟଙ୍କାର ବେପାର ହୋଇଛି। ମେଳାରେ ପ୍ରଥମ ଦିନରେ ୦.୩୮ କୋଟି, ଦ୍ୱିତୀୟ ଦିବସରେ ୦.୭୫ କୋଟି, ତୃତୀୟ ଦିବସରେ ୦.୭୯ କୋଟି, ଚତୁର୍ଥ ଦିବସରେ ୦.୮୪ କୋଟି, ପଞ୍ଚମ ଦିବସରେ ୦.୯୧ କୋଟି ଏବଂ ଷଷ୍ଠ ଦିବସରେ ୦.୯୮ କୋଟି ଟଙ୍କା ବ୍ୟବସାୟ ହୋଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### କଲ୍ୟାଣମଣ୍ଡପ ପାଚେରି ଦୁର୍ବୃତ୍ତ ଭାଙ୍ଗିଥିବା ସରପଞ୍ଚଙ୍କ ଅଭିଯୋଗ

ନିମାପଡ଼ା, ୨୬।୬(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା-ଚାରିଛକ ମୁଖ୍ୟ ରାସ୍ତା କଡ଼ ସାଇଲୋ ଛକ ନିକଟରେ ଥିବା ରତ୍ନାକର ଦାସ କଲ୍ୟାଣମଣ୍ଡପର ୭୦/୮୦ ଫୁଟର ପାଚେରି ରବିବାର ଭୁଶୁଡ଼ି ପଡିଥିଲା। ଏହି ପାଚେରିକୁ କେହି ଉଦ୍ଦେଶ୍ୟମୂଳକ ଭାବେ ଭାଙ୍ଗିଥିବା ଭୋଗଶାଳଦା ସରପଞ୍ଚ ବିଶ୍ୱନାଥ ସନାପତି ସୋମବାର ନିମାପଡ଼ା ଥାନା ଓ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ପାଚେରି ଭାଙ୍ଗିଥିବା ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରପଞ୍ଚ ସେନାପତି ପୋଲିସ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ବସନ୍ତ ମଲ୍ଲିକଙ୍କୁ ପଚାରିବାରେ, ଏ ବାବଦରେ ସ୍ଥାନୀୟ ସରପଞ୍ଚଙ୍କଠାରୁ ଅଭିଯୋଗ ଯାଇଛି। ଘଟଣାର ଖୁବ୍‌ଶୀଘ୍ର ତଦନ୍ତ କରିବାକୁ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବିଡିଓ ମଲ୍ଲିକ କହିଛନ୍ତି। ଏ ଘଟଣା ବାବଦରେ ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦ ଓ କନିଷ୍ଠ ଯନ୍ତ୍ରୀ ସମୀର ବେହେରାଙ୍କୁ ପଚାରିବାରେ, ସମସ୍ତ ପ୍ରକାର ସରକାରୀ ନୀତି ନିୟମ ଅନୁସାରେ କଲ୍ୟାଣମଣ୍ଡପ ନିର୍ମାଣ କରାଯାଇଛି। କାର୍ଯ୍ୟରେ କୌଣସି ଅନିୟମିତତା ହୋଇ ନାହିଁ, ଏ ସମ୍ପର୍କରେ ଯାହା ଅଭିଯୋଗ ହେଉଛି, ତାହା ସମ୍ପୂର୍ଣ୍ଣ ମିଥ୍ୟା, ଭିତିହୀନ, କପୋଳ କଳ୍ପିତ ବୋଲି ସହକାରୀ ଯନ୍ତ୍ରୀ ନନ୍ଦ ଓ କନିଷ୍ଠ ଯନ୍ତ୍ରୀ ବେହେରା କହିଛନ୍ତି। ତେବେ ପଞ୍ଚାୟତ ପକ୍ଷରୁ ୩୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଉକ୍ତ କଲ୍ୟାଣମଣ୍ଡପ ନିର୍ମିତ ହୋଇଥିଲା।

### ବେସରକାରୀ ଅମିନ ସଂଘ ବୈଠକ

ଗୋପ, ୨୬।୬(ଭାରତୀ ଭୂଷଣ ଉପାଧ୍ୟାୟ)- ଗୋପ ନିକଟ ଆଖଣ୍ଡଳେଶ୍ୱର ଶୈବ ପୀଠର ୪ଟି ଜୋନ୍‌ରେ ବେସରକାରୀ ଅମିନ ସଂଘକୁ ନେଇ ଏକ ଜରୁରୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି ତ୍ରିନାଥ ଦଳାଇ ଏଥିରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ଜିଲା ସଂଘ ସ୍ଥାଣୁ ହୋଇଥିବାବେଳେ ଶ୍ରୀକ୍ଷେତ୍ର ଜୋନ୍, ପିପିଲି-ଡେଲାଙ୍ଗ ଜୋନ୍, ନିମାପଡ଼ା- ଗୋପ ଜୋନ୍, ଅସ୍ତରଙ୍ଗ-କାକଟପୁର ଜୋନ୍‌ର କର୍ମକର୍ତ୍ତା ଯୋଗ ଦେଇଥିଲେ। ପୂର୍ବରୁ ଥିବା କାର୍ଯ୍ୟକର୍ତ୍ତା ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାରୁ ଜିଲା ସଂଘ ସ୍ଥାଣୁ ପାଲଟିଥିବା ବୈଠକରେ ମତପ୍ରକାଶ ପାଇଥିଲା। ପୂର୍ବରୁ ଏ ନେଇ ଆଲୋଚନା ହୋଇଥିବାବେଳେ ବୈଠକରେ ଅନୁପସ୍ଥିତ ଥିବା ସଭାପତି ସମ୍ପାଦକଙ୍କୁ ଦାୟିତ୍ୱରୁ ହଟାଇ ନୂତନ ସଭାପତି କରିବା ଲାଗି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶ୍ରୀକ୍ଷେତ୍ର ଜୋନ୍ ସଭାପତି ନାଗେଶ୍ୱର ବାରିକ, ସମ୍ପାଦକ ସୂର୍ଯ୍ୟ ପ୍ରସାଦ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



ନିମାପଡାଠାରେ ନିଶାମୁକ୍ତ ଅଭିଯାନ ଅବସରରେ ସାମୂହିକ ଶପଥ ପାଠ କରାଯାଉଛି ।

# ନିଶାମୁକ୍ତ ଅଭିଯାନ ପାଇଁ ଛାତ୍ରୀଛାତ୍ର, ଅତିଥିଙ୍କ ଶପଥ ପାଠ

ନିମାପଡ଼ା, ୨୬।୬(ବିଚିତ୍ରାନନ୍ଦ ସାହୁ) ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ବେଆଇନ ନିଶା କାରବାର ନିରୋଧୀ ଦିବସ ଅବସରରେ ସୋମବାର ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ନିମାପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏକ ସଚେତନତା ସଭା, ସାମୂହିକ ପ୍ରାର୍ଥନା, ଶପଥ ପାଠୋତ୍ସବ ଆୟୋଜିତ ହୋଇଥିଲା। ପ୍ରାୟ ୧ ହଜାର ସ୍କୁଲ, କଲେଜ ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ୍, ଅତିଥି ପ୍ରାର୍ଥନା ଓ ନିଶାମୁକ୍ତ ଭାରତ ଗଠନ ପାଇଁ ଅଭିଯାନରେ ସାମିଲ ହୋଇ ସାମୂହିକ ଶପଥ ପାଠ କରିଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ପୁରୀ ଜିଲା ଅବକାରୀ ବିଭାଗ ସହାୟତାରେ ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ପକ୍ଷରୁ ଆୟୋଜିତ ସଚେତନତା ସଭା ଓ ଶୋଭାଯାତ୍ରାରେ ଅତିଥି ଭାବେ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଜିଲା ସମାଜ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ନିମାପଡ଼ା କଲେଜ ଅଧକ୍ଷା ପୁଷ୍ପିତା ରାଜଗୁରୁ, ସିଡିପିଓ ତନୁପ୍ରଭା ବେଉରା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ଜିଲା ଅବକାରୀ ଇନ୍‌ସ୍ପେକ୍ଟର ପାର୍ଥସାରଥି ରାଉତ, ନିମାପଡ଼ା ଅବକାରୀ ନିରୀକ୍ଷକ ନାରାୟଣ ବେହେରା, କୋଣାର୍କ ଅବକାରୀ ନିରୀକ୍ଷକ ମମତା ଦାସ, ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ଅଧ୍ୟାପକ ସୁବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ରାଷ୍ଟ୍ରର ଶକ୍ତି ଓ ସମାଜ, ଦେଶର ବିକାଶରେ ଯୁବଶକ୍ତିର ଭୂମିକା ଓ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ତେଣୁ ନିଶାମୁକ୍ତ ଭାରତ ଅଭିଯାନରେ ଆଜିର ଯୁବ ସମାଜ ସାମିଲ ହୋଇ ସଂକଳ୍ପ ନେବାକୁ ଅତିଥି ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ପିପିଡବ୍ଲ୍ୟୁଓ ସଭାପତି ଗଗନ ବିହାରୀ ଦାଶ ଉତ୍ସବରେ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସଭାପତି ପଦ୍ମଲୋଚନ ମହାନ୍ତି, ସଭା, ଶୋଭାଯାତ୍ରା, କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

### ଏସ୍‌ସିଏସ୍ କଲେଜ ପକ୍ଷରୁ ରଥଯାତ୍ରା ସେବା ଶିବିର

ପୁରୀ, ୨୬।୬(ଅଜିତ୍ ମହାନ୍ତି) ରଥଯାତ୍ରା ଉପଲକ୍ଷେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ (ଏସ୍‌ସିଏସ୍)ର ଏନ୍‌ଏସ୍‌ଏସ୍ ୟୁନିଟ ତରଫରୁ ଆୟୋଜିତ ୭ଦିନିଆ ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ସାମନ୍ତ ଚନ୍ଦ୍ରଶେଖର ଅଡିଟୋରିୟମରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ସିଦ୍ଧାର୍ଥ ରାୟ ଯୋଗଦେଇ ଜାତୀୟ ସେବା ଯୋଜନାର ଅନ୍ତୁଡ଼ିଶାଳ ଏସ୍‌ସିଏସ୍ କଲେଜ ବୋଲି କହିଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ସହିତ ସାମାଜିକ ମୂଲ୍ୟବୋଧକୁ ବଢାଇବାରେ ଏନ୍‌ଏସ୍‌ଏସ୍ ସାହାଯ୍ୟ କରିଥାଏ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରୋଗ୍ରାମ ଅଫିସର ଗୌତମ ସେଠୀ, ଅଧ୍ୟାପିକା ନମିତା ମହାନ୍ତି, ଅଧ୍ୟାପିକା ଗୁରୁ ଚରଣ ନାୟକ, ମହେନ୍ଦ୍ର କୁମାର ମିଶ୍ର ମଞ୍ଚାସୀନ ଥିଲେ। ରଥଯାତ୍ରାରେ ଏନ୍‌ଏସ୍‌ଏସ୍ ତରଫରୁ ଯୋଗାଇ ଦିଆଯାଇଥିବା ସେବା ସମ୍ପର୍କରେ ଓମ୍‌ପ୍ରସାଦ ମହାନ୍ତି ସୂଚନା ଦେଇଥିଲେ। ଶିବିରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବିତରଣ କରାଯାଇଥିଲା। ପ୍ରୋଗ୍ରାମ ଅଫିସର ଭି.ଶାରଦା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସୌମ୍ୟରଞ୍ଜନ ବାରିକ, ଅଭିଳାଷ ମିଶ୍ର, ଅସିତ କୁମାର ମହାପାତ୍ର, ବିଜୟଲକ୍ଷ୍ମୀ ବରାଳ ଏବଂ କଲ୍ୟାଣୀ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# ଗଡ଼ିଲା ଶିକ୍ଷା ସଚେତନତା ରଥ



ନିମାପଡାଠାରେ ସଚେତନତା ରଥକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

ନିମାପଡ଼ା, ୨୬।୬(ବିଚିତ୍ରାନନ୍ଦ ସାହୁ)/ କଣାସ,(ବିଭୂତି ଭୂଷଣ ତ୍ରିପାଠୀ) ନିମାପଡ଼ା ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷା ସଚେତନତା ରଥ ପରିକ୍ରମା କାର୍ଯ୍ୟକ୍ରମର ଶୁଭାରମ୍ଭ ବିଇଓଙ୍କ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଏବିଇଓ ସୌଦାମିନି ଦାଶ, ସରୋଜିନୀ ମିଶ୍ର, ସିନିୟର କିରାଣି ଲକ୍ଷ୍ମୀଧର ବେହେରା, ସିଆର୍‌ସିସି ଲକ୍ଷ୍ମୀଧର ସେଠୀ, ପ୍ରାକ୍ଟିସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀମନ୍ତ ଶେଖର ରଥ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରତ୍ୟେକ ପିଲାଙ୍କୁ ବିଦ୍ୟାଳୟ ଅଭିମୁଖୀ କରାଇବା, ସଭିଏଁ ପଢିବା, ସଭିଏଁ ବଢିବା କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଓ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶିକ୍ଷା ବିଭାଗ ଅଧିକାରୀମାନେ ମତ ପ୍ରକାଶ କରିଥିଲେ। ବିଇଓ ଦ୍ୱିତିକାନ୍ତ ପ୍ରଧାନ ଏହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ଏହି ରଥ ଆଗକୁ ନିମାପଡ଼ା ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ପ୍ରତ୍ୟକ ବିଦ୍ୟାଳୟ ଗାଁ ଗଣ୍ଡା ସହର ବଜାରରେ ପରିକ୍ରମା କରିବ ବୋଲି ଶିକ୍ଷା ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏଥିରେ ବହୁ ସିଆର୍‌ସିସି, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଥିଲେ।

ଶିକ୍ଷା ଅଭିଯାନ ପକ୍ଷରୁ କଣାସ ବ୍ଲକରେ ଶିକ୍ଷା ସଚେତନତା ରଥ ବିଭିନ୍ନ ବିଦ୍ୟାଳୟକୁ ଭ୍ରମଣ କରିଛି। ପୂର୍ବାହ୍ନରେ କଣାସ ବିଡିଓଙ୍କ କାର୍ଯ୍ୟାଳୟଠାରେ ବିଡିଓ ପବିତ୍ର ବେହେରା, ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ସହ ଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ନାୟକ ଓ ନାରାୟଣ ପ୍ରଧାନ ପତାକା ଦେଖାଇ ଶିକ୍ଷା ରଥର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥରେ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମର ଚିତ୍ର ସ୍ଥାନ ପାଇଥିବାବେଳେ ଆକର୍ଷଣୀୟ ଶିକ୍ଷା, ସଙ୍ଗୀତ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ରଥ କଣାସ ବଜାର ପରିକ୍ରମା କରିବା ସହିତ ବିଦ୍ୟାଳୟ ପରିକ୍ରମା କରିବାବେଳେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ବନ୍ଦାପନା କରି ରଥକୁ ସ୍ୱାଗତ କରିଥିଲେ। ରଥ ବିଭିନ୍ନ ସାଧନକେନ୍ଦ୍ରର, ଗାଁ ଓ ବିଦ୍ୟାଳୟ ପରିକ୍ରମା କରିଥିବାବେଳେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ରଥକୁ ନେଇ ଆଗ୍ରହ ପ୍ରକାଶ ପାଇଥିଲା। ସିଆର୍‌ସିସି ଦାମୋଦର ସୁନ୍ଦରାୟ, ସନ୍ତୋଷ ବେହେରା, ବୈକୁଣ୍ଠନାଥ କୋଦମାସିଂ, ସସ୍ମିତା ଜାଲି ଏହାର ନେତୃତ୍ୱ ନେଇଥିଲେ। ଆସନ୍ତା ୨ଦିନରେ ବ୍ଲକର ସମସ୍ତ ୧୭ଟି ସାଧନକେନ୍ଦ୍ର ରଥ ପରିକ୍ରମା କରିବ ବୋଲି ସିଆର୍‌ସିସି ସୂର୍ଯ୍ୟନାରୟଣ ନାୟକ କହିଛନ୍ତି।



ଚିତ୍ରକଳା ପ୍ରଦର୍ଶନୀରେ ଚିତ୍ରଶିଳ୍ପୀ ଓ ଅନ୍ୟମାନେ । (ଫଟୋ-ଯଜ୍ଞେଶ୍ୱର)

### ଶ୍ରୀମନ୍ଦିର ଓ ଐତିହ୍ୟ ସ୍ଥାନର ଚିତ୍ରକଳା ପ୍ରଦର୍ଶନୀ

ପୁରୀ, ୨୬।୬(ଅଜିତ୍ ମହାନ୍ତି): ଓଡ଼ିଶା ଲଳିତ କଳା ଏକାଡେମୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ବଡ଼ଦାଣ୍ଡର ରଥ, ଶ୍ରୀମନ୍ଦିର ଏବଂ ପୁରୀର ବିଭିନ୍ନ ଐତିହ୍ୟ ସ୍ଥାନକୁ ନେଇ ଆୟୋଜିତ ହୋଇଛି ଦୁଇଦିନିଆ ଚିତ୍ରଶିଳ୍ପୀ ଶିବିର 'ଶ୍ରୀକ୍ଷେତ୍ର'। ଏଥିରେ ଓଡିଶାର ବିଭିନ୍ନ କଳା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ମୋଟ ୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପୁରୀ ପାନ୍ଥନିବାସରେ ଶିବିର ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଏକାଡେମୀର ସଭାପତି ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଳ୍ପୀମାନେ ଶ୍ରୀମନ୍ଦିର ସିଂହଦ୍ୱାର ସହ ଚାରିଦ୍ୱାରର ଦୃଶ୍ୟ, ମାଉସୀମା ମନ୍ଦିର, ଗୁଣ୍ଡିଚା ମନ୍ଦିର, ଜଗନ୍ନାଥ ବଲ୍ଲଭ ମଠ, ଶ୍ୱେତଗଙ୍ଗା, ନରେନ୍ଦ୍ର ପୋଖରୀ, ଅଠରନଳା, ମାର୍କଣ୍ଡ ପୋଖରୀ ଓ ଇନ୍ଦ୍ରଦ୍ୟୁମ୍ନ ପୋଖରୀ ଆଦିର ଦୃଶ୍ୟକୁ ଜଳରଙ୍ଗରେ ଖୁବ ସୁନ୍ଦର ଭାବେ ଅଙ୍କନ କରିଥିଲେ।

# ମହାପ୍ରଭୁଙ୍କ ନିମନ୍ତେ ପୋଡ଼ପିଠା ପ୍ରସ୍ତୁତି

ପୁରୀ, ୨୬।୬(ଅଜିତ୍ ମହାନ୍ତି): ଭୋଜନପ୍ରିୟ ମହାପ୍ରଭୁ ଶ୍ରୀଜଗନ୍ନାଥ। ସେଥିପାଇଁ ତାଙ୍କ ନିକଟରେ ୬୦ ପଉଟି ଭୋଗ ଓ ୫୬ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ତଥାପି ଖାଇବା ନିମନ୍ତେ ମହାପ୍ରଭୁଙ୍କର ଥାଏ ବିଶେଷ ରୁଚି। ପ୍ରତିଦିନ ତାଙ୍କ ପାଖରେ ପିଠା ଭୋଗ କରାଯାଏ। ସେହିପରି ଘୋଷଯାତ୍ରା ଅବସରରେ ନିଆରା ପରମ୍ପରା ହେଉଛି ବାହୁଡ଼ାଯାତ୍ରାରେ ଦାରୁବିଗ୍ରହମାନଙ୍କୁ ପୋଡପିଠା ଭୋଗ ମଣୋହୀ ହେବା।



ମହାପ୍ରଭୁ ନବଦିନାତ୍ମକ ଯାତ୍ରା ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କଲାବେଳେ ତାଙ୍କ ମାଉସୀ ମା' ଭାବେ ପରିଚିତ ମା' ଅର୍ଦ୍ଧଶୋଷିନୀ ଠାକୁରାଣୀ ପୋଡ଼ପିଠା ପ୍ରସ୍ତୁତ କରିଥାନ୍ତି। ମହାପ୍ରଭୁ ସର୍ବଦା ବାତ୍ସଲ୍ୟମମତାରେ ବନ୍ଧା। ସେ ବାହୁଡ଼ାଯାତ୍ରାରେ ଶ୍ରୀମନ୍ଦିରକୁ ଫେରିବାବେଳେ ମାଉସୀଙ୍କ ହାତ ତିଆରି ପୋଡ଼ପିଠା ଖାଇଥାନ୍ତି। ରଥାରୂଢ଼ ଶ୍ରୀବିଗ୍ରହଙ୍କୁ ମାଉସୀ ମା' ମନ୍ଦିର ସମ୍ମୁଖରେ ପୋଡ଼ପିଠା ଭୋଗ କରାଯାଇଥାଏ। କାହିଁ କେଉଁ କାଳରୁ ଏହି ପରମ୍ପରା ଚାଲି ଆସିଛି। ବର୍ତ୍ତମାନ ମା'ଙ୍କ ମୁଖ୍ୟ ପୂଜକ ବିଶ୍ୱନାଥ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କ ନିମନ୍ତେ ପୋଡ଼ପିଠା ପ୍ରସ୍ତୁତ କରାଯାଉଛି। ମୁଖ୍ୟତଃ ହେରାପଞ୍ଚମୀ ତିଥିରୁ ପୋଡ଼ପିଠା ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଏହି ପୋଡ଼ପିଠା ପୋଡ଼ା ନ ଯାଇ ପାଣିର ବାଷ୍ପରେ ପ୍ରସ୍ତୁତ କରାଯାଇଥାଏ। ଭଲ ଘିଅ, ଅଟା, ଅଳେଇଚ, ଗୁଜୁରାତି, ପେସ୍ତାବାଦାମ ପରି ବିଭିନ୍ନ ସୁସ୍ୱାଦୁ ସାମଗ୍ରୀ ପଡ଼ି ପୋଡ଼ପିଠା ପ୍ରସ୍ତୁତ ହୋଇଥାଏ। ଏହା ପ୍ରସ୍ତୁତ ହେବା ପରେ ଥଣ୍ଡା କରାଯାଏ। ତାକୁ ଖଣ୍ଡ ଖଣ୍ଡ କରି କଟାଯାଏ। ପରେ ଏହି ପିଠାଗୁଡ଼ିକୁ ଭଲ ଘିଅରେ ଛଣାଯାଏ। ସେଗୁଡିକୁ ମାଟି କୁଡୁଆରେ ରଖାଯାଏ। ବାହୁଡ଼ା ଦିନ ରଥ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପୋଡ଼ପିଠା ସର୍ମପଣ କରିଥାନ୍ତି।

# ପ୍ରଥା, ପରମ୍ପରା ଅକ୍ଷୁଣ୍ଣ ରଖିବା ଉପରେ ଗୁରୁତ୍ୱ

- ସମ୍ପର୍କ ସାହିତ୍ୟର ପ୍ରଥମ ବାର୍ଷିକ ଉତ୍ସବ
- ପୁସ୍ତକ ଲୋକାର୍ପଣ, ବିଭିନ୍ନ ବ୍ୟକ୍ତିବିଶେଷ ସମ୍ବର୍ଦ୍ଧିତ




ସମ୍ପର୍କ ସାହିତ୍ୟର ପ୍ରଥମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

ପୁରୀ, ୨୬।୬(ଅଜିତ୍ ମହାନ୍ତି) ପବିତ୍ର ରଥଯାତ୍ରା ଅବସରରେ ଜିଲା ସଂସ୍କୃତି ଭବନରେ 'ସମ୍ପର୍କ ସାହିତ୍ୟ'ର ପ୍ରଥମ ବାର୍ଷିକ ଉତ୍ସବ ଏବଂ 'ଭାବଡୋର ସମ୍ପର୍କର' ଭକ୍ତି କବିତା ଆସର ଅନୁଷ୍ଠିତ ହୋଇଯାଇଛି। ସେହିପରି ରୋଟାରୀ କ୍ଲବ ଅଫ୍ ପୁରୀ ସାଗର ତରଫରୁ ଅଙ୍ଗଦାନ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଡା. ପ୍ରମିଳ କୁମାର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାକୁ ଶ୍ରୀମନ୍ଦିର ସେବାୟତ ଭିତରଚ୍ଛ ଭବାନୀ ଶଙ୍କର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ସାରା ରାଜ୍ୟରୁ ଆସିଥିବା କବି ଲେଖିକମାନଙ୍କୁ ଶ୍ରୀକ୍ଷେତ୍ରରେ ସ୍ୱାଗତ କରିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରସାଦ ହରିଚନ୍ଦନ ଯୋଗଦେଇ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରଥା ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ସହିତ ରଥଯାତ୍ରା ସମୟରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଗୁଣଗାନ ପାଇଁ ଏଭଳି ଉତ୍ସବର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ପ୍ରତିଭା ମହାରଥୀ ଯୋଗଦେଇ ଭକ୍ତ-ଭକ୍ତିଭାବ-ଭଗବାନଙ୍କ ସମ୍ପର୍କର ସୁନ୍ଦର ଅବତାରଣା କରିଥିଲେ। ସମ୍ମାନିତ ଅତିଥି ଭାବେ ରୋଟାରିଆନ୍ ବିକ୍ରମାଦିତ୍ୟ ନାୟକ ସମାଜରେ ଅଙ୍ଗଦାନର ଆବଶ୍ୟକତା ବିଷୟରେ ବୁଝାଇଥିଲେ। ଦାମୋଦର ମହାନ୍ତି ମଞ୍ଚ ସଂଯୋଜନା ଏବଂ ଅନୁଷ୍ଠାନର ସମ୍ପାଦକ ସୁରେଶ କୁମାର ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଞ୍ଜୁଶ୍ରୀ ମିଶ୍ର, ରବୀନ୍ଦ୍ରନାଥ ପଟ୍ଟନାୟକ, ଭାରତୀ ଭୂଷଣ ଦାସ, ପ୍ରବାସିନୀ ମିଶ୍ର, ଶ୍ୟାମପ୍ରସାଦ ସେନାପତି, କମଳ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବରେ ସମ୍ପର୍କ ସାହିତ୍ୟ ମୁଖପତ୍ର ସମ୍ପର୍କ ସୁଧା, କବି ହରିହର ମିଶ୍ରଙ୍କ ପ୍ରବନ୍ଧ ସଙ୍କଳନ 'ସମ୍ୟକ୍ ଆଲୋଚନା ନାଟକ ଓ କଥା ସାହିତ୍ୟ', ଶ୍ରୀକୃଷ୍ଣ ମୋହନ ଫାଉଣ୍ଡେଶନ ପକ୍ଷରୁ 'ସ୍ମୃତି ଅଳିନ୍ଦରୁ-୨', ଅଧ୍ୟାପକ ପ୍ରତାପ ଶେଖର ସାହୁଙ୍କ କବିତା ସଙ୍କଳନ 'କବିତା କୌସ୍ତୁଭ' 'କବି ଉର୍ମିଳା ସାମନ୍ତରାୟଙ୍କ କବିତା ପୁସ୍ତକ 'ବଣମଲ୍ଲୀର ମହକ' ଏବଂ ସୁଦୀପ୍ତା ମିଶ୍ରଙ୍କ 'ବେୱଣ୍ଡ ପେଣ୍ଡାମିକ୍' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଡା. କୁମର ମହାପାତ୍ର, କାଶୀନାଥ ଖୁଣ୍ଟିଆ, ଉପେନ୍ଦ୍ରନାଥ ଯାଦବ, ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ସୁଦୀପ୍ତା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ଦ୍ୱିତୀୟ ଅଧିବେଶନରେ ମଞ୍ଜୁଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଭକ୍ତି କବିତା ଆସର ଅନୁଷ୍ଠିତ ହୋଇଥିଲା। କବି ମାନସ ରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ଧବଳେଶ ମହାପାତ୍ର, ବିପିନ ଦଳାଇ, ପ୍ରବାସିନୀ ମିଶ୍ର, ଉର୍ମିଳା ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାରୁଲତା ମିଶ୍ର, ଭାରତୀ ଭୂଷଣ ଦାସ, କମଳିନୀ ପାଣିଗ୍ରାହୀ ପ୍ରମୁଖଙ୍କ ସଂଯୋଜନାରେ କବିତା ଆସର ହୋଇଥିଲା। ଉତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୫୦ରୁ ଉର୍ଦ୍ଧ୍ୱ ସାହିତ୍ୟିକା ସାହିତ୍ୟିକ ଉପସ୍ଥିତ ଥିଲେ।

# ବର୍ଷାଙ୍କୁ ଦେଢ଼ ଘଣ୍ଟା ଜେରା

## ଅନୁଭବ-ବର୍ଷାଙ୍କ ପାରିବାରିକ ବିବାଦ ମାମଲା

କଟକ,୨୬।୬(କାର୍ତ୍ତିକ ସାହୁ)

ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ଓ ତାଙ୍କ ସହଧର୍ମିଣୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପାରିବାରିକ ବିବାଦ ମାମଲାର ଶୁଣାଣି ସୋମବାର କଟକ ପରିବାର ଅଦାଲତରେ ହୋଇଛି। ଅଦାଲତରେ ଅନୁଭବ ଓ ବର୍ଷା ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ପୂର୍ବରୁ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ଅସମ୍ପୂର୍ଣ୍ଣ ରହିଥିଲା। ଫଳରେ ଅନୁଭବଙ୍କ ଆଇନଜୀବୀ ବର୍ଷାଙ୍କୁ ପ୍ରାୟ ଦେଢ଼ ଘଣ୍ଟା ଜେରା କରିଥିବା ଜଣାଯାଇଛି। ବିଭିନ୍ନ ପ୍ରସଙ୍ଗକୁ ନେଇ ବର୍ଷାଙ୍କୁ ଜେରା କରାଯାଇଥିଲା। ତେବେ ବର୍ଷାଙ୍କୁ ଜେରା ଅସମ୍ପୂର୍ଣ୍ଣ ରହିଛି। ଜେରା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଖୁବ୍ ଶୀଘ୍ର ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହେବ। ସୂଚନାଯୋଗ୍ୟ, ଅନୁଭବ ଦିଲ୍ଲୀର ପଟିଆଲା ହାଉସ ପରିବାର ଅଦାଲତରେ ଛାଡ଼ପତ୍ର ପାଇଁ ୨୦୨୦ ଜୁଲାଇ ୧୬ରେ ଏକ ମାମଲା ଦାୟର କରିଥିଲେ। ଏହି ମାମଲା କଟକ ପରିବାର ଅଦାଲତକୁ ସ୍ଥାନାନ୍ତର ପାଇଁ ବର୍ଷା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୧ ମାର୍ଚ୍ଚ ୫ରେ ସୁପ୍ରିମକୋର୍ଟରେ ମାମଲାର ଚୂଡ଼ାନ୍ତ ଶୁଣାଣି ହୋଇଥିଲା। ଅଦାଲତ ଅନୁଭବଙ୍କ ସହମତିକୁ ବିଚାରକୁ ନେଇ ବର୍ଷାଙ୍କ ମାମଲା ଟ୍ରାନ୍ସଫର ପିଟିଶନକୁ ଅନୁମତି ଦେଇଥିଲେ। ଏହି ମାମଲା କଟକ ପରିବାର ଅଦାଲତକୁ ସ୍ଥାନାନ୍ତର ହୋଇ ଆସିବା ପରେ ୨୦୨୧ ଏପ୍ରିଲ ୫ରେ ଉଭୟେ ଉକ୍ତ ଅଦାଲତରେ ହାଜର ହୋଇଥିଲେ। ସୁପ୍ରିମକୋର୍ଟ ଗାଇଡ୍ ଲାଇନ୍ ଅନୁଯାୟୀ ଅଦାଲତରେ ହୋଇଥିବା ମଧ୍ୟସ୍ଥତା କାର୍ଯ୍ୟକ୍ରମରୁ କୌଣସି ସୁଫଳ ମିଳିପାରି ନ ଥିଲା। ଫଳରେ ମାମଲାରେ ସାକ୍ଷ୍ୟ ଗ୍ରହଣ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଅନୁଭବଙ୍କ ସାକ୍ଷ୍ୟ ଗ୍ରହଣ ପୂର୍ବରୁ ଶେଷ ହୋଇସାରିଥିବା ବେଳେ ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ଚାଲିଛି। ବର୍ଷାଙ୍କ ପକ୍ଷରୁ ଆଇନଜୀବୀ ସିଦ୍ଧାର୍ଥ ଦାସ ଏବଂ ରାମକୃଷ୍ଣ ରଥ ମାମଲା ପରିଚାଳନା କରୁଛନ୍ତି।



# ସାଧୁତା, ନିରପେକ୍ଷତା ଅବଲମ୍ବନ କରି କାର୍ଯ୍ୟ କରିବାକୁ ପରାମର୍ଶ

## ଓଜେଏସ୍ ପ୍ରୋବେଶନରଙ୍କ ଏକଦିବସୀୟ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୨୬।୬(ଅନିଲ ଦାସ)

କାର୍ଯ୍ୟରେ ସାଧୁତା ଓ ନିରପେକ୍ଷତା ଅବଲମ୍ବନ କରିବାକୁ ନବ ନିଯୁକ୍ତ ବିଚାରବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପରାମର୍ଶ ଦେଇଛନ୍ତି । ସୋମବାର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ ସେଣ୍ଟରଠାରେ ଓଜେଏସ୍ ପ୍ରୋବେଶନରଙ୍କ ଅଧିକ ଜ୍ଞାନ ଆହରଣ, ବ୍ୟକ୍ତିତ୍ୱର ବିକାଶ ଓ ଆତ୍ମବିଶ୍ୱାସ ବୃଦ୍ଧି ପରିପ୍ରେକ୍ଷୀରେ ଏକଦିବସୀୟ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷଣ ନେଉଥିବା ୫୧ ଜଣ ଓଡ଼ିଶା ବିଚାର ବିଭାଗୀୟ ଅଧିକାରୀମାନଙ୍କୁ ରାଜ୍ୟର ପ୍ରଶାସନିକ ବ୍ୟବସ୍ଥା ଓ ଏଥିରେ ବିଚାର ବିଭାଗର ଭୂମିକା ସମ୍ପର୍କରେ ଅବଗତ କରାଇଛନ୍ତି। ପ୍ରାରମ୍ଭରେ ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଧନେଶ୍ୱର ମଲ୍ଲିକ ଯୋଗଦେଇ ରାଜ୍ୟ ପ୍ରଶାସନରେ ଆଇନ୍ ବିଭାଗର କାର୍ଯ୍ୟ ଓ ଏହି ପ୍ରଶିକ୍ଷଣର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ।

ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଜିଲା ଓ ରାଜ୍ୟ ପ୍ରଶାସନର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିବା ମଧ୍ୟରେ ବିଚାର ବିଭାଗ ସହିତ ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ପ୍ରଶିକ୍ଷାର୍ଥୀମାନଙ୍କୁ କହିଛନ୍ତି। କାର୍ଯ୍ୟ ସମୟରେ ସମ୍ମୁଖୀନ ହୋଇଥିବା ବିଭିନ୍ନ ଆହ୍ୱାନ ଓ ସେସବୁର କିପରି ସମାଧାନ କରାଯାଇଥିଲା, ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ପ୍ରଶିକ୍ଷାର୍ଥୀମାନେ ବିଚାର ବିଭାଗର ଗୁରୁତ୍ୱକୁ ଭଲଭାବେ ବୁଝିବା ଆବଶ୍ୟକ। ଅର୍ଥ, କ୍ଷମତାସମ୍ପନ୍ନ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ନ ହୋଇ ଉପଲବ୍ଧ ରେକର୍ଡ ଏବଂ ତଥ୍ୟକୁ ଆଧାର କରି ସେମାନେ ନିଷ୍ପତ୍ତି ନେବା ଆବଶ୍ୟକ। କ୍ଷମତା ଓ ଅର୍ଥ ଦ୍ୱାରା ପ୍ରଭାବିତ ହେଲେ ଗରିବ ଓ ଅବହେଳିତ ଲୋକେ ପ୍ରକୃତ ନ୍ୟାୟ ପାଇପାରିବେ ନାହିଁ। ସତ୍ୟ, ଏକାଗ୍ରତା, ନ୍ୟାୟ ସଙ୍ଗତଭାବେ ଆହ୍ୱାନର ସମ୍ମୁଖୀନ ହୋଇ କାର୍ଯ୍ୟ କରିବା ଏବଂ ବିଚାରରେ ଗୁଣାତ୍ମକତା ବଜାୟ ରଖିବାକୁ ଓଜେଏସ୍ ପ୍ରୋବେଶନରଙ୍କୁ ପରାମର୍ଶ ଦେଇଛନ୍ତି । ସାଧାରଣ ପ୍ରଶାସନ ଓ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ହିମାଂଶୁ ଭୂଷଣ ପଣ୍ଡା ଧନ୍ୟବାଦ ଅର୍ପଣ କରିବା ସହିତ ସମସ୍ତ ଅଧିବେଶନରେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବିଭିନ୍ନ ଅଧିବେଶନରେ ଓଡ଼ିଶା ଲୋକସେବା ଭବନରେ ସରକାରୀ କାର୍ଯ୍ୟ ପ୍ରଶିକ୍ଷଣ ନିୟମଧାରା, ସେବା ସର୍ତ୍ତ ବିଷୟ, ତଦନ୍ତ ଓ ଚାର୍ଜଶିଟ୍ ଦାଖଲରେ ଆଇନଗତ ପ୍ରକ୍ରିୟା ଓ ପଦକ୍ଷେପରେ ପୋଲିସ ଅଧିକାରୀଙ୍କ ଭୂମିକା ଓ ଦାୟିତ୍ୱ, ରାଜ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟ, ସରକାରଙ୍କ ପ୍ରମୁଖ ଜନ କଲ୍ୟାଣ କାରୀ କାର୍ଯ୍ୟକ୍ରମ, ପ୍ରମୁଖ ସୂଚନା ଓ ପ୍ରଯୁକ୍ତିଭିତ୍ତିକ (ଆଇ.ଟି) କାର୍ଯ୍ୟକ୍ରମ, '୫-ଟି', 'ମୋ ସରକାର', କୋର୍ଟ କାର୍ଯ୍ୟ ପରିଚାଳନା, ରାଜ୍ୟ ସରକାର ଓ ବିଚାର ବିଭାଗ ସମ୍ପର୍କିତ କାର୍ଯ୍ୟ, ଆଡଭୋକେଟ୍ ଜେନେରାଲଙ୍କ ଦାୟିତ୍ୱ ଓ ଭୂମିକା ଆଦି ସମ୍ପର୍କରେ ରାଜ୍ୟ ପ୍ରଶାସନ, ପୋଲିସ ପ୍ରଶାସନ ଓ ଆଇନ ବିଭାଗର ବରିଷ୍ଠ ଅଧିକାରୀମାନେ ପ୍ରଶିକ୍ଷଣ ଦେଇଥିଲେ ।



ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ ସେଣ୍ଟରଠାରେ ଓଜେଏସ୍ ପ୍ରୋବେଶନରଙ୍କୁ ନେଇ ଆୟୋଜିତ ଏକ ଦିବସୀୟ ପ୍ରଶିକ୍ଷଣ ଶିବିରକୁ ମୁଖ୍ୟ ଶାସନ ସଚିବ ଉଦ୍‌ବୋଧନ ଦେଉଛନ୍ତି।

# ଦୋଷୀଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକା ବଳାତ୍କାର ମାମଲା

ବାଲେଶ୍ୱର, ୨୬।୬ (ମାନସ ବିଶ୍ୱାଳ)

ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ସୋମବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଅଭିଯୁକ୍ତ ଯୁବକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୭ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୨ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ କୁହାଯାଇଛି। ଏଥିସହିତ ପୀଡ଼ିତାଙ୍କୁ ୧ଲକ୍ଷ ୫୦ ହଜାର ଟଙ୍କାର ଅନୁକମ୍ପା ରାଶି ଯୋଗାଇ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ। ମିଳିଥିବା ସୂଚନା ଅନୁଯାୟୀ ନାବାଳିକାଜଣକ ବସ୍ତା ଥାନା ଶ୍ୟାମରାଇପୁର ଗ୍ରାମସ୍ଥିତ ମାମୁ ଘରକୁ ଜାଗର ଉପଲକ୍ଷେ ଯାଇଥିଲେ। ୨୦୧୩ ମାର୍ଚ୍ଚ ୧୦ରେ ଗ୍ରାମର ଶିବ ମନ୍ଦିର ପ୍ରାଙ୍ଗଣରେ ଆଉ ସହିତ ଭିଡ଼ିଓ ଦେଖୁଥିଲେ। କୌଣସି କାରଣରୁ ଘରକୁ ଏକୁଟିଆ ଯାଉଥିବା ବେଳେ ଉକ୍ତ ଗ୍ରାମର ଦେବାଶିଷ ଜେନା (୩୧) ତାଙ୍କୁ ରାସ୍ତାରୁ ଉଠାଇ ନେଇ ପାଖରେ ଥିବା ଏକ କୁଟାଗଦାରେ ବଳାତ୍କାର କରିଥିଲେ। ଏନେଇ ବସ୍ତା ଥାନାରେ ଲିଖିତ ଅଭିଯୋଗ ହେବା ପରେ ମାମଲା ରୁଜୁ କରାଯାଇ ପୋକ୍‌ସୋ କୋର୍ଟରେ ବିଚାରଧୀନ ଥିଲା। ସୋମବାର ୧୧ ସାକ୍ଷ୍ୟ ଓ ୧୩ ଦସ୍ତାବିଜ୍‌କୁ ଆଧାର କରି ବିଚାରପତି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି।

# ୨୯ ଯାଏ ବର୍ଷିବ, ୧୧ ଜିଲାକୁ ଅରେଞ୍ଜ୍‌ୱାର୍ନିଂ

## ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା

ଭୁବନେଶ୍ୱର,୨୬।୬(ଅନିଲ ଦାସ)

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏଥିସହିତ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ରାଜ୍ୟରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନାଅନୁଯାୟୀ ଗତ ୨୪ ଘଣ୍ଟାରେ ଅନୁଗୋଳରେ ସର୍ବାଧିକ ୧୭୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ହୀରାକୁଦରେ ୧୨୭, ଦେବଗଡ଼ ୧୨୩, ନୂଆପଡ଼ାରେ ୧୦୧, ବୌଦ୍ଧ ୧୦୦ ମିଲି ମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଗୋପାଳପୁରରେ ୨୦ ମିଲିମିଟର, ପୁରୀ ୪୫, ବାରିପଦା ୪୨, ଝାରସୁଗୁଡ଼ା ୩୬.୫, କେନ୍ଦୁଝର ୧୫.୩, ବଲାଙ୍ଗୀର ୮୩, କୋରାପୁଟ ୫୩, ଫୁଲବାଣୀ ୪୫.୮, ଟିଟିଲାଗଡ଼ ୧୭, ମାଲକାନଗିରି ୨୯, ପାରଳାଖେମୁଣ୍ଡି ୪୫.୬, ଢେଙ୍କାନାଳ ୬୧ ଓ ବରଗଡରେ ୪୫.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଅନ୍ୟାନ୍ୟ ଭାଗରେ ମଧ୍ୟ ମୌସୁମୀ ଓ ଲଘୁଚାପ ପ୍ରଭାବରେ ବର୍ଷା ଲାଗି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉକ୍ତ ଜିଲାଗୁଡ଼ିକ ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ମୌସୁମୀ ଜନିତ ବର୍ଷା ଲାଗି ରହିବ।

# ୨ ରିଟ୍ ପିଟିଶନ୍‌ର ଏକାଠି ଶୁଣାଣି ନିର୍ଦ୍ଦେଶ

## ହାଇକୋର୍ଟରେ ଏଏସ୍‌ଓ ପରୀକ୍ଷା ଅନିୟମିତତା ମାମଲା

କଟକ,୨୬।୬(କାର୍ତ୍ତିକ ସାହୁ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପରୀକ୍ଷା ଅନିୟମିତତାକୁ ନେଇ ହାଇକୋର୍ଟରେ ରୁଜୁ ଆଉ ଏକ ମାମଲାର ଶୁଣାଣି ସୋମବାର ହୋଇଛି। ଏଏସ୍‌ଓ ପରୀକ୍ଷା ବିବାଦ ନେଇ ହାଇକୋର୍ଟରେ ରୁଜୁ ଦୁଇଟି ରିଟ୍ ପିଟିଶନ୍‌ର ଏକାଠି ଶୁଣାଣି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ପୂର୍ବରୁ ଏଏସ୍‌ଓ ମେରିଟ୍ ଲିଷ୍ଟ ଖାରଜ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶର ପୁନର୍ବିଚାର ପାଇଁ ମେରିଟ ଲିଷ୍ଟରେ ସ୍ଥାନ ପାଇଥିବା କେତେଜଣ ପରୀକ୍ଷାର୍ଥୀ ଏକ ରିଟ୍ ପିଟିଶନ ଜୁନ୍ ୨୧ ତାରିଖରେ ଦାଖଲ କରିଥିଲେ। ସୂଚନାଯୋଗ୍ୟ, ଏଏସ୍‌ଓ ପରୀକ୍ଷାରେ ଅନିୟମିତତା ହୋଇଥିବା ନେଇ ପୂର୍ବରୁ ଅନେକ ମାମଲା ହାଇକୋର୍ଟରେ କରାଯାଇଥିଲା। ପୂର୍ବ ଲିଖିତ ପରୀକ୍ଷାର ମେରିଟ୍ ଲିଷ୍ଟ ଖାରଜ କରି ସାନି ମେରିଟ୍ ଲିଷ୍ଟ ପ୍ରକାଶ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ପୂର୍ବ ମେରିଟ୍ ଲିଷ୍ଟରେ ସ୍ଥାନ ପାଇଥିବା ରୁକ୍‌ସାନା ଆରା ବେଗମ୍‌ଙ୍କ ସମେତ ମୋଟ ୫ଜଣ ପରୀକ୍ଷାର୍ଥୀଙ୍କ ପକ୍ଷରୁ ଦାୟର ରିଟ୍ ପିଟିଶନ୍‌କୁ ନେଇ ୨୨ତାରିଖରେ ମାମଲା ରୁଜୁ ହୋଇଛି। ରିଟ୍ ପିଟିଶନ୍‌ରେ ଓପିଏସ୍‌ସି ଏବଂ ପୂର୍ବ ମାମଲାର ଆବେଦନକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ଜବାବ ଦାଖଲ ପାଇଁ ସମୟ ନେଲେ ସରକାର

## ଅଲିଭ୍ ରିଡ୍‌ଲେ କଇଁଛ ସୁରକ୍ଷା ମାମଲା

କଟକ,୨୬।୬(କାର୍ତ୍ତିକ ସାହୁ)

ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ନେଇ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ସୋମବାର ହୋଇଥିଲା। କଇଁଛଙ୍କ ସୁରକ୍ଷା ଲାଗି ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଜଣାଇବାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ହାଇକୋର୍ଟ ପୂର୍ବରୁ ଜବାବ ତଲବ କରିଥିଲେ। ମାତ୍ର ସରକାର ନିର୍ଦ୍ଧାରିତ ସମୟ ମଧ୍ୟରେ ଜବାବ ଦାଖଲ କରିପାରିନାହାନ୍ତି। ଫଳରେ ଏଥିଲାଗି ସରକାର ଅଦାଲତଙ୍କଠାରୁ ଅଧିକ ସମୟ ନେଇଛନ୍ତି। ହାଇକୋର୍ଟର ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଆସନ୍ତା ଜୁଲାଇ ୪ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ ବହୁ ସଂଖ୍ୟକ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡା ଦେବା ଲାଗି ଗହୀରମଥାକୁ ଆସିଥାନ୍ତି। ମାତ୍ର ସମୁଦ୍ରରେ ବେପରୁଆ ବୋଟ୍ ଚଳାଚଳ ଯୋଗୁ ଅନେକ କଇଁଛଙ୍କ ମୃତ୍ୟୁ ଘଟିଥାଏ। ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ଲାଗି ଉଚ୍ଚ ନ୍ୟାୟାଳୟ ନିଜ ଆଡ଼ୁ ଏକ ମାମଲା ରୁଜୁ କରିଥିଲେ। ସମୁଦ୍ରକୁ ପ୍ରବେଶ କରୁଥିବା ପ୍ରତ୍ୟେକ ବୋଟ୍‌ରେ ଟ୍ରାନ୍ସପଣ୍ଡର ଲଗାଯିବା ଓ ମେରାଇନ ଥାନାରେ ସୁରକ୍ଷା କର୍ମଚାରୀ ବୃଦ୍ଧି ପାଇଁ ନିଆଯାଉଥିବା ପଦକ୍ଷେପ ସଂକ୍ରାନ୍ତରେ ଅବଗତ କରାଇବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅଦାଲତ ଜବାବ ମାଗିଥିଲେ।

# ବୋଲେରୋ ଓଲଟି ୧୩ ଆହତ, ୮ ଗୁରୁତର

ତିହିଡ଼ି,୨୬।୬(ସଞ୍ଜିତ୍ ବଳ)

ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡ଼ି ପୁରୁଣାହାଟଠାରୁ ୧୦୦ ମିଟର ଦୂରରେ ରବିବାର ରାତି ପ୍ରାୟ ୧୦ଟାରେ ଏକ ବୋଲେରୋ ଓଲଟି ୧୩ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ଜଣ ଗୁରୁତର ଅଛନ୍ତି। ସେମାନଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୀରହାଟ ଥାନା ଅଧୀନ ବାରସର ପଞ୍ଚାୟତର ନୂଆବନ୍ଧ ଗ୍ରାମରୁ ଚତୁର୍ଥୀ ଭୋଜି ଖାଇ କନ୍ୟାପକ୍ଷ ଲୋକେ ବୋଲେରୋରେ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ।


**कार्यपालक अभियंता का कार्यालय,**
**पथ निर्माण विभाग,**
**पथ प्रमंडल,जामताड़ा**

**शुद्धि पत्र**

पथ निर्माण विभाग, पथ प्रमंडल, जामताड़ा अंतर्गत ROB निर्माण से संबंधित ई–प्रोक्यूरमेंट सूचना संख्या–02/2023–24 (PR No.-299908, Road (23-24)) में ई–निविदा का वेबसाईट पर प्रकाशन की तिथि 23.06.2023 के स्थान पर 03.07.2023 पढ़ा जाय। शेष शर्तें यथावत रहेंगें।

कार्यपालक अभियंता,
पथ निर्माण विभाग,पथ प्रमंडल,जामताड़ा

PR300865 (Road)23-24*D

**ଏସ୍‌ଏଲ୍‌ଆର୍‌/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୩-୩୩/୩୪ ତାରିଖ: ୨୩।୦୬।୨୦୨୩**

ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍‌/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ।

(୧) ବର୍ଗ: ପାର୍ସଲ । କାଟାଲଗ୍ ନଂ.: ଲିଜ୍-କେଜିପି-୨୩-୩୩ । ନିଲାମ ତାରିଖ: ୦୩।୦୭।୨୦୨୩ । ନିଲାମ ଆରମ୍ଭ ସମୟ: ୧୦.୦୦ ଘଟିକା । ନିଲାମ ସମାପ୍ତିର ସମୟ: ୧୭.୧୦ ଘଟିକା ।

(୨) ବର୍ଗ: ପାର୍ସଲ । କାଟାଲଗ୍ ନଂ.: ଲିଜ୍-କେଜିପି-୨୩-୩୪ । ନିଲାମ ତାରିଖ: ୦୪।୦୭।୨୦୨୩ । ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା । ନିଲାମ ସମାପ୍ତିର ସମୟ: ୧୬.୫୦ ଘଟିକା ।

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**ସ୍ଥାନ:** ଖଡ଼ଗପୁର
**ତାରିଖ:** ୨୩।୦୬।୨୦୨୩
**ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ
(PR-329)

**DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA**
Nayapalli, Bhubaneswar- 751012
**Re-advertisement Reference No.2761 dated 23.06.23**

**TRAINING OF GOVERNMENT DOCTORS**

No.E-197:- In continuation of classified advertisement vide caption No. E-143 dated 1st, 2nd & 3rd June 2023, it is informed that the last date for apply for **Training of Government doctors for the course of 1 Year Training of Post Graduate Diploma in Public Health Management (PGDPHM)**, which was published in Times of India, Prameya & Dharitri and Sambad Daily on 1st, 2nd & 3rd June 2023, has been extended to 15.07.2023. Those doctors who have already applied need not apply again. All other terms and conditon remain unchanged.

**Sd./- Director, SIH&FW (Odisha), Bhubaneswar**
OIPR-10003/11/0067/2324

See Career Appointment on every Wednesday & Saturday

**ସର୍ବସାଧାରଣ ବିଜ୍ଞପ୍ତି**

ICICI Bank
ICICI Bank Limited

**ପଞ୍ଜୀକୃତ କାର୍ଯ୍ୟାଳୟ:** ଲ୍ୟାଣ୍ଡମାର୍କ, ରେସ୍ କୋର୍ସ ସର୍କଲ, ଭଦୋଦରା ୩୯୦୦୦୭।
**କର୍ପୋରେଟ୍ କାର୍ଯ୍ୟାଳୟ:** ଆଇସିଆଇସିଆଇ ବ୍ୟାଙ୍କ ଟାୱାର୍ସ, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ମୁମ୍ବାଇ ୪୦୦ ୦୫୧।

**ସୁନା ଇ-ନିଲାମ ତଥା ଆମନ୍ତ୍ରଣ ବିଜ୍ଞପ୍ତି**

ନିମ୍ନଦର୍ଶିତ ରଣଗ୍ରହୀତାମାନଙ୍କୁ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ (''ଆଇସିଆଇସିଆଇ ବ୍ୟାଙ୍କ'')ଠାରୁ ସେମାନେ ହାସଲ କରିଥିବା ସୁନା ଅଳଙ୍କାର ବଦଳରେ ସୁବିଧା (''ସୁବିଧା'') ବାବଦୀୟ ବକେୟା ଅର୍ଥରାଶି ପୈଠ କରିବା ଲାଗି ନୋଟିସ ଜାରି କରାଯାଇଥିଲା। ସେମାନେ ବକେୟା ଦେୟ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ସେମାନଙ୍କ ଦ୍ୱାରା ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାରଗୁଡ଼ିକର ଇ-ନିଲାମ **ଜୁଲାଇ ୦୭, ୨୦୨୩** ଦିନ ସଞ୍ଚାଳନ କରିବା ଲାଗି ଆମେ ବାଧ୍ୟ ହେଉଛୁ। କୌଣସି ଆଗୁଆ ନୋଟିସ ବିନା ଖାତାକୁ ଅପସାରିତ କରିବା/ଇ-ନିଲାମ ତାରିଖକୁ ବଦଳାଇବାର ପ୍ରାଧିକାର ଆଇସିଆଇସିଆଇ ବ୍ୟାଙ୍କର ରହିଛି । ନିଲାମ ଅନ୍‌ଲାଇନ୍ - **https://jewel-auction.procuretiger.com**ରେ **ଅପରାହ୍ନ ୧୨.୩୦ ଘଟିକାରୁ ୩.୩୦ ଘଟିକା** ମଧ୍ୟରେ ସଞ୍ଚାଳନ କରାଯିବ। ସବିସ୍ତୃତ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ପ୍ରଦତ୍ତ ୱେବସାଇଟରେ ଲଗ୍ ଇନ୍ କରନ୍ତୁ । ମୃତ ରଣଗ୍ରହୀତାଙ୍କ କ୍ଷେତ୍ରରେ, ସମସ୍ତ ସର୍ତ୍ତାବଳୀ ଆଇନଗତ ଉତ୍ତରାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ ।

| ରଣ ଖାତା ନଂ. | ଗ୍ରାହକଙ୍କ ନାମ |
|---|---|
| **ଶାଖାର ନାମ: ଭୁବନେଶ୍ୱର** | |
| ୦୦୬୧୦୫୦୩୦୭୨୫ | ଦୀପକ ମହାନ୍ତ |
| **ଶାଖାର ନାମ: ସମ୍ବଲପୁର** | |
| ୦୧୯୪୦୫୦୦୬୬୯୯ | ରଞ୍ଜନ କୁମାର ନାୟକ |
| ୦୧୯୪୦୫୦୦୬୭୦୯ | ପି ବୀର ସତ୍ୟନାରାୟଣ |
| **ଶାଖାର ନାମ: ରାଉରକେଲା** | |
| ୦୧୯୫୦୫୦୧୧୭୧୭ | ସୁବ୍ରତ କେଶରୀ ଜେନା |
| ୦୧୯୫୦୫୦୧୨୨୬୪ | ମୀନତି ବାରିକ |
| ୦୧୯୫୦୫୦୧୨୨୭୨ | ସନ୍ତୋଷ ସାହୁ |
| **ଶାଖାର ନାମ: ଭୁବନେଶ୍ୱର-ନୟାପଲ୍ଲୀ** | |
| ୦୨୮୪୦୫୦୦୯୩୨୬ | ଶ୍ୱେତାଦୀପ୍ତ ଦାସ |
| **ଶାଖାର ନାମ: ଜଗତ୍‌ସିଂହପୁର** | |
| ୦୪୬୭୦୫୦୦୫୯୩୨ | ସୁରେଶ ଦାସ |
| **ଶାଖାର ନାମ: କେନ୍ଦୁଝର** | |
| ୦୪୬୯୦୫୦୦୮୯୦୭ | ଯତୀନ୍ଦ୍ର କୁମାର ମହାନ୍ତ |
| **ଶାଖାର ନାମ: ପାରଳାଖେମୁଣ୍ଡି** | |
| ୦୬୩୮୦୫୦୦୭୧୭୨ | ଜୟମତୀ ବଡ଼ରାଇତା |
| **ଶାଖାର ନାମ: ବଡ଼ବିଲ** | |
| ୦୬୪୦୦୫୦୦୨୬୦୮ | ଏମ୍‌ଡି ନାସିରୁଦ୍ଦିନ |
| **ଶାଖାର ନାମ: ଜୟପୁର** | |
| ୦୬୪୧୦୫୦୨୨୧୨୦ | ଅନନ୍ତ ନାୟକ |
| **ଶାଖାର ନାମ: ଢେଙ୍କାନାଳ** | |
| ୦୭୭୫୦୫୦୧୨୫୩୯ | ଶତାବ୍ଦୀ ବାରିକ |
| **ଶାଖାର ନାମ: ଫୁଲବାଣୀ** | |
| ୦୭୭୮୦୫୦୦୭୨୪୮ | ସୁମିତ ସାଗର ସାମନ୍ତରାୟ |
| **ଶାଖାର ନାମ: ପୁରୀ** | |
| ୦୮୭୫୦୫୦୧୦୭୨୧ | ହରପ୍ରିୟା ଦାସ |
| **ଶାଖାର ନାମ: ସୁନ୍ଦରଗଡ଼** | |
| ୦୮୭୬୦୫୦୦୯୬୪୩ | ହରିପ୍ରିୟା ଧୁରୁଆ |
| ୦୮୭୬୦୫୦୧୧୧୮୧ | ସୁରମା ବାଘ |
| **ଶାଖାର ନାମ: ଜଳେଶ୍ୱର** | |
| ୦୯୬୨୦୫୦୨୬୭୫୪ | ଅପର୍ଣ୍ଣା ଚୌଧୁରୀ |
| **ଶାଖାର ନାମ: ଉମରକୋଟ** | |
| ୦୯୯୫୦୫୦୨୦୨୦୭ | ସନାଧର ସାନ୍ତ |
| **ଶାଖାର ନାମ: ଚୌଦ୍ୱାର** | |
| ୧୦୧୩୦୫୦୧୧୪୯୨ | ସତ୍ୟବାନ ସାହୁ |
| **ଶାଖାର ନାମ: ରାଜଗାଙ୍ଗପୁର** | |
| ୧୪୭୧୦୫୦୦୫୯୩୫ | ଶାନ୍ତିଲତା ଦାଶ |
| ୧୪୭୧୦୫୦୦୬୧୮୭ | ପ୍ରଦୀପ୍ତ କୁମାର ସ୍ୱାଇଁ |
| **ଶାଖାର ନାମ: ବ୍ରହ୍ମପୁର-ମେଡିକାଲ କଲେଜ ରୋଡ୍** | |
| ୧୪୯୭୦୫୦୦୨୯୭୨ | ସଂଗ୍ରାମ ସ୍ୱାଇଁ |
| **ଶାଖାର ନାମ: ଆସିକା** | |
| ୧୪୯୮୦୫୦୦୪୫୯୪ | ଗିରିଧାରୀ ମୁନି |
| ୧୪୯୮୦୫୦୦୬୫୭୮ | ରଞ୍ଜିତା ନାୟକ |
| **ଶାଖାର ନାମ: ସେମିଳିଗୁଡ଼ା** | |
| ୧୬୩୨୦୫୦୨୧୦୩୯ | ଅଭି ମାଝି |
| ୧୬୩୨୦୫୦୨୫୭୪୩ | ବିକାଶ ଚନ୍ଦ୍ର ମାହାଳିକ |
| **ଶାଖାର ନାମ: ଭୁବନେଶ୍ୱର - ଖଣ୍ଡଗିରି** | |
| ୧୯୭୧୦୫୦୦୨୫୫୩ | ମୋନାଲି ମିଶ୍ର |
| **ଶାଖାର ନାମ: ଜଟଣୀ** | |
| ୧୯୮୫୦୫୦୦୬୮୯୨ | ଅମିତା ପଲେଇ |
| **ଶାଖାର ନାମ: ଚଣ୍ଡିଖୋଲ** | |
| ୨୦୩୪୦୫୦୧୦୫୪୪ | ମନୋରଞ୍ଜନ ନାୟକ |
| ୨୦୩୪୦୫୦୧୧୯୭୩ | ଫୟାଜ ଖାନ୍ |
| ୨୦୩୪୦୫୦୧୧୯୯୫ | ଫୟାଜ ଖାନ୍ |
| **ଶାଖାର ନାମ: କଣ୍ଟାବଣିଆ** | |
| ୨୦୩୫୦୫୦୦୨୪୦୫ | କ୍ଷୀରୋଦ କୁମାର ଦେଓ |
| ୨୦୩୫୦୫୦୦୨୬୧୨ | ଗୟା ନାୟକ |
| **ଶାଖାର ନାମ: କଟକ - କଲେଜ ଛକ** | |
| ୨୪୩୩୦୫୦୦୨୮୩୭ | ତ୍ରିନାଥ ନାୟକ |
| **ଶାଖାର ନାମ: କୋରାପୁଟ** | |
| ୨୫୮୧୦୫୦୧୧୬୮୫ | ମହେନ୍ଦ୍ର ପରିଡ଼ା |
| **ଶାଖାର ନାମ: କୋଷାଗୁମୁଡ଼ା** | |
| ୨୭୭୩୦୫୦୦୫୦୮୩ | ପ୍ରସଙ୍ଗୀ ହରିଜନ |
| **ଶାଖାର ନାମ: ବାଲିଆପାଳ** | |
| ୩୦୫୨୦୫୦୦୫୬୪୩ | ଚନ୍ଦନ ଜେନା |
| **ଶାଖାର ନାମ: କୁଜଙ୍ଗ** | |
| ୩୦୫୩୦୫୦୧୨୦୩୩ | ବିଶ୍ୱଚନ୍ଦନ ବେହେରା |
| **ଶାଖାର ନାମ: ରାଇଘର, ଓଡ଼ିଶା** | |
| ୩୨୬୨୦୫୦୦୩୯୧୪ | ଧନ ସିଂହ ହରିଜନ |
| ୩୨୬୨୦୫୦୦୪୭୮୨ | ରାଜେନ୍ଦ୍ର ହରିଜନ |
| **ଶାଖାର ନାମ: ଭୁବନ** | |
| ୩୨୬୬୦୫୦୦୫୯୫୮ | ପିଣ୍ଟୁ ବେହେରା |
| ୩୨୬୬୦୫୦୦୬୯୦୧ | ସଚ୍ଚିଦାନନ୍ଦ ଭୋଇ |
| **ଶାଖାର ନାମ: ଧଉରାପାଲି, ଓଡ଼ିଶା** | |
| ୩୬୭୪୦୫୦୦୧୧୫୬ | ଉପେନ୍ଦ୍ର ମଲ୍ଲିକ |
| **ଶାଖାର ନାମ: ବୌଦ୍ଧଗଡ଼, ଓଡ଼ିଶା** | |
| ୩୬୮୨୦୫୦୦୦୮୮୦ | ନିର୍ମଳ ରଣା |
| **ଶାଖାର ନାମ: ପ୍ରତାପ ଶାସନ, ଓଡ଼ିଶା** | |
| ୩୬୮୫୦୫୦୦୧୮୦୭ | ସନ୍ତୋଷ କୁମାର ସାହୁ |
| **ଶାଖାର ନାମ: ମାଲକାନଗିରି, ଓଡ଼ିଶା** | |
| ୩୬୮୯୦୫୦୦୮୦୪୬ | ତ୍ରିନାଥ ନାୟକ |
| ୩୬୮୯୦୫୦୦୮୦୪୭ | ରାଜେଶ ନାୟକ |
| **ଶାଖାର ନାମ: ସୋନପୁର, ଓଡ଼ିଶା** | |
| ୩୬୯୦୦୫୦୦୧୮୦୬ | ଗଣେଶ ବିଶି |
| **ଶାଖାର ନାମ: ଦହିକୋଟି** | |
| ୩୯୨୨୦୫୦୦୦୪୧୮ | ସାଇବା ସିଂହ |
| **ଶାଖାର ନାମ: ତେଲରାଇ-କାଳିମେଳା** | |
| ୩୯୨୩୦୫୦୦୦୫୪୬ | ମନ ପୂଜାରୀ |
| **ଶାଖାର ନାମ: କଟକ** | |
| ୬୩୪୨୦୫୦୧୫୪୬୮ | ମନୋରଞ୍ଜନ ରାଉତ |
| ୬୩୪୨୦୫୦୧୫୫୭୬ | ବିକାଶ ଚନ୍ଦ୍ର ଜେନା |
| ୬୩୪୨୦୫୦୧୬୧୫୩ | ଅଭିମନ୍ୟୁ କାଳିଆ |
| ୬୩୪୨୦୫୦୧୬୧୫୬ | ରାକେଶ କୁମାର ଝା |
| ୬୩୪୨୦୫୦୧୬୧୬୩ | ବବୁଲ କୁମାର ଶା |
| ୬୫୮୭୦୫୬୦୨୫୬୮ | ତୁଷାର କାନ୍ତ ମଲ୍ଲିକ |
| **ଶାଖାର ନାମ: ବିଜେପୁର** | |
| ୭୨୬୪୦୫୦୦୨୩୬୫ | ଅଜିତ ଗଡ଼ତିଆ |
| **ଶାଖାର ନାମ: ଜୁନାଗଡ଼** | |
| ୭୫୧୬୦୫୦୦୦୩୭୯ | ଏମ୍ ଶିବକୁମାର |
| **ଶାଖାର ନାମ: ଗୌରୀବିଦାନୁର** | |
| ୭୫୪୨୦୫୦୦୦୧୦୨ | ମନମୋହନ ବଡ଼ |

**ତାରିଖ: ୨୭।୦୬।୨୦୨୩**
**ସ୍ଥାନ:** ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ଯାଜପୁର, ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, କଳାହାଣ୍ଡି, ବୌଦ୍ଧ, ଗଞ୍ଜାମ, କନ୍ଧମାଳ, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର

ସ୍ୱା./-
ପ୍ରାଧିକୃତ ଅଧିକାରୀ
ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ ପାଇଁ


## Directorate of Higher Secondary Education, Odisha

No.N-27:

**Revised e-Admission dateline for Higher Secondary Schools of the State for the Session 2023-24**

| Sl. No. | Activities | Revised Dateline |
|---|---|---|
| 1 | Last date for submission of online Common Application Form (CAP) by the Applicant through Student Login (www.samsodisha.gov.in) | 30.06.2023 (11.45PM) |
| 2 | Publication of the First Selection Merit List and downloading of Intimation Letter in the Student Login | 06.07.2023 (11.45 AM) |
| 3 | Reporting of First Selection candidates for admission at selected Higher Secondary Schools and admission updation at Higher Secondary Schools level. | 07.07.2023 to 13.07.2023 (up to 06.00 PM) |
| 4 | Admission Data updation of the First Selection candidates and Error Correction by Higher Secondary Schools in the HSS e-Space. | 07.07.2023 to 13.07.2023 (up to 09.00 PM) |
| 5 | On-line submission of Slide-up Request by students who have taken admission in First Selection. | 08.07.2023 to 14.07.2023 (up to 06.00 PM) |
| 6 | Publication of Second Selection Merit List and downloading of Intimation Letter in the Student Login. | 19.07.2023 (11.30 AM) |
| 7 | Reporting of Second Selection candidates (as mentioned in the Intimation Letter) and admission updation at Higher Secondary Schools level. | 20.07.2023 to 22.07.2023 (up to 06.00 PM) |
| 8 | Admission Data updation of the Second Selection candidates and Error Correction by Higher Secondary Schools in the SAMS e-Space. | 20.07.2023 to 22.07.2023 (up to 09.00 PM) |
| 9 | Opening and Closing date for submission of Choice Locking (Only for Slide-up request opted, taken admission in lower preferred HSS during 2nd Selection and not selected in both 1st & 2nd Selection candidates) option in the preferred HSSs for SPOT selection admission. | 21.07.2023 to 23.07.2023 (up to 11.45 PM) |
| 10 | Publication of SPOT Selection Merit List and downloading of Intimation Letter in the Student Login. | 27.07.2023 (12.30 PM) |
| 11 | Reporting of SPOT Selection candidates and admission updation at HSS level. | 29.07.2023 (1.00 PM) to 31.07.2023 (06.00 PM) |
| 12 | Commencement of Class | 01.08.2023 |

## Directorate of Higher Secondary Education, Odisha

Class-XII (2nd Year) transfer admission shall be conducted as per the following dateline. To know the modalities, Application procedure and selection criteria please visit www.samsodisha.gov.in

**Dateline for e-Transfer Admission for Class-XII Students for the AY: 2023-24**

| Sl. No. | Activities | Dateline |
|---|---|---|
| a) | Availability of Transfer Application Form for the Class XII in the student's e-Space of S&ME Department website www.samsodisha.gov.in | **28/06/2023; 11:00 am** |
| b) | Last date of applying online Transfer Application Form for the Class XII through www.samsodisha.gov.in | 07/07/2023, 5:00 pm |
| c) | Verification at the Leaving Higher Secondary School | 28/06/2023 to 08/07/2023 |
| d) | Document Verification at the District Nodal SAMS Resource Centre (SRC/ Higher Secondary School) | 29/06/2023 to 10/07/2023 |
| e) | Application Review and Approval at DHSE | 10/07/2023 to 20/07/2023 |
| f) | Admission at Destination Higher Secondary School | 11/07/2023 to 22/07/2023 |

*For More Details, please contact Sanjog Helpline (Toll Free) number 155335, 1800-345-6770, E-mail: sams.dhse@gov.in*

OIPR-11033/11/0004/2324


**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ସୂର୍ଯ୍ୟନଗର ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ରଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ସୂର୍ଯ୍ୟନଗର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ସୂର୍ଯ୍ୟନଗର ଶାଖା/ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ରଣଗ୍ରହୀତା: ଶୁଭାଶିଷ ପଟ୍ଟନାଏକ,** ପିତା: ଶରତ ଚନ୍ଦ୍ର ପଟ୍ଟନାଏକ / **ଗ୍ୟାରେଣ୍ଟିଦାତା: ବେବି ପଟ୍ଟନାଏକ,** ସ୍ୱାମୀ: ଶୁଭାଶିଷ ପଟ୍ଟନାଏକ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୨୪୦/୯୧, ଏରୋଡ୍ରମ ଏରିଆ, ଥାନା: ଏୟାରଫିଲ୍ଡ, ଭୁବନେଶ୍ୱର - ୭୫୧୦୨୦ | ୨୭.୧୦.୨୦୨୨ ସୁଦ୍ଧା ଟ.୪୧,୪୨,୩୩୦/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୭.୧୦.୨୦୨୨ / ୨୧.୦୬.୨୦୨୩ | **ଶୁଭାଶିଷ ପଟ୍ଟନାଏକଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୀମପୁର, ଥାନା ନଂ.: ୬୪, ତହସିଲ: ଭୁବନେଶ୍ୱର, ଖାତା ନଂ.: ୫୪୪/୩୭୪ ଏବଂ ୫୪୪/୪୮୪, ପ୍ଲଟ୍ ନଂ.: ୧୩୯୦, ୧୩୯୨, ୧୩୯୩, ୧୩୯୪, କ୍ଷେତ୍ର: ଏକର୦.୨୧୯ ଡ଼ିସିମିଲି, ବିଲ୍ଟ ଅପ୍ ଏରିଆ: ୯୫୫ ବର୍ଗଫୁଟ, ଫ୍ଲାଟ୍‌ର ବିବରଣୀ: ଫ୍ଲାଟ୍ ନଂ.: ଟାଇପ୍-୩ (୩ୟ ମହଲା), ରତ୍ନା କ୍ୟାସେଲ |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୨୬.୦୬.୨୦୨୩**
**କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**




ଭୂମି ପୂଜନ ଉତ୍ସବସ୍ଥଳରେ ପ୍ରଦର୍ଶିତ 'ଏକାମ୍ର ପ୍ରକଳ୍ପ', ଲାଇଟ୍ ଆଣ୍ଡ୍ ସାଉଣ୍ଡ୍‌ରେ ବିନ୍ଦୁ ସାଗର ଝଲସୁଛି। (ଫଟୋ-ମୌସମ)

# 'ଏକାମ୍ର ପ୍ରକଳ୍ପ' ଭୂମି ପୂଜନ ଉତ୍ସବ ଆରମ୍ଭ

ଭୁବନେଶ୍ୱର(ବନ୍ଦନା ସେଠୀ)/ ପୁରୁଣା ଭୁବନେଶ୍ୱର, ୨୬।୬ (ସୁବାସ ଚନ୍ଦ୍ର ପ୍ରଧାନ)

ବହୁ ପ୍ରତୀକ୍ଷିତ 'ଏକାମ୍ର ପ୍ରକଳ୍ପ' ପାଇଁ ସୋମବାରଠାରୁ ୩ଦିନିଆ ଉତ୍ସବ ଆରମ୍ଭ ହୋଇଛି। ପ୍ରଥମ ସନ୍ଧ୍ୟାରେ ଯଜ୍ଞପାଇଁ ଅଙ୍କୁରାରୋପଣ ହେବା ସହ ଭୂମି ପୂଜନର ଶୁଭାରମ୍ଭ ହୋଇଛି। ଏଥିସହ ରାତି ୧୧ଟା ବେଳକୁ ମଣ୍ଡଳକରଣ କାର୍ଯ୍ୟ ଯଥାବିଧି ଆରମ୍ଭ କରାଯାଇଛି। ବେଦପାଠ, ମନ୍ତ୍ରଧ୍ୱନି ଓ ସଙ୍କୀର୍ତ୍ତନର ଆଧ୍ୟାତ୍ମିକ ପରିବେଶରେ ପ୍ରକମ୍ପିତ ହେଉଛି ଏକାମ୍ର କ୍ଷେତ୍ର। ଏଥିପାଇଁ ଲିଙ୍ଗରାଜ ମନ୍ଦିର ପରିସରରେ ବିରାଟ ଯଜ୍ଞସ୍ଥଳୀ ନିର୍ମିତ ହୋଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାପାଳ ତଥା ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ସଭାପତି କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇଥିଲେ। ଉତ୍ସବର ଦ୍ୱିତୀୟ ଦିନ ମଙ୍ଗଳବାର ଭୋର୍ ୪ଟାରୁ ଜଳାଧିବାସ, ୬ଟା ୩୦ରେ ମନ୍ଦିର ଓ ଯଜ୍ଞବେଦି ପ୍ରଦକ୍ଷିଣ ପରେ ଘଟ ଓ ଦୀପ ସ୍ଥାପନ, ଗୁରୁ ପୂଜନ, ପଞ୍ଚାମୃତ, ପଞ୍ଚଗବ୍ୟ ଶୋଧନ କରାଯାଇ ସୂର୍ଯ୍ୟ ପୂଜା ସହ ଯଜ୍ଞ ଆରମ୍ଭ ହେବ। ଏଥିରେ ପୁରୀ ଗଜପତି ଦିବ୍ୟସିଂହ ଦେବ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୨୮ ତାରିଖ ବାହୁଡ଼ା ଦିନ ସକାଳେ ପୂର୍ଣ୍ଣାହୁତିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏହି ପରିପ୍ରେକ୍ଷୀରେ ୩ଦିନ ଧରି ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ, ମୁକ୍ତେଶ୍ୱର ମନ୍ଦିର, ବିନ୍ଦୁସାଗର ପୁଷ୍କରିଣୀ ଓ ଅନ୍ୟାନ୍ୟ ଛୋଟ ଛୋଟ ମନ୍ଦିରଗୁଡ଼ିକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ମଙ୍ଗଳବାରଠାରୁ ଦୁଇଦିନ ଧରି ମନ୍ଦିର ନିକଟରେ ନିର୍ମିତ ଭଜନ ମଣ୍ଡପରେ ଅପରାହ୍ନ ୫ଟା ୩୦ରୁ ରାତି ୧୦ଟା ପର୍ଯ୍ୟନ୍ତ ଭଜନ ସମାରୋହ ଅନୁଷ୍ଠିତ ହେବ।




ଏକାମ୍ର ପ୍ରକଳ୍ପ ପାଇଁ ଭୂମି ପୂଜନ କରାଯାଉଛି। ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ଶିବ ନୃତ୍ୟ ପରିବେଷଣ।

## ଲାଇଟ୍ ଆଣ୍ଡ୍ ସାଉଣ୍ଡରେ ଶିବ ତାଣ୍ଡବ

ଲିଙ୍ଗରାଜ ମନ୍ଦିର ନିକଟରେ ଥିବା ବିଏମ୍‌ସି ମାର୍କେଟ କମ୍ପ୍ଲେକ୍ସଠାରେ ଦର୍ଶକଙ୍କ ପାଇଁ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍‌ର ବ୍ୟବସ୍ଥା କରାଯାଇଥିଲା। ମହାଦେବଙ୍କର ସ୍ତୁତିକୁ ଲାଇଟ୍ ଆଣ୍ଡ୍ ସାଉଣ୍ଡ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା। ଲିଙ୍ଗରାଜ ମନ୍ଦିର ନିର୍ମାଣର ପୌରାଣିକ ପୃଷ୍ଠଭୂମି ସହିତ ଶିବ ତାଣ୍ଡବ ଆଦିକୁ ଚମତ୍କାର ଢଙ୍ଗରେ ପରିବେଷଣ କରାଯାଇଥିଲା। ଏଥିସହ ପ୍ରିନ୍ସଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ମହାଦେବଙ୍କ ଉପରେ ଆଧାରିତ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା। ଆସନ୍ତା ୨ଦିନ ଧରି ଏହି କାର୍ଯ୍ୟକ୍ରମ ଜାରି ରହିବ। ସେହିପରି ବିନ୍ଦୁସାଗର ପୁଷ୍କରିଣୀରେ ମଧ୍ୟ ଲାଇଟ୍ ଆଣ୍ଡ ସାଉଣ୍ଡ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ଥିଲା।

## ଏକାମ୍ର ପ୍ରକଳ୍ପ ମଡେଲ୍ ପ୍ରଦର୍ଶନ

ଏକାମ୍ର ପ୍ରକଳ୍ପ ଯୋଜନାରେ ସ୍ଥାନୀୟ ଅଞ୍ଚଳର ରୂପରେଖ ବଦଳିବ। ୨ଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଉନ୍ନତିମୂଳକ କାର୍ଯ୍ୟରେ ମନ୍ଦିରର ଆଖପାଖ ଅଞ୍ଚଳର ସୌନ୍ଦର୍ଯ୍ୟକରଣ କରାଯିବା ସହ ଚଉଡା ରାସ୍ତା, ପଥଚାରୀଙ୍କ ପାଇଁ ଚଉଡ଼ା ଚଲାପଥ ଏବଂ ପାର୍କିଂ ବ୍ୟବସ୍ଥା କରାଯିବ। ଏଥିସହ ଲିଙ୍ଗରାଜ ମନ୍ଦିର ଆଖପାଖରେ ଥିବା ଅନ୍ୟ ମନ୍ଦିର ଏବଂ ପୁଷ୍କରିଣୀର ମଧ୍ୟ ରୂପାନ୍ତରଣ ହେବ। ତେବେ ପ୍ରକଳ୍ପ ସରିବା ପରେ ମନ୍ଦିର ଓ ଏହା ଆଖପାଖ ଅଞ୍ଚଳ କିପରି ଦିଶିବ ତାହାର ଏକ ନକଲ ବା ପ୍ରୋଜେକ୍ଟ ମଡେଲକୁ କାର୍ଯ୍ୟକ୍ରମ ସ୍ଥଳରେ ପ୍ରଦର୍ଶନ କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ସହ ଫଟୋଉଠା

ଏହି ଉତ୍ସବକୁ ସ୍ମରଣୀୟ କରିବା ପାଇଁ ମାର୍କେଟ୍ କମ୍ପ୍ଲେକ୍ସଠାରେ ଏକ 'ଫଟୋ ବୁଥ୍' କରାଯାଇଛି। ଏଠାରେ ଲୋକମାନେ ମାଗଣାରେ ନିଜ ଫଟୋ ଉଠାଇ ପାରିବେ। କିନ୍ତୁ ଫଟୋ ବାହାରିବା ବେଳକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ନିଜକୁ ଦେଖିବାକୁ ପାଇବେ, ଯାହାକି ଏହି ମ୍ୟାଜିକାଲ ଫଟୋ ବୁଥ୍‌ର ଅନ୍ୟତମ ଆକର୍ଷଣ ସାଜିଛି।

## ବର୍ଷା ଦେଲା ଶୁଭ ସଙ୍କେତ

ପ୍ରକଳ୍ପର ଭୂମିପୂଜନ ପାଇଁ ୩ଦିନିଆ କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ମନ୍ତ୍ର, ବେଦପାଠରେ ଅଞ୍ଚଳ ପ୍ରକମ୍ପିତ ହେଉଥିବାବେଳେ ଦିନ ତମାମ ବର୍ଷା ଶୁଭ ସଙ୍କେତ ଦେଲା ବୋଲି ସେବାୟତମାନେ କହିଛନ୍ତି। ହେଲେ ଏହି ବର୍ଷା ପାଇଁ ପ୍ରଥମ ଦିନରେ ଆଶାନୁରୂପ ଶ୍ରଦ୍ଧାଳୁ ଆସି ନ ଥିଲେ ମଧ୍ୟ ଆଗମନ ଲାଗି ରହିଥିଲା। ସୋମବାର ଅପରାହ୍ନ ୪ଟାରୁ ବର୍ଷା ଲାଗି ରହିଥିବାରୁ ଅଳ୍ପ ସଂଖ୍ୟକ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମ ଦେଖିବାକୁ ଆସିଥିଲେ। ଅପରପକ୍ଷେ ବର୍ଷାରୁ ରକ୍ଷା ପାଇବା ପାଇଁ ସେଭଳି କିଛି ବ୍ୟବସ୍ଥା କରାଯାଇ ନ ଥିବାରୁ ଯେଉଁ କେତେକ ଲୋକ ମନ୍ଦିର ଆସିଥିଲେ ସେମାନେ ବର୍ଷାରେ ଭିଜିଭିଜି କାର୍ଯ୍ୟକ୍ରମ ଦେଖିଥିଲେ।



ଏକାମ୍ର ପ୍ରକଳ୍ପ ଯଜ୍ଞର ପୂର୍ଣ୍ଣାହୁତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବା ନିମନ୍ତେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ସେବାୟତ ଓ ଅନ୍ୟମାନେ ନବୀନ ନିବାସରେ ଭେଟି ଥାଉ ଦେଇ ନିମନ୍ତ୍ରଣ କରୁଛନ୍ତି। (ଫଟୋ-ମନୋରଞ୍ଜନ)

# ନାକଚଣା ଦ୍ୱାର ସମ୍ମୁଖରେ ୩ ରଥ

ପୁରୀ, ୨୬।୬(ଅଜିତ୍ ମହାନ୍ତି)

**ସରିଲା ଦକ୍ଷିଣ ମୋଡ଼, ବାହୁଡ଼ାଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ**

ବାହୁଡ଼ାଯାତ୍ରା ପାଇଁ ଏବେ ତିନିରଥ ପ୍ରସ୍ତୁତ। ଦକ୍ଷିଣମୋଡ଼ ପରେ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ନାକଚଣା ଦ୍ୱାର ସମ୍ମୁଖରେ ତିନିରଥ ଦଣ୍ଡାୟମାନ। କେବଳ ଦାରୁବିଗ୍ରହଙ୍କୁ ଅପେକ୍ଷା। ବୁଧବାର ବାହୁଡ଼ା ଯାତ୍ରା ଦିନ ଚତୁର୍ଦ୍ଧାମୂର୍ତ୍ତି ରଥରେ ବସି ଶ୍ରୀଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ବାହୁଡ଼ି ଯିବେ। ଏଥିପାଇଁ ସୋମବାରଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ରଥାରୂଢ଼ ହୋଇ କର୍ମବେଦି ଶ୍ରୀମନ୍ଦିର ଛାଡ଼ି ଜନ୍ମବେଦି ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିଛନ୍ତି। ଶନିବାର ହେରାପଞ୍ଚମୀରେ ଅଭିମାନିନୀ ମା' ଲକ୍ଷ୍ମୀ ଠାକୁରାଣୀ ଗୁଣ୍ଡିଚା ମନ୍ଦିର ଆସି ନନ୍ଦିଘୋଷ ରଥ ଭାଙ୍ଗି ଶ୍ରୀମନ୍ଦିରକୁ ଫେରିଯିବା ପରେ ଘୋଷଯାତ୍ରାର ଷଷ୍ଠ ଦିବସରେ ରବିବାର ବାହୁଡ଼ା ଯାତ୍ରାର ଆଦ୍ୟ ପର୍ବ ଆରମ୍ଭ ହୋଇଥିଲା। ଏଥିଲାଗି ରଥ ଦକ୍ଷିଣମୋଡ଼ କରାଯାଇଥିଲା। ତିନିରଥରେ ଆଜ୍ଞାମାଳ ବିଜେ ପରେ ପରମ୍ପରା ଅନୁଯାୟୀ, ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ଦକ୍ଷିଣମୋଡ଼ କରାଯାଇଥିଲା। ପରେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣମୋଡ଼ ହୋଇଥିଲା। ଏହି ଦୁଇଟି ରଥକୁ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଆଗରୁ ନାକଚଣା ଦ୍ୱାର ସମ୍ମୁଖକୁ ଟାଣି ନିଆଯାଇଥିଲା। ତେବେ ସନ୍ଧ୍ୟା ହୋଇଯିବାରୁ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ ହୋଇପାରି ନ ଥିଲା। ସୋମବାର ସକାଳେ ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯାଇଛି। ଘୋଷ ଘଣ୍ଟୁଆଙ୍କ ଘଣ୍ଟନାଦର ତାଳେତାଳେ ଆରକ୍ଷୀବାହିନୀ ଏହି ରଥକୁ ଟାଣି ନେଇଥିଲେ। ଏବେ ବାହୁଡ଼ା ଯାତ୍ରାକୁ ଭକ୍ତମାନେ ଉତ୍କଣ୍ଠାର ସହ ଚାହିଁ ବସିଛନ୍ତି।



ଦକ୍ଷିଣମୋଡ଼ ପରେ ନାକଚଣା ଦ୍ୱାର ସମ୍ମୁଖରେ ପହଞ୍ଚି ଥିବା ୩ ରଥ (ଫଟୋ-ଯଜ୍ଞେଶ୍ୱର ମହାନ୍ତି)।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୋନାଲି



@ ସ୍ୱସ୍ତିପ୍ରିୟା



@ ବଟକୃଷ୍ଣ



@ ସଞ୍ଜୟ



@ ଶୁଭମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ସାକ୍ଷୀଗୋପାଳ ମନ୍ଦିର ପରିସରରେ ସେବାୟତମାନେ ଧାରଣା ଦେଉଛନ୍ତି।

# ସେବାୟତଙ୍କ ଧାରଣା, ସାକ୍ଷୀଗୋପାଳ ମନ୍ଦିରରେ ନୀତି ବନ୍ଦ

ସାକ୍ଷୀଗୋପାଳ, ୨୬।୬(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

- ■ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ସେବାୟତ ଶ୍ମଶାନ ଉଚ୍ଛେଦକୁ ପ୍ରତିବାଦ
- ■ନିର୍ମାଣକାରୀ ସଂସ୍ଥା ବିରୋଧରେ ଅଭିଯୋଗ

ପୁରୀ ଜିଲା ସତ୍ୟବାଦୀ ବ୍ଲକରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ତେବେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ସୋମବାର ବକୁଳବନରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିମନ୍ତେ ଥିବା ଜମିକୁ ଲାଗିରହିଥିବା ସାକ୍ଷୀଗୋପାଳ ମନ୍ଦିର ସେବାୟତଙ୍କ ଶ୍ମଶାନଟିକୁ କାର୍ଯ୍ୟ କରୁଥିବା ନିର୍ମାଣକାରୀ ସଂସ୍ଥା ପକ୍ଷରୁ ଭାଙ୍ଗି ଦିଆଯାଇଛି। ଦୀର୍ଘବର୍ଷ ହେବ ସେବାୟତଙ୍କ ନିମନ୍ତେ ରହିଥିବା ଏହି ଶ୍ମଶାନଟି ଭଙ୍ଗାଯାଇଥିବା ଖବର ମିଳିବା ପରେ ସେମାନେ ବିରୋଧ କରିବା ସହ ସେଠାରେ ପହଞ୍ଚି ଦେଖିବା ବେଳକୁ ଶ୍ମଶାନ ଚୁଲି, ଚୁଲିର ଲୁହା ଲାଇନ, ସିମେଣ୍ଟ କଂକ୍ରିଟ ପିଲାର, ଛାତ, ଲୁହା ଗ୍ରୀଲଗେଟ୍‌ଗୁଡ଼ିକ ସମ୍ପୂର୍ଣ୍ଣ ଭାଙ୍ଗିଦିଆଯାଇ ଏକ ନୂତନ ପାଚେରି କରାଯାଉଛି। ଏ ନେଇ ମନ୍ଦିର ସେବାୟତମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ଚକ୍ରାନ୍ତ କରି ଏଭଳି ବେଆଇନ କାର୍ଯ୍ୟ କରିଛନ୍ତି ବୋଲି ସେବାୟତ ସଂଘ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ଦାବିରେ ସେବାୟତମାନେ ମନ୍ଦିର ମୁଖଶାଳା ଭିତରେ ଧାରଣା ଦେଇଛନ୍ତି। ଫଳରେ ଠାକୁରଙ୍କ ଦେବନୀତି ବନ୍ଦ ହେବା ସହ ସନ୍ଧ୍ୟା ଆଳତି, ଗୋଧନ ବାହୁଡାଭୋଗ, ସନ୍ଧ୍ୟା ଧୂପ ଆଦି ବନ୍ଦ ରହିଛି। ଧାରଣା ଯୋଗୁ ବଡ଼ ସିଂହାର ପରେ ଠାକୁରଙ୍କ ପହୁଡ଼ ନୀତି ହେବ କି ନାହିଁ ସନ୍ଦେହ ପ୍ରକାଶ ପାଇଛି। ଖବରପାଇ ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ସେବାୟତମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଅପରପକ୍ଷେ ସେବାୟତଙ୍କ ଶ୍ମଶାନ ଭାଙ୍ଗିଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟର ନିର୍ମାଣକାରୀ ସଂସ୍ଥା ବିରୋଧରେ ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିପାଠୀ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସେବାୟତ ସଂଘ ସମ୍ପାଦକ ବିଜୟ କୁମାର ନନ୍ଦ କହିଛନ୍ତି, ସେବାୟତଙ୍କ ଶ୍ମଶାନ ଭଙ୍ଗାଯିବା ପ୍ରତିବାଦରେ ଧାରଣା ଦିଆଯାଇଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରିଲା ନାହିଁ। ଫଳରେ ମଙ୍ଗଳବାର ମଧ୍ୟ ମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ବନ୍ଦ ସହ ସମସ୍ତ କାର୍ଯ୍ୟ ବନ୍ଦ ରହିବ। ସେହିଭଳି ତହସିଲଦାର ଜୟସିଂ କହିଥିଲେ, ମଙ୍ଗଳବାର ଭଙ୍ଗାଯାଇଥିବା ସେବାୟତ ଶ୍ମଶାନ ଜାଗାକୁ ଯାଇ ସ୍ଥିତି ଅନୁଧ୍ୟାନ କରାଯିବ। ସୂଚନାଥାଉ କି, ପୂର୍ବରୁ ମଧ୍ୟ ସାକ୍ଷୀଗୋପାଳ ଠାକୁରଙ୍କ ବିଜେସ୍ଥଳୀ ପାଇଁ ଯେଉଁଠି ଠାକୁରଙ୍କ କାଳୀୟଦଳନ ନୀତି କରାଯାଉଛି, ସେହି ତୀର୍ଥ ପୁଷ୍କରିଣୀ ରାଧାକୁଣ୍ଡକୁ ପ୍ରଶାସନ ପକ୍ଷରୁ ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ବିକ୍ରି କରି ଦିଆଯାଇଛି। ପୁଣି ସେଠାରେ ପ୍ରାଚୀର କରିଦିଆଯାଇଥିବାରୁ ସେଠାରେ ଶୁଦ୍ଧିକ୍ରିୟା କରିବା ଅସମ୍ଭବ ହେଉଥିବା ସେବାୟତମାନେ ପ୍ରକାଶ କରିଛନ୍ତି।

# ବସ୍ତିବାସିନ୍ଦାଙ୍କୁ ଥଇଥାନ ଦାବିରେ ରାସ୍ତାରୋକୋ

**ଜଟଣୀ,୨୬।୬(ରବୀନ୍ଦ୍ର ନାଥ ମହାକୁଡ଼)**



ବସ୍ତି ବାସିନ୍ଦାଙ୍କୁ ଥଇଥାନ ଦାବିରେ ଜଟଣୀ ନାଗରିକ କମିଟି ପକ୍ଷରୁ ରାସ୍ତାରୋକୋ କରାଯାଇଛି।

ଜଟଣୀ ପୌରାଞ୍ଚଳ ଅଧୀନ ରେଲୱେ ଅଞ୍ଚଳରୁ ଉଚ୍ଛେଦ ହୋଇଥିବା ବସ୍ତି ବାସିନ୍ଦାଙ୍କୁ ତୁରନ୍ତ ଥଇଥାନ ଦାବିରେ ସୋମବାର ଜଟଣୀ ନାଗରିକ କମିଟି ସଭାପତି କ୍ୟାପଟେନ୍ ମନ୍ମଥ ରାଉତରାୟଙ୍କ ସଭାପତିତ୍ୱରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହ ରାସ୍ତାରୋକୋ କରାଯାଇଥିଲା। ରାଜ୍ୟ ସରକାରଙ୍କ ଜାଗା ମିଶନ ଜରିଆରେ ଉକ୍ତ ବସ୍ତିବାସିନ୍ଦାଙ୍କୁ ଘର ଡିହ ଯୋଗାଇଦେବା ପାଇଁ ଦାବି ହୋଇଛି। କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ନାଗରିକ କମିଟି କର୍ମକର୍ତ୍ତା ଓ ବସ୍ତି ବାସିନ୍ଦା ସାମିଲ ହୋଇଥିଲେ। ଏହି ଅବସରରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ରୁମାନୀ ଜାଫ୍ରିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଚିହ୍ନଟ ହୋଇଥିବା ପ୍ରାୟ ୩ ଏକର ଜାଗାରେ ବସ୍ତିବାସିନ୍ଦାଙ୍କୁ ଆଗାମୀ ଦୁଇ ମାସ ମଧ୍ୟରେ ଥଇଥାନ କରାଯିବା ପାଇଁ ସ୍ଥାନୀୟ ଥାନା ଅଧିକାରୀ ସୌମ୍ୟକାନ୍ତ ବଲିୟାରସିଂଙ୍କ ଉପସ୍ଥିତିରେ ତହସିଲଦାର ଜାଫ୍ରି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ବସ୍ତି ବାସିନ୍ଦା ସଂଘ ସଭାପତି ଯୋଗେଶ ନାୟକ, ନୌସିର ଅଲ୍ଲୀ, ଜଟଣୀ ଟାଉନ ସଭାପତି ଅଶୋକ ମଙ୍ଗରାଜ, ଲୁସେନ ରାୟ, ଗଟେଶ୍ୱର ବେହେରା, ସ୍ମୃତି ରଞ୍ଜନ ସାହୁ, ଲୁଲୁ ବଡ଼ଜେନା, ଅଭିଜିତ ମହାନ୍ତି, ଧବୁ ବେହେରା, ପ୍ରଫୁଲ୍ଲ ନାୟକ, ସୁନିଲ ରାଉତରାୟ, ପଦନପୁର ସରପଞ୍ଚ ଅହଲ୍ୟା ନାୟକ, ସଂଗ୍ରାମ ଶାସମଲ, ପ୍ରକାଶ ରାଣସିଂହ, ସୁବ୍ରତ ରଣା, ପ୍ରହ୍ଲାଦ ସାହୁ, ସୁଲୁ ରଥ, ଅବଦାର ଯୁସୁଫ, ଏସ୍.କେ. ସଦାମ, ଅଶୋକ ପାତ୍ର, ଏମ୍.ଡି. ଅବରାର, କେଦାର ଚରଣ ସାହୁ, ମାଧବ ପାଢ଼ଶାଳୀ, ରାକେଶ ରଞ୍ଜନ ଗୁରୁ, ଅମୀୟ ରଞ୍ଜନ ସ୍ୱାଇଁ, ତ୍ରିଲୋଚନ ପ୍ରଧାନ, କାଳନ୍ଦୀ ନାୟକ, ଏମ୍.ଡି. ସୁଲେମାନ, ହରପ୍ରସାଦ ପ୍ରଧାନ, ସଂକେତ ପାଢ଼ଶାଳୀ, ଜି ଶ୍ରୀନୁ, ସୂର୍ଯ୍ୟକାନ୍ତ ବଲିୟାରସିଂହ, ସାବିତ୍ରୀ ରେଡ଼ି, ସଞ୍ଜୟ ଜେନା, କ୍ଷିତୀଶ ପାହାଡ଼ସିଂହ, ସୁବାସ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଧାୟକଙ୍କ ରାଜନୈତିକ ସଚିବ କଳିଙ୍ଗ କୁମାର ସାହୁ ପରିଚାଳନା କରିଥିଲେ।

# ଶ୍ରୀଅରବିନ୍ଦ ଜ୍ଞାନମନ୍ଦିରର ପାଠଚକ୍ର ସମ୍ମିଳନୀ



ପାଠଚକ୍ର ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

**ଟାଙ୍ଗୀ,୨୬।୬(ରଘୁନାଥ ସାହୁ)**

ସୁନାଖଳାସ୍ଥିତ ଶ୍ରୀଅରବିନ୍ଦ ଜ୍ଞାନ ମନ୍ଦିର ପରିସରରେ ୬୧ତମ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଭାରତର ଆଧ୍ୟାତ୍ମିକ ପତାକା ଉତ୍ତୋଳନ, ବନ୍ଦେ ମାତରଂ ଗାନ, ଧୂପ, ପୁଷ୍ପ ଅର୍ପଣ ପରେ ସନ୍ଧ୍ୟାରେ ସମାଧିପୀଠରେ ସମବେତ ଧ୍ୟାନ ଓ ପ୍ରାର୍ଥନା କରାଯାଇଥିଲା। ଏହା ପରେ 'ବିଶ୍ୱ ରୂପାନ୍ତକାରୀ ଯୋଗ ଓ ଶ୍ରୀଅରବିନ୍ଦ' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। କାଲୁପଡ଼ା ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ସଞ୍ଜୟ କୁମାର ମହାପାତ୍ର ଓ ପ୍ରଭାତ କୁମାର ନାୟକ ଆଲୋଚକଭାବେ ଯୋଗଦେଇଥିଲେ। ରବିବାର ପ୍ରାରମ୍ଭ ଅଧିବେଶନରେ ଆଧ୍ୟାତ୍ମିକ ଆଲୋଚନାର ଶୀର୍ଷକ ଥିଲା 'ଖୁସିରେ ରୁହ'। ସୁରେନ୍ଦ୍ର ନାଥ ଜେନା, ପ୍ରଭାତ କୁମାର ନାୟକ ଓ ପ୍ରାଧ୍ୟାପକ ରମାକାନ୍ତ ନନ୍ଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ସାଙ୍ଗଠନିକ ଆଲୋଚନା ହୋଇଥିଲା। ଉଦ୍‌ଯାପନୀ ସାନ୍ଧ୍ୟ ଅଧିବେଶନରେ 'ଦିବ୍ୟକୃପା' ଶୀର୍ଷକ ଆଲୋଚନାରେ ଦୀକ୍ଷାନ୍ତ ଅଭିଭାଷଣ ରଖିଥିଲେ ସଞ୍ଜୟ କୁମାର ମହାପାତ୍ର ଓ ପ୍ରଭାତ କୁମାର ନାୟକ। ବିଭିନ୍ନ ଦିବସର କାର୍ଯ୍ୟକ୍ରମକୁ ରାମଚନ୍ଦ୍ର ମାର୍ଥା ସଂଯୋଜନା କରିଥିବା ବେଳେ ବିଶ୍ୱଭୂଷଣ ରାଉତରାୟ ଓ ପାଠଚକ୍ରର ଭାଇଅପାମାନେ ସହଯୋଗ କରିଥିଲେ। ଚିଲିକାର ପୂର୍ବତନ ବିଧାୟକ ଡା. ବିଭୂତି ଭୂଷଣ ହରିଚନ୍ଦନ ଉପସ୍ଥିତ ଥିବା ବେଳେ ଡ.ସୁଧାଙ୍ଗିନୀ ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡ୍ରେନ୍ ସଫା କଲେନି, ରାସ୍ତାରେ ମଇଳା ପାଣି

## ପଦାରେ ପଡିଲା କେଏମ୍‌ସିର ପ୍ରସ୍ତୁତି

**ଖୋର୍ଦ୍ଧା,୨୬।୬(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ପୌର ପ୍ରଶାସନ (କେଏମ୍‌ସି) ପକ୍ଷରୁ ବର୍ଷାଦିନକୁ ଦୃଷ୍ଟିରେ ରଖି କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ଲଘୁଚାପ ବର୍ଷାରେ ଖୋର୍ଦ୍ଧା ସହର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଡ୍ରେନ୍ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହିଛି। ଏଥିରେ କୁଢ଼ କୁଢ଼ ଅଳିଆ ଆବର୍ଜନା, ପଲିଥିନ ଭାସୁଥିବା ଦେଖିବାକୁ ମିଳିଛି। ଡ୍ରେନ୍ ସଫେଇ ଲାଗି ପୌର ପ୍ରଶାସନ ପକ୍ଷରୁ ପୂର୍ବରୁ ଗୁରୁତ୍ୱାରୋପ କରାଯାଇଥିଲା। କେବଳ ସହରର ମୁଖ୍ୟ ଡ୍ରେନ୍‌କୁ ଛାଡ଼ିଦେଲେ ଗଳିକନ୍ଦିରେ ଥିବା ଡ୍ରେନ୍ ସଫେଇ ହୋଇନାହିଁ। ବର୍ଷାରେ ସହରର ଏକାଧିକ ଗଳିକନ୍ଦିରେ ଡ୍ରେନ୍ ପାଣି ଆଣ୍ଠୁଏ ଉଚ୍ଚରେ ଜମିଥିବା ଦେଖିବାକୁ ମିଳିଛି। ଏପରିକି ସହରର ତଳି ଅଞ୍ଚଳରେ ବର୍ଷାଜଳ ଜମାହୋଇ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରିଥିଲା। ନୂଆ ବସ୍‌ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ, ନୟାଗଡ଼ ରୋଡ୍, ପେଟ୍ରୋଲ ପମ୍ପ ଛକ, ପଲ୍ଲା ଛକ, ଗୋଡ଼ିପୋଖରୀ ଛକ ସମେତ ଏକାଧିକ ଛକରେ ବର୍ଷାପାଣି ଜମିଥିବା ଦେଖିବାକୁ ମିଳିଛି।

ଖୋର୍ଦ୍ଧା–ନୟାଗଡ଼ ଜାତୀୟ ରାଜପଥର ପୁରୁଣା ଦମକଳ ଛକଠାରେ ଡ୍ରେନ୍‌କୁ ସଂଯୋଗ କରୁଥିବା ଅନ୍ୟସାହିର ଡ୍ରେନ୍ ସଫା କରାଯାଇନାହିଁ। ଫଳରେ ଡ୍ରେନ୍‌ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମିରହୁଛି। ଦମକଳ ଛକ ସମ୍ମୁଖ ରାସ୍ତାରୁ ବରୁଣେଇ ସାହିକୁ ସଂଯୋଗ କରୁଥିବା ରାସ୍ତା, ଗୋପୀନାଥ ସାହି, ଉପରସାହି, ରାଧାବଲ୍ଲଭ ସାହି ଓ ବରୁଣେଇ ସାହିରୁ ନିଷ୍କାସନ ହେଉଥିବା ପାଣି ପୁରୁଣା ଦମକଳ ଛକ ଡ୍ରେନ୍‌ରେ ମିଶୁଛି। ସେହିଭଳି ସାମନ୍ତରାପୁର ଛକଠାରୁ ଉପରସାହି, ଖ୍ରୀଷ୍ଟିଆନ ସାହି, ବାସେଲିସାହି, ମାଛ ମାର୍କେଟ, ଉପଜିଲାପାଳଙ୍କ ବାସଭବନ ପଛପଟ ଆଦି ସାହିର ଡ୍ରେନ୍ ପୁରୁଣା ଦମକଳ ଛକ ନାଳକୁ ସଂଯୋଗ କରୁଛି। ଏହି ଡ୍ରେନ୍‌ଗୁଡିକ ସଫା ଲାଗି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଡ୍ରେନ୍ ପୋତି ହୋଇପଡିଥିବା ବେଳେ ଆବର୍ଜନା ଜମି ଦୁର୍ଗନ୍ଧ ହେଉଛି। ଖୋର୍ଦ୍ଧା ସହରର ପ୍ରାୟ ଡ୍ରେନ୍‌ର ସମାନ ଦୃଶ୍ୟ ରହିଛି। ଦମକଳ ଛକଠାରୁ ଗୋଡ଼ିପୋଖରୀ ଛକ ପରେ ଡ୍ରେନ୍ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ସେଠାରୁ ଆଗକୁ ଡ୍ରେନ୍ ନିର୍ମାଣ କରାଯାଇନାହିଁ କିମ୍ବା ପୋତି ହୋଇଯାଇଛି। ଫଳରେ ଏହି ରାସ୍ତା ବର୍ଷା ପାଣିରେ ଉବୁଟୁବୁ ହେଉଥିଲା। ଅନ୍ୟପଟେ ଏହି ଡ୍ରେନ୍‌ରେ ଘରୋଇ ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ, ପଲିଥିନ, ପାଣିବୋତଲ ପ୍ରଭୃତି ପଡି ପୋତି ହୋଇଗଲାଣି। ଏହାକୁ ସଫା କରାଯାଉନାହିଁ। ତେବେ ଏନେଇ କଂଗ୍ରେସ ନେତା ଶିଶିର ପରିଡା କୁହନ୍ତି, ମୌସୁମୀ ପ୍ରବେଶ ପୂର୍ବରୁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଗଲା ନାହିଁ। ଫଳରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ସେହିପରି ସାମାଜିକ କର୍ମୀ ଶୋଭନ ଘୋଷ୍ କୁହନ୍ତି, ଭାଙ୍ଗିରୁଜି ଯାଇଥିବା ଏକାଧିକ ଡ୍ରେନ୍‌ର ମରାମତି ଏବଂ ପୋତି ହୋଇଥିବା ଡ୍ରେନ୍‌କୁ ପୌର ପ୍ରଶାସନ ପକ୍ଷରୁ ସଫା କରାଯାଇନାହିଁ। ଫଳରେ ଏଭଳି ସ୍ଥିତି ହୋଇଛି। ସାମାଜିକ କର୍ମୀ ତପନ ସାମନ୍ତରାୟ କୁହନ୍ତି, ଖୋର୍ଦ୍ଧା ସହରରେ ଦୀର୍ଘବର୍ଷ ଧରି ଡ୍ରେନ୍ ସମସ୍ୟା ଲାଗି ରହିଛି। କେବଳ ବର୍ଷାଦିନ ଆସିଲେ ଲୋକଦେଖାଣିଆ ସଫାକରି ଛାଡି ଦିଆଯାଉଛି। ଅନ୍ୟଦିନ ସମାନ ସମସ୍ୟା ରହୁଛି। ପରିମଳ ସୁଧାରିବା ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ତେବେ ଏ ସବୁ ସରକାରୀ କାଗଜକଲମରେ ଚାଲିଛି, କୌଣସି ପରିବର୍ତ୍ତନ ନାହିଁ। ଅନ୍ୟପକ୍ଷରେ ଏ ସମ୍ପର୍କରେ ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି କହିଛନ୍ତି, ସହରର ଡ୍ରେନ୍ ସଫାକୁ ତ୍ୱରାନ୍ୱିତ କରାଯିବ। ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ପ୍ରଚେଷ୍ଟା ଜାରି ରହିଛି ବୋଲି ସେ କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ବାପା ମୃତ, ପୁଅ ଗୁରୁତର

**ଭୁବନେଶ୍ୱର,୨୬।୬ (ସୂର୍ଯ୍ୟକାନ୍ତ ବେହେରା):** ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିବା ମାଆଙ୍କୁ ବଞ୍ଚାଇବାକୁ ଯାଇ ପୁଅ ଓ ପରେ ବାପା ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ତେବେ ଘଟଣାସ୍ଥଳରେ ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ପୁଅ ଗୁରୁତର ଆହତ ହୋଇଛନ୍ତି। ଖାରବେଳନଗର ଥାନା ଅନ୍ତର୍ଗତ ପ୍ରେସ୍ କୋଲାନୀ ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ସୁରେଶ ମଲ୍ଲ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ପୁଅ ଗୁରୁତର ଅବସ୍ଥାରେ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ସୂଚନାନୁସାରେ, ମୃତ ସୁରେଶଙ୍କ ସ୍ତ୍ରୀ ଘରେ ଭିତରେ ଲୁଗା ଶୁଖାଉଥିବାବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଏହା ଦେଖି ମାଙ୍କୁ ବଞ୍ଚେଇବାକୁ ଯାଇ ପୁଅ ମଧ୍ୟ ଲାଗି ଯାଇଥିଲେ। ମା–ପୁଅ ଛଟପଟ ହେଉଥିବାବେଳେ ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ସୁରେଶ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ପରିବାରର ଅନ୍ୟ ସଦସ୍ୟ ସମସ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସୁରେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ନିରାକାରପୁର,୨୬।୬(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତ ନନପଡ଼ା ସାହିସ୍ଥିତ ୫୪ଫୁଟ ଉଚ୍ଚତା ବିଶିଷ୍ଟ ଶ୍ରୀଜଗନ୍ନାଥଙ୍କ ମନ୍ଦିର ସମେତ ନବନିର୍ମିତ ପାର୍ଶ୍ୱ ମନ୍ଦିରର ମହାଲକ୍ଷ୍ମୀ, ମା'ବିମଳା, ଶ୍ରୀଗଣେଶ, ଧବଳେଶ୍ୱର ଆଦି ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କ ସିଂହାସନବିଜେ ନୀତି ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ମାନସିକଧାରୀ ମହିଳା ପୁରୁଷମାନେ ନିକଟ ମନ୍ଦାକିନୀ ନଦୀରୁ ପାଣି ଉଠାଇ ପଟୁଆରରେ ଆସି ଯଜ୍ଞ ମଣ୍ଡପଠାରେ କଳସ ସ୍ଥାପନ କରିଥିଲେ। ପରେ ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିସ୍ଥାପନା ଓ ହୋମଯଜ୍ଞ ଆଦି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ଶେଷ ଦିବସରେ ଚତୁର୍ଦ୍ଧାମୂର୍ତ୍ତୀଙ୍କ ନୀଳାଦ୍ରିବିଜେ ସମେତ ସମସ୍ତ ଦେବଦେବୀଙ୍କ ସିଂହାସନ ବିଜେ ଓ ପୂର୍ଣ୍ଣାହୁତି ହେବ। ଏହି ଉତ୍ସବରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗଦେବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି। ଅନୁଷ୍ଠାନର ସଭାପତି ଶକ୍ତି ଶଙ୍କର ମିଶ୍ର, ସମ୍ପାଦକ ରାମକୃଷ୍ଣ ପଟ୍ଟନାୟକ, ରମାନାଥ ଦାଶ, ରମାକାନ୍ତ ପୁରୋହିତ, ସୁରେନ୍ଦ୍ରନାଥ ସାହୁ, ମୀନକେତନ ବେହେରା, ଅଦ୍ୱିତ ପାଇକରାୟ, ଅଶୋକ କୁମାର ଦାଶ, ସତ୍ୟବାଦୀ ବଳବନ୍ତରାୟ, ଦଣ୍ଡୁଆ ବଳିୟାରସିଂଙ୍କ ସମେତ ସ୍ଥାନୀୟ ବାସିନ୍ଦା ସହଯୋଗ କରିଥିଲେ।



ମାନସିକଧାରୀ ମହିଳାମାନେ କଳସରେ ନଦୀରୁ ପାଣି ଉଠାଇ ଯଜ୍ଞସ୍ଥଳକୁ ଯାଉଛନ୍ତି।

# ଆଜି ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ

**ପୁରୀ, ୨୬।୬(ଅଜିତ୍ ମହାନ୍ତି)**

## ସନ୍ଧ୍ୟା ୫ ପରେ ଦର୍ଶନ ବନ୍ଦ

ଘୋଷଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ରଥାରୂଢ଼ ହୋଇ କର୍ମବେଦି ଶ୍ରୀମନ୍ଦିର ଛାଡ଼ି ଜନ୍ମବେଦି ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିଛନ୍ତି। ଜନ୍ମବେଦିରେ ମହାପ୍ରଭୁଙ୍କ ଲୀଳା ସରିସରି ଆସୁଛି। ଆଷାଢ଼ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ବୁଧବାର ଶ୍ରୀବିଗ୍ରହମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ଫଳରେ ମହାପ୍ରଭୁଙ୍କୁ ଆଡପ ମଣ୍ଡପରେ ଦର୍ଶନ କରିବା ପାଇଁ ଭକ୍ତଙ୍କ ଭିଡ଼ ଜମୁଛି। ମଙ୍ଗଳବାର ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହେବ। ବିଶ୍ୱାସ ରହିଛି, ଏହି ଦିନ ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କଲେ କୋଟି ଜନ୍ମର ପୂଣ୍ୟ ମିଳିଥାଏ। ତେଣୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ ବାହୁଡ଼ା ପାଇଁ ମହାପ୍ରଭୁଙ୍କ ବିଶେଷ ନୀତିକାନ୍ତି ଥିବାରୁ ସନ୍ଧ୍ୟା ୫ଟା ପରଠାରୁ ଭକ୍ତଙ୍କ ଦର୍ଶନ ବନ୍ଦ ରହିବ। ଏସ୍‌ପି କନୱର ବିଶାଲ ସିଂହ କହିଛନ୍ତି, ସନ୍ଧ୍ୟା ଦର୍ଶନ ଲାଗି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଫୋର୍ସ ନିୟୋଜିତ କରାଯିବ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
SAMBALPUR (R&B) DIVISION NO. II, SAMBALPUR
E-mail- eesbprnbdivision2@gmail.com, Phone -0663-2410104
BID IDENTIFICATION No. SE / R and B / SBP II /05 (online)/2023-24
E-Procurement Notice
No.2356/Dated 21.6.2023

**No.B-384:** The Superintending Engineer, Sambalpur (R&B) Division No.II, Sambalpur on behalf of Governor of Odisha, invites Percentage Rate bids in Double cover System in ONLINE MODE.
1. No. of work :- 01 (One) no. (Building Works)
2. Tender Cost :- Rs.10000/-
3. Class of Contractor :- "B" Class Contractors
4. Availability of bid document in the website :- 18:00 Hours of 28.06.2023 to 17:00 Hours of 10.07.2023
5. Date of Opening of Tenders :- 11:30 Hours on dt.11.07.2023

6.The Bidders have to participate in ONLINE bidding only. Further details can be seen from the Website www.tendersodisha.gov.in only. Any Corrigendum / Addendum/ cancellation of tender will be displayed in the website said only.
Sd./- Superintending Engineer
Sambalpur (R&B) Division No.II
OIPR-34136/11/0008/2324

[GOVERNMENT OF ODISHA]
OFFICE OF THE SUPERINTENDING ENGINEER,
BARGARH (R&B) DIVISION, BARGARH
E-mail - eepwdbgh@gmail.com, Phone/Fax-06646-234819
INVITATIONS FOR BIDS (I.F.B.)
No.B-383: e-Procurement Notice
REVISED IDENTIFICATION NO.IFB-S.E.PWD BGH No.11 OF 2023-24
No. 2832, Dated: 13.06.2023

1) The **Superintending Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double Cover** System in **ONLINE MODE** for the **Building works (Composite Tender) only** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of Building work :- 4 Nos.
3) Cost of Tender Paper :- Rs.6000/- & Rs. 10,000/-
4) Class of contractor :- "D", "C" & "B" Class Contractor
5) Date & Time of available in website & receipt of Bids :- 11:00 Hrs. of 26/06/2023 to 17:00 Hrs. of 05/07/2023.
6) Date of opening of Bid :- 06/07/2023 at 11:30 Hrs.
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / Addendum will be displayed in the website https://tendersodisha.gov.in only

Superintending Engineer,
Bargarh (R&B) Division
OIPR-34039/11/0010/2324

Block Development Office, Lakhanpur
TENDER CALL NOTICE
No.2303, Date:22.06.2023

**No.i-198:** The Block Development Officer, Lakhanpur invites percentage rate basis Tender for 1. Construction of New Sub Center Building (HWC) at Jamkani of Lakhanpur Block. The sale of bid documents starts from Dt.23.06.2023 to Dt.10.07.2023 during the office hour and receipt of the bid documents starts from Dt.23.06.2023 to Dt.11.07.2023 up to 5.00 P.M. on all working days in the Office of the Block Development Officer, Lakhanpur. The bid will be opened on Dt. 12.07.2023 at 11.00 A.M. Intending Class-C or Class-B contractors may visit district website of Jharsuguda www.jharsuguda.nic.in for detail information.
Sd./- Block Development Officer, Lakhanpur
OIPR-19143/11/0003/2324

OFFICE OF THE SUPERINTENDING ENGINEER
KENDRAPARA (R and B) DIVISION-I, KENDRAPARA
E-mail I.D.- eernbkdp@gmail.com No. B-388
Tel. (06727)-220268, Fax No. (06727) - 220862
GOVERNMENT OF ODISHA "e" procurement Notice
e-procurement Notice for ROAD and Building works
Bid Identification No. S.E., R n B KDP-06/2023-24

| | | | |
|---|---|---|---|
| 15 | No. of work | : | 2 Nos. of Buildings (Civil + E.I. + P.H.) |
| 16 | Estimated cost | : | Rs.70.43 lakhs to Rs.85.82 lakhs (Approximately) |
| 17 | Period of completion | : | 06 (Six) calendar months |
| 18 | Date and time of sale and receipt of bid document | : | From 10.00 A.M. of 28.06.2023 to 5 P.M. of 12.07.2023 |
| 19 | Last date / time of receipt of bids | : | 5 P.M. of 12.07.2023 |
| 20 | Date and time of opening of bids | : | 11.00 A.M. of 13.07.2023 |
| 21 | Name and address of the officer inviting bid | : | Superintending Engineer, Kendrapara (R and B) Division-I, Kendrapara |

Further details with any addendum, corrigendum, cancellation can be seen from the State Govt. portal "**https://tendersorissa.gov.in**"
Sd./- (Er. S.K. Nayak)
Superintending Engineer, Kendrapara (R and B) Division-I
OIPR-34097/11/0003/2324

OFFICE OF THE PANCHAYAT SAMITI
SULIAPADA, MAYURBHANJ
(At/P.O.- Suliapada,Dist.- Mayurbhanj, Odisha,
E-Mail: ori-SULIAPADA@nic.in)
TCN NO.2168, Date-23.06.2023

**No.i-196:** The Block Development Officer, SULIAPADA invites Sealed percentage rate bid on behalf of Government of Odisha from registered and eligible Civil Contractors of the State PWD (R&B)/Water Resource/ Rural Works/M.I./C.P.W.D. conformity with the DTCN are invited from the "B" Class contractors for execution of works under Panchayat Samit, SULIAPADA as detailed in Annexture-1. The tender document (DTCN & BOQ) can be obtained from Panchayat Samit, Suliapada. The tender document (BOQ) duly signed by the Contractors should be accompanied with the self-attested photo copy of valid GST Clearance Certificate, PAN card, Registration Certificate and requisite EMD should be deposited in shape of NSC/ KVP/ Time Deposit of any Nationalized Bank and duly pledged in favour of Block Development Officer, Suliapada. The tender paper can be obtained from the Block Development Officer, Suliapada on payment of Cost of the Tender paper (non-refundable) in shape of Cash. The tenders will be received up to Dt-13.07.23 till 1.00 PM and addressed to O/o Block Development Officer, SULIAPADA, Mayurbhanj, 757022 through Registered/Speed Post to the B.D.O, Suliapada or same may be dropped in the tender Box kept in the Block Office, Suliapada during working hour. The tender to be opened on Dt 13.07.23 at 03.00 P.M. at Block Conference Hall, O/o the Block Development Officer, SULIAPADA, Mayurbhanj, PIN-757022 in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/credentials. The detail terms and conditions can be seen at NIC Websit (www.mayurbhanj.nic.in). The name of the work should be written on the top of the envelope. The undersigned reserves the right to cancel the tender without assigning any reason thereof. Again the authority will not held responsible for any postal delay.
Sd./-Block Development Officer, Suliapada
OIPR-19349/11/0003/2324

OFFICE OF THE DIVISIONAL FOREST OFFICER
BAMRA WILDLIFE DIVISION
e-mail- dfo.bamrawl@odisha.gov.in
NOTIFICATION NO.01/DATED 22.06.2023
NOTICE INVITING TENDER FOR
PROCUREMENT OF PLANTING MATERIALS

**No.MM-71:** Sealed Tenders are invited from intending Manufacturer/ Supply Firm/ Reseller/SHG/Co-operative Society having valid supply license and Registration from the competent authority for Trade and supply of planting materials and all pre-requisite as specified in the Tender document used in the plantation and having experience of supply, GSTIN and PAN for supply of different planting materials to be procured by Bamra Wildlife Division during the planting season 2023-24. The process of tender is open from the date of publication of the Tender in the District website and will last up to 05.07.2023. till 5.00 PM.

The application form of tender containing General Bid information and terms and conditions for supplying materials will be available in the website https://sambalpur.nic.in and can also be obtained from the Section Officer, Bamra Wildlife Division on transaction details showing payment of Rs.1000/- towards Tender paper cost/ Participation cost in the process is non refundable.

The Tender will be received through offline in the Drop Box placed in the office of the undersigned/ Registered Post/ Speed Post only till 5.00 PM of 05.07.2023 and will be opened by the Tender committee of the Office of the Divisional Forest Officer, Bamra Wildlife Division on Dt.06.07.2023 at 11.00 AM in presence of the Tenderer or his authorised representatives who wish to participate. If two or more valid Tenderers are in equal quoted rate for same quality materials then transparent lottery will be held on Dt.06.07.2023 at 4 PM in the Office of the Divisional Forest Officer, Bamra Wildlife Division in presence of the Tenderer or their authorised representatives.

In case any bidder is not able to get tender documents online due to any sort of unforeseen technical fault he/ she may obtain the same from Section Officer of the office of the Divisional Forest Officer, Bamra Wildlife Division and submit the same in the Drop box, post/ Regd. post/ Courier service etc. So as to reach the undersigned on or before 5.00 PM of 05.07.2023.
For more details please go to https://sambalpur.nic.in.
Sd./- Divisional Forest Officer
Bamra Wildlife Division
OIPR-08144/11/0002/2324

OFFICE OF THE EXECUTIVE ENGINEER
MURAN DAM DIVISION, UIDC, KHATIGUDA
AT/PO- KHATIGUDA, DIST- NABARANGPUR, Pin-764085
E mail-id-eemurandamdivision@gmail.com
EEMDD-No-1027 /Dated: 22.06.2023
TENDER CALL NOTICE
NO:-EEMDD-04(02)/2023-24 DATED 22.06.2023

**No.A-266:** The Executive Engineer, Muran Dam Division At/PO; Khatiguda, Dist. Nabarangpur (Odisha) on behalf of Hon'ble Governor of Odisha invites tender in the prescribed form to be eventually drawn in P.W.D. form No. P1 from the Registered Travel Agency/Tour Operators/ Private individuals Light vehicle owners authorized to use the vehicle for commercial purpose, having GeM Registration, GST Registration No. & PAN of IT, for Deployment of two nos. of light Commercial Vehicle (Bolero/TUV-300/SUMO Gold/ Ertiga on hire basis to be engaged for official use of Executive Engineer, Muran Dam Division and Office of the Sub-Divisional Officer, Muran Dam Sub-Division-IV under UIDC, Khatiguda for one year/12 (Twelve) calendar months from the date of Agreement along with driver.

N.B: All details can be seen in the Tender booklet from the Office of the Executive Engineer, Muran Dam Division, UIDC, Khatiguda, Dist: Nabarangpur from Dt. 28.06.2023, 11.00 AM to 07.07.2023 up to 1.00 PM regarding tender.

Bid documents consist of the schedule of quantities and the set of terms & Conditions of contract and all other details can be seen from the office of the undersigned & issuing the tender documents during the office hours every day except on Sunday and public holidays till last day of sale of tender papers.
Sd./- Executive Engineer
Muran Dam Division, Khatiguda
OIPR-32230/11/0001/2324

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BERHAMPUR
At:Ambapua, PO:Engineering School, Near Income Tax Office, Berhampur-760011
(E-mail: serwbpr2004@yahoo.com, Tel/Fax:-0680-2404287)
No.O-271:
NATIONAL COMPETITIVE BIDDING THROUGH e-Procurement
Bid Identification No.Online Tender/13-2023-24/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender/13-2023-24/BPR | Road Works including 05 Years Post Construction maintenance under CUVDA for the year 2023-24 | 01 No. | Rs.1232.27 Lakhs | "A" Class & "Special" Class as applicable | 12 (Twelve) Calendar Months as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/13-2023-24/BPR | 03.07.2023 at 10.00 AM | 18.07.2023 Upto 3.00 PM |

(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in.
OIPR-25071/11/0014/2324 Sd./- Chief Construction Engineer, R.W.Circle, Berhampur



ହାତଗଣ୍ଠି ଖୋଲୁଥିବା ରୁପାଲି (ବୃତ୍ତଚିହ୍ନିତ) ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି।

# ଦୁର୍ଘଟଣା ଛଡ଼ାଇନେଲା ବାହାଘର ଖୁସି

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଖେମୁଣ୍ଡି କଲେଜ ଛକ ନିକଟରେ ରବିବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୧ ଜୀବନ ଯାଇଛି। ବ୍ରହ୍ମପୁରରେ ଝିଅକୁ ବିଦା କରି ହସଖୁସିରେ ଫେରୁଥିବା ପରିବାର ଲୋକ ଓ ସମ୍ପର୍କୀୟ ଜାଣି ନ ଥିଲେ ଯେ ଘରଠାରୁ ଅଳ୍ପ ଦୂରରେ ମୃତ୍ୟୁ ସେମାନଙ୍କୁ ଅପେକ୍ଷା କରିଛି। ଏହି ଘଟଣା କେବଳ ଗଞ୍ଜାମ ଜିଲା ନୁହେଁ, ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଛି। ବ୍ରହ୍ମପୁର ବ୍ରଜନଗରରେ ନବବଧୂ ସାଜିଥିବା ସୋନାଲି ପ୍ରଧାନ ନିଜ ୩ ଭଉଣୀ, ୨ ପୁତୁରା ଓ ଅନ୍ୟ ସମ୍ପର୍କିୟଙ୍କୁ ହରାଇଛନ୍ତି। ଶାଶୁ ଘରେ ସେ କୋହ ସମ୍ଭାଳି ପାରୁନାହାନ୍ତି। ଏପଟେ ବାପଘର ଖଣ୍ଡଦେଉଳି ଗ୍ରାମ କାନ୍ଦବୋବାଳିରେ ଫାଟି ପଡ଼ୁଛି। ବ୍ରହ୍ମପୁର ବଡ ମେଡିକାଲରୁ ସମ୍ପର୍କିୟଙ୍କ ମୃତଦେହ ସେମାନଙ୍କ ଗାଁକୁ ଯିବାପରେ ଶୋକାକୁଳ ପରିବେଶରେ ସତ୍କାର କରାଯାଇଛି।

– ରିପୋର୍ଟ: ସୁବାସ ଚନ୍ଦ୍ର ପାଢ଼ୀ, ଅଶେଷ ନାଥ ମିଶ୍ର, ସୀମାଞ୍ଚଳ ସାହୁ ଓ ବାବୁଲା ପ୍ରଧାନ



ଶୋକାକୁଳ ପରିବାର।




କ୍ରେନ୍ ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ ଓଏସ୍ଆର୍‌ଟିସି ବସ୍‌କୁ ରାସ୍ତା ପାର୍ଶ୍ୱକୁ ନିଆଯାଉଛି।

## ହାତଗଣ୍ଠି ଫିଟାଇବାର ଖୁସି ଲିଭିଗଲା

ବଡ଼ ଭଉଣୀର ବାହାଘର। ବେଦି ଉପରେ ହାତଗଣ୍ଠି ଫିଟାଇବାର ମଉକା ପାଇଥିଲେ ସାନ ଭଉଣୀ। ହେଲେ ବିଧିର ବିଧାନ ଥିଲା ଅଲଗା। ହାତଗଣ୍ଠି ଫିଟାଇବାର ଖୁସି ସବୁଦିନ ପାଇଁ ଲିଭିଯାଇଛି। ଦିଗପହଣ୍ଡିରେ ଘଟିଥିବା ଭୟଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ୧୧ଜଣଙ୍କ ମଧ୍ୟରେ ଥିଲେ ରୁପାଲି ପ୍ରଧାନ। ରବିବାର ରୁପାଲି ହିଁ ଶାଳୀ ହିସାବରେ ଭଉଣୀ-ଭିଣୋଇଙ୍କ ହାତଗଣ୍ଠି ଫିଟାଇଥିଲେ। ଏହାପରେ ସେ ଭଉଣୀ ସୋନାଲିଙ୍କ ଭୋଜିରେ ଯୋଗଦେବାକୁ ଯାଇଥିଲେ। ଖେମୁଣ୍ଡି କଲେଜ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଶିକ୍ଷା (ସମ୍ମାନ) ବିଭାଗର ଛାତ୍ରୀ ଥିଲେ ରୁପାଲି। ସୋମବାର ତାଙ୍କ ୪ର୍ଥ ସେମିଷ୍ଟର ଇଣ୍ଟରନାଲ ପରୀକ୍ଷା ଥିଲା। ତେଣୁ ସେ ଭଉଣୀଙ୍କ ପାଖରେ ନ ରହି ବସରେ ଅନ୍ୟମାନଙ୍କ ସହ ଫେରୁଥିଲେ। ଘର ଆଉ ମାତ୍ର ୧୦ ମିନିଟର ବାଟ ଥିଲା। ହେଲେ ପହଞ୍ଚିବା ପୂର୍ବରୁ କୋଳେଇ ନେଲା ଯମ। ଆଉ ଏହି ଯାତ୍ରା ହିଁ ତାଙ୍କ ଜୀବନର ଶେଷ ଯାତ୍ରା ପାଲଟିଗଲା। ଏହି ଖବର ଜଣାପଡ଼ିବା ପରେ କଲେଜରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଓଏସ୍ଆର୍‌ଟିସି ଡ୍ରାଇଭରଙ୍କୁ ଭୁବନେଶ୍ୱରରୁ ନେଲା ଗଞ୍ଜାମ ପୋଲିସ

ଭୁବନେଶ୍ୱର,୨୬।୬(ସତ୍ୟଜିତ୍ ରାଉତ) ଗଞ୍ଜାମ ଜିଲା ବ୍ରହ୍ମପୁରରେ ଦୁର୍ଘଟଣା ଘଟାଇଥିବା ଓସ୍ଆର୍‌ଟିସିର ବସ୍‌ର ଡ୍ରାଇଭରଙ୍କୁ ଭୁବନେଶ୍ୱରରୁ ସୋମବାର ଉଠାଇନେଇଛି ଦିଗପହଣ୍ଡି ଥାନା ପୋଲିସ। ସେ ହେଲେ କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ଗୋପାଳପୁରର ମାନସ ପ୍ରଧାନ। ରବିବାର ରାତିରେ ଭୟଙ୍କର ଦୁର୍ଘଟଣାରେ ସେ ମଧ୍ୟ ଆହତ ହୋଇଥିଲେ। ଏହାପରେ ମାନସ ସ୍ଥାନୀୟ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରିବାକୁ ଯାଇଥିଲେ। ହେଲେ ଗିରଫ ଭୟରେ ସେ ଅନ୍ୟ ଏକ ବସ୍ ଦ୍ୱାରା ରାତିରେ ଭୁବନେଶ୍ୱରକୁ ପଳାଇ ଆସିଥିଲେ। ସୋମବାର ସକାଳେ ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓସ୍ଆର୍‌ଟିସି ବସଷ୍ଟାଣ୍ଡରେ ପହଞ୍ଚି ସେଠାରେ ଥିଲେ। ତେବେ ଦିଗପହଣ୍ଡି ଥାନା ପୋଲିସ ଏନେଇ ସୂଚନା ପାଇ ଭରତପୁର ଥାନାକୁ ଜଣାଇଥିଲା। ମାନସ ବସ୍‌ଷ୍ଟାଣ୍ଡରେ ବସିଥିବା ବେଳେ ସକାଳ ୭ଟାରେ ଭରତପୁର ଥାନା ପୋଲିସ ଟିମ୍ ସେଠାରେ ପହଞ୍ଚି ତାଙ୍କୁ ଥାନାକୁ ନେଇଥିଲା। ଏହାର କିଛି ସମୟ ପରେ ଦିଗପହଣ୍ଡି ଥାନା ପୋଲିସ ଟିମ୍ ଭୁବନେଶ୍ୱରରେ ପହଞ୍ଚି ମାନସଙ୍କୁ ନେଇଯାଇଥିଲେ ବୋଲି ଭରତପୁର ଥାନାଧିକାରୀ ବିଭୁଦତ୍ତ ରାଉତରାୟ ସୂଚନା ଦେଇଛନ୍ତି।

### ଅର୍ଥମନ୍ତ୍ରୀ, ଉପଜିଲାପାଳଙ୍କ ଉପସ୍ଥିତିରେ ଅନ୍ତିମ ସତ୍କାର

ବସ୍ ଦୁର୍ଘଟଣାରେ ମୁଜାଗଡ଼ର ୫ ଜଣ ମୃତ୍ୟୁବରଣ କରିଥିବାବେଳେ ସୋମବାର ସନ୍ଧ୍ୟାରେ ସେମାନଙ୍କ ଅନ୍ତିମ ସତ୍କାର ଗ୍ରାମ ଶ୍ମଶାନରେ କରାଯାଇଛି। ଏହି ସମୟରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଭଞ୍ଜନଗର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ତହସିଲଦାର ଅଚ୍ୟୁତାନନ୍ଦ ଜାନି, ବିଡିଓ ଶଶିଭୂଷଣ ମହାପାତ୍ର, ଭାଜପା ନେତା ପ୍ରସନ୍ନ ନାୟକ, କଂଗ୍ରେସ ନେତା ପ୍ରଶାନ୍ତ ବିଶୋଇଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।



## ୧୬ ବର୍ଷରେ ପ୍ରଥମ ଦୁର୍ଘଟଣା: ଡ୍ରାଇଭର

ଦିଗପହଣ୍ଡି ଥାନା ଅନ୍ତର୍ଗତ ମଳାଭଞ୍ଜା ନିକଟରେ ହୋଇଥିବା ସଡ଼କ ଦୁର୍ଘଟଣା ଗାଡ଼ି ଚାଳକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଗାଡ଼ି ଚାଳକ ଜଣଙ୍କ ଫାଶୀଗୁଡା ଗ୍ରାମର କେଦାର ପ୍ରଧାନ(୩୫) ବୋଲି ଜଣାପଡିଛି। କେଦାର ଦୀର୍ଘ ୧୬ ବର୍ଷ ହେବ ଗାଡ଼ି ଚଳାଉଛନ୍ତି। ସେ ଗତ ସାତବର୍ଷ ହେବେ ମା' ଖମ୍ବେଶ୍ୱରୀ ନାମକ ମିନି ବସ୍(ନଂ ଓଆର୍୧୦ଏ୬୮୭୫)ର ଚାଳକ ଭାବରେ କାର୍ଯ୍ୟ କରୁଛନ୍ତି। ତେବେ ଏହା ତାଙ୍କ ପ୍ରଥମ ଦୁର୍ଘଟଣା ବୋଲି କେଦାର କହିଛନ୍ତି। ସାମ୍ନା ପଟୁ ଆସୁଥିବା ସରକାରୀ ବସ୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ନିମନ୍ତେ ଏତେ ବଡ଼ ଦୁର୍ଘଟଣା ଘଟିଗଲା ବୋଲି ସେ କହିଛନ୍ତି।

### କାନ୍ଦ ବୋବାଳିରେ ଫାଟି ପଡ଼ିଲା ଗାଁ ଦାଣ୍ଡ

ବ୍ରହ୍ମପୁର ବଡ଼ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ଖଣ୍ଡଦେଉଳି ଗ୍ରାମକୁ ଆସିଥିଲା। ଏହି ସମୟରେ କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା ଗାଁ ଦାଣ୍ଡ। ଶୋକାକୁଳ ପରିବେଶରେ ପୂରା ଗାଁ ସ୍ତବ୍ଧ ପାଲଟି ଯାଇଥିଲା। ଶେଷରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

### ମା'ଙ୍କ କୋଳରେ ପୁଅ ଚିତା ଜଳିଲା

ଦିଗପହଣ୍ଡି ବସ୍ ଦୁର୍ଘଟଣାରେ ୨ ଶିଶୁଙ୍କ ସମେତ ସେମାନଙ୍କ ମା'ମାନଙ୍କ ମୃତ୍ୟୁ ଘଟିଛି। ସୋମବାର ସନ୍ଧ୍ୟାରେ ମୁଜାଗଡ଼ ଗ୍ରାମ ଶ୍ମଶାନରେ ସେମାନଙ୍କ ଅନ୍ତିମ ସତ୍କାର ହୋଇଛି। ମୁଜାଗଡ଼ର ଶିବାନୀଙ୍କ କୋଳରେ ତାଙ୍କର ଏକ ବର୍ଷର ପୁଅ ହାର୍ଦ୍ଦିକକୁ ଶୁଆଇ ଦିଆଯାଇଥିଲା। ସେହିଭଳି ସୁଜ୍ଞାନୀଙ୍କ କୋଳରେ ତାଙ୍କର ୩ ବର୍ଷର ପୁଅ ଦିବ୍ୟାଂଶୁଙ୍କୁ ଶୁଆଇ ଦିଆଯାଇଥିଲା। ଏହାପରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହିଭଳି ହୃଦୟ ବିଦାରକ ଦୃଶ୍ୟ ଦେଖି ଉପସ୍ଥିତ ଲୋକେ ଭୋ ଭୋ ହୋଇ କାନ୍ଦି ପକାଇଥିଲେ।

### ମନେପଡ଼ିଲା ମେଣ୍ଡରାଜପୁର ବସ୍ ଟ୍ରାଜେଡି

ଖେମୁଣ୍ଡି କଲେଜ ଛକ ନିକଟରେ ରବିବାର ରାତିର ଦୁର୍ଘଟଣା ୨୦୨୦ ଫେବୃୟାରୀ ୮ ତାରିଖରେ ମେଣ୍ଡରାଜପୁର ଛକରେ ହୋଇଥିବା ବସ୍ ଟ୍ରଜେଡିକୁ ମନେ ପକାଇଦେଇଛି। ଉକ୍ତ ଦିନ ଗୋଳନ୍ଥରା ଥାନା ଅନ୍ତର୍ଗତ ଡଙ୍କଲୁପାଡୁ ଗ୍ରାମର ଏକ ବରଯାତ୍ରୀ ବସ ଟିକରଡ଼ା ଗ୍ରାମର କନ୍ୟା ଘରକୁ ଆସୁଥିଲେ। ମେଣ୍ଡରାଜପୁର ଛକରେ ବସ୍‌ଟି ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯିବାରୁ ବରଯାତ୍ରୀଙ୍କ ମଧ୍ୟରୁ ୧୨ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ।

### ସୋନାଲିଙ୍କ ସାଙ୍ଗ ସୁଜ୍ଞାନୀଙ୍କ ମୃତ୍ୟୁ

ସାଙ୍ଗର ବାହାଘରକୁ କେତେ ଖୁସିରେ ଆସିଥିଲେ କେ.ନୂଆଗାଁ ଥାନା ଗଡ଼ଗୋବିନ୍ଦପୁର ଗ୍ରାମର ସୁଜ୍ଞାନୀ ଡାକୁଆ। ବାହାଘରରେ ସାଙ୍ଗ ସହ ମିଶି ବେଶ୍ ହସଖୁସି କଲେ। କିଏ ଜାଣିଥିଲା ଏହା ହେବ ତାଙ୍କର ସାଙ୍ଗ ସହ ଶେଷ ଖୁସି। ବାହାଘର ପରେ ସାଙ୍ଗ ଘରକୁ ଭୋଜି ଖାଇବାକୁ ଯାଇଥିଲେ। ଫେରିବା ବେଳେ ଦୁର୍ଘଟଣାରେ ତାଙ୍କର ଜୀବନ ଦୀପ ଲିଭିଗଲା।

## ଶୋକ ପ୍ରକାଶ କଲେ ରାଷ୍ଟ୍ରପତି, କେନ୍ଦ୍ରମନ୍ତ୍ରୀ

ଦିଗପହଣ୍ଡି ଦୁର୍ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ନିଜ ଟୁଇଟର ପେଜ୍‌ରେ ଶୋକବାର୍ତ୍ତାରେ ଲେଖିଛନ୍ତି, ଗଞ୍ଜାମରେ ଏକ ସଡ଼କ ଦୁର୍ଘଟଣାରେ ଲୋକେ ପ୍ରାଣ ହରାଇଥିବା ଖବର ଶୁଣି ମୁଁ ଗଭୀର ଭାବରେ ଦୁଃଖିତ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଁ ସମବେଦନା ଜଣାଉଛି ଏବଂ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି। ସେହିପରି ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନିଜର ଶୋକବାର୍ତ୍ତାରେ ପ୍ରଧାନ କହିଛନ୍ତି, ଗଞ୍ଜାମ ଜିଲା ଦିଗପହଣ୍ଡିଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତାହତ ହେବା ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି। ମହାପ୍ରଭୁ ଶୋକସନ୍ତପ୍ତ ପରିବାରଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ। ସେହିପରି ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଧ୍ୟ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ସମବେଦନା ଜଣାଇଲେ ମନ୍ତ୍ରୀ, ଜିଲାପାଳ ଓ ଏସ୍‌ପି

ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ବ୍ରହ୍ମପୁର ଏସପି ଡା. ଶ୍ରବଣ ବିବେକ ଏମ ଖଣ୍ଡଦେଉଳି ଗାଁରେ ପହଞ୍ଚି ଶୋକାକୁଳ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହ ପୂର୍ବତନ ରାଜ୍ୟ ସଭା ସଦସ୍ୟା ରେଣୁବାଳା ପ୍ରଧାନଙ୍କୁ ଭେଟି ବୁଝାଶୁଝା କରିବା ସହ ସାନ୍ତ୍ୱନା ଦେଇଛନ୍ତି।

## ୧୧ ସମ୍ପର୍କୀୟଙ୍କୁ ହରାଇଲେ ପୂର୍ବତନ ଏମ୍‌ପି

ଦିଗପହଣ୍ଡି ବସ ଦୁର୍ଘଟଣାରେ ୧୧ଜଣଙ୍କ ମୃତ୍ୟୁ ହୋଇଛି। ସମସ୍ତ ମୃତକ ପୂର୍ବତନ ଏମ୍‌ପି ରେଣୁବାଳା ପ୍ରଧାନଙ୍କ ସମ୍ପର୍କୀୟ ବୋଲି ଜଣାପଡ଼ିଛି। ନିଜର ପରିବାର ଲୋକ ଓ ସମ୍ପର୍କୀୟମାନଙ୍କୁ ଝୁରି ଝୁରି କାନ୍ଦୁଛନ୍ତି ରେଣୁବାଳା। ସେ କହିଛନ୍ତି, ମୃତକଙ୍କ ମଧ୍ୟରେ ତାଙ୍କର ଦିଅର, ଝିଆରୀ, ଜ୍ୱାଇଁ ଓ ନଣନ୍ଦେଇ ଅଛନ୍ତି। ବହୁତ ହସଖୁସିରେ ସେମାନେ ଝିଅ ବିଦା କରିଥିଲେ। ହେଲେ ରାତି ଅଧରେ ସବୁ ଶେଷ ହୋଇଗଲା।



ପୂର୍ବତନ ଏମ୍‌ପି ରେଣୁବାଳା ପ୍ରଧାନ

## ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ଜନପ୍ରତିନିଧି



ଏମ୍‌କେସିଜିରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି ଏମ୍‌ପି, ମନ୍ତ୍ରୀ ଓ ବିଧାୟିକା।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲାର ଜନପ୍ରତିନିଧିମାନେ ବ୍ରହ୍ମପୁର ବଡ ମେଡିକାଲକୁ ଯାଇ ଆହତମାନଙ୍କ ସ୍ୱାସ୍ଥାବସ୍ଥା ପଚାରି ବୁଝିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ବିଧାୟକ ତଥା ଗଞ୍ଜାମ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ଗଞ୍ଜାମ ଜିଲା ବିଜେଡ଼ି ସଭାପତି ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ ପ୍ରମୁଖ ମେଡିକାଲରେ ଉପସ୍ଥିତ ରହି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।



ଦୁର୍ଘଟଣା ସ୍ଥାନରେ ଜନଗହଳି।

## ବେଆଇନ ପରିବହନ...

ପ୍ରଥମ ପୃଷ୍ଠାରୁ...

ରାୟଗଡା ଜିଲା ଗୁଣପୁରରୁ ଆସୁଥିବା ଓଏସ୍ଆର୍‌ଟିସି ବସ୍ ଓ ବ୍ରହ୍ମପୁର ବ୍ରଜନଗରରୁ ବିବାହ ଭୋଜି ସାରି କନ୍ୟାଯାତ୍ରୀଙ୍କୁ ଧରି ଫେରୁଥିବା ମିନିବସ୍ ମୁହାଁମୁହିଁ ଧକ୍କା ହେବାରୁ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୫ ପୁରୁଷ, ୪ ମହିଳା ଓ ୨ଜଣ ଶିଶୁ ଅଛନ୍ତି। ଏଥିସହ ୧୨ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଦୁର୍ଘଟଣା ନେଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମୃତାହତଙ୍କ ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି।

ପାଟପୁର ଥାନା ଅନ୍ତର୍ଗତ ଖଣ୍ଡଦେଉଳି ଗ୍ରାମର ସ୍ୱର୍ଗତ ଅଶୋକ କୁମାର ପ୍ରଧାନଙ୍କ ଦ୍ୱିତୀୟ ଝିଅ ସୋନାଲିଙ୍କର ବ୍ରହ୍ମପୁର ବ୍ରଜନଗର ନିକଟ ବ୍ୟାଙ୍କ କଲୋନିର ଉମେଶ ପ୍ରଧାନଙ୍କ ସହ ରବିବାର ବିବାହ ସମ୍ପନ୍ନ ହୋଇଥିଲା। ଗାଁରେ ହସଖୁସିରେ ବିବାହ ସରିଲା। ନବଦମ୍ପତି ବ୍ରହ୍ମପୁର ଫେରି ଯାଇଥିଲେ। ସନ୍ଧ୍ୟାରେ ବର ଉମେଶ ଘରଠାରୁ ପ୍ରାୟ ଦେଢ଼ କି.ମି. ଦୂର ଏକ କଲ୍ୟାଣ ମଣ୍ଡପରେ ଭୋଜି ଆୟୋଜନ କରିଥିଲେ। ଭୋଜିରେ ଯୋଗଦେବାକୁ ସୋନାଲିଙ୍କ ପରିବାର ଓ ବନ୍ଧୁ ସମ୍ପର୍କୀୟମାନେ ମିନିବସ୍ (ଓଆର-୧୦ଏ-୬୮୭୫)ରେ ବ୍ରହ୍ମପୁର ଆସିଥିଲେ। ସେଥିରେ ମହିଳା, ପୁରୁଷ ଓ ପିଲା ମିଶି ୩୦ଜଣରୁ ଉର୍ଦ୍ଧ୍ୱ ଥିଲେ। ଭୋଜି ଖାଇସାରି କନ୍ୟାଯାତ୍ରୀମାନେ ରାତି ପ୍ରାୟ ସାଢ଼େ ୧୧ଟାରେ ଖଣ୍ଡଦେଉଳି ଫେରୁଥିଲେ। ରାତି ପ୍ରାୟ ସାଢ଼େ ୧ଟାରେ ମିନିବସ୍‌ଟି ଖେମୁଣ୍ଡି କଲେଜ ଛକରେ ପହଞ୍ଚିଥିଲା। ସେଠାରୁ ଘର ଆଉ ମାତ୍ର ୬ କି.ମି ଦୂର। ଏହି ସମୟରେ ଗୁଣପୁରରୁ ଭୁବନେଶ୍ୱର ଆସୁଥିବା ଓଏସ୍ଆରଟିସି ବସ୍ (ଓଡ଼ି୦୨ ବିୱାଇ- ୧୯୩୮) ଦ୍ରୁତ ଗତିରେ ଆସି ମିନିବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମିନିବସ୍ ଓଲଟି ପଡ଼ିଥିଲା। ରାତି ଅଧରେ ଆହତମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। ଦିଗପହଣ୍ଡି ପୋଲିସ ଓ ଅଗ୍ନିଶମ ବାହିନୀ ମିନିବସ୍‌ରୁ ଗୁରୁତର ଅବସ୍ଥାରେ କନ୍ୟାଯାତ୍ରୀମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। ସେଠାରେ ନବ ବିବାହିତା ସୋନାଲିଙ୍କ ବଡ଼ ଭଉଣୀ ଶିବାନୀ ପ୍ରଧାନ, ତାଙ୍କର ୧ ବର୍ଷର ପୁଅ ହାର୍ଦ୍ଦିକ, ସାନଭଉଣୀ ରୁପାଲି ପ୍ରଧାନ(୧୫), ଦାଦାଝିଅ ଭଉଣୀ ସୁଜ୍ଞାନୀ ପ୍ରଧାନ ଓ ତାଙ୍କର ଦୁଇବର୍ଷୀୟ ପୁଅ ଦିବ୍ୟାଂଶୁ, ମୁଜାଗଡ଼ର ସଞ୍ଜୟ କୁମାର ମେଦିନରାୟ, ତିରୁପତି ପ୍ରଧାନ, ସୀତାରାମ ପ୍ରଧାନ, ରମେଶ ପ୍ରଧାନ, ଲିଟୁ ନାୟକ ଓ ସଙ୍ଗୀତା ଡାକୁଆଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତମାନଙ୍କ ମଧ୍ୟରୁ ମିନିବସ୍ ଡ୍ରାଇଭର କେଦାର ପ୍ରଧାନ, ହେଲ୍‌ପର କାହ୍ନୁ ପାତ୍ରଙ୍କ ସମେତ ଶ୍ରୀପତି ନାୟକ, ରବୀନ୍ଦ୍ର କୁମାର ପ୍ରଧାନ, ବରୁଣ ନାୟକ, ମହେଶ୍ୱର ଡାକୁଆ, ତାଙ୍କ ପୁଅ ସୋମ ଡାକୁଆ, ବିଜୟଲକ୍ଷ୍ମୀ ପ୍ରଧାନ, ଜାଗିଲି ପ୍ରଧାନ, ଜ୍ୟୋତି ପ୍ରଧାନ, ଶୁଭେନ୍ଦୁ ପ୍ରଧାନ, ଦୀପକ ପାତ୍ର, ପ୍ରଭାକର ଚୌଧୁରୀ ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣ ସୁସ୍ଥ ହୋଇ ଘରକୁ ଫେରି ଯାଇଥିବାବେଳେ ଜଣଙ୍କୁ ଅଧିକ ଚିକିତ୍ସା ଲାଗି କଟକ ବଡ଼ ମେଡିକାଲକୁ ପଠାଯାଇଛି। ଦୁର୍ଘଟଣା ଖବରପାଇ ଭଞ୍ଜନଗର ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ଏମ୍‌କେସିଜିରେ ପହଞ୍ଚି ଆହତଙ୍କୁ ଭେଟିଥିଲେ। ମନ୍ତ୍ରୀ ଆରୁଖ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଆହତଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବା ପାଇଁ ଡାକ୍ତରଙ୍କୁ କହିଥିଲେ। ବ୍ରହ୍ମପୁର ତହସିଲଦାର ରବୀନ୍ଦ୍ର କୁମାର ମିଶ୍ର ରେଡକ୍ରସ ପାଣ୍ଠିରୁ ମୃତକଙ୍କ ସମ୍ପର୍କୀୟଙ୍କୁ ତୁରନ୍ତ ୩୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ଏମ୍‌କେସିଜିରେ ୧୧ ମୃତଦେହ ବ୍ୟବଚ୍ଛେଦ ପରେ ଆମ୍ବୁଲାନ୍ସରେ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି। ଦୁର୍ଘଟଣାଗ୍ରସ୍ତ ବସ୍ ଦୁଇଟିକୁ ଜେସିବି ସହାୟତାରେ ହଟାଇବା ପରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଛି। ବେପରୁଆ ଗାଡ଼ି ଚାଳନା ଯୋଗୁ ଏଭଳି ଭୟାନକ ଦୁର୍ଘଟଣା ଘଟିଥିଲା ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଏକ ଟିମ୍ କଟକରୁ ଆସିଛନ୍ତି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ କହିଛନ୍ତି। ଉକ୍ତ ଟିମ୍ ଘଟଣାସ୍ଥଳରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବେ। ଏହାପରେ ସବିଶେଷ ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରାଯିବ ବୋଲି ସାହୁ କହିଛନ୍ତି। ସେହିପରି ଓଏସ୍ଆରଟିସି ଜିଲା ପରିବହନ ପରିଚାଳକ ରବୀନ୍ଦ୍ର କୁମାର ବେହେରାଙ୍କୁ ପଚାରିବାରୁ, ଉକ୍ତ ଓଏସ୍ଆରଟିସି ବସ୍‌ଟି ଭୁବନେଶ୍ୱର ଜୋନ୍‌ର ହୋଇଥିବା ବେଳେ ଗାଡ଼ିର ସମସ୍ତ କାଗଜପତ୍ର ଓ ଫିଟନେସ୍ ରହିଥିବା ସେ ସୂଚନା ଦେଇଛନ୍ତି।



ଜଣେ ଆହତ

### ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ପ୍ରଧାନମନ୍ତ୍ରୀ ୨ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ରାଶି ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିରୁ ଏହି ସହାୟତା ରାଶି ପ୍ରଦାନ କରାଯିବ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୩ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ରାଶି ଘୋଷଣା କରିଛନ୍ତି। ଆହତଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି।

## ଯାଞ୍ଚ ହେଉନି:...

ପ୍ରାୟ ୧୪ ହଜାର ଘରୋଇ ବସ୍ ବିଭିନ୍ନ ରୁଟ୍‌ରେ ଚଳାଚଳ କରୁଛି। ଏଥିସହିତ ୧୫ ବର୍ଷରୁ ଉର୍ଦ୍ଧ୍ୱ ପ୍ରାୟ ୮ ହଜାର ବସ୍ ଚଳାଚଳ କରୁଛି। ୧୫ ବର୍ଷ ପରେ ଗାଡ଼ିଗୁଡିକ ଦୁର୍ବଳ ହେବା ସହ ପ୍ରଦୂଷଣ ମାତ୍ରାକୁ ବଢ଼ାଇଥାଏ। ମାତ୍ର ସେହି ବସ୍‌ଗୁଡ଼ିକର ଫିଟ୍‌ନେସକୁ ଭଲଭାବେ ଯାଞ୍ଚ କରା ନ ଯାଇ ବର୍ଷକ ପାଇଁ ପରମିଟ୍ ଦିଆଯାଉଛି। ଯେଉଁ ଛୋଟ ଓ ବଡ଼ ବସ୍‌ଗୁଡିକ ପାଇଁ ବର୍ଷିକିଆ ଫିଟ୍‌ନେସ ସାର୍ଟିଫିକେଟ୍ ଦିଆଯାଉଛି ତାହା ନିୟମିତ ଯାଞ୍ଚ ହେଉନି। ଫଳରେ ବହୁ ପୁରୁଣା ବସ୍ ବିନା ଫିଟ୍‌ନେସ ଓ ପରିମିଟ୍‌ରେ ଅବାଧରେ ଚଳାଚଳ କରୁଛି।

ମୋଟର ଯାନ ଆଇନ-୧୯୮୮ ଅନୁଯାୟୀ ବସ୍ ଚଳାଚଳ କରିବା ପୂର୍ବରୁ ପ୍ରତ୍ୟେକ ବର୍ଷ ଫିଟ୍‌ନେସକୁ ଭଲ ଭାବେ ଯାଞ୍ଚ କରି ପରମିଟ୍ ଦିଆଯିବ। ସ୍ଥାନୀୟ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ଜିଲା ଭିତରେ ଯାତାୟାତ କରିବାକୁ ଥିବା ବସ୍‌ଗୁଡ଼ିକୁ ପରମିଟ୍ ଦେଉଥିବାବେଳେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ଗୋଟିଏ ଜିଲାରୁ ଅନ୍ୟ ଜିଲାକୁ ଯାତାୟାତ କରିବାକୁ ଅନୁମତି ଦେଇଥାଆନ୍ତି। ନୂଆ ବସ୍ ପାଇଁ ୫ ବର୍ଷ ସକାଶେ ପରମିଟ୍ ଦିଆଯାଉଥିବାବେଳେ ୧୫ ବର୍ଷ ପର୍ଯ୍ୟନ୍ତ ତାହା ନବୀକରଣ କରାଯାଇଥାଏ। ୧୫ ବର୍ଷ ପରେ ଏସ୍‌ଟିଏ ଏବଂ ଆର୍‌ଟିଓ ବର୍ଷିକିଆ ପରମିଟ୍ ଦେଉଛନ୍ତି। ୧୫ ବର୍ଷରୁ ଉର୍ଦ୍ଧ୍ୱ ଗାଡ଼ିକୁ ପ୍ରତ୍ୟେକ ବର୍ଷ ଆରଟିଓ ପକ୍ଷରୁ କଡ଼ାକଡ଼ି ଭାବେ ଯାଞ୍ଚ ହେବା କଥା। ମାତ୍ର ତାହା ନିୟମିତ ଭାବେ କରାଯାଉ ନ ଥିବାରୁ ପୁରୁଣା ବସ୍‌ଗୁଡିକ ଯାତ୍ରୀଙ୍କ ପାଇଁ ବିପଦର କାରଣ ହେଉଛି।

ସୋମବାର ଦିଗପହଣ୍ଡିରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବସ୍ ୨୫ ବର୍ଷର ପୁରୁଣା ବୋଲି ଜଣାପଡିଛି। ସେହି ବସ୍‌ର ପରମିଟ କିମ୍ବା ଇନ୍‌ସ୍ୟୁରାନ୍ସ ନ ଥିବା କୁହାଯାଉଛି। ବାହାଘର ପାଇଁ ଯାତ୍ରୀ ପରିବହନ ସକାଶେ କଣ୍ଟ୍ରାକ୍ଟ ପରମିଟ୍ ମଧ୍ୟ ନ ଥିଲା। ଏହି ପରମିଟ୍ ନ ଥିବାରୁ ମୃତାହତ ଯାତ୍ରୀମାନଙ୍କ ପରିବାର ସମ୍ପୃକ୍ତ ବସ୍‌ଠାରୁ ବୀମା ରାଶି ପାଇପାରିବେ ନାହିଁ। ବାହାଘର କିମ୍ବା ଅନ୍ୟ କୌଣସି କାରଣରୁ ରାତ୍ରିରେ ଯାତ୍ରୀ ପରିବହନ ସକାଶେ ସ୍ଥାନୀୟ ଆର୍‌ଟିଓଙ୍କଠାରୁ କଣ୍ଟ୍ରାକ୍ଟ ପରମିଟ୍ ନେବାକୁ ଆଇନରେ ବ୍ୟବସ୍ଥା ରହିଛି। ତେବେ ବଡ଼ ବସ୍‌କୁ ଛାଡ଼ିଦେଲେ ପ୍ରାୟ ଅନେକ ବସ୍ ଅନୁମତି ନେଉନାହାନ୍ତି। ସେସବୁକୁ ମଧ୍ୟ କଡ଼ାକଡ଼ି ଯାଞ୍ଚ କରାଯାଉନାହିଁ। ବ୍ରହ୍ମପୁରରୁ ଭୁବନେଶ୍ୱର ଯାତାୟାତ କରୁଥିବା ଯାତ୍ରୀ ବିଶ୍ୱ ରଞ୍ଜନ ସାହୁ କହିଛନ୍ତି, ଅନେକ ଗାଡ଼ି ନିୟମ ପାଳନ କରୁ ନ ଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ପରିବହନ ବିଭାଗ ଅଧିକାରୀମାନେ ଗାଡ଼ିଗୁଡ଼ିକୁ ଭଲଭାବେ ଯାଞ୍ଚ କରିବା ଆବଶ୍ୟକ। ନଚେତ ଏଭଳି ଦୁର୍ଘଟଣା ବଢ଼ିଚାଲିବ।

ରାଜ୍ୟ ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ରାଜ୍ୟରେ ଅନେକ ପୁରୁଣା ଗାଡ଼ି ଚାଲୁଛି। ସେଥିରୁ କେତେକ ଆର୍‌ଟିଓ କିମ୍ବା ଏସ୍‌ଟିଏଙ୍କ ପାଖରୁ କୌଣସି ପରମିଟ୍ କିମ୍ବା ଫିଟନେସ୍ ସାର୍ଟିଫିକେଟ ନେଉନାହାନ୍ତି। ଆଞ୍ଚଳିକ ପରିବହନ ଅଧିକାରୀ ମଧ୍ୟ ସେହି ଗାଡ଼ିଗୁଡ଼ିକୁ ଠିକ୍ ଭାବେ ଯାଞ୍ଚ କରୁନାହାନ୍ତି। ପରବର୍ତ୍ତୀ ସମୟରେ ଯାତ୍ରୀମାନଙ୍କ ଜୀବନ ବିପନ୍ନ ହେଉଛି।

# ଖାର୍ଗେ, ରାହୁଲଙ୍କୁ ଭେଟିଲେ ବିଆର୍‌ଏସ୍ ନେତା

**ହାଇଦ୍ରାବାଦ, ୨୬ା୬**

ତେଲଙ୍ଗାନା ବିଧାନସଭା ନିର୍ବାଚନ ପୂର୍ବରୁ କେ. ଚନ୍ଦ୍ରଶେଖର ରାଓ (କେସିଆର)ଙ୍କ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ର ୩୫ ଜଣ ନେତା କଂଗ୍ରେସରେ ଯୋଗଦେବାକୁ ଯାଉଛନ୍ତି। ପୂର୍ବତନ ବିଆର୍‌ଏସ୍ ନେତା ପୋଙ୍ଗୁଲେଟି ଶ୍ରୀନିବାସ ରେଡ୍ଡୀ ଏବଂ ତେଲଙ୍ଗାନାର ପୂର୍ବତନ ମନ୍ତ୍ରୀ ଜୁପାଲ୍ଲି କ୍ରିଷ୍ଣାରାଓଙ୍କ ନେତୃତ୍ୱରେ ଏହି ନେତାମାନେ ସୋମବାର ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାହୁଲ

**କଂଗ୍ରେସରେ ଯୋଗଦେବା ନେଇ ଚର୍ଚ୍ଚା**

ଗାନ୍ଧୀଙ୍କୁ ଭେଟିଛନ୍ତି। ଶାସକ ବିଆର୍‌ଏସ୍‌ର ଆଉ କେତେଜଣ ନେତାଙ୍କ ସମେତ ଭାଜପାରୁ ମଧ୍ୟ କେତେଜଣ କଂଗ୍ରେସରେ ଯୋଗଦେବେ ବୋଲି ଦଳୀୟ ସୂତ୍ରରୁ କୁହାଯାଇଛି। ଜୁଲାଇ ପ୍ରଥମ ସପ୍ତାହରେ ଆନୁଷ୍ଠାନିକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ ବୋଲି ଶ୍ରୀନିବାସ ରେଡ୍ଡୀ ଏବଂ କ୍ରିଷ୍ଣା ରାଓ ସୂଚନା ଦେଇଥିବା ଜଣାପଡ଼ିଛି। ଉଭୟ ଶ୍ରୀନିବାସ ଏବଂ କ୍ରିଷ୍ଣା ରାଓ ଦଳବିରୋଧୀ


ମଲ୍ଲିକାର୍ଜୁନ ଖାର୍ଗେ

କାର୍ଯ୍ୟ ପାଇଁ ଗତ ଏପ୍ରିଲରେ ବିଆର୍‌ଏସ୍‌ରୁ ନିଲମ୍ବିତ ହୋଇଥିଲେ। ତାଙ୍କୁ ନିଜ ଦଳକୁ ନେବା ଲାଗି ଉଭୟ କଂଗ୍ରେସ ଏବଂ ଭାଜପା ପ୍ରଲୋଭନ ଦେଖାଇ ଆସୁଥିଲେ। ତେବେ ସେମାନେ କଂଗ୍ରେସରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି। କର୍ଣ୍ଣାଟକ ବିଧାନସଭା ନିର୍ବାନରେ କଂଗ୍ରେସର ବିପୁଳ ବିଜୟ ପରେ ତେଲଙ୍ଗାନା କଂଗ୍ରେସ ନେତାଙ୍କ ମନୋବଳ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଖମାମ ଅଞ୍ଚଳରେ ଭାଜପାର ଭଲ ସ୍ଥିତି ନାହିଁ।

# କେନ୍ଦ୍ର ପଠାଉଥିବା ଅର୍ଥର ୫୦% ପିସିରେ ଯାଉଛି: ଧର୍ମେନ୍ଦ୍ର

**ଛେଣ୍ଡିପଦା, ୨୬ା୬ (ଅଜିତ ଧଳ)**


ସଭାମଞ୍ଚରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଭାଜପା ନେତୃବୃନ୍ଦ।

ଓଡ଼ିଶାର ଗରିବ ଲୋକଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ଅନେକ କୋଟି ଟଙ୍କା ପଠାଉଛନ୍ତି। ହେଲେ ରାଜ୍ୟରେ ଶାସନତନ୍ତ୍ର ଭୁଶୁଡ଼ି ପଡ଼ିଥିବା କାରଣରୁ ଉକ୍ତ କେନ୍ଦ୍ରୀୟ ଅର୍ଥର ୫୦ ଭାଗ ପିସିରେ ଯାଉଛି। ଅନୁଗୋଳ ଜିଲା ଛେଣ୍ଡିପଦାସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖ ପଡ଼ିଆରେ ସୋମବାର ଭାଜପା ପକ୍ଷରୁ ଆୟୋଜିତ ଗରିବ କଲ୍ୟାଣ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ ଏପରି ଟାର୍ଗେଟ୍ କରିଛନ୍ତି।

ଅନୁଗୋଳ ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଧର୍ମେନ୍ଦ୍ର କହିଛନ୍ତି ଓଡ଼ିଶାରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଯେଉଁମାନେ ଲୋକମାନଙ୍କଠାରୁ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି, ସେମାନେ ଆଜି ବାବୁମାନଙ୍କ ଚେୟାର ଉଠାଉଛନ୍ତି। ତାଙ୍କ ପାଇଁ ସଭା ସମିତି ଆୟୋଜନ କରୁଛନ୍ତି। ଏ ପ୍ରକାର ଓଲଟା ଶାସନ ବ୍ୟବସ୍ଥା ପୃଥିବୀର କେଉଁ ଅଞ୍ଚଳରେ ହେଉନାହିଁ। ତେଣୁ ନୀଳବର୍ଣ୍ଣ ମଶୃଗାଳମାନଙ୍କ ମୁଖା ଖୋଲିବାକୁ ହେବ। ଓଡ଼ିଶାରେ ସରକାର ପରିବର୍ତ୍ତନର ଶୁଭ ସଙ୍କେତ ଆଉ ବେଶୀ ଦୂର ନୁହେଁ। ଦୀର୍ଘ ୨୩ ବର୍ଷର ଲମ୍ବା ଶାସନ ମଧ୍ୟରେ ଛେଣ୍ଡିପଦାରେ ପିଇବା ପାଣିର ସୁବିଧା ହୋଇନାହିଁ। ପିଏମ୍ ଆବାସରେ ଓଡ଼ିଶାକୁ ୨୭ ଲକ୍ଷ ଘର ଆସିଛି। କିନ୍ତୁ ରାଜ୍ୟ ସରକାର ଯୋଗ୍ୟ ହିତାଧିକାରୀଙ୍କୁ ଘର ଦେଉନାହାନ୍ତି। କେନ୍ଦ୍ର ସରକାର ଖଣି ରାଜସ୍ୱ ୫ ହଜାର କୋଟିରୁ ୫୦ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଅନୁଗୋଳ ଜିଲା ମଧ୍ୟ ଗତ ୯ ବର୍ଷରେ ଓଡ଼ିଶା ରାଜକୋଷକୁ ପ୍ରାୟ ୬୦ ହଜାର କୋଟି ଟଙ୍କା ଦେଇଛି। ଓଡ଼ିଶାର ୩.୨୫ କୋଟି ଲୋକଙ୍କୁ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଚାଉଳ ପ୍ରଦାନ କରାଯାଉଛି। ମାତ୍ର ଦୀପ ତଳ ଅନ୍ଧାର ଭଳି ଛେଣ୍ଡିପଦାକୁ ଅଣଦେଖା କରାଯାଇଛି। ପାନୀୟ ଜଳ, ଜଳସେଚନ ସମସ୍ୟା ସହିତ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଛେଣ୍ଡିପଦାକୁ ଆସୁଥିବା କମ୍ପାନୀମାନେ ଜମି ଅଧିଗ୍ରହଣରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଜାଣିଶୁଣି ତାଳଚେର ମେଡିକାଲର ପରିଚାଳନା ଦାୟିତ୍ୱ ନିଆଯାଉନାହିଁ। କେନ୍ଦ୍ରୀୟ ଅର୍ଥକୁ ବିକାଶ କାମରେ ନ ଲଗାଇ ଶାସକ ଦଳର କର୍ମୀଙ୍କ ପକେଟ ଗରମ କରାଯାଉଛି। ତୃତୀୟ ମହଲା ପର୍ଯ୍ୟନ୍ତ ଦୁର୍ନୀତି ପହଞ୍ଚିଛି। ଏହାକୁ ବଦଳାଇବା ପାଇଁ ଭାଜପା ବଡ଼ ଜନଆନ୍ଦୋଳନର ପ୍ରସ୍ତୁତି କରୁଛି। ସେହିପରି ଛେଣ୍ଡିପଦାରେ ଖୁବ୍‌ଶୀଘ୍ର ଏକ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରକାଶ କରିଛନ୍ତି। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ସଞ୍ଜୀବ ସାହୁ, ଭାଜପା ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ, ପୂର୍ବତନ ଜିଲା ସଭାପତି ଅଶୋକ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାଗୀରଥି ପ୍ରଧାନ, ପ୍ରତାପ ପ୍ରଧାନ, ଅଗସ୍ତି ବେହେରା, ଜିଲା ଉପସଭାପତି ନୃସିଂହ ବରାଳ, ଚୌଧୁରୀ ପ୍ରଧାନ, ଅମୀୟ ତ୍ରିପାଠୀ, କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝି, କରୁଣାକର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ ମଣ୍ଡଳୀ ସଂଯୋଜକ ଯଶୋବନ୍ତ ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# 'କେନ୍ଦ୍ର ସରକାରକୁ କ୍ଷମତାଚ୍ୟୁତ କରିବ ଭାରତର ୱାଗ୍‌ନର ଗ୍ରୁପ୍'

**ମୁମ୍ବାଇ, ୨୬ା୬**

ଭାରତର 'ୱାଗ୍‌ନର ଗ୍ରୁପ୍' ବାଲଟ୍ ବକ୍ସ ମାଧ୍ୟମରେ ଅହିଂସା ମାର୍ଗରେ ନରେନ୍ଦ୍ର ମୋଦି ସରକାରକୁ କ୍ଷମତାଚ୍ୟୁତ କରିବ ବୋଲି ଶିବସେନା (ୟୁବିଟି) ସୋମବାର ଦାବି କରିଛି। ବିରୋଧୀ ଦଳଗୁଡ଼ିକର ସମ୍ଭାବ୍ୟ ମେଣ୍ଟକୁ ଏଥିରେ ଭାରତର ୱାଗ୍‌ନର ଗ୍ରୁପ୍ ବୋଲି ଅଭିହିତ କରାଯାଇଛି। ରୁଷିଆ ଘରୋଇ ସେନା ୱାଗ୍‌ନର ଗ୍ରୁପ୍‌ର ମୁଖ୍ୟ ୟେଭ୍‌ଗେନି ପ୍ରିଗୋଝିନ୍ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ କ୍ଷମତାରୁ ହଟାଇବା ପାଇଁ ଦୁଇଦିନ ପୂର୍ବରୁ ସଶସ୍ତ୍ର ବିଦ୍ରୋହ କରିଥିଲେ। ସେ ଦେଶର ସାମରିକ ମୁଖ୍ୟାଳୟ ଥିବା ସହର ରୋଷ୍ଟୋଭ-ଅନ୍-ଡନ୍‌କୁ ଅକ୍ତିଆର କରିବା ପରେ ରାଜଧାନୀ ମସ୍କୋ ଅଭିମୁଖେ ସାମରିକ ଅଭିଯାନରେ ବାହାରିଥିଲେ। ଏହି ବିଦ୍ରୋହକୁ ରାଷ୍ଟ୍ରପତି ପୁଟିନ୍ ପଛରୁ ଛୁରିକାଘାତ ଏବଂ ଦେଶଦ୍ରୋହ କାର୍ଯ୍ୟ ବୋଲି କହିଥିଲେ। ବେଲାରୁଷ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ପରେ ରୁଷିଆରେ ରକ୍ତପାତ ନ ହେବା ପାଇଁ ମସ୍କୋ ଅଭିଯାନକୁ ବନ୍ଦ ରଖିବା ନିମନ୍ତେ ପ୍ରିଗୋଝିନ୍ ତାଙ୍କ ସୈନ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବସେନା (ୟୁବିଟି)ର ମୁଖପତ୍ର 'ସାମନା'ର ସମ୍ପାଦକୀୟରେ ୱାଗ୍‌ନର ଗ୍ରୁପ୍ ସହ ଗତ ସପ୍ତାହରେ ପାଟନାରେ ବିରୋଧୀ ଦଳଗୁଡ଼ିକର ବୈଠକକୁ ତୁଳନା କରାଯାଇଛି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ପାଇଁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଆହ୍ୱାନକ୍ରମେ ଗତ ଶୁକ୍ରବାର ପାଟନାରେ ୧୫ରୁ ଅଧିକ ବିରୋଧୀ ଦଳର ୩୨ ଜଣ ନେତା ବୈଠକରେ ଏକାଠି ହୋଇଥିଲେ। ଏକଚ୍ଛତ୍ରବାଦକୁ ଚ୍ୟାଲେଞ୍ଜ କରାଯାଇପାରିବ, ଏହା ୱାଗ୍‌ନର ଗ୍ରୁପ୍ ଦେଖାଇଦେଇଥିବା ସାମନାରେ ଲେଖାଯାଇଛି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହୁଅନ୍ତୁ କି ରୁଷିଆ ରାଷ୍ଟ୍ରପତି ପୁଟିନ୍, ସେମାନଙ୍କୁ ବିଦ୍ରୋହର ସାମନା କରିବାକୁ ପଡ଼ିବ। ଅହିଂସ ୱାଗନର ଭାରତ ସରକାରଙ୍କୁ କ୍ଷମତାଚ୍ୟୁତ କରିବ। ମୋଦିଙ୍କୁ ଗଣତାନ୍ତ୍ରିକ ଉପାୟରେ କ୍ଷମତାରୁ ହଟାଇ ଦିଆଯିବ ବୋଲି ସାମ୍ନା ସମ୍ପାଦକୀୟରେ କୁହାଯାଇଛି।


ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ମୁମ୍ବାଇସ୍ଥିତ ଶିବସେନା ଭବନରେ ସୋମବାର ଏକ ଆମ୍ବୁଲାନ୍ସର ଶୁଭାରମ୍ଭ କରୁଛନ୍ତି।

# ଜନ୍ମମାଟିର ବିକାଶ ପାଇଁ ଧର୍ମେନ୍ଦ୍ର କିଛି କରିନାହାନ୍ତି: ବିଜେଡି

**ଭୁବନେଶ୍ୱର, ୨୬ା୬ (ଅନିଲ ଦାସ)**

ଜନ୍ମମାଟି ଢେଙ୍କାନାଳ ଓ ଅନୁଗୋଳରବିକାଶକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଜେଡି ଟାର୍ଗେଟ କରିଛି। ଗତ ୯ ବର୍ଷର କେନ୍ଦ୍ରମନ୍ତ୍ରିତ୍ୱ କାଳରେ ଏହି ଦୁଇଜିଲା ପାଇଁ ଧର୍ମେନ୍ଦ୍ର କିଛି କରି ନାହାନ୍ତି ବୋଲି ଢେଙ୍କାନାଳ ଏମ୍‌ପି ମହେଶ ସାହୁ କହିଛନ୍ତି।

ସୋମବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ୯ ବର୍ଷ ଧରି କାର୍ଯ୍ୟ କରୁଛନ୍ତି। କଟକରୁ ସମ୍ବଲପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଢେଙ୍କାନାଳ ଏବଂ ଅନୁଗୋଳ ଦେଇ ସାଧାରଣ ଜନତା, ରୋଗୀ, ଅଫିସ୍ ଯାଉଥିବା ଲୋକେ, ସ୍କୁଲ ଏବଂ କଲେଜ ଯାଉଥିବା ଛାତ୍ରୀଛାତ୍ରମାନେ ଯନ୍ତ୍ରଣା ଭୋଗୁଛନ୍ତି। ଏହାର ଉନ୍ନତି ପାଇଁ ୯ ବର୍ଷରେ କ'ଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଗତ ୯ ବର୍ଷ ମଧ୍ୟରେ ଢେଙ୍କାନାଳ ଓ ଅନୁଗୋଳ ଲୋକଙ୍କ ପାଇଁ ରେଲୱେର କୌଣସି ବିକାଶ ହୋଇନାହିଁ। ଏହି ଦୁଇ ୨ ଜିଲାରୁ ରେଳବାଇ ସର୍ବାଧିକ ରାଜସ୍ୱ ସଂଗ୍ରହ କରୁଛି। ତାଳଚେର-ବିମଳାଗଡ ରେଳପଥର ଅଗ୍ରଗତି ହୋଇପାରିଲା ନାହିଁ। ତାଳଚେର ରେଳଷ୍ଟେସନ ଏବେ ବି ମାଲବାହୀ ଷ୍ଟେସନ ହୋଇ ରହିଛି। ଟେଲି ଯୋଗାଯୋଗ ଏବଂ ବ୍ୟାଙ୍କିଙ୍ଗ୍ ସେବା ମଧ୍ୟ ଦୟନୀୟ। ଦେଶର ଶିକ୍ଷାମନ୍ତ୍ରୀ ହେବା ପରେ ଜିଲାରେ କେତେ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ନବୋଦୟ ବିଦ୍ୟାଳୟ ଖୋଲାଯାଇଛି, ଶିକ୍ଷାମନ୍ତ୍ରୀ ହେବା ଦ୍ୱାରା ସେହି ଜିଲା କିପରି ଲାଭବାନ ହୋଇଛି। ଓଡ଼ିଶା ସରକାର ୫-ଟି ମାଧ୍ୟମରେ ବିଦ୍ୟାଳୟଗୁଡ଼ିକୁ ରୂପାନ୍ତରଣ କରୁଛନ୍ତି। ଆପଣ ନିଜ ଗାଁ ବିଦ୍ୟାଳୟକୁ ୫-ଟି ସ୍ତରୀୟ ବିଦ୍ୟାଳୟ ପରି ରୂପାନ୍ତରଣ କରିଛନ୍ତି କି ବୋଲି ମହେଶ କହିଛନ୍ତି। ଢେଙ୍କାନାଳ-ଅନୁଗୋଳ ଅଞ୍ଚଳରେ କୌଣସି ନୂତନ ରାଷ୍ଟ୍ରାୟତ୍ତ ସଂସ୍ଥା (ପିଏସ୍‌ୟୁ) ଆରମ୍ଭ କରାଯାଇ ନାହିଁ। ପେଟ୍ରୋଲିୟମ ମନ୍ତ୍ରୀ ହୋଇଥିଲେ ମଧ୍ୟ ଢେଙ୍କାନାଳକୁ ଗୋଟିଏ ପିଏସ୍‌ୟୁ ଆସିପାରି ନାହିଁ। ଢେଙ୍କାନାଳ-ଅନୁଗୋଳ ଅଞ୍ଚଳରେ ଲୋକମାନେ ଏମ୍‌ସିଏଲ୍ ଓ ନାଲ୍‌କୋ ପାଇଁ ଜମି ହରାଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଚାକିରି ମିଳିନାହିଁ। ଏମ୍‌ସିଏଲ୍ ତାଳଚେରରେ ଦୁର୍ନୀତି ହେଉଛି। ଏଥିପ୍ରତି କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଏହାକୁ ରୋକିବା ପାଇଁ କ'ଣ କରିଛନ୍ତି। ଆକାଂକ୍ଷା ଜିଲା ତାଲିକାରେ ଥିବା ଢେଙ୍କାନାଳ ଜିଲାରେ ମେଡିକାଲ କଲେଜଟିଏ ସ୍ୱପ୍ନହୋଇ ରହିଗଲା। ନିର୍ବାଚିତ ହୋଇ ଆସିଥିବା ମଧ୍ୟପ୍ରଦେଶ ଏବଂ ବିହାର ପାଇଁ ଆପଣଙ୍କ ପ୍ରତିବଦ୍ଧତା ରହିଛି। ସେଥିପାଇଁ ଆପଣ ସେଠାରେ ଧ୍ୟାନ ଦେଉଛନ୍ତି। କିନ୍ତୁ ଆପଣ ଜନ୍ମ ହୋଇଥିବା ଢେଙ୍କାନାଳ-ଅନୁଗୋଳ ଜିଲାରେ କିଛି କରୁନାହାନ୍ତି। ଯେତେବେଳେ ନିର୍ବାଚନ ଆସେ, ଏଠାକୁ ରାଜନୀତି କରିବାକୁ ଆସନ୍ତି ବୋଲି ମହେଶ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି ଓ ଏମ୍‌ପି ମହେଶ ସାହୁ।

# ଭାଜପା ମିଛିମିଛିକା ବିରୋଧ କରୁଛି: କଂଗ୍ରେସ

**ଭୁବନେଶ୍ୱର, ୨୬ା୬ (ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି.କେ. ପାଣ୍ଡିଆନଙ୍କ ବିଭିନ୍ନ ଜିଲା ଗସ୍ତ ସମ୍ପର୍କିତ କାର୍ଯ୍ୟକ୍ରମକୁ ନେଇ ବିରୋଧୀ ବାରମ୍ବାର ପ୍ରଶ୍ନ ଉଠାଉଛନ୍ତି। ଜଣେ ସଚିବସ୍ତରୀୟ ଅଧିକାରୀଙ୍କ ଲାଗି ବ୍ୟାପକ ସରକାରୀ ଏବଂ ପୋଲିସ୍ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିରୋଧୀ ପ୍ରଶ୍ନ କରୁଛନ୍ତି। ନିକଟରେ ପାଣ୍ଡିଆନ ବାଲେଶ୍ୱର ଜିଲାର ଜଳେଶ୍ୱର ଗସ୍ତ କରିଥିବା ବେଳେ ସେଠାର କଂଗ୍ରେସ ନେତା ସୁଦର୍ଶନ ଦାସ ଏବଂ ଅନ୍ୟମାନଙ୍କୁ ପୋଲିସ ନଜରବନ୍ଦୀ ରଖିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ପରେ ସୋମବାର ଖବରଦାତା ସମ୍ମିଳନୀ କରି ସୁଦର୍ଶନ ସେହି କଥା ଉଠାଇବା ସହିତ ସରକାରଙ୍କୁ ୫ଟି ପ୍ରଶ୍ନ ପଚାରିଛନ୍ତି। ଏଥିସହ ଉକ୍ତ ପ୍ରସଙ୍ଗରେ ଭାଜପା ମିଛିମିଛିକା ବିରୋଧ କରୁଥିବା ନେଇ ମଧ୍ୟ ସେ ଅଭିଯୋଗ ଆଣିଛନ୍ତି।

କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୁଦର୍ଶନ କହିଛନ୍ତି, ଜଣେ ସଚିବଙ୍କ ଗସ୍ତ ସମୟରେ ବିରୋଧୀ ଦଳ ନେତାଙ୍କୁ ପୋଲିସ ନଜରବନ୍ଦୀରେ ରଖିବା କେବେ ଦେଖାଦେଇ ନ ଥିଲା। ଅପରପକ୍ଷେ ପଶ୍ଚିମବଙ୍ଗ ପୂର୍ବତନ ମୁଖ୍ୟ ଶାସନ ସଚିବ ଅଲାପନ ବନ୍ଦ୍ୟୋପାଧ୍ୟାୟଙ୍କ ବିରୋଧରେ ଟିଏମ୍‌ସି ସପକ୍ଷବାଦୀ କାର୍ଯ୍ୟକଳାପର ଆରୋପ ଲଗାଇ କେନ୍ଦ୍ର ସରକାର ତାଙ୍କୁ ୨୦୨୧ ମାର୍ଚ୍ଚ ୨୮ରେ କେନ୍ଦ୍ରକୁ ଫେରାଇ ନେବାର ନଜିର ରହିଛି। ତେବେ ପାଣ୍ଡିଆନଙ୍କ କ୍ଷେତ୍ରରେ କେନ୍ଦ୍ରର ଭାଜପା ସରକାର ସେହିଭଳି ନିଷ୍ପତ୍ତି ନ ନେଇ ମିଛିମିଛିକା ବିରୋଧ କରୁଛନ୍ତି ବୋଲି କହି ସେ ସମାଲୋଚନା କରିଛନ୍ତି।

# 'ବିଧାୟକଙ୍କ ସମ୍ପର୍କୀୟ ବି ଆଇନର ଉର୍ଦ୍ଧ୍ୱରେ ହୋଇଗଲେଣି'

**ଭୁବନେଶ୍ୱର, ୨୬ା୬ (ସୁନିତ୍ ମିଶ୍ର):** ମୁଖ୍ୟମନ୍ତ୍ରୀ ସବୁବେଳେ କୁହନ୍ତି ଆଇନ ତା ବାଟରେ ଯିବ। ହେଲେ ଓଡ଼ିଶାରେ କେବେ ବି ଆଇନ ତା ବାଟରେ ଯାଏ ନାହିଁ। ମମିତା ମେହେର ହତ୍ୟାକାଣ୍ଡ ହେଉ କି ପରି ହତ୍ୟାକାଣ୍ଡ ହେଉ ଅବା ମାହାଙ୍ଗା ଡବଲ ମର୍ଡର ଘଟଣା ସବୁଥିରେ ବିଜେଡି ବିଧାୟକଙ୍କ ସମ୍ପୃକ୍ତି ଥିବା ସତ୍ତ୍ୱେ ଆଇନ ସେମାନଙ୍କ ପାଖରେ ପହଞ୍ଚିପାରିଲା ନାହିଁ। ଲାଗିଲା ଯେମିତି ବିଜେଡି ବିଧାୟକମାନେ ଆଇନର ଉପରେ। ହେଲେ ଏବେ ବିଧାୟକଙ୍କ ଶଳା ଆଉ ଶ୍ୱଶୁରମାନେ ବି ଆଇନର ଉର୍ଦ୍ଧ୍ୱରେ ହୋଇଗଲେଣି ବୋଲି ଭାଜପା ନେତା ଅନିଲ ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନିଲ କହିଛନ୍ତି, କିଛିଦିନ ତଳେ ଚାନ୍ଦବାଲି ବିଡିଓଙ୍କୁ ସର୍ବ ସମ୍ମୁଖରେ ସ୍ଥାନୀୟ ବିଧାୟକ ବ୍ୟୋମକେଶ ରାୟଙ୍କ ଶଳା, ଶ୍ୱଶୁର ଓ ବିଜେଡିର ଜଣେ ଜିଲା ପରିଷଦ ସଭ୍ୟ ମାଡ଼ ମାରିଲେ। ଏନେଇ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି, ହେଲେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ମନ୍ତ୍ରୀ ଟୁକୁନି ସାହୁଙ୍କ ଗସ୍ତବେଳେ ୩ ଅଭିଯୁକ୍ତ ଭଦ୍ରକରେ ବୁଲୁଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଧରିଲା ନାହିଁ। ବିଜେଡି ବିଧାୟକଙ୍କ ସମ୍ପର୍କୀୟ ବୋଲି ସେମାନେ ଆଇନର ଉପରେ କି ବୋଲି ବୋଲି ଅନିଲ ପ୍ରଶ୍ନ ଉଠାଇଛନ୍ତି। ଏଭଳି କାଣ୍ଡ କାରନାମା କରୁଥିବା ବିଧାୟକଙ୍କ ସମ୍ପର୍କୀୟଙ୍କୁ ମୁଖ୍ୟମନ୍ତ୍ରୀ କାହିଁକି ସୁରକ୍ଷା ଦେଉଛନ୍ତି ତାହା ଭଦ୍ରକବାସୀ ପଚାରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ମାସେ ଭିତରେ ହିତାଧିକାରୀଙ୍କୁ ପକ୍କାଘର ନ ହେଲେ ସବୁ ବ୍ଲକରେ ଆନ୍ଦୋଳନ: ଭାଜପା

**ଭୁବନେଶ୍ୱର, ୨୬ା୬ (ସୁନିତ୍ ମିଶ୍ର)**

ରାଜ୍ୟବାସୀଙ୍କୁ ବାରମ୍ବାର ପ୍ରତାରଣା କରିବା ବିଜେଡିର ଅଭ୍ୟାସରେ ପରିଣତ ହୋଇସାରିଛି। ନିଜ ମିଛ ଧରାପଡ଼ିଯିବା ପରେ ଅନ୍ୟ ମୁଣ୍ଡରେ ଦୋଷ ଲଦି ଦେବାର କୌଶଳ ବିଜେଡିକୁ ଭଲ ଭାବେ ଜଣା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସହୀନଙ୍କୁ ପକ୍କାଘର ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟ ସରକାରଙ୍କ ଅଯୋଗ୍ୟପଣିଆ ପାଇଁ ରାଜ୍ୟରେ ଲକ୍ଷ ଲକ୍ଷ ଗରିବ ଲୋକ ପକ୍କାଘର ପାଇବାରୁ ବଞ୍ଚିତ ଅଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ଗରିବ ବିରୋଧୀ ମନୋଭାବ ପାଇଁ ୨୦୧୯ ପରଠାରୁ ଗରିବ ଲୋକର ମୁଣ୍ଡ ଉପରେ ଛାତ ରହିବାର ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପନା ପୂରଣ ହୋଇପାରୁନାହିଁ। କେନ୍ଦ୍ର ସରକାର ୫ଥର ୱିଣ୍ଡୋ ଖୋଲିବା ସତ୍ତ୍ୱେ ରାଜ୍ୟ ସରକାର ଠିକ୍ ତାଲିକା ଦେବାରେ ଅକ୍ଷମ ହେଲେ। ବିଜେଡିର ହୀନ ରାଜନୀତି ଯୋଗୁ ପକ୍କାଘର ପାଇବାରୁ ବଞ୍ଚିତ ଥିବା ଲୋକଙ୍କୁ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସରକାର ଘର ଦିଅନ୍ତୁ। ମାସକ ଭିତରେ ଏହା କରା ନଗଲେ ଯୋଗ୍ୟ ବଞ୍ଚିତ ହିତାଧିକାରୀଙ୍କୁ ନେଇ ବ୍ଲକସ୍ତରରେ ଆନ୍ଦୋଳନ କରାଯିବ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି ଯେ, ୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ନିଜ ଅକ୍ଷମତା ଉପରେ ପରଦା ଘୋଡାଇବାକୁ ଗୋଟିଏ ପରେ ଗୋଟିଏ ନୂଆ ଡ୍ରାମା ବିଜେଡି କରୁଛି। ରାଜ୍ୟ ସରକାରଙ୍କ ଅଯୋଗ୍ୟତା ପାଇଁ ଦୀର୍ଘ ୩ ବର୍ଷ ଧରି ଗରିବ ଲୋକ ପକ୍କାଘର ପାଇଁ ଅପେକ୍ଷା କରି ବସିଛନ୍ତି। କେନ୍ଦ୍ର ସରକାର ବାସହୀନଙ୍କ ପାଇଁ ବର୍ଷେ ହେଲା ୯ ଲକ୍ଷ ୫୯ ହଜାର ୫୦୦ ଘର ପଠାଇ ସାରିଥିବାବେଳେ ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା କାର୍ଯ୍ୟାଦେଶ ଦେବାରେ ବିଫଳ ହୋଇଛନ୍ତି। ୨୦୧୯ରେ ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ତାଲିକାରେ ଅନେକ ତ୍ରୁଟି ଥିଲା। ଅଯୋଗ୍ୟ ତାଲିକାଭୁକ୍ତ ଥିଲେ ଏବଂ ଯୋଗ୍ୟ ତାଲିକାରୁ ବାଦ ପଡିଥିବା କଥା କ'ଣ ମିଛ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଭାଜପା ଏମ୍‌ପିମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଆବଶ୍ୟକ ପକ୍କାଘର ଯୋଗାଇ ଦେବା ପାଇଁ ଦାବି ଜଣାଇଲେ। ରାଜ୍ୟର ପଞ୍ଚାୟତିରାଜ ମନ୍ତ୍ରୀ ଓ ସଚିବ ୬ ଲକ୍ଷ ଘର ଦେଲେ ହୋଇଯିବ ବୋଲି ମଧ୍ୟ କହିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ ୯,୫୯,୫୦୦ ଘର ମିଳିଲା ବୋଲି ପୃଥ୍ୱୀରାଜ କହିଛନ୍ତି।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION-II, BALASORE**
**e-Procurement Notice for Building Works**
**Bid Identification No.e-Procurement Notice No.04/EERW-II/BLS/2023-24**

**No.O-266:**1. Name of the Work: Building Works. 2. Total No.of Works: 06 Nos. 3. Estimated Cost: Rs.45.46, 64.23, 64.30, 64.55, 68.70 & 69.52 Lakhs. 4. Class of Contractor: "B" & "A" Class. 5. Time of Completion: 06 (Six Calendar Months). 6. Cost of Tender Paper through online: Rs.6,000 & 10,000. 7. Other details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/o. Executive Engineer, R.W.Divn-II, Balasore (Single Cover/ Double Cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Balasore | E-TCN No.04 of 2023-24 | 27.06.2023 at 11.00 A.M. | 06.07.2023 upto 5.00 P.M. | 05.07.2023 upto 4.00 P.M. | 07.07.2023 at 11.00 AM |

Further details can be seen from the website www.tendersodisha.gov.in.
**Sd./- Executive Engineer, R.W.Division-II, Balasore**
**OIPR-25052/11/0006/2324**



**OFFICE OF THE PURI MUNICIPALITY, PURI**
**Letter No.6029, Dated:23.06.2023**
**Mail ID:purim.hud@nic.in, purim.hud@gmail.com**

**EXPRESSION OF INTEREST**

**No.C-652:**The Executive Officer on behalf of Puri Municipality, Puri invites sealed quotation paper from the authorised registered/experience/reputed consultants/ architects having valid Income Tax & GSTIN Registration Certificates for "Conducting of Drone Survey, Hydrographic Survey for "Rejuvenation of Chudanga Pond (Water Bodies) of Puri Municipality". The quotation paper alongwith terms & conditions shall be submitted to the Office of the Executive Officer, Puri Municipality, Puri on or before 10.07.23 at 05 PM through Speed Post/ Regd. Post only. The tender documents should be submitted clearly superscribed on envelope as "BID DOCUMENT FOR CONDUCTING OF DRONE SURVEY FOR CHUDANGA POND". The tenders will be opened at 11 AM on dt.11.07.23 in presence of bidders or their authorized representatives, who may present at the time of opening of the tenders. Puri Municipality will in no way be responsible for any postal delay Tenders received beyond the schedule date shall be rejected. The details of Terms & Conditions and specifications may be downloaded from the website www.purimunicipality.in & www.puri.nic.in.
The authority reserves the right to reject any or all the tenders without assigning any reason thereof.

**Sd./- Executive Officer, Puri Municipality, Puri**
**OIPR-13159/11/0018/2324**



**ପୌର ପରିଷଦ କାର୍ଯ୍ୟାଳୟ, ଝାରସୁଗୁଡ଼ା**
**MUNICIPAL OFFICE, JHARSUGUDA**
**No. 3400/JM, Dt. 23.06.23**
**e-Mail: jsgmunicipality@yahoo.com, jharsugudam.hud@nic.in; Fax: 06645-273019, Ph.: 06645-273019**

No.C-651:- Sealed quotations are invited from reputed farm having valid GST and PAN for supplyig of the following materials-

| Sl. No. | Items | Unit | Qty |
|---|---|---|---|
| 1 | Sofa made out of foam and fabric of standard size of 3 seater and 2 seater | 1 | 3 seaters - 2 nos. Single seater - 4 nos. |
| 2 | Computer - HP S01-aF0777 in PC/ Ryzen 3 -3250U/ 4GB/ 1TB HDD/ Intel HD/ 7 ltre/ Jet Black/ Win-10/ 18.5" Monitor/ wired Keyboard mouse | 1 | 12 nos. |

The quotation should reach the undersigned on or before Dt.03.07.2023 upto 3.00 PM and the same will be opened on the same day at 3.30 PM in presence of the bidder or their authorize agents.

The authority reserves the right to reject all the bids without assigning any reason thereof.

**Sd./- Executive Officer, Jharsuguda Municipality**
OIPR-13165/11/0004/2324



**OFFICE OF THE MUNICIPALITY, NABARANGPUR**
**No.2303** **Dt.22.06.23**

**E-Procurement Notice**
**Bid Identification No.05/NAB- MUN/2023-24**

No.C-658:- Name of the work for which e-Tender invited - Supply of Labour, Vehicles, Machineries & equipments for Sanitation Works including collectin of solid waste from Door to Door, Road Sweeping, Drain Cleaning, Bush Cutting, Bed level de-silting from Ward No. 6, 7, 8, 12, 13, 14, 15 & 16 of Nabarangpur Municipality area for the F.Y. 2023-24.

1. Estimated cost of work (Annually) - **Rs.1,17,44,000/-**.
2. Eligible Intending Registered & Financially Sound Manpower Service Provider Agency / Firms/ Trust/ N.G.O. shaving similiar nature of work experience of at least five years and fulfilling the other criteria as given in the D.T.C.N.
3. The bid documents will be available in the website i.e. **http://www.tendersodisha.gov.in** from **26.06.2023 to 05.07.2023** for online bidding.
4. Bid Identification No. 05/NAB-MUN/2023-24.
5. Last date & time of receipt of bid through online: 05.07.2023.
6. Opening of bid on **06.07.2023 at 11.00 hrs**.
7. The bidder has to participate in online bidding only.

For further detail information any one can visit the-procurement portal of the Govt. of Odisha i.e. **http://www.tendersodisha.gov.in**

**Sd./- Executive Officer, Nabarangpur Municipality**
OIPR-13230/11/0015/2324

**ଦୁର୍ଘଟଣାରେ ପ୍ରାଣ ହରାଇଲେ ୟୁଟ୍ୟୁବର ଦେବରାଜ**



ଛତିଗଡର ୟୁଟ୍ୟୁବର ତଥା କମେଡିଆନ୍ ଦେବରାଜ ପଟେଲଙ୍କର ସୋମବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ୟୁଟ୍ୟୁବ୍ ପାଇଁ ଏକ ଭିଡିଓ ଶୁଟ୍ ସାରି ନବ ରାୟପୁରରୁ ଫେରିବା ସମୟରେ ଦୁର୍ଘଟଣା ଘଟିଥିଲା। ସେ ବାଇକ୍‌ରେ ଯାଉଥିବାବେଳେ ଏକ ଟ୍ରକ୍ ତାଙ୍କ ସହ ଧକ୍କା ହୋଇଥିଲା। ଫଳରେ ଦେବରାଜ ଟ୍ରକ୍ ଚକା ତଳେ ପଶିଯାଇଥିଲେ। ଗୁରୁତର ଆହତ ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଦେବରାଜଙ୍କୁ ହସ୍ପିଟାଲ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ସିପୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସମ୍ପତ୍ତିରୁ ସମାନ ଭାଗ ପାଇବାକୁ ସ୍ତ୍ରୀ ହକ୍‌ଦାର: ହାଇକୋର୍ଟ

**ଚେନ୍ନାଇ, ୨୬।୬(ପି.ଟି.)**



ସ୍ୱାମୀ କିଣିଥିବା ସମ୍ପତ୍ତିରୁ ସ୍ତ୍ରୀ ସମାନ ଭାଗ ପାଇବାକୁ ହକ୍‌ଦାର ବୋଲି ମାଡ୍ରାସ ହାଇକୋର୍ଟ ଏକ ରାୟ ଦେଇଛନ୍ତି। ସ୍ତ୍ରୀ ଘରେ ଅନେକ କାର୍ଯ୍ୟ କରିଥାନ୍ତି, ଯାହାକୁ ସ୍ୱାମୀଙ୍କ ୮ ଘଣ୍ଟା କାମଠାରୁ କମ୍ ବିବେଚନା କରାଯାଇ ପାରିବ ନାହିଁ ବୋଲି ଜଷ୍ଟିସ କ୍ରିଷ୍ଣନ ରାମସାମୀ କହିଛନ୍ତି। ଦମ୍ପତିଙ୍କ ମଧ୍ୟରେ ସମ୍ପତ୍ତି ବିବାଦକୁ ନେଇ ବିଚାରପତି ଉପରୋକ୍ତ ରୁଲିଂ ଦେଇଛନ୍ତି। ସ୍ୱାମୀ ଜଣକ ସମ୍ପତ୍ତିର ମାଲିକାନା ଦାବି କରୁଥିବାବେଳେ ସ୍ତ୍ରୀ ପରକୀୟା ପ୍ରୀତିରେ ସମ୍ପୃକ୍ତ ଥିବା ଅଭିଯୋଗ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ପିଲାମାନେ ଉକ୍ତ ମାମଲାରେ ପକ୍ଷଭୁକ୍ତ ହୋଇଥିଲେ। ସ୍ତ୍ରୀ ଜଣେ ଗୃହିଣୀ ହୋଇଥିବାରୁ ତାଙ୍କର ପ୍ରତ୍ୟକ୍ଷ ଆର୍ଥିକ ଅବଦାନ ନ ଥିଲେ ମଧ୍ୟ ସେ ସାରା ଘରର କାର୍ଯ୍ୟ କରିଥାନ୍ତି। ପିଲାଙ୍କ ଯତ୍ନ ନେବା, ରୋଷେଇ କରିବା, ପରିଷ୍କାର କରିବା, ପରିବାରର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ଆଦି ସବୁ କାର୍ଯ୍ୟ ସ୍ତ୍ରୀ ସମ୍ଭାଳିଥାନ୍ତି। ସେ ତାଙ୍କ ସ୍ୱପ୍ନକୁ ଜଳାଞ୍ଜଳି ଦେଇ ପରିବାର ଓ ପିଲାମାନଙ୍କ ପାଇଁ ସାରା ଜୀବନ ଉତ୍ସର୍ଗ କରିଥାନ୍ତି। ସେ ଘର ସମ୍ଭାଳୁଥିବାରୁ ସ୍ୱାମୀ ଅର୍ଥ ରୋଜଗାର କରିବାକୁ ସୁଯୋଗ ପାଇଥାନ୍ତି। ସେଥିପାଇଁ ଏହାର ଫଳରୁ ସେ ଭାଗ ପାଇବାକୁ ହକ୍‌ଦାର ବୋଲି ବିଚାରପତି ଟିପ୍ପଣୀ ଦେଇଛନ୍ତି।

# ପ୍ରଧାନମନ୍ତ୍ରୀ ପ୍ରଥମେ ମଣିପୁର ମୁଖ୍ୟମନ୍ତ୍ରୀଙ୍କୁ ବହିଷ୍କାର କରନ୍ତୁ: ଖାର୍ଗେ

**ନୂଆଦିଲ୍ଲୀ, ୨୬।୬(ପି.ଟି.)**



ମଲ୍ଲିକାର୍ଜ୍ଜୁନ ଖାର୍ଗେ

ମଣିପୁରରେ ୫୦ ଦିନରୁ ଊର୍ଦ୍ଧ୍ୱ ହେଲା ହିଂସାକାଣ୍ଡ ଲାଗିରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀରବତାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ସୋମବାର ପ୍ରଶ୍ନ ଉଠାଇଛନ୍ତି। ଯଦି ପ୍ରଧାନମନ୍ତ୍ରୀ ଉକ୍ତ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ପାଇଁ ବାସ୍ତବରେ ଚିନ୍ତିତ ଥାଆନ୍ତି, ତେବେ ପ୍ରଥମେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂଙ୍କୁ ବହିଷ୍କାର କରନ୍ତୁ ବୋଲି ଖାର୍ଗେ କହିଛନ୍ତି। ମଣିପୁର ସ୍ଥିତିକୁ ପରିଚାଳନା କରିବାରେ ସରକାର ବିଫଳ ହୋଇଛନ୍ତି। ଭାଜପା ସରକାରଙ୍କ କୌଣସି ପ୍ରଚାର ଉକ୍ତ ବିଫଳତାକୁ ଘୋଡ଼ାଇପାରିବ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ପ୍ରଧାନମନ୍ତ୍ରୀଙ୍କୁ ମଣିପୁର ସ୍ଥିତି ସମ୍ପର୍କରେ ଅବଗତ କରାଇଥିବା ଖବର ପ୍ରକାଶ ପାଇଛି। ୫୫ ଦିନ ହେଲା ମୋଦି ମଣିପୁର ସମ୍ପର୍କରେ ଗୋଟିଏ ହେଲେ ଶବ୍ଦ କହିନାହାନ୍ତି। ପ୍ରତ୍ୟେକ ଭାରତୀୟ ତାଙ୍କ ଉତ୍ତରକୁ ଅପେକ୍ଷା କରିଥିବା ଖାର୍ଗେ କହିଛନ୍ତି।

# ନାତି ମୃତଦେହ ସହ ୧୦ ଦିନ ରହିଲେ ଆଈ

**ବାରବାଙ୍କି, ୨୬।୬**

ଉତ୍ତର ପ୍ରଦେଶ ମୋହରିପୂର୍ବା ଅଞ୍ଚଳର ମିଥିଲେଶ (୬୫) ନାତିର ମୃତଦେହ ସହିତ ୧୦ଦିନ ରହିଛନ୍ତି। ଲଗାତର ୩-୪ ଦିନ ଧରି ଘରୁ ଦୁର୍ଗନ୍ଧ ଆସିବା ନେଇ ରବିବାର ସନ୍ଧ୍ୟାରେ ପଡ଼ୋଶୀ ପୋଲିସକୁ ସୂଚନା ଦେଇଥିଲେ। ଘରେ ପୋଲିସ ପହଞ୍ଚିଲାବେଳକୁ ମିଥିଲେଶ ନାତି ପ୍ରିୟାଂଶୁ (୧୭) ମୃତଦେହ ନିକଟରେ ବସିଥିଲେ। ଗଳିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଇ ଦିଆଯାଇଛି। ମିଥିଲେଶଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାରୁ ତାଙ୍କୁ ମେଣ୍ଟାଲ ହସ୍ପିଟାଲରେ ଛାଡ଼ିଦିଆଯାଇଛି। କିଛି ବର୍ଷ ହେବ ପ୍ରିୟାଂଶୁ ଓ ମିଥିଲେଶ ଏକାଠି ରହୁଥିଲେ।


**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



**ଆୟୁଷ୍ମାନ (ସିପୁନ୍)**

ରାଜସ, ବାଲିପାଟଣା, ଖୋର୍ଦ୍ଧା

ପ୍ରଥମ ଜନ୍ମଦିନର ଶୁଭେଚ୍ଛା ଓ ଶୁଭକାମନା। ପରିବାରର ସମସ୍ତଙ୍କୁ ପ୍ରଭୁ ଶ୍ରୀଜଗନ୍ନାଥ ଭଲରେ ରଖନ୍ତୁ।

ଶୁଭେଚ୍ଛା ସହ: ବାପା, ବୋଉ, ଜେଜେ, ମାଆ, ଦାଦା, ଅଜା, ଆଈ, ମାମୁ, ମାଈଁ, ବନ୍ଧୁ ଓ ପରିବାରବର୍ଗ।

ଧ-୭୩୭୭୩


# ଶିଖ୍‌ଙ୍କୁ ଆକ୍ରମଣ ମାମଲାରେ ପାକ୍ କୂଟନୀତିଜ୍ଞଙ୍କୁ ସମନ

ନୂଆଦିଲ୍ଲୀ, ୨୬।୬ : ପାକିସ୍ତାନରେ ଶିଖ୍ ସମ୍ପ୍ରଦାୟ ସଦସ୍ୟମାନଙ୍କ ଉପରେ ଆକ୍ରମଣ ଘଟଣାରେ ଭାରତ ଦୃଢ଼ ପ୍ରତିବାଦ କରିଛି। ପାକିସ୍ତାନ ଉଚ୍ଚାୟୁକ୍ତର ଜଣେ ବରିଷ୍ଠ କୂଟନୀତିଜ୍ଞଙ୍କୁ ସୋମବାର ନୂଆଦିଲ୍ଲୀ ସମନ ଜାରି କରିଛି। ପାକିସ୍ତାନ ସରକାର ଏହାର ସଂଖ୍ୟାଲଘୁମାନଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ କୂଟନୀତିଜ୍ଞଙ୍କୁ କୁହାଯାଇଛି। ଏପ୍ରିଲରୁ ଜୁନ୍ ମଧ୍ୟରେ ପାକିସ୍ତାନରେ ଶିଖ୍ ସମ୍ପ୍ରଦାୟଙ୍କ ଉପରେ ୪ ଥର ଆକ୍ରମଣ ହେଲାଣି। ୪ଟି ଘଟଣାର ତଦନ୍ତ କରି ରିପୋର୍ଟ ଜଣାଇବା ପାଇଁ ପାକିସ୍ତାନୀ କର୍ତ୍ତୃପକ୍ଷଙ୍କ ନିକଟରେ ଭାରତ ଦାବି କରିଛି।

# ବ୍ୟାକ୍‌ଅପ୍‌ରେ ଏୟାର ଫୋର୍ସ ବିମାନ ନେଇ ଚର୍ଚ୍ଚାରେ ହିପ୍‌କିନ୍ସ

**ୱେଲିଂଟନ୍, ୨୬।୬**



କ୍ରିସ୍ ହିପ୍‌କିନ୍ସ

ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିସ୍ ହିପ୍‌କିନ୍ସ ଚାଇନା ଗସ୍ତରେ ବାୟୁ ସେନାର ବିମାନକୁ ବ୍ୟାକ୍‌ଅପ୍‌ରେ ନେବାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ରବିବାର ହିପ୍‌କିନ୍ସ ଏୟାର ଫୋର୍ସ ବୋଇଂ ୭୫୭ ବିମାନରେ ଚାଇନା ଗସ୍ତ କରିଛନ୍ତି। ଦ୍ୱିପାକ୍ଷିକ ବାଣିଜ୍ୟିକ ବୈଠକରେ ଯୋଗଦେବା ଲାଗି କିଛି କମ୍ପାନୀର ଏକ୍‌ଜିକ୍ୟୁଟିଭ୍‌ଙ୍କୁ ନେଇ ହିପ୍‌କିନ୍ସ ଚାଇନା ଯାଇଛନ୍ତି। ହିପ୍‌କିନ୍ସ ଯେଉଁ ବିମାନରେ ଚାଇନା ଯାଇଛନ୍ତି, ଯଦି ତାହା ଅଧା ବାଟରେ ଖରାପ ହୋଇଯାଏ ତେବେ ବ୍ୟାକ୍‌ଅପ୍‌ରେ ନେଇଥିବା ଏୟାର ଫୋର୍ସ ବିମାନକୁ ବ୍ୟବହାର କରିପାରିବେ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଚାଇନା ଗସ୍ତର ଗୁରୁତ୍ୱ ଏବଂ ଦୂରତା ପାଇଁ ବ୍ୟାକ୍‌ଅପ୍‌ରେ ବିମାନ ନେବା ଯଥାର୍ଥ ବୋଲି ମୁଖପାତ୍ର କହିଛନ୍ତି। ୭୫୭ ବିମାନ ୩୦ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ବ୍ୟବହାର କରାଯାଉଥିବାବେଳେ ଏହାର ଆୟୁଷ ପୂର୍ଣ୍ଣ ହୋଇଆସିଲାଣି। ସେଥିପାଇଁ ବିମାନଗୁଡ଼ିକ ଖରାପ ହୋଇଯିବା ଆଶଙ୍କା ଅଧିକ। ଅନ୍ୟପକ୍ଷେ ବ୍ୟାକ୍‌ଅପ୍‌ରେ ବିମାନ ନେବାରୁ ବିରୋଧୀ ଦଳ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିବା ଆରମ୍ଭ କରିଛନ୍ତି। ୨୦୧୬ରେ ସେତେବେଳର ପ୍ରଧାନମନ୍ତ୍ରୀ ଜନ୍ କି ଭାରତ ଗସ୍ତରେ ଆସୁଥିବାବେଳେ ୭୫୭ ବିମାନ ଖରାପ ହୋଇଯାଇଥିଲା। ଫଳରେ ଜନ୍‌ଙ୍କୁ ଗୋଟିଏ ରାତି ଅଷ୍ଟ୍ରେଲିଆ ସିଡିରେ କାଟିବାକୁ ପଡ଼ିଥିଲା।

# ବିହାର ବ୍ରିଜ୍ ଭୁଶୁଡ଼ିବା ଘଟଣା: ୪ ଅଧିକାରୀ ନିଲମ୍ବିତ

**କିଶନଗଞ୍ଜ, ୨୬।୬**

ବିହାର କିଶନଗଞ୍ଜ ଜିଲା ଗୋରଖପୁରରେ ନିର୍ମାଣାଧୀନ ବ୍ରିଜ୍ ଭୁଶୁଡ଼ିବା ନେଇ ଭାରତର ଜାତୀୟ ରାଜପଥ ସଂସ୍ଥା (ଏନ୍‌ଏଚ୍‌ଏଆଇ) ରବିବାର ପ୍ରୋଜେକ୍ଟ ସହ ଜଡ଼ିତ ୪ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି। ମେଛି ନଦୀ ଉପରେ ନିର୍ମାଣ ହେଉଥିବା ବ୍ରିଜ୍ କିଶନଗଞ୍ଜରୁ କଟିହାରକୁ ସଂଯୋଗ କରିବାର ଥିଲା। ନିଲମ୍ବିତ ଅଧିକାରୀଙ୍କ ନାଁକୁ ସାର୍ବଜନୀନ କରାଯାଇ ନାହିଁ। ବ୍ରିଜ୍ ପାଇଁ ଏନ୍‌ଏଚ୍-୩୨୭ଇ ଘୋରି ନିକଟରେ ତିଆରି କରାଯାଇଥିବା ପିଲାର ଶନିବାର ଭାଙ୍ଗିଯାଇଥିଲା। ଗତ ମେ'ରେ ବ୍ରିଜ୍ କାମ ଶେଷ ହେବାକୁ ଥିଲା। ବ୍ରିଜ୍ ଭୁଶୁଡ଼ିବା ଘଟଣାର ଯାଞ୍ଚ ପାଇଁ ଏକ ଏକ୍ସପର୍ଟ ଟିମ୍ ଗଠନ କରାଯିବ।


**Classified Everyday 0674-2580101, 2549949**



REAL ESTATE

**SALE**

ଭୁବନେଶ୍ୱର ପିପିଲି ଟୋଲ୍‌ଗେଟ୍ NH side 30' road, ଘରବାରି, ପାଚେରି, ଇଲେକ୍ଟ୍ରିସିଟି ଥାଇ ଏବଂ ନଖରା ତ୍ରିନାଥ ବଜାର ପାଖରେ ପ୍ଲଟ୍ କିଣି ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 8917487982. D-74877

ଭୁବନେଶ୍ୱର-ପୁରୀ ବାଇପାସ୍ NH-203 ପାଖରେ ଘରବାରି ବାଉଣ୍ଡରି ପ୍ଲଟ୍ ବିକ୍ରିହେବ। 9439832956. D-0645

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୭୦୦ ଜାଗା ବିକ୍ରି ହେଉଛି। 9437621753. D-75122



2000sqft. space available for Rent/ Lease in Kunja Vihar Janala for Playschool, Hostel, Gym, Outlet etc. 7847946684/ 9438678888. D-73392

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74697

Newly open health benefits SPA special offer @ 799 Jaydev Vihar. 8018429809. D-75121

Newly open Relax, Refresh Paras Aurvedic SPA at Bhubaneswar. 9124433891. D-0633

Newly healthcare benefited SPA experience Therapist, Bhubaneswar. Please visit this SPA. 7749034655. D-75124

Newly open Salon/SPA with expert therapist (health benefits). 8114322659. D-75123

Newly healthcare benefited SPA experience Therapist, Bhubaneswar. Please visit this SPA. 7846814019. D-75125

Spa Kerala body Massage only best Therapist @699/-, Bhubaneswar. 9337672475. D-0610

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**LOST**

ମୁଁ ଶ୍ରୀ Arbinda Hota, ବୟସ- 45, ତିର୍ତ୍ତୋଲ, ଜଗତ୍‌ସିଂହପୁର, ମୁଁ ତା- 22.06.2023 ରିଖ 3ଟା ସମୟରେ କଳ୍ପନା କୋର୍ଟରୁ ରସୁଲଗଡ଼ ଯିବା ସମୟରେ ମୋର ଗୋଟିଏ କବଲା ଏବଂ ଜମି ପଟ୍ଟା କେଉଁଠାରେ ହଜିଯାଇଅଛି, କବଲା Deed-No.- 11822101695 ଏବଂ ପଟ୍ଟା- Khata-No-983/1349. ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାନ୍ତି ଏହି- Noରେ ଯୋଗାଯୋଗ କରିବା ପାଇଁ ଅନୁରୋଧ। Mob- 7751073798. D-0665

I, Soudamini Swain W/o Prakash Kumar Jena residing Plot No.- 454, Jharapada Jail road, Bhubaneswar- 6, have lost my Original HSC Certificates vide Roll No.- 14S062 and Serial No- H0109830 at Dalakhai Market, Laxmisagar, Bhubaneswar- 6, if anyone found if please Contact No- 9777170282. D-0663

**ହଜିଛି**

ମୁଁ ମଗୁଲି ଚରଣ ସ୍ୱାଇଁ, ପିତା: ୰ବିଷ୍ଣୁଚରଣ ସ୍ୱାଇଁ, ସା: ଗୋଡପୁର, ପୋ: ବେଲଗାଛିଆ, ଥାନା: ବାରଙ୍ଗ, ଜିଲ୍ଲା: କଟକ ଏତଦ୍‌ଦ୍ୱାରା ଜଣାଇବାକୁ ଚାହେଁ କି ଗତ ତା.୧୭.୦୫.୨୦୧୪ରିଖ ଦିନ ୧୧ଟା ସମୟରେ ତ୍ରିଶୁଳିଆ ଛକ ନିକଟରେ ଜେରକ୍ସ ପାଇଁ ଯାଉଥିବା ସମୟରେ ମୋର ଅସଲ ରେ.ଦ.ନଂ.: ୧୫୬୯, ତା.୧୨.୦୪.୧୯୮୯ ଯାହାକି ଖାତା ନଂ.:୮୨, ଖସଡା ନଂ.: ୧୫୨୧, ରକବା ଏକର ୦.୦୭ ଡିସିମିଲି ଓ ଖାତା ନଂ:୪୮୪, ଖସଡା ନଂ.: ୧୫୨୦, ରକବା ଏକର ୦.୦୨ ଡିସିମିଲି ସମ୍ବନ୍ଧେ ମୌଜା ବେଲଗାଛିଆ ଅନ୍ତର୍ଗତ ଅଟେ। ଯାହାକି ମୋ ନାମରେ ରେଜେଷ୍ଟ୍ରି ହୋଇଅଛି। ସେହି ବିଷୟରେ ଗତ ତା.୨୯.୦୧.୨୦୧୮ରିଖରେ ବାରଙ୍ଗ ଥାନାରେ ଏତଲା ଦାୟର କରିଥିଲି। ଯାହା ଏସ.ଡି.ଇ ନଂ.: ୦୭ ଅଟେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେହି ଉପର ଲିଖିତ ରେ.ଦଲିଲ୍ ଟି ମୁଁ ବହୁତ ଖୋଜାଖୋଜି କଲାପରେ ବି ମିଳୁନାହିଁ। ତେଣୁ ଯଦି କୌଣସି ସହୃଦୟ ବ୍ୟକ୍ତି ତା'ର ସନ୍ଧାନ ପାଆନ୍ତି ତେବେ ନିମ୍ନ ଲିଖିତ ମୋବାଇଲ୍ ନମ୍ବରରେ ଜଣାଇବାକୁ ଅନୁରୋଧ। PH:7978003026.

ଧ-୦୬୬୯

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

ନୋଟିସ
ସିନିୟର ସିଭିଲ ଜଜ୍‌ଙ୍କ ଅଦାଲତ, ମାଲକାନଗିରି
ସି.ଏସ୍. ନଂ. ୪୭/୨୦୨୨
ମନୀନ୍ଦ୍ର ସରକାର
ବନାମ ..... ବାଦୀ
ଦେବେନ୍ଦ୍ର ସରକାର ଓଗେର
.... ପ୍ରତିବାଦୀ

ପ୍ରାପ୍ତେଷୁ,
୧. ପୁତୁଲ ସରକାର ଓରଫ ଡଲି, ବୟସ ୨୭ ବର୍ଷ, ସ୍ୱାମୀ ଦେବୁଡାଲି ପିତା ନାରାୟଣ ସରକାର, ନିବାସ- ଏମ୍.ଭି. ୭୯ ପୋଷ୍ଟ/ ଥାନା ଏମ୍. ଭି. ୭୯, ଜିଲ୍ଲା ମାଲକାନଗିରି, ୨. ଅନିମା ସରକାର, ବୟସ ୩୬ ବର୍ଷ, ସ୍ୱାମୀ ମୃତ୍ୟୁ ସୁଧାଂଶୁ ସରକାର, ନିବାସ- ଏମ୍.ଭି. ୧୭, ପୋଷ୍ଟ ଶିଖପାଲ୍ଲୀ, ଥାନା/ ଜିଲ୍ଲା ମାଲକାନଗିରି ୩.ସସ୍ମିତା ସରକାର ଓରଫ ଡାକୁଆ, ବୟସ ୪୩ ବର୍ଷ, ପିତା ମୃତ୍ୟୁ ସୁଧାଂଶୁ ସରକାର, ସ୍ୱାମୀ ଲଳିତ ଡାକୁଆ, ନିବାସ ଏମ୍. ପି. ଭି.୨୯, ପୋଷ୍ଟ ଭେଙ୍କଟପଲମ, ଥାନା କାଲିମେଳା, ୪. ଶିବୁ ସରକାର, ବୟସ ୩୭ ବର୍ଷ, ପିତା ମୃତ୍ୟୁ ଗୋପାଳ ଚନ୍ଦ୍ର ସରକାର, ନିବାସ ଏମ୍.ଭି. ୧୭, ପୋଷ୍ଟ ଶିଖପାଲ୍ଲୀ, ଥାନା/ ଜିଲ୍ଲା ମାଲକାନଗିରି

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉ ଅଛି କି, ବାଦୀ ଆପଣମାନଙ୍କ ବିରୁଦ୍ଧରେ ଜମି ଭାଗ କରିବା ସମ୍ବନ୍ଧରେ ଏହି ଅଦାଲତରେ ଏକ ମକଦ୍ଦମା ଆଗତ କରିଛନ୍ତି ଓ ଆପଣମାନଙ୍କୁ ଏହି କେଶ୍‌ରେ ପଠା ଯାଇଥିବା ନୋଟିସ୍ ଅଦାଲତକୁ ଜାରି ନ ହୋଇ ଫେରସ୍ତ ହୋଇଛି । ଆପଣଙ୍କ ବର୍ତ୍ତମାନ ଠିକଣା ବାଦୀଙ୍କ ପାଖରେ ନାହିଁ।

ତେଣୁ ଆପଣମାନଙ୍କୁ ଏହି ଖବରକାଗଜ/ ନୋଟିସ ଜରିଆରେ ଜଣାଇ ଦିଆଯାଉଅଛି କି, ଅଦାଲତ ଏହି ମକଦ୍ଦମା ତା୫।୭।୨୨ ରିଖକୁ ବିଚାର ପାଇଁ ଧାର୍ଯ୍ୟ କରିଛନ୍ତି। ଆପଣମାନେ ଉକ୍ତ ଦିନ ନିଜେ କିମ୍ବା ନିଜର ଓକିଲଙ୍କ ଜରିଆରେ ହାଜର ହୋଇ ନିମ୍ନ କୋର୍ଟରେ ଜବାବ ଦାଖଲ କରିବେ।

ଯଦି ଆପଣମାନେ ଉକ୍ତ ଦିନ ଅନୁପସ୍ଥିତ ରୁହନ୍ତି ତେବେ ଅଦାଲତ ଆପଣମାନଙ୍କ ଅନୁପସ୍ଥିତିରେ ହିଁ ଏହି ମକଦ୍ଦମାର ଶୁଣାଣି ଓ ବିଚାର କରିବେ।

ଆଜି ତା ୨୨।୭।୨୨ ରିଖରେ ଏହି ନିର୍ଦ୍ଦେଶ ଦିଆଗଲା।

Sd./- ସିନିୟର ସିଭିଲ ଜଜ୍, ମାଲକାନଗିରି

ଧ-୦୬୬୬


# ୧୩ ଦିନରୁ ଅଧିକ ଥିଲା 'ବିପର୍ଯ୍ୟୟ' ଅବଧି

**ନୂଆଦିଲ୍ଲୀ, ୨୬।୬ (ପି.ଟି.)**



ଚଳିତ ବର୍ଷର ପ୍ରଥମ ବାତ୍ୟା ବିପର୍ଯ୍ୟୟ ଦ୍ୱାରା ଦୀର୍ଘ ସମୟ ଧରି ଲୋକେ ପ୍ରଭାବିତ ହୋଇଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ୧୯୭୭ ପରଠୁ ନର୍ଦ୍ଦର୍ନ ଭାରତ ମହାସାଗରର 'ବିପର୍ଯ୍ୟୟ'ର ଅବଧି ସବୁଠୁ ଅଧିକ ବୋଲି କୁହାଯାଉଛି। ଜୁନ୍ ୬ରେ ଦକ୍ଷିଣ ଆରବ ସାଗରରେ ଅତି ଭୀଷଣ ବାତ୍ୟା ବିପର୍ଯ୍ୟୟ ସୃଷ୍ଟି ହୋଇଥିଲା। ୧୫ରେ ଗୁଜରାଟର ସୌରାଷ୍ଟ୍ର ଓ କଚ୍ଛରେ ଲ୍ୟାଣ୍ଡଫଲ୍ କରିବା ପରେ ୧୮ରେ ଏହା ଅବପାତରେ ପରିଣତ ହୋଇ କ୍ରମଶଃ ଦୁର୍ବଳ ହୋଇଥିଲା। ବିପର୍ଯ୍ୟୟ ସ୍ଥଳଭାଗ ଛୁଇଁବା ପୂର୍ବରୁ ୯ ଥର ନିଜ ଗତିପଥ ବଦଳାଇଥିଲା। ବିପର୍ଯ୍ୟୟର ଆୟୁଷ ୧୩ ଦିନ ୩ ଘଣ୍ଟା ରହିଥିଲା। ପୂର୍ବରୁ ଆରବ ସାଗରରେ ସୃଷ୍ଟ ସବୁଠାରୁ ଭୟଙ୍କର ବାତ୍ୟାର ସମୟ କାଳ ୬ ଦିନ ୩ ଘଣ୍ଟା ଆଇଏମ୍‌ଡି ଏକ ରିପୋର୍ଟରେ ଉଲ୍ଲେଖ କରିଛି। ଉତ୍ତର ଭାରତ ମହାସାଗରରେ ସବୁଠୁ ଦୀର୍ଘ ଦିନ ଧରି ଅନୁଭୂତ ହୋଇଥିବା ବାତ୍ୟା, ଯାହା ବଙ୍ଗୋପସାଗରରେ ୧୯୭୭ ନଭେମ୍ବର ୮ରେ ସୃଷ୍ଟି ହୋଇ ୨୩ରେ ଆରବ ସାଗରରେ ଦୁର୍ବଳ ହୋଇଥିଲା, ଯାହା ୧୪ ଦିନ ୬ ଘଣ୍ଟା ପର୍ଯ୍ୟନ୍ତ ସ୍ଥଳଭାଗରେ ରହିଥିଲା। ସେହିପରି ୨୦୧୯ରେ ସୃଷ୍ଟ ବାତ୍ୟା 'କ୍ୟାର୍'ଏବଂ ୨୦୧୮ର ବାତ୍ୟା 'ଗଜା'ର ଆୟୁଷ ୯ ଦିନ ୧୫ ଘଣ୍ଟା ରହିଥିଲା।


**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰ପ୍ରଶାନ୍ତ ଚନ୍ଦ୍ର ପଟ୍ଟନାୟକ**

ଆବିର୍ଭାବ: ୨୨ ଜୁନ୍ ୧୯୪୮
ତିରୋଧାନ: ୦୮ ଜୁଲାଇ ୨୦୨୨

ଆପଣଙ୍କ ଅମ୍ଳାନ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଆପଣଙ୍କ ସ୍ତ୍ରୀ (ଆରତୀ), ପୁଅ (ଗୌରବ), ବୋହୂ (ପ୍ରତିଲିପି), ଝିଅ(ପ୍ରିୟଦର୍ଶିନୀ), ଜ୍ୱାଇଁ (ପ୍ରମୋଦ), ନାତି (ଆଦର୍ଶ), ନାତୁଣୀମାନେ (ଆୟୁଷୀ, ଦିତ୍ୟା) ଏବଂ ପରିବାରବର୍ଗ

ଧ-୦୬୭୦

**୧୮ତମ ଶ୍ରାଦ୍ଧବାର୍ଷିକୀ**



**୰ଇଂ. ରବୀନ୍ଦ୍ରନାଥ ଜଗଦେବ**

ଶବରସାହି, କଳ୍ପନା ଏରିଆ, ଭୁବନେଶ୍ୱର

ଆବିର୍ଭାବ: ୦୮।୧୦।୧୯୪୦
ତିରୋଧାନ: ୧୬।୦୭।୨୦୦୫

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମ୍ଭମାନଙ୍କର ଗଭୀର ଶ୍ରଦ୍ଧାଞ୍ଜଳି।

ଆପଣଙ୍କର ପରିବାରବର୍ଗ

ଧ-୦୬୬୨


**ରାଜ୍ୟ ଖବର**

# ବିଦ୍ୟୁତ୍ ଜୀବନର ଅନ୍ୟ ଏକ ମୌଳିକ ଆବଶ୍ୟକତା ଭାବେ ପରିଣତ ହୋଇଛି: ମନ୍ତ୍ରୀ

**ଭୁବନେଶ୍ୱର, ୨୬।୬(ସୁନିତ୍ ମିଶ୍ର)**

ପାଣି, ପବନ, ଖାଦ୍ୟ ଓ ଆବାସ ସହିତ ବିଦ୍ୟୁତ୍ ଜୀବନର ଅନ୍ୟ ଏକ ମୌଳିକ ଆବଶ୍ୟକତା ରୂପେ ପରିଣତ ହୋଇଛି ବୋଲି ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ପ୍ରକାଶ କରିଛନ୍ତି । ସୋମବାରଠାରୁ ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ପାଳିତ ହେଉଥିବା ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଏକ ବୈଦ୍ୟୁତିକ ସୁରକ୍ଷା କର୍ମଶାଳାରେ ପ୍ରତାପ ଦେବ ଯୋଗଦେଇ କହିଛନ୍ତି ଯେ, ବିଦ୍ୟୁତ୍ ସୁରକ୍ଷାକୁ ହାଲୁକା ଭାବେ ନ ନେଇ ଏହାକୁ ଅଧିକରୁ ଅଧିକ ଗମ୍ଭୀରତାର ସହ ଦୃଷ୍ଟି ଦେବା ଆବଶ୍ୟକ । ଓଡିଶାକୁ ସମସ୍ତ କ୍ଷେତ୍ରରେ ଦୁର୍ଘଟଣାମୁକ୍ତ କରିବାର ଲକ୍ଷ୍ୟକୁ ପ୍ରାଧାନ୍ୟ ଦେଇ ମନ୍ତ୍ରୀ ବିଦ୍ୟୁତ୍ ସୁରକ୍ଷା କେବଳ ମଣିଷଙ୍କ ପାଇଁ ସୀମିତ ନ ହୋଇ ଏହା କିପରି ବନ୍ୟପ୍ରାଣୀ, ବିଶେଷ କରି ହାତୀ, ଅନ୍ୟ ଜୀବଜନ୍ତୁ ପାଇଁ ମଧ୍ୟ ଉପଯୋଗୀ ହୋଇପାରିବ ସେଥିପ୍ରତି ଧ୍ୟାନ ଦେବା ଉପରେ ଗୁରୁତ୍ୱ ଦେଇଛନ୍ତି। କୌଣସି ଦେଶର ପ୍ରଗତି, ତାହାର ବିଦ୍ୟୁତ୍ ବ୍ୟବହାରରୁ ମଧ୍ୟ ଜଣାପଡେ ଏବଂ ଏହି ବିଦ୍ୟୁତ ସୁରକ୍ଷା ପାଳନ ଦ୍ୱାରା ଅଧିକରୁ ଅଧିକ ଉପଭୋକ୍ତା ସିଧାସଳଖ ଲାଭଦାୟୀ ହେବେ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ଯୋଗଦେଇ ବିଭାଗୀୟ ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ଯେ, ବିଦ୍ୟୁତ୍ ସୁରକ୍ଷା କେବଳ ବିଭିନ୍ନ କାର୍ଯ୍ୟକ୍ରମରେ ସୀମିତ ନ ହୋଇ ଏହା ଜୀବନର ଏକ ଅଭିନ୍ନ ଅଙ୍ଗ ହେବା ଅତ୍ୟନ୍ତ ଆବଶ୍ୟକ । ବିଦ୍ୟୁତ ସୁରକ୍ଷା ପାଇଁ ସରକାରଙ୍କ ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରି ଅଧିକରୁ ଅଧିକ ହୋର୍ଡିଙ୍ଗ୍ ସହିତ ଲୋକସଙ୍ଗୀତ ଓ ଲୋକନୃତ୍ୟ ଆଦି ମାଧ୍ୟମରେ ଅଧିକ ସଚେତନତା ବୃଦ୍ଧି କରାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

# ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କୁ ଜାମିନ

**ଧର୍ମଶାଳା, ୨୬।୬(ବଟକୃଷ୍ଣ ପରଡ଼ା)**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ସାରୋଇ ମୌଜାରେ ଗତ ୧୪ ତାରିଖରେ ବେଆଇନ ଭାବେ ମାଟି ଉଠାଣ ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କୁ ସୋମବାର ଜାମିନ ମିଳିଛି । ସେ ସନ୍ଧ୍ୟାରେ ରଗଡ଼ିସ୍ଥିତ ଜେଲରୁ ମୁକୁଳିଛନ୍ତି । ସୂଚନା ଅନୁଯାୟୀ, ସାରୋଇ ମୌଜାର ଏକ ସରକାରୀ ଜାଗାରୁ ଗତ ୧୩ତାରିଖରେ ଧର୍ମଶାଳା ଅଞ୍ଚଳର ସୂଚନା ଅଧିକାର କର୍ମୀ ତଥା ଭାଜପା ନେତା ବେହୁରା ଏହି ମୌଜାରେ ଥିବା ତାଙ୍କ ଜମିରେ ମାଟି ପକାଉଥିଲେ । ଏ ସମ୍ପର୍କରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଖବର ପାଇ ନେଉଳପୁର ଆରଆଇ ବିରଞ୍ଚି ନାରାୟଣ ବୋଇତେଇ ଓ ବଳରାମପୁର-୨ ଆରଆଇ ଚନ୍ଦନ କୁମାର ସାହୁ ପ୍ରମୁଖଙ୍କୁ ସାଙ୍ଗରେ ନେଇ ସେଠାରେ ଚଢାଉ କରିଥିଲେ। ଚଢାଉ ସମୟରେ ସେଠାରେ କାମ କରୁଥିବା ଶ୍ରମିକ ଓ ଟ୍ରାକ୍ଟର ଡ୍ରାଇଭରମାନେ ଚମ୍ପଟ ମାରୁଥିବା ବେଳେ ତହସିଲଦାର ଓ ତାଙ୍କ ସହକର୍ମୀମାନେ ସେମାନଙ୍କୁ କାବୁ କରିବା ପାଇଁ ପଛରେ ଧାଇଁଥିଲେ । ଏହି ସମୟରେ ସେ ନିଜର ସହକର୍ମୀଙ୍କ ସହାୟତାରେ ୫ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ । ପରବର୍ତ୍ତୀ ସମୟରେ ଧର୍ମଶାଳା ପୋଲିସ ସହାୟତାରେ ସେ ସେଠାରୁ ୫ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ମେଶିନ ଜବତ କରି ଥାନାକୁ ଆଣିଥିଲେ । ବେଆଇନ ମାଟି ଉଠାଣକୁ ନେଇ ତହସିଲଦାର ଦାସ ଟ୍ରାକ୍ଟର ଡ୍ରାଇଭର ଓ ଜମି ମାଲିକ ବେହୁରାଙ୍କ ବିରୋଧରେ ଧର୍ମଶାଳା ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୩୮୪/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଚଳିତମାସ ୧୪ ତାରିଖ ସକାଳୁ ଜମିମାଲିକ ବେହୁରାଙ୍କୁ ତାଙ୍କ ଘରୁ ଉଠାଇ ନେଇ ଗିରଫ କରିଥିଲା । ଗିରଫ ପରେ ପୋଲିସ ସେଦିନ ବେହୁରାଙ୍କ ସମେତ ୬ଜଣଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିଲା । ସେଠାରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଥିଲା। ଗତ ୧୯ ତାରିଖରେ ତାଙ୍କର ଜାମିନ ଆବେଦନ ହୋଇଥିବା ବେଳେ ତାହା ନାମଞ୍ଜୁର ହୋଇଥିଲା । ସୋମବାର ପୁଣିଥରେ ଚଣ୍ଡିଖୋଲ କୋର୍ଟରେ ତାଙ୍କର ଜାମିନ ଆବେଦନ ହେବା ପରେ କୋର୍ଟ ତାହା ମଞ୍ଜୁର କରିଥିଲେ । ଏହାପରେ ରଗଡ଼ିସ୍ଥିତ ଜେଲରୁ ବେହୁରା ମୁକୁଳିଛନ୍ତି ।

# ଏନ୍‌ଏମ୍‌ଏସିସିରେ 'ଦି ସାଉଣ୍ଡ୍ ଅଫ୍ ମ୍ୟୁଜିକ୍' କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୬।୬(ଅଭୟ ଦାଶ)



ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ମୁମ୍ବାଇର ନୀତା ମୁକେଶ ଅମ୍ବାନି କଲଚରାଲ୍ ସେଣ୍ଟର (ଏନ୍‌ଏମ୍‌ଏସିସି)ରେ ଏକ ସ୍ୱତନ୍ତ୍ର ବ୍ରଡ୍‌ୱେ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶେଷ କରି ରିଲାଏନ୍ସ ଫାଉଣ୍ଡେଶନ ଦ୍ୱାରା ସମର୍ଥିତ ଏନ୍‌ଜିଓଗୁଡ଼ିକର ୩୪୦୦ ଉପେକ୍ଷିତ ପିଲା ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ଏନ୍‌ଏମ୍‌ଏସିସିରେ ସ୍ୱତନ୍ତ୍ର ଭାବେ ଆନ୍ତର୍ଜାତିକ ବ୍ରଡ୍‌ୱେର ସଙ୍ଗୀତ କାର୍ଯ୍ୟକ୍ରମ 'ଦି ସାଉଣ୍ଡ୍ ଅଫ୍ ମ୍ୟୁଜିକ୍'ର ଆୟୋଜନ କରାଯାଇଥିଲା। ଅପରପକ୍ଷରେ ଫାଉଣ୍ଡେଶନ ପକ୍ଷରୁ ମୁମ୍ବାଇର ବିଭିନ୍ନ ଅଞ୍ଚଳର ଦିବ୍ୟାଙ୍ଗ ପିଲାଙ୍କ ସମେତ ୩୪୦୦ ସ୍ୱତନ୍ତ୍ର ପିଲା ଓ ବରିଷ୍ଠ ନାଗରିକଙ୍କ ଲାଗି ସପ୍ତାହନ୍ତରେ ୨ଟି ସ୍ୱତନ୍ତ୍ର ଶୋ' ଏନ୍‌ଏମ୍‌ଏସିଠାରେ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଏଜୁକେଶନ ଆଣ୍ଡ୍ ସ୍ପୋର୍ଟସ୍ ଫର ଅଲ୍(ଇଏସ୍‌ଏ) କାର୍ଯ୍ୟକ୍ରମର ସମର୍ଥିତ ୧୮ଟି ଏନ୍‌ଜିଓ ସହିତ ରିଲାଏନ୍ସର କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନେ ସମର୍ଥନ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଧ୍ୟକ୍ଷା ନୀତା ଅମ୍ବାନି କହିଛନ୍ତି, ସାଉଣ୍ଡ୍ ଅଫ୍ ମ୍ୟୁଜିକ୍ ପ୍ରତି ବିପୁଳ ସମର୍ଥନ ମିଳିଛି। ଏପରିକି ଭାରତ ଓ ଦୁନିଆର ଶ୍ରେଷ୍ଠତା ପ୍ରଦର୍ଶିତ କରିବା ପାଇଁ ଏନ୍‌ଏମ୍‌ଏସିସିର ଲକ୍ଷ୍ୟକୁ ଏହା ପ୍ରତିଫଳିତ କରୁଛି, ବିଶେଷ କରି କାର୍ଯ୍ୟକ୍ରମର ଶେଷ ଦୁଇ ଶୋ'କୁ ୩୪୦୦ ଅନଗ୍ରସର ପିଲା ଓ ବରିଷ୍ଠ ନାଗରିକଙ୍କ ପ୍ରତି ଉତ୍ସର୍ଗ କରି ଆମେ କୃତଜ୍ଞ। ସେହିଭଳି ସାରା ଦେଶରୁ ପରିବାରଗୁଡ଼ିକ ଆସି ଏକଜୁଟ ହେବା ଓ ଏହି ଯାଦୁକରୀ ଅନୁଭୂତି ହାସଲ କରିବା ବେଶ ହୃଦୟସ୍ପର୍ଶୀ ଥିଲା। ଏପରିକି ସ୍ୱତନ୍ତ୍ର ଦର୍ଶକମାନଙ୍କ ସହ ଏହି ଚମତ୍କାର ସଙ୍ଗୀତ କାର୍ଯ୍ୟକ୍ରମକୁ ସମାପନ କରିବାର ତାହା ଥିଲା ଶ୍ରେଷ୍ଠ ଉପାୟ। ଆମର ଏଜୁକେଶନ ଆଣ୍ଡ୍ ସ୍ପୋର୍ଟସ୍ ଫର ଅଲ୍ କାର୍ଯ୍ୟକ୍ରମକୁ ଜାରି ରଖି ଆମେ ସମସ୍ତଙ୍କ ପାଖରେ କଳାକୁ ପହଞ୍ଚାଇବାକୁ ପ୍ରତିବଦ୍ଧ ରହିଛୁ ବୋଲି ନୀତା ମତପ୍ରକାଶ କରିଛନ୍ତି।

# ଏଏଲ୍‌ର ଡିଆର୍‌ଏଚ୍‌ପି ଦାଖଲ

ନୂଆଦିଲ୍ଲୀ,୨୬।୬

ଆସ୍କ ଅଟୋମୋଟିଭ୍ ଲିମିଟେଡ୍ (ଏଏଲ୍) ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଏକ ଡ୍ରାଫ୍ଟ ରେଡ୍ ହେରିଂ ପ୍ରସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ଏପରିକି ଇନିସିଆଲ ପବ୍ଲିକ୍ ଅଫର ଜରିଆରେ କମ୍ପାନୀ ଇକ୍ୱିଟି ଶେୟାର ଜାରି କରି ପାଣ୍ଠି ହାସଲ କରିବାକୁ ଯୋଜନା ରଖିଛି। ଏହି ପ୍ଲାନ୍‌ର ଅଫର ଫର ସେଲ୍‌ରେ ମୋଟ ୨୯,୫୭୧,୩୯୦ ଇକ୍ୱିଟି ଶେୟାର ସାମିଲ ରହିଛି। ଉଲ୍ଲେଖଯୋଗ୍ୟ, ଅଫର ଫର୍ ସେଲ୍‌ରେ ପ୍ରତିଷ୍ଠାତା କୁଲଦୀପ ସିଂହ ରାଠିଙ୍କ ୨୦,୬୯୯,୯୭୩ ଇକ୍ୱିଟି ଶେୟାର ଏବଂ ବିଜୟ ରାଠିଙ୍କ ୮,୮୭୧,୪୧୭ ଇକ୍ୱିଟି ଶେୟାର ସାମିଲ ରହିଛି। ନିଜସ୍ୱ ଡିଜାଇନ୍ ଓ ମାନୁଫାକ୍ଚରିଂ ଦକ୍ଷତା ସହିତ ଏହି କମ୍ପାନୀ ତିନି ଦଶନ୍ଧିରୁ ଅଧିକ ସମୟଧରି ସୁରକ୍ଷା ବ୍ୟବସ୍ଥା ଓ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନିୟରିଂ ସମାଧାନ ପ୍ରଦାନ କରୁଛି।

# ଜୟପୁରରେ ବିଓଏମ୍‌ର ନୂତନ ଶାଖା



ଭୁବନେଶ୍ୱର,୨୬।୬

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ଓଡ଼ିଶା କ୍ଷେତ୍ର ପକ୍ଷରୁ କୋରାପୁଟ ଜିଲାର ଜୟପୁର ସ୍ଥିତ ଏନ୍‌ଏଚ୍-୨୬ ବାଏପାସ୍ ରୋଡ୍ ହନୁମାନ ମନ୍ଦିର ନିକଟରେ ବିଓଏମ୍‌ର ନୂତନ (ଜୟପୁର ଶାଖା) ଶାଖା ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜୟପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ହରିଶ ବି.ସି ଏବଂ ବିଓଏମ ଭୁବନେଶ୍ୱର ଅଞ୍ଚଳର ଉପ-ଅଞ୍ଚଳ ପ୍ରବନ୍ଧକ ସଞ୍ଜୀବ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ଜୟପୁର ଶାଖାର ଶାଖା ପ୍ରବନ୍ଧକ କଲା ଶ୍ରୀନୁଙ୍କ ସମେତ ଶାଖାର କର୍ମଚାରୀ ଓ ଗ୍ରାହକମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲାରେ ବିଓଏମର ଏହା ୨ୟ ଶାଖା ହୋଇଥିବା ବେଳେ ଓଡ଼ିଶା କ୍ଷେତ୍ରରେ ମୋଟ ୪୪ ତମ ଶାଖା ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଆକ୍ସିସ ବ୍ୟାଙ୍କରେ ଯୋଗଦେବେ ବିଶ୍ୱନାଥନ

ଭୁବନେଶ୍ୱର,୨୬।୬



ଏନ୍.ଏସ୍. ବିଶ୍ୱନାଥନ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ପୂର୍ବତନ ଡେପୁଟି ଗଭର୍ନର ଏନ୍.ଏସ୍.ବିଶ୍ୱନାଥନ ଆକ୍ସିସ ବ୍ୟାଙ୍କର ଅଣ-କାର୍ଯ୍ୟନିର୍ବାହୀ (ପାର୍ଟ-ଟାଇମ୍) ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଏପରିକି ୨୦୨୩ ଅକ୍ଟୋବର ୨୭ରୁ କିମ୍ବା ରିଜର୍ଭ ବ୍ୟାଙ୍କ ବିଶ୍ୱନାଥନଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିବା ଦିନଠାରୁ ତାଙ୍କର କାର୍ଯ୍ୟକାଳ ଆରମ୍ଭ ହେବ ବୋଲି ଆକ୍ସିସ ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଆକ୍ସିସ୍ ବ୍ୟାଙ୍କର ନିର୍ଦ୍ଦେଶକମଣ୍ଡଳୀ ବୋର୍ଡ ବୈଠକରେ ଆରବିଆଇର ପୂର୍ବତନ ଡେପୁଟି ଗଭର୍ନର ଏନ୍.ଏସ୍.ବିଶ୍ୱନାଥନଙ୍କୁ ଆସନ୍ତା ୩ ବର୍ଷ ପାଇଁ ବ୍ୟାଙ୍କର ଅଣ କାର୍ଯ୍ୟନିର୍ବାହୀ (ପାର୍ଟ-ଟାଇମ୍) ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଥିବା ବେଳେ ଏହା ବ୍ୟାଙ୍କର ଅଂଶଧନକାରୀ ଓ ରିଜର୍ଭ ବ୍ୟାଙ୍କର ମଞ୍ଜୁରୀ ଅପେକ୍ଷାରେ ରହିଛି। ସୂଚନାଯୋଗ୍ୟ, ୧୯୮୧ରେ ବିଶ୍ୱନାଥନ୍ ଆରବିଆଇରେ ଯୋଗ ଦେବା ସହ ଦୀର୍ଘ ୪ଦଶନ୍ଧି ଧରି କାର୍ଯ୍ୟ କରିବା ସହିତ ଡେପୁଟି ଗଭର୍ନର ଭାବେ ୨୦୨୦ ମାର୍ଚ୍ଚରେ ଅବସର ଗ୍ରହଣ କରିଥିଲେ।

ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅମିତାଭ ଚୌଧୁରୀ କହିଛନ୍ତି,ଆକ୍ସିସ୍ ପରିବାରକୁ ବିଶ୍ୱନାଥନଙ୍କୁ ସ୍ୱାଗତ କରି ଆମେ ବେଶ୍ ଉତ୍ସାହିତ ଅଛୁ।

# ଏନ୍‌ଇଇଟି (ୟୁଜି)ରେ ଆକାଶ ବାଇଜୁସର ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର,୨୬।୬



କୌସ୍ତୁଭ ବାଉରୀ

ଦେଶର ପ୍ରମୁଖ ଘରୋଇ କୋଚିଂ ସେଣ୍ଟର ତଥା ଟେଷ୍ଟ ପ୍ରସ୍ତୁତି କ୍ଷେତ୍ରରେ ଜାତୀୟ ସ୍ତରର ଅଗ୍ରଣୀ ଅନୁଷ୍ଠାନ ଆକାଶ ବାଇଜୁସ ଚଳିତ ବର୍ଷର ନ୍ୟାଶନାଲ ଏଲିଜିବିଲିଟି କମ ଏଣ୍ଟ୍ରାନ୍ସ ଟେଷ୍ଟ ବା ଏନଇଇଟି (ୟୁଜି)-୨୦୨୩ ଫଳାଫଳରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏପରିକି ଏନଇଇଟି (ୟୁଜି)-୨୦୨୩ର ଅଲ ଇଣ୍ଡିଆ ର୍ୟାଙ୍କ (ଏଆଇଆର) ସୂଚୀ ଅନୁସାରେ ଶ୍ରେଷ୍ଠ-୧୦ ଜଣଙ୍କ ମଧ୍ୟରେ ଆକାଶ ବାଇଜୁସର ୪ଜଣ ଛାତ୍ର ଅଲ ଇଣ୍ଡିଆ ର୍ୟାଙ୍କ (ଏଆଇଆର) ସୂଚୀ ଅନୁସାରେ ୩ୟ,୫ମ,୬ଷ୍ଠ ଏବଂ ୮ମରେ ସ୍ଥାନରେ ରହିଛନ୍ତି। ସେହିଭଳି ଶ୍ରେଷ୍ଠ ୫୦ ମଧ୍ୟରେ ଆକାଶ ବାଇଜୁସର ୩୦ଜଣ ଛାତ୍ରୀଛାତ୍ର ସ୍ଥାନ ପାଇଥିବାବେଳେ ଶ୍ରେଷ୍ଠ-୧୦୦ ତମ ସ୍ଥାନରେ ଅନୁଷ୍ଠାନର ୫୭ ଜଣ ଛାତ୍ରୀଛାତ୍ର ସାମିଲ ଅଛନ୍ତି। ଅପରପକ୍ଷରେ ୧୪୫ ରୁ ଅଧିକ ପିଲା ୭୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବାବେଳେ ୧୦୯ ଜଣ ପିଲା ସେଥିମଧ୍ୟରୁ ଆକାଶ ବାଇଜୁସର କ୍ଲାସରୁମ ପ୍ରୋଗ୍ରାମରୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏପରିକି ୫୦୦ରୁ ଅଧିକ ନମ୍ବର ରଖି ଆକାଶ ବାଇଜୁସର ଲକ୍ଷାଧିକ କୃତୀ ଛାତ୍ରୀଛାତ୍ର ଏନଇଇଟି (ୟୁଜି)-୨୦୨୩ରେ ସଫଳତା ଲାଭ କରିଛନ୍ତି।

ସୂଚନାଯୋଗ୍ୟ, ଆକାଶ ବାଇଜୁସର ବିଭିନ୍ନ ସେଣ୍ଟରର ଶ୍ରେଷ୍ଠ ସ୍କୋରଧାରୀଙ୍କ ମଧ୍ୟରେ କୌସ୍ତୁଭ ବାଉରୀ ୭୨୦ରୁ ୭୧୬ ନମ୍ବର ରଖିବା ସହିତ ଅଲ ଇଣ୍ଡିଆ ର୍ୟାଙ୍କ (ଏଆଇଆର) ସୂଚୀ ଅନୁସାରେ ୩ୟ ସ୍ଥାନରେ ରହିଛନ୍ତି। ସେହିଭଳି ଧ୍ରୁବ ଆଡଭାନୀ ୭୨୦ରୁ ୭୧୫ ନମ୍ବର ସହ ଏଆଇଆର- ୫ ଏବଂ ସୂର୍ଯ୍ୟ ସିଦ୍ଧାର୍ଥ ଏନ୍ ୭୨୦ରୁ୭୧୫ ନମ୍ବର ସହ ଏଆଇଆର-୬ ଏବଂ ସ୍ୱୟମ ଶକ୍ତି ଟି ୭୨୦ରୁ ୭୧୫ ନମ୍ବର ସହ ଏଆଇଆର-୮ ସ୍ଥାନରେ ରହିଛନ୍ତି। ଏପରିକି ୭୨୦ରୁ ୭୧୫ ନମ୍ବର ରଖିଥିବା ଧ୍ରୁବ ଆଡଭାନୀ କର୍ଣ୍ଣାଟକ ରାଜ୍ୟ ଟପ୍ପର ହୋଇଥିବାବେଳେ ସ୍ୱୟମ ଶକ୍ତି ଟି ଓଡିଶା ରାଜ୍ୟ ଟପ୍ପର ହୋଇଛନ୍ତି। ବିଶେଷ କରି ଏନଇଇଟି (ୟୁଜି)-୨୦୨୩ରେ ବେଶ ପ୍ରଭାବୀ ପ୍ରଦର୍ଶନୀ ସହ କୃତକାର୍ଯ୍ୟ ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ର ଆକାଶ ବାଇଜୁସର ବିଭିନ୍ନ ବର୍ଗର କ୍ଲାସରୁମ ପ୍ରୋଗ୍ରାମ କୋର୍ସରୁ ମନୋନୀତ ହୋଇଥିବା ଆକାଶ ବାଇଜୁସ ପକ୍ଷରୁ ସୂଚନା ଦିଆଯାଇଛି।

# କାନାରା ବ୍ୟାଙ୍କର ନୂତନ ପରିସର ଉଦ୍‌ଘାଟିତ



ଭୁବନେଶ୍ୱର,୨୬।୬

କାନାରା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ଅଧୀନରେ ଥିବା ଆଇଆଇଟି ଅରୁଗୁଳ ଶାଖାର ନୂତନ ପରିସର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାନାରା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଜଗଦୀଶ ଚନ୍ଦର, ଭୁବନେଶ୍ୱର ମଣ୍ଡଳ ମୁଖ୍ୟଙ୍କ ସମେତ ମଣ୍ଡଳ ଅଧିକାରୀ ଓ କ୍ଷେତ୍ରୀୟ କାର୍ଯ୍ୟାଳୟର ଅଧିକାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ଫୁରସତ୍

# ବୃଦ୍ଧି ପାଉଛି କୋକେନ୍ ଚାହିଦା

**ନୂଆଦିଲ୍ଲୀ:** ବର୍ତ୍ତମାନ ସମୟରେ ଅଧିକାଂଶ ଯୁବପିଢ଼ି ନିଶା ସେବନ କରୁଥିବା ଦେଖିବାକୁ ମିଳୁଛି। ପୋଲିସ ଅନେକ ସମୟରେ ବିଭିନ୍ନ ସ୍ଥାନକୁ ଡ୍ରଗ୍ ପଠାଯାଉଥିବାବେଳେ ଲୋକଙ୍କୁ ଧରିଥାଏ। ବ୍ୟବସାୟୀ ବିଭିନ୍ନ ଉପାୟରେ ଡ୍ରଗ୍ ସପ୍ଲାଏ କରୁଥିବା ମଧ୍ୟ ଦେଖିବାକୁ ମିଳିଥାଏ। ହେଲେ କୋକେନ୍ ଭଳି ସିନ୍ଥେଟିକ୍ ନିଶାଦ୍ରବ୍ୟ ଦ୍ରୁତ, ଶସ୍ତା ଏବଂ ସହଜ ଉତ୍ପାଦନ ସାରା ବିଶ୍ୱରେ ବୃଦ୍ଧି ପାଇବାରେ ଲାଗିଛି। ଏହା ସମଗ୍ର ବିଶ୍ୱରେ ଡ୍ରଗ୍ ବଜାରକୁ ପରିବର୍ତ୍ତନ କରୁଛି। ରବିବାର ମିଳିଥିବା ଜାତିସଂଘର ରିପୋର୍ଟ ଅନୁସାରେ, ଏହା କେବଳ କୋକେନ୍ ନୁହେଁ, ମେଥାମଫେଟାମାଇନ୍ ଭଳି ଡ୍ରଗ୍ କାରବାର ମଧ୍ୟ ପ୍ରତିଷ୍ଠିତ ବଜାର ବାହାରେ ବିସ୍ତାର କରୁଛି। ଏହା ବର୍ତ୍ତମାନ ଆଫଗାନିସ୍ତାନରେ ଉତ୍ପାଦନ ହେଉଛି। ୨୦୨୧ରେ କୋକେନ୍ ଚାଷ ସର୍ବାଧିକ ୨୨ ମିଲିୟନ୍ ଅର୍ଥାତ୍ ୨୨୦ ଲକ୍ଷ ଥିବା ରିପୋର୍ଟରୁ ଜଣାପଡ଼ିଥିଲା। ବର୍ତ୍ତମାନ ସମୟରେ ଏହି ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି।



ରିପୋର୍ଟ ମୁତାବକ, କୋକେନ୍ ଉତ୍ପାଦନ ଅପେକ୍ଷା କୋକେନ୍ ଜବରଦଖଲ ବୃଦ୍ଧି ପାଇଛି। ଜାତିସଂଘ ରିପୋର୍ଟ ମୁତାବକ, ବର୍ତ୍ତମାନ ସମୟରେ ବିଶ୍ୱରେ କୋକେନ୍‌ର ଯୋଗାଣ ଏବଂ ଚାହିଦା ବଢ଼ିବାରେ ଲାଗିଛି। ବିଶ୍ୱରେ କୋକେନ୍ ବଜାର ଅଧିକାଂଶ ଆମେରିକା ଏବଂ ୟୁରୋପୀୟ ଦେଶରେ ଦେଖିବାକୁ ମିଳିଛି। ଏହାସହ ଏସିଆ, ଆଫ୍ରିକା ଏବଂ ଦକ୍ଷିଣ-ପୂର୍ବ ୟୁରୋପରେ ମଧ୍ୟ ଏହାର ବଜାର ଥିବା ନିକଟରେ ସ୍ପଷ୍ଟ ହୋଇଛି। ବିଶ୍ୱରେ ଥିବା ମେଥାମଫେଟାମାଇନ୍‌ର ୯୦ ପ୍ରତିଶତ ପୂର୍ବ ଏବଂ ଦକ୍ଷିଣ ପୂର୍ବ ଏସିଆ ଏବଂ ଉତ୍ତର ଆମେରିକାରୁ ଜବତ ହୋଇଥିବା ତଥ୍ୟ ମିଳିଛି। ତଥାପି ପୂର୍ବ ଏବଂ ପଶ୍ଚିମ ଆଫ୍ରିକା ପରି ଅନ୍ୟତ୍ର ଏହି କାରବାର ବୃଦ୍ଧି ପାଉଛି। ଆଫଗାନିସ୍ତାନରେ ମେଥାମଫେଟାମାଇନ୍ ସହ ବିଶ୍ୱର ୮୦ ପ୍ରତିଶତ ହେରୋଇନ୍ ଉତ୍ପାଦନ ହେଉଥିବା ଜଣାପଡ଼ିଛି।

# ସୋନମ୍‌ଙ୍କ ଡିଜିଟାଲ ଡେବ୍ୟୁ

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ ସୋନମ୍ କପୁର କିଛି ବର୍ଷର ବ୍ରେକ୍ ପରେ ପୁଣି ଅଭିନୟ ଜଗତକୁ ଫେରିଛନ୍ତି। ଜିଓ ସିନେମାରେ କ୍ରାଇମ୍ ଡ୍ରାମା 'ବ୍ଲାଇଣ୍ଡ' ଜରିଆରେ ସେ ତାଙ୍କ ଡିଜିଟାଲ ପ୍ଲାଟ୍‌ଫର୍ମ ଡେବ୍ୟୁ କରିବାକୁ ଯାଉଛନ୍ତି। 'ବ୍ଲାଇଣ୍ଡ' ହେଉଛି ୨୦୧୧ କୋରିଆନ ଫିଲ୍ମର ରିମେକ୍। ଏଥିରେ ସୋନମ୍‌ଙ୍କ ସହିତ ପୁରବ୍ କୋହଲି, ବିନୟ ପାଠକ୍, ଲିଲେଟି ଦୁବେ ଏବଂ ଶୁଭମ୍ ସରଫ୍ ନଜରକୁ ଆସିବେ। 'ବ୍ଲାଇଣ୍ଡ' ପୋଲିସ ଅଫିସରମାନେ ସିରିଏଲ କିଲରଙ୍କୁ ଖୋଜୁଥିବା ଦେଖିବାକୁ ମିଳିବ। ଜୁଲାଇ ୭ରେ ଏହା ଜିଓ ସିନେମାରେ ରିଲିଜ୍ ହେବ। ଏହାର ପ୍ରସାରଣ ମାଗଣା ରହିଛି। ତେବେ ସୋନମ୍‌ଙ୍କୁ ଶେଷଥର ପାଇଁ ୨୦୨୦ରେ ଫିଲ୍ମ 'ଏକ୍ ବନାମ ଏକ୍'ରେ ଦେଖିବାକୁ ମିଳିଥିଲା। ସେ ଏଥିସହ ଅନେକ ମ୍ୟୁଜିକ୍ ଭିଡିଓରେ ମଧ୍ୟ ନଜରକୁ ଆସିଛନ୍ତି। ସୋନମ୍ ଏବଂ ସ୍ୱାମୀ ଆନନ୍ଦ ଆହୁଜାଙ୍କୁ ତାଙ୍କ ୧୦ ମାସର ପୁଅ ସହ ନିକଟରେ ଲଣ୍ଡନର ଏକ ଗ୍ରାଉଣ୍ଡରେ ଖେଳୁଥିବା ନଜରକୁ ଆସିଛନ୍ତି। ଏହାର ଫଟୋ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

# ୨୭ ଥର ପରୀକ୍ଷା ଦେଇ କୋଟିପତି ବିଫଳ



**ବେଜିଂ:** ଜଣେ ୫୬ ବର୍ଷୀୟ କୋଟିପତି ୨୭ ଥର ପାଇଁ କଲେଜ ପ୍ରବେଶିକା ପରୀକ୍ଷାରେ ବିଫଳ ହୋଇଛନ୍ତି। ଲିଆଙ୍ଗ ଶି ଚାଇନାର ଜଣେ ଆତ୍ମନିର୍ଭରଶୀଳ କୋଟିପତି। ହେଲେ ସେ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିନାହାନ୍ତି। ସେ ଗତ ୪୦ ବର୍ଷ ମଧ୍ୟରେ ଅନେକ ଥର ସିଚୁଆନ ବିଶ୍ୱବିଦ୍ୟାଳୟରେ ସ୍ଥାନ ପାଇବାକୁ ଏବଂ ବୁଦ୍ଧିଜୀବୀ ହେବାକୁ ଇଚ୍ଛା ରଖିଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି। ଲିଆଙ୍ଗ ଏକ କାରଖାନାରୁ ତାଙ୍କ ପ୍ରଥମ ଚାକିରି ଆରମ୍ଭ କରିଥିଲେ। ପରେ ତାଙ୍କ ନିର୍ମାଣ ସାମଗ୍ରୀ ବ୍ୟବସାୟ ପ୍ରତିଷ୍ଠାନ କରିଛନ୍ତି। କିନ୍ତୁ ସେ ଏ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ମାଟି ମାଡ଼ି ନ ଥିବା କହିଛନ୍ତି। ଏକ ସମ୍ମାନଜନକ ଉଚ୍ଚଶିକ୍ଷା ପାଇଁ ସେ ୧୨ ଘଣ୍ଟା ଅଧ୍ୟୟନ କରୁଛନ୍ତି। ସେ ମଦ ପିଇବା, ବିଭିନ୍ନ ପ୍ରକାର ଖେଳ ଖେଳିବାକୁ ନିଜକୁ ଦୂରେଇ ରଖିଛନ୍ତି। ସେ କଲେଜ ପ୍ରବେଶିକା ପରୀକ୍ଷା ପାଇଁ ଅଧିକ ପରିଶ୍ରମ କରିଥିଲେ ମଧ୍ୟ ଚଳିତବର୍ଷ ତାଙ୍କ ନମ୍ବର ୩୪ ପଏଣ୍ଟ କମ୍ ଥିଲା। ଫଳରେ ତାଙ୍କୁ କଲେଜ ପ୍ରବେଶିକା ପରୀକ୍ଷାରେ ୨୭ ଥର ପାଇଁ ବିଫଳ ହେବାକୁ ପଡ଼ିଛି। ଗତ ଶୁକ୍ରବାର ସିଚୁଆନ ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାଫଳ ପ୍ରକାଶ ପାଇବା ପରେ ସେ ସେଥିରେ ବିଫଳ ହୋଇଥିବା ଜାଣିବାକୁ ପାଇଥିଲେ। ଏବେ ସେ ଆଗାମୀ ବର୍ଷ ପ୍ରବେଶିକା ପରୀକ୍ଷାକୁ ଅପେକ୍ଷା କରିଛନ୍ତି। ସିଚୁଆନ ବିଶ୍ୱବିଦ୍ୟାଳୟରେ ବିଦ୍ୟାର୍ଜନ କରିବେ ବୋଲି ସେ ଆଶା ରଖିଥିବା କହିଛନ୍ତି।

# ଟ୍ରେନ୍‌ରେ ଗୁପ୍‌ଚୁପ୍ ବିକ୍ରି



**ନୂଆଦିଲ୍ଲୀ:** ଲୋକେ ଷ୍ଟ୍ରିଟ୍ ଫୁଡ୍‌କୁ ଅଧିକ ପସନ୍ଦ କରିଥାନ୍ତି। ରେଷ୍ଟୁରାଣ୍ଟଠାରୁ ରାସ୍ତାରେ ଖାଇବାକୁ ଲୋକଙ୍କ ଅଧିକ ଗହଳି ଦେଖିବାକୁ ମିଳିଥାଏ। ସମସ୍ତ ଖାଦ୍ୟ ମଧ୍ୟରୁ ଲୋକେ ଅଧିକ ଗୁପ୍‌ଚୁପ୍‌କୁ ପସନ୍ଦ କରିଥାନ୍ତି। ପିଲାଠାରୁ ବୁଢ଼ା ଯାଏଁ ସମସ୍ତେ ଏହାକୁ ଖୁସିରେ ଖାଇଥାନ୍ତି। ଆମେ କୌଣସି ସ୍ଥାନକୁ ଯାତ୍ରା କରିବା ସମୟରେ ମଧ୍ୟ ଗୁପ୍‌ଚୁପ୍ ଖାଇବାକୁ ଇଚ୍ଛା କରୁଥାଉ। କିନ୍ତୁ ରେଳ କିମ୍ବା ବସ୍ ଯାତ୍ରା ସମୟରେ ତାହା ସମ୍ଭବ ହୋଇ ନ ଥାଏ। ହେଲେ ଜଣେ ବ୍ୟକ୍ତି ଲୋକଙ୍କ ଏହି ଇଚ୍ଛା ପୂରଣ କରିବାକୁ ରେଳରେ ତାଙ୍କ ଗୁପ୍‌ଚୁପ୍ ପସରା ଖୋଲିଥିବା ଦେଖିବାକୁ ମିଳିଛି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଥିରେ ଜଣେ ବ୍ୟକ୍ତି ଚଳନ୍ତା ଟ୍ରେନ୍‌ରେ ଗୁପ୍‌ଚୁପ୍ ବିକ୍ରି କରୁଥିବା ନଜରକୁ ଆସିଛି। ତାଙ୍କ ପାଖରେ ମଧ୍ୟ ଲୋକେ ଠୋଲା ଧରି ଗୁପ୍‌ଚୁପ୍ ଖାଇବାକୁ ରହିଛନ୍ତି। ତେବେ ଏହି ଭିଡିଓ କେଉଁଠାର ତାହା ଜଣାପଡ଼ିନାହିଁ। କିନ୍ତୁ ଲୋକେ ଏହାକୁ କୋଲକାତା ନ ହେଲେ ମୁମ୍ବାଇର ବୋଲି କହୁଛନ୍ତି।

# କ୍ରିକେଟରେ ୟୋ ୟୋ ଟେଷ୍ଟ

ଭାରତୀୟ କ୍ରିକେଟ ଦଳରେ ମୁମ୍ବାଇ କ୍ରିକେଟର ସର୍ଫରାଜ ଖାନ୍‌ଙ୍କୁ ସାମିଲ କରା ନ ଯିବାକୁ ନେଇ ତୁମ୍ବିତୋଫାନ ଉଠିଛି। ବିସିସିଆଇ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଉ ନ ଥିବା ବେଳେ ଅନେକ ପୂର୍ବତନ କ୍ରିକେଟର ଏହାକୁ ନେଇ ଭିନ୍ନ ଭିନ୍ନ ମତ ରଖୁଛନ୍ତି। ସର୍ଫରାଜ ୩୭ ପ୍ରଥମ ଶ୍ରେଣୀ ମ୍ୟାଚରେ ୧୩ ଶତକ ଓ ୭୯.୬୫ର ଆଭରେଜ ସହିତ ସେ ୩୫୦୫ ରନ୍ ସ୍କୋର କରିଛନ୍ତି। ବିଗତ ୩ ସିଜନରେ ତାଙ୍କର ଆଭରେଜ ୧୦୦ ଉପରେ ରହିଛି। ତେବେ ସର୍ଫରାଜ ମେଦବହୁଳତା କାରଣରୁ ଦଳରୁ ବାଦ ପଡିଥିବା ନେଇ ମଧ୍ୟ କିଛି ରିପୋର୍ଟ ପ୍ରକାଶ ପାଇଛି। ୟୋ ୟୋ ଟେଷ୍ଟ ପାସ୍ କରିବା ପାଇଁ ବିସିସିଆଇ ପକ୍ଷରୁ ୧୬.୧ର ପାଶ ମାର୍କ ରଖାଯାଇଥିବା ବେଳେ ସର୍ଫରାଜ ଏହି ଟେଷ୍ଟ ପାଶ କରି ନ ଥିବା କୁହାଯାଉଛି। ଏହି ଟେଷ୍ଟରେ ବିରାଟ କୋହଲି ଭାରତୀୟଙ୍କ ମଧ୍ୟରେ ସର୍ବାଧିକ ସ୍କୋର କରିଥିବା ବେଳେ ସୁରେଶ ରାଇନା, ଯୁବରାଜ ସିଂ, ସଞ୍ଜୁ ସାମସନ୍ ଅମ୍ବାତି ରାୟୁଡୁ ଓ ବରୁନ୍ ଚକ୍ରବର୍ତ୍ତୀଙ୍କ ପରି ଖେଳାଳି ଏହି ଟେଷ୍ଟରେ ଫେଲ୍ ହୋଇଛନ୍ତି। ତେବେ ଏହି ଟେଷ୍ଟ କ'ଣ ଅଧିକାଂଶ କ୍ରିକେଟ ଫ୍ୟାନଙ୍କ ପାଇଁ ତାହା ଅଜଣା। ଏହି ଟେଷ୍ଟର ପ୍ରକ୍ରିୟା କ'ଣ ଓ କାହିଁକି ଏହା କରାଯାଏ ତା' ଉପରେ ଏକ ପ୍ରସ୍ତୁତି....



## ୟୋ ୟୋ ଟେଷ୍ଟ କ'ଣ

କ୍ରୀଡାବିତ୍ ମାନଙ୍କ ଫିଟନେସର ସ୍ତର ଜାଣିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଯେଉଁ ପଦ୍ଧତି ଆପଣାଯାଏ ତାକୁ ୟୋ ୟୋ ଟେଷ୍ଟ କୁହାଯାଏ। ଏଥିରେ ଖେଳାଳି ମାନଙ୍କ ଶକ୍ତି ଓ ସାମର୍ଥ୍ୟ (ଷ୍ଟ୍ରେନ୍ଥ ଓ ଷ୍ଟାମିନା) ଜଣା ପଡିଥାଏ। ଏହି ଟେଷ୍ଟକୁ ବିପ୍ ଟେଷ୍ଟ ବୋଲି ମଧ୍ୟ କୁହାଯାଏ। ଆହତ ସମସ୍ୟାରୁ ଫେରୁଥିବା ତଥା ନୂଆ କରି ଦଳରେ ସାମିଲ ହୋଇଥିବା ଖେଳାଳିମାନେ ଫିଟ୍ ଅଛନ୍ତି କି ନାହିଁ ତାହା ଏହି ଟେଷ୍ଟ ମାଧ୍ୟମରେ ନିର୍ଦ୍ଧାରଣ କରାଯାଏ।

## କେମିତି ହୁଏ ଟେଷ୍ଟ

ଏହି ଟେଷ୍ଟରେ ଦୁଇଟି କୋନ୍ ରଖାଯାଏ। କୋନ୍ ଦୁଇଟି ମଧ୍ୟରେ ୨୦ ମିଟରର ଦୂରତା ରହିଥାଏ, ଯାହାକି କ୍ରିକେଟ ପିଚ୍‌ର ଦୂରତା ସହିତ ସମାନ। ବିପ୍ ସାଉଣ୍ଡରେ ଖେଳାଳି ଦୌଡିବା ଆରମ୍ଭ କରିଥାନ୍ତି, ଆଉଥରେ ବିପ୍ ମଧ୍ୟରେ ଖେଳାଳିଙ୍କୁ ପରବର୍ତ୍ତୀ ପାର୍ଶ୍ୱରେ ପହଞ୍ଚିବାକୁ ପଡିଥାଏ। ଗୋଟିଏ ରାଉଣ୍ଡର ଦୌଡକୁ ଏକ ଶଟଲ୍ କୁହାଯାଏ। ଏହି ଭଳି ଭାବରେ ୨୩ଟି ଶଟଲରେ/ରାଉଣ୍ଡରେ ୟୋ ୟୋ ଟେଷ୍ଟ କରାଯାଏ। ପ୍ରତି ଶଟଲ୍ ମଧ୍ୟରେ ୭ ସେକେଣ୍ଡର ରିଭାଇଭାଲ୍ ଟାଇମ୍ ମିଳୁଥିବା ବେଳେ ପୁଣି ଥରେ ଧାଇଁବାକୁ ପଡିଥାଏ। ଧୀରେ ଧୀରେ ଶଟଲ୍ ବଢିବା ସହିତ ସମୟ ମଧ୍ୟ ହ୍ରାସ ପାଇଥାଏ। ଏକାଥରେ ଦୁଇଟି ବିପ୍‌ରେ ବିଫଳ ହେଲେ ଟେଷ୍ଟ ରୋକା ଯାଇଥାଏ। ଏହା ପରେ ସ୍କୋର ଅନୁସାରେ ପାଶ୍ ଓ ଫେଲ୍ ନିର୍ଦ୍ଧାରଣ କରାଯାଏ। ବର୍ତ୍ତମାନ ଭାରତୀୟ ଖେଳାଳିଙ୍କୁ ୟୋ ୟୋ ଟେଷ୍ଟରେ ୧୧୨୦ ମିଟର ଦୌଡିବାକୁ ପଡିଥାଏ।

## ଇତିହାସ

୧୯୯୦ ମସିହାରେ ଡେନମାର୍କର ଫୁଟବଲ ଫିଜିଓ ଡ. ଜେନ୍ସ ବାଙ୍ଗ୍ସବା ପ୍ରଥମେ ଏହି ପ୍ରକ୍ରିୟା ବାହାର କରିଥିଲେ। ଫୁଟବଲରେ ଖେଳାଳିଙ୍କ ଶକ୍ତି, ସାମର୍ଥ୍ୟ ଓ ଫିଟନେସ ସମ୍ପର୍କରେ ସୂଚନା ମିଳୁଥିଲା। ପରବର୍ତ୍ତୀ ସମୟରେ ସମସ୍ତ କ୍ରୀଡ଼ାରେ ଏହାକୁ ବ୍ୟବହାର କରାଗଲା। ୨୦୧୧ରୁ ଏହାକୁ କ୍ରିକେଟରେ ବ୍ୟବହାର କରାଯାଇଥିଲା। ନ୍ୟୁଜିଲାଣ୍ଡ କ୍ରିକେଟ ପ୍ରଥମ ଦେଶ ଭାବରେ ଏହାର ବ୍ୟବହାର କରିଥିଲା। ତେବେ ୨୦୧୭ରେ ବିସିସିଆଇ ପକ୍ଷରୁ ଏହି ଟେଷ୍ଟକୁ ବାଧ୍ୟତାମୂଳକ କରାଗଲା। ଶଙ୍କର ବସୁ ଭାରତୀୟ ଦଳର ଟ୍ରେନର ନିଯୁକ୍ତ ହେବା ପରେ ଶ୍ରୀଲଙ୍କା ସିରିଜ ପୂର୍ବରୁ ଏହି ଫିଟନେସ ଟେଷ୍ଟ ଲାଗୁ କରାଯାଇଥିଲା।

## ମାପଦଣ୍ଡ

ଭାରତୀୟ ଖେଳାଳିଙ୍କ ପାଇଁ ଏହି ଟେଷ୍ଟରେ ପାଶ୍ ମାର୍କ ୧୬.୧ ରହିଥାଏ। ନ୍ୟୁଜିଲାଣ୍ଡରେ ପାଶ୍ ମାର୍କ ୨୦.୧ ରହିଛି। ବିରାଟ କୋହଲି ଭାରତୀୟ କ୍ରିକେଟରଙ୍କ ମଧ୍ୟରେ ୧୯ ପଏଣ୍ଟ ସ୍କୋର କରିଥିବା ବେଳେ ମନୀଷ ପାଣ୍ଡେ ୧୯.୨ ଓ ୧୯ ବର୍ଷରୁ କମ୍ ଦଳର ଖେଳାଳି ମୟଙ୍କ ଡଗର ୧୯.୩ ପଏଣ୍ଟ ସ୍କୋର କରିଥିଲେ।

## ଆବଶ୍ୟକତା

ଅନେକ ପୂର୍ବତନ ଖେଳାଳି କ୍ରିକେଟରେ ୟୋ ୟୋ ଟେଷ୍ଟ ସାମିଲ କରାଯିବାକୁ ନା ପସନ୍ଦ କରିଛନ୍ତି। ଫୁଟବଲ ୯୦ ମିନିଟର ଖେଳ ହୋଇଥିବା ବେଳେ ଏଥିପାଇଁ ଆବଶ୍ୟକ ଶାରୀରିକ ଦକ୍ଷତା ଓ ୬-୭ ଘଣ୍ଟାରେ ଖେଳା ଯାଉଥିବା କ୍ରିକେଟରେ ଆବଶ୍ୟକ ଥିବା ଶାରୀରିକ ଦକ୍ଷତା ଭିନ୍ନ। ଲେଗ୍ ସ୍ଲିପ୍ ଓ ସ୍ଲିପ୍‌ରେ କ୍ଷେତ୍ର ରକ୍ଷଣ ପାଇଁ ଶରୀର ନମନୀୟ ହେବା ଆବଶ୍ୟକ ତେଣୁ କ୍ରିକେଟରେ ଏହାର ଆବଶ୍ୟକତା ନ ଥିବା ଅନେକ କ୍ରିକେଟର କୁହନ୍ତି।

**ପ୍ରସ୍ତୁତି: ସରୋଜ ଜେନା**

# ସେମି ଲାଇନ୍ ଅପ୍ ଚୂଡ଼ାନ୍ତ

**ଟିସିଏମ୍ ଓଡ଼ିଶା କ୍ରିକେଟ ଲିଗ୍**



ଆଶିଷ ପରିଜା



ଜୟନ୍ତ ବେହେରା

**ଭୁବନେଶ୍ୱର, ୨୬।୬**
**(ବିଜୟ ରଣା)**

ଟିସିଏମ୍ ଓଡ଼ିଶା କ୍ରିକେଟ ଲିଗ୍‌ର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ ଓଡ଼ିଶା ଚିତାସ ଓ ଓଡ଼ିଶା ଲାୟନ୍ସ ମଧ୍ୟରେ ଖେଳାଯିବାକୁଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଓଡ଼ିଶା ଜାଗୁଆର୍ସ ଓ ଓଡ଼ିଶା ପାନ୍ଥର୍ସ ମଧ୍ୟରେ ଖେଳାଯିବ। ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଦୁଇଟି ଶେଷ ଲିଗ୍ ମ୍ୟାଚ୍ ସୋମବାର ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିଲା। ମେଘୁଆ ପାଗ ଯୋଗୁ ପ୍ରଥମ ମ୍ୟାଚକୁ ୮ ଓଭର ବିଶିଷ୍ଟ କରାଯାଇଥିଲା। ଏଥିରେ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପାନ୍ଥର୍ସ ୮ ଓଭରରେ ୩ ଉଇକେଟ ବିନିମୟରେ ୫୧ ରନ କରିଥିଲା। ଦଳର ଟପ୍ ସ୍କୋର ଅମିତ ସାହୁ ସର୍ବାଧିକ ୨୯ ବଲ୍‌ରୁ ୪୫ ରନ କରଇଥିଲେ। ପପୁ ରୟ ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଓଡ଼ିଶା ଜାଗୁଆର୍ସ ୭.୨ ଓଭରରେ ୬ ଉଇକେଟ ବିନିମୟରେ ୬୩ ରନ କରି ମ୍ୟାଚ ଜିତିନେଇଥିଲା। ପ୍ଲେୟର ଅଫ୍ ଦି ମ୍ୟାଚ ଆଶିଷ ପରିଜା ୧୧ ବଲ୍‌ରୁ ୨୭ ରନ କରିଥିବା ବେଳେ ଗୋବିନ୍ଦ ପୋଦାର ୧୦ ରନ କରିଥିଲେ। ବିପକ୍ଷ ଦଳର ଅଭିଶେକ ଯାଦବ ୨୨ ରନ ଦେଇ ୩ ଉଇକେଟ ନେଇଥିଲେ। ସୋମବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚଟି ୧୩ ଓଭର ବିଶିଷ୍ଟ କରାଯାଇଥିଲା। ଏଥିରେ ଓଡ଼ିଶା ଟାଇଗର୍ସ ୨ ରନରେ ବିଜୟୀ ହୋଇଥିଲା। ମ୍ୟାଚ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଟାଇଗର୍ସ ନିର୍ଦ୍ଧାରିତ ଓଭରରେ ୩ ଉଇକେଟ ହରାଇ ୧୩୨ ରନ କରିଥିଲା। ଶୁଭମ ଶତ୍ରୁଜିତ୍ ୫୨ ଓ ନରବିଶଙ୍କର ବାରିକ ୫୧ ରନ କରିଥିଲେ। ଓଡ଼ିଶା ପୁମାସ ନିର୍ଦ୍ଧାରିତ ଓଭରରେ ୭ଉଇକେଟ ବିନିମୟରେ ୧୩୦ରନ କରିପାରିଥିଲା। ଦଳ ତରଫରୁ ସ୍ୱସ୍ତିକ ସାମଲ ୫୭ (୩୩) ଓ ପଙ୍କଜ ସେନାପତି ୪୩ (୨୮) ରନ କରଇଥିଲେ। ବିପକ୍ଷ ଦଳର ତଥା ପ୍ଲେୟର ଅଫ୍ ଦି ମ୍ୟାଚ ଜୟନ୍ତ ବେହେରା ୩ ଏବଂ ବି. ଶିବା ୨ ଉଇକେଟ ନେଇଥିଲେ।

# ଏମ୍‌ସିସି ୱାର୍ଲ୍ଡ କ୍ରିକେଟ କମିଟିରେ ଝୁଲଣ



ଝୁଲଣ ଗୋସ୍ୱାମୀ





ହିଥର ନାଇଟ୍





ଇଅନ ମୋର୍ଗାନ

**ଲଣ୍ଡନ, ୨୬।୬ (ପି.ଟି.)**

ଭାରତର କିମ୍ବଦନ୍ତୀ ମହିଳା କ୍ରିକେଟର ଝୁଲଣ ଗୋସ୍ୱାମୀ ଏମ୍‌ସିସି ୱାର୍ଲ୍ଡ କ୍ରିକେଟ (ଡବ୍ଲ୍ୟୁସିସି) କମିଟିରେ ଯୋଗ ଦେଇଛନ୍ତି। ଏଥିରେ ଇଂଲଣ୍ଡ ମହିଳା ଦଳର ଅଧିନାୟିକା ହିଥର ନାଇଟ୍ ଓ ୨୦୧୯ ଦିନିକିଆ ବିଶ୍ୱକପ୍ ବିଜୟୀ ଅଧିନାୟକ ଇଅନ ମୋର୍ଗାନଙ୍କୁ ମଧ୍ୟ ସାମିଲ କରାଯାଇଛି। ଲର୍ଡ୍ସଠାରେ କ୍ଲବର ବୈଠକ ପୂର୍ବରୁ କ୍ଲବ ତରଫରୁ ଏହି ସୂଚନା ଦିଆଯାଇଛି। ଏମ୍‌ସିସି ୱାର୍ଲ୍ଡ କ୍ରିକେଟ କମିଟି ହେଉଛି ଏକ ସ୍ୱାଧୀନ ସଂସ୍ଥା। ଏହା ବିଶ୍ୱର ବର୍ତ୍ତମାନ ଓ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର, ଅମ୍ପାୟର, ଅଫିସିଆଲଙ୍କୁ ନେଇ ଗଠିତ। ଗୋସ୍ୱାମୀ ଏକଦା ମହିଳା କ୍ରିକେଟର ଅନ୍ୟତମ ଦ୍ରୁତତମ ବୋଲର ଥିଲେ। ଗତବର୍ଷ ସେ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ତାଙ୍କ ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଥିଲା। ଏଥିରେ ତାଙ୍କର ବିଦାୟକାଳୀନ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହି ସିମ୍ ବୋଲର ତାଙ୍କ ଦୁଇ ଦଶନ୍ଧି କ୍ୟାରିୟର ମଧ୍ୟରେ ୨୭୨ ହ୍ୱାଇଟ୍ ବଲ କ୍ରିକେଟ ଖେଳି ୩୦୦ରୁ ଊର୍ଦ୍ଧ୍ୱ ଉଇକେଟ ଅକ୍ତିଆର କରିଛନ୍ତି। ୧୨ଟି ଟେଷ୍ଟ ମ୍ୟାଚ ଖେଳି ୪୪ ଉଇକେଟ ମଧ୍ୟ ଅକ୍ତିଆର କରିଛନ୍ତି। ଚଳିତବର୍ଷ ଏପ୍ରିଲରେ ତାଙ୍କୁ ଏମ୍‌ସିସି (ମେରଲିବୋନ କ୍ରିକେଟ କ୍ଲବ)ର ଜଣେ ଆଜୀବନ ଅବୈତନିକ ସଦସ୍ୟ କରାଯାଇଛି। ଏମ୍‌ସିସି ୱାର୍ଲ୍ଡ କ୍ରିକେଟ କମିଟି ମାଇକ୍ ଗ୍ୟାଟିଂ କହିଛନ୍ତି ଆମେ ଖୁସିର ସହ ଝୁଲଣ, ହିଥର ଓ ଇଅନଙ୍କୁ ସ୍ୱାଗତ କରୁଛୁ। ଅନ୍ତର୍ଜାତୀୟ କ୍ରିକେଟରେ ଏହି ୩ଜଣ ଖେଳାଳି ଶୀର୍ଷକୁ ଉଠି ପାରିଛନ୍ତି। ସେମାନଙ୍କ ନିଟକରେ ରହିଥିବା ପ୍ରଚୁର ଅଭିଜ୍ଞତା ଓ ଜ୍ଞାନ କମିଟି ପାଇଁ ଫାଇଦା ସାବ୍ୟସ୍ତ ହେବ।

# ମହିଳା ବକ୍ସିଂ କୋଚ୍‌ରୁ ଓହରିଲେ ଭାସ୍କର

**ନୂଆଦିଲ୍ଲୀ, ୨୬।୬ (ପି.ଟି.)**

ଏସିଆନ ଗେମ୍ସ ଆଉ କିଛି ଦିନ ବାକି ରହିଥିବା ବେଳେ ଭାସ୍କର ଭଟ୍ଟ ମହିଳା ବକ୍ସିଂ ମୁଖ୍ୟ କୋଚ୍ ପଦବୀରୁ ଓହରିଯାଇଛନ୍ତି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ରେ ତାଙ୍କୁ ହାଇ ପରଫର୍ମାନ୍ସ ଡାଇରେକ୍ଟର ଭାବେ ନୂଆ ଦାୟିତ୍ୱ ମିଳିଛି। ସେଥିରେ ସେ ମନୋନିବେଶ କରିବେ। ସେପ୍ଟେମ୍ବରରେ ଏସିଆନ ଗେମ୍ସ ହେବ। ମହାଦେଶର ବକ୍ସରମାନଙ୍କ ଲାଗି ଏହା ପ୍ରଥମ ଅଲିମ୍ପିକ କ୍ୱାଲିଫାୟର୍ସ। ଚଳିତ ମାସ ପ୍ରାରମ୍ଭରେ ଭଟ୍ଟଙ୍କୁ ସାଇର ହାଇ ପରଫର୍ମାନ୍ସ ଡାଇରେକ୍ଟର (ଏଚ୍‌ପିଡି) ଭାବେ ନିଯୁକ୍ତି ମିଳିଥିଲା। ନୂଆ ଭୂମିକାରେ ବର୍ତ୍ତମାନ ସେ ସମସ୍ତ ସାଇ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ଉଭୟ ପୁରୁଷ ମହିଳା ବକ୍ସିଂର ଦେଖା ଚାହାଁ କରିବେ। ଭାସ୍କର ବର୍ତ୍ତମାନ ଏଲୋର୍ଡା କପ୍ ପାଇଁ ଭାରତର ଦ୍ୱିତୀୟ ପାହ୍ୟା ଦଳ ସହ କାଜାଖସ୍ତାନରେ ଅଛନ୍ତି। ନୂଆ ଦାୟିତ୍ୱକୁ ସେ ଭଲରୂପେ ନିର୍ବାହ କରିବାକୁ ଚାହୁଁଛନ୍ତି। ଏନ୍‌ଆଇଏସ୍ ପଟିଆଲାଠାରେ ଚାଲିଥିବା ଜାତୀୟ କ୍ୟାମ୍ପରେ ବାଳିକାମାନଙ୍କୁ ଗାଇଡ୍ କରିବା ଲାଗି ଏଚ୍‌ପିଡି ବର୍ନାଡ ଡ୍ୟୁନ୍ ଏବଂ ବିଦେଶୀ



ଭାସ୍କର ଭଟ୍ଟ

କୋଚ୍ ଡିମିତ୍ରି ଡିମିତ୍ରୁକ୍ ମଧ୍ୟ ଅଛନ୍ତି। ନୂଆ ଦାୟିତ୍ୱ ତୁଲାଇବା ଲାଗି ମୋତେ ପୂରା ସମୟ ଦିଆଯାଉ ବୋଲି ମୁଁ ଅନୁରୋଧ କରିଥିଲି ବୋଲି ଭାସ୍କର କହିଛନ୍ତି।

# ମହିଳା ଆଶେସ ଜିତିଲା ଅଷ୍ଟ୍ରେଲିଆ



ମହିଳା ଆଶେସ ବିଜୟୀ ଅଷ୍ଟ୍ରେଲିଆ ଦଳ।

**ନଟିଂହାମ୍, ୨୬।୬**

ଟେଣ୍ଟବ୍ରିଜରେ ଖେଳା ଯାଇଥିବା ଏକମାତ୍ର ଟେଷ୍ଟକୁ ୮୯ ରନରେ ଜିତିବା ସହ ମହିଳା ଆଶେଷ ଟେଷ୍ଟ ସିରିଜ୍ କବଜା କରିଛି ଅଷ୍ଟ୍ରେଲିଆ। ସ୍ପିନର ଆସ୍‌ଲେ ଗାର୍ଡନର ଦ୍ୱିତୀୟ ଇନିଂସରେ ୮ ଉଇକେଟ ନେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଚତୁର୍ଥ ଦିନର ଅସମାପ୍ତ ସ୍କୋର ୧୧୬/୫ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ୧୭୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଚତୁର୍ଥ ଦିନରେ ୩ ଉଇକେଟ ନେଇଥିବା ଗାର୍ଡନର ଅନ୍ତିମ ଦିନର ସମସ୍ତ ୫ ଉଇକେଟ ପୋଛି ନେଇଥିଲେ। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୭୩ ରନ୍ କରିଥିବା ବେଳେ ଇଂଲଣ୍ଡ ୪୬୩ ରନ୍ କରିଥିଲା।

### ଗାର୍ଡନରଙ୍କୁ ୮ ଉଇକେଟ

ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ୨୫୭ ରନ୍‌ରେ ଅଲଆଉଟ୍ ହେବା ସହିତ ଇଂଲଣ୍ଡ ଆଗରେ ୨୬୮ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା।

୧୧୬ ରନ୍‌ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ଦଳୀୟ ସ୍କୋର ୧୪୧ରେ କେଟ୍ କ୍ରସ୍(୧୩)ଙ୍କ ଉଇକେଟ ହରାଇଥିଲା। ୩୬ ରନ୍‌ରେ ଅନ୍ତିମ ୪ ଉଇକେଟ ହରାଇବା ସହିତ ଇଂଲଣ୍ଡ ୧୭୮ ରନ୍‌ରେ ଅଲଆଉଟ ହୋଇଥିଲା। ଇଂଲଣ୍ଡ ପକ୍ଷରୁ ଡାନିଏଲ ୱ୍ୟାଟ ସର୍ବାଧିକ ୫୪ ରନ୍ ସଂଗ୍ରହ କରିଥିଲେ। ଗାର୍ଡନର ୬୬ ରନ୍ ଦେଇ ୮ ଉଇକେଟ ନେଇଥିଲେ। କିମ ଗାର୍ଥ ଓ ଟାଲିଆ ମ୍ୟାକଗ୍ରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ୪ ଉଇକେଟ ନେଇଥିବା ଗାର୍ଡନର ଉଭୟ ଇନିଂସରେ ୧୨ ଉଇକେଟ ନେଇଛନ୍ତି। ମହିଳା ଟେଷ୍ଟରେ ଶ୍ରେଷ୍ଠ ବୋଲିଂ ଫିଗର ଓ ଗୋଟିଏ ଟେଷ୍ଟରେ ସର୍ବାଧିକ ଉଇକେଟ ତାଲିକାରେ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ-୪୭୩
ଇଂଲଣ୍ଡ ପ୍ରଥମ ଇନିଂସ-୪୬୩
ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ-୨୫୭
ଇଂଲଣ୍ଡ ଦ୍ୱିତୀୟ ଇନିଂସ ୪୯ ଓଭରରେ ୧୭୮/୧୦(ଡାନିଏଲ ୱ୍ୟାଟ-୫୪, ଏମ୍ମା ଲାମ୍ବ-୨୮, ଟ୍ୟାମି ବିମଣ୍ଟ-୨୨, ଆସଲେ ଗାର୍ଡନର-୮/୬୬, ଟାଲିଆ ମ୍ୟାକଗ୍ରା-୧/୨୮, କିମ ଗାର୍ଥ-୧/୩୨)।

**ଆମ୍ବେଡକର ମେମୋରିଆଲ୍ ସିକ୍ସ ଏ ସାଇଡ୍ ଫୁଟବଲ୍**

# ନଟ୍ ୟେଟ୍ ଚାମ୍ପିୟନ୍

**ଭୁବନେଶ୍ୱର, ୨୬।୬**
**(ସରୋଜ ଜେନା)**

ଓସ୍କାର ସ୍ପୋର୍ଟିଂ ଆନୁକୂଲ୍ୟରେ ଅନୁଷ୍ଠିତ ୩ ଦିନିଆ ଆମ୍ବେଡକର ମେମୋରିଆଲ୍ ସିକ୍ସ ଏ ସାଇଡ୍ ଫୁଟବଲ ଟୁର୍ନାମେଣ୍ଟରେ ନଟ୍ ୟେଟ୍ ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ୨୩ରୁ ୨୫ ଜୁନ୍ ଯାଏ ୟୁନିଟ୍-୮ସ୍ଥିତ ରାଜଭବନ ଫୁଟବଲ ଗ୍ରାଉଣ୍ଡରେ ଏହି ମ୍ୟାଚ ଖେଳାଯାଇଥିଲା। ରବିବାର ଅନୁଷ୍ଠିତ ଫାଇନାଲରେ ଏସ୍‌ଜିଓ ଟିମ୍‌କୁ ପରାସ୍ତ କରି ନଟ୍ ୟେଟ୍ କ୍ଲବ୍ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବରେ କର୍ପୋରେଟର ସମିତା ମହାନ୍ତି ଯୋଗ ଦେଇଥିଲେ।





ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

# ଶେଷ ଲିଗ୍ ମ୍ୟାଚ୍‌ରେ କୁଏଟ୍ ଚ୍ୟାଲେଞ୍ଜ

**ବେଙ୍ଗାଲୁରୁ, ୨୬।୬(ପି.ଟି.)**

ବେଙ୍ଗାଲୁରୁର କାନ୍ତିରାବା ଷ୍ଟାଡିୟମରେ ଅନୁଷ୍ଠିତ ସାଫ୍ ଚାମ୍ପିୟନଶିପ୍ ୨୦୨୩ରେ ଗ୍ରୁପ୍ ଏ'ରେ ଭାରତ ନିଜର ଅନ୍ତିମ ମ୍ୟାଚ୍ ଖେଳିବ। ମଙ୍ଗଳବାର କୁଏଟ୍ ବିପକ୍ଷରେ ଦଳ ଏହାର ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ। ଉଭୟ ଦଳ ସେମି ଫାଇନାଲରେ ପ୍ରବେଶ କରି ସାରିଥିବା ବେଳେ ବିଜୟୀ ହୋଇ ମନସ୍ତାତ୍ତ୍ୱିକ ଫାଇଦା ହାସଲ ପାଇଁ ଭାରତ ପ୍ରୟାସ କରିବ। ଦୁଇଟି ଲେଖାଏ ମ୍ୟାଚ୍ ଖେଳି ଉଭୟ ଦଳ ୬ ପଏଣ୍ଟ ଲେଖାଏ ଅର୍ଜନ କରିଥିବା ବେଳେ ଗୋଲ ବ୍ୟବଧାନ ଆଧାରରେ କୁଏଟ୍ ପ୍ରଥମ ସ୍ଥାନରେ ରହିଛି। ପାକିସ୍ତାନକୁ ୪-୦ ଓ ନେପାଳକୁ ୨-୦ରେ ପରାସ୍ତ କରିଥିଲା ଭାରତ। ଉଭୟ ମ୍ୟାଚ୍‌ରେ ଭାରତ ସହଜ ବିଜୟ ହାସଲ କରିଥିବା ବେଳେ କୁଏଟ୍ ବିପକ୍ଷ ମ୍ୟାଚରେ ଭାରତକୁ କଡା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିବ। ଦଳ ଅଦ୍ୟାବଧି ଗୋଟିଏ ବି ଗୋଲ ବରଣ କରି ନ ଥିବା ବେଳେ ଡିଫେନ୍ସରେ ଚମତ୍କାର ପ୍ରଦର୍ଶନ ଦେଖିବାକୁ ମିଳିଛି। ଭାରତୀୟ ଦଳ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଏହାର ମିଡଫିଲ୍ଡର ଓ ଫରୱାର୍ଡ ଲାଇନରେ ଖେଳାଳିଙ୍କୁ ନିଜ ପ୍ରଦର୍ଶନରେ ସୁଧାର ଆଣିବାକୁ ପଡିବ।

ନେପାଳ ଭଳି ଦୁର୍ବଳ ଦଳ ବିପକ୍ଷରେ ଭାରତ ମ୍ୟାଚ୍‌ର ୬୦ ମିନିଟ ଗୋଲ ଶୂନ୍ୟ ରହିଥିଲା। ଏପରି ସ୍ଥଳେ କୁଏଟ୍‌ର ରକ୍ଷଣଭାଗ ଅଧିକ ଦୃଢ ମନେ ହୁଏ। ଏହା ଭାରତୀୟ ଦଳ ପାଇଁ ବିପଦ ସୃଷ୍ଟି କରିପାରେ। ଭାରତୀୟ ଫରୱାର୍ଡ ଲାଇନରେ ଅଧିନାୟକ ସୁନୀଲ ଛେତ୍ରୀ ଚମତ୍କାର ଫର୍ମରେ ରହିଛନ୍ତି। ପାକିସ୍ତାନ ବିପକ୍ଷରେ ହ୍ୟାଟ୍ରିକ ସହିତ ନେପାଳ ବିପକ୍ଷରେ ସେ ପ୍ରଥମେ ସ୍କୋର କରିଥିଲେ। ତେବେ ଛେତ୍ରୀଙ୍କ ଉପରୁ ଚାପ ହ୍ରାସ କରିବା ପାଇଁ ଅନ୍ୟ ଭାରତୀୟ ଖେଳାଳିଙ୍କୁ ସ୍କୋର କରିବାକୁ ହେବ ବୋଲି କହିଛନ୍ତି ଫରୱାର୍ଡ ଖେଳାଳି ସହଲ ଅବଦୁଲ ସମଦ। ଅନ୍ୟପକ୍ଷରେ କୁଏଟ୍ ଓ ଭାରତ ୩ଥର ମୁହାଁମୁହିଁ ହୋଇଥିବା ବେଳେ ଭାରତ ୧-୨ରେ ପଛୁଆ ରହିଛି। ବେଙ୍ଗାଲୁରୁକୁ ଆସିବା ପୂର୍ବରୁ କୁଏଟ୍ ଦଳ ଆଫ୍ରିକୀୟ ଦଳଙ୍କ ସହିତ ଅଭ୍ୟାସ ମ୍ୟାଚ୍ ଖେଳିଥିଲା ; ଯାହା ବେଶ୍ ସହାୟକ ହୋଇଛି ବୋଲି କହିଛନ୍ତି କୋଚ୍ ରୁଇ ବେଣ୍ଟୋ। ପାକିସ୍ତାନକୁ ଆମେ ୪-୦ରେ ହରାଇଥିବା ବେଳେ ନେପାଳକୁ ଦଳ ୩-୧ରେ ପରାସ୍ତ କରିଥିଲା। ତେବେ ଭାରତୀୟ ଆର୍ଦ୍ର ପରିବେଶ ବେଶ୍ ଚ୍ୟାଲେଞ୍ଜିଂ ରହିଥିବା ପ୍ରକାଶ କରିଛନ୍ତି କୁଏଟ୍ କୋଚ୍।



ଭାରତୀୟ ଫୁଟବଲ ଦଳର ଅଭ୍ୟାସ ସେସନ।

**ସାଫ୍ ଚାମ୍ପିୟନଶିପ୍ ୨୦୨୩**

**ମ୍ୟାଚ୍ ସମୟ**
ନେପାଳ ବନାମ ପାକିସ୍ତାନ
ଅପରାହ୍ନ ୩.୩୦
ଭାରତ ବନାମ କୁଏଟ୍
ରାତି ୭.୩୦
ସ୍ଥାନ: କାନ୍ତିରାବା ଷ୍ଟାଡିୟମ, ବେଙ୍ଗାଲୁରୁ

ଫ୍ୟାଶନ

# ଇୟରିଂ ଫ୍ୟାଶନ



ଏବେ କୌଣସି ପାର୍ଟି ହେଉ କି ଫଙ୍କସନ୍, ସବୁଥିରେ ମହିଳାମାନେ ବିଭିନ୍ନ ପ୍ରକାର ଆସେସରିଜ୍ ପିନ୍ଧିବାକୁ ପସନ୍ଦ କରନ୍ତି। ଏହି ଆସେସରିଜ୍‌ରେ ଇୟର ରିଂକୁ ନିଆଯାଇପାରେ। ନିଜ ଡ୍ରେସ କିମ୍ବା ଶାଢ଼ି ସହିତ ମ୍ୟାଚ୍ କଲାଭଳି ଇୟର ରିଂ ପିନ୍ଧନ୍ତୁ, ଯାହା ଆପଣଙ୍କୁ ବେଶ୍ ମାନିବା ସହ ଆପଣ ଅନ୍ୟମାନଙ୍କ ସାମ୍ନାରେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବେ। ଏଠାରେ କେତୋଟି ଟିପ୍ସ ଦିଆଯାଉଛି, ଯାହା ଆପଣଙ୍କ ଲୁକ୍‌କୁ ବିଲ୍‌କୁଲ ବଦଳାଇ ଦେବ। ଆଉଟ୍‌ଫିଟ୍ ୱେଷ୍ଟର୍ନ ହେଉକି ଇଣ୍ଡିଆନ୍ ଇୟରରିଂଗସ ସବୁଠାରୁ ଭଲ ଅପସନ୍ ହୋଇଥାଏ। ଆସନ୍ତୁ ଜାଣିବା ଏମିତି କେତୋଟି ଇୟରିଂ ପ୍ୟାଟର୍ନ......

**ଡ୍ରପ୍ ଇୟରିଂ**

ଡ୍ରପ୍ ଇୟରିଂ ସବୁଠାରୁ ଏଲିଗାଣ୍ଟ ଲୁକ୍ ଦେଇଥାଏ। ଏହା ଭାରତୀୟ ପରିଧାନ ସହିତ ୱେଷ୍ଟର୍ନ ଡ୍ରେସରେ ମଧ୍ୟ ଭଲ ମାନିଥାଏ। ଏପରି ଇୟର ରିଂରେ ଏକ ଲମ୍ବା ଭାଗ ତଳକୁ ଓହଳିବା ସହିତ ଏକ ଛୋଟମାଳି ଲଟକି ରହିଥାଏ। ଏହି ଏଲିମେଣ୍ଟ ପର୍ଲ, କୌଣସି ଷ୍ଟୋନ କିମ୍ବା କୌଣସି ମାଳି ଆକାରର ହୋଇଥାଏ।

**ଚାନ୍ଦବାଲି**

ଚାନ୍ଦବାଲି ନାମରୁ ଜଣାପଡୁଛି ଏହି ଇୟର ରିଂଟିର ଆକାର ଚାନ୍ଦ ଭଳି ହୋଇଥିବ। ଏକଷ୍ଟଡ୍ ଉପରେ ବଡ଼ ଭାଗ ଝୁଲିକି ରହିଥାଏ। ଯାହା ସାଧାରଣତଃ ଚାନ୍ଦପରି ଦେଖାଯାଇଥାଏ। ଝୁମ୍‌କା ଡିଜାଇନ୍‌ର କେତେକ ଭେରାଇଟି ଆପଣଙ୍କୁ ମିଳିଯିବ।

**ଇୟରଚେନ୍ ଇୟର ରିଂ**

ଏହିଭଳି ଇୟର ରିଂ ଆପଣ ନିଜ ଜେଜେମା', ଆଈ ପ୍ରମୁଖ ପିନ୍ଧିଥିବାର ଦେଖିଥିବେ। ଏଭଳି ଇୟର ରିଂରେ ଏକ ଚେନ୍ ଲାଗିଥାଏ, ଯାହାକୁ ସେମାନେ କାନ ପଛରେ କିମ୍ବା କେଶରେ ଲଗାଇଥାନ୍ତି। ଓଜନଥିବା ଇୟର ରିଂକୁ ସପୋର୍ଟ ଦେବାକୁ ଏହି ଚେନ ଝିଙ୍କା ପରି କାମ କରିଥାଏ। କିନ୍ତୁ ଏହା ସମୟ ସହିତ ଏକ ଟ୍ରେଣ୍ଡରେ ପରିଣତ ହୋଇଗଲାଣି।

**ଶ୍ୟାଣ୍ଡଲିୟର**

ଶ୍ୟାଣ୍ଡଲିୟର ଅର୍ଥ ଝୁମର। ଏହି ଇୟର ରିଂ ପ୍ୟାଟର୍ନ ଝୁମର ଡିଜାଇନ୍‌ର



ହୋଇଥାଏ। ଏହା ଉପରିଭାଗରୁ ଏକ ଷ୍ଟଡ୍‌ରୁ ଆରମ୍ଭ ହୋଇ ତଳ ଆଡ଼କୁ ଚଉଡ଼ା ହୋଇଥାଏ। ଏହାକୁ ଆପଣ ୱେଷ୍ଟର୍ନ ଏବଂ ଇଣ୍ଡିଆନ୍ ଡ୍ରେସ ସହିତ ପିନ୍ଧିପାରିବେ।

# ଘର ସଜାଉଥିଲେ...

**ଆପଣ ନିଜ ଘରର ମେକ୍‌ଓଭର କରିବାକୁ ଚାହୁଁଥିଲେ ୱାଲ୍‌ପେପର ଭଲ ଅପ୍‌ସନ ହୋଇଥାଏ। ଏହା ୱାଲ୍‌ର କଲର ବଦଳାଇବା ସହ ଘରର ଲୁକ୍‌କୁ ଡିଫରେଣ୍ଟ କରିଥାଏ। ୱାଲ୍ ଡେକର ଦେବାକୁ ଚାହୁଁଥିଲେ ୱାଲ୍‌ପେପର ବ୍ୟବହାର କରିପାରିବେ। ଏହାଦ୍ୱାରା ଆପଣ ନିଜ ଘରକୁ ୟୁନିକ୍ ଲୁକ୍ ଦେଇ ସୁନ୍ଦର କରିପାରିବେ। ଆସନ୍ତୁ, ଜାଣିବା କିପରି....**



■ ଏମିତିରେ ଦେଖିବାକୁ ଗଲେ ବଜାରରେ ବିଭିନ୍ନ ପ୍ରକାର ୱାଲ୍‌ପେପର ଉପଲବ୍ଧ। କିନ୍ତୁ ରୁମ୍‌ର ଆକର ଏବଂ ନିଜ ପସନ୍ଦକୁ ନଜରରେ ରଖି ୱାଲ୍‌ପେପର ଚୟନ କରନ୍ତୁ। ଏପରି କରିବା ଦ୍ୱାରା ଆପଣ ଘରକୁ କଷ୍ଟୋମରାଇ ଡିଜାଇନର ଲୁକ୍ ଦେବା ସହିତ ଟଙ୍କା ମଧ୍ୟ ବଞ୍ଚାଇପାରିବେ।

■ ଆଜିକାଲିର ଜେନେରେଶନ ଧ୍ୟାନରେ ରଖି ଏପରି ୱାଲ୍‌ପେପର ଲଞ୍ଚ କରାଯାଇଛି। ଏହାର ମେଟାଲିକ୍ କଲର ଇଫେକ୍ଟ ସମସ୍ତଙ୍କୁ ବହୁତ ପସନ୍ଦ ଆସିଥାଏ। ଆପଣ ଯେଉଁ ୱାଲ୍‌ପେପର ବ୍ୟବହାର କରୁଛନ୍ତି ତାହା ଯେମିତି ୱାସେବଲ ହେବା ଆବଶ୍ୟକ। ୱାସେବଲ ୱାଲ୍‌ପେପର ଅଧିକ ଦିନ ପର୍ଯ୍ୟନ୍ତ ସୁନ୍ଦର ଦେଖାଯାଇଥାଏ। କୌଣସି ଶାମ୍ପୋ ପାଣି ଏବଂ କପଡ଼ା ସାହାଯ୍ୟରେ ଏହାକୁ ସଫା କରାଯାଇଥାଏ। କିଚେନ୍, ବାଥରୁମ୍ ଭଳି ସ୍ଥାନ ଓଦାଳିଆ ରହିଥାଏ। ଏହା ସହ କାନ୍ଥରେ ପାଣି, ବାମ୍ପ, ଅନ୍ୟ ତେଲ ଲାଗିବା ଦ୍ୱାରା ଏହା ତେଲିଆ ହେବା ଆଶଙ୍କା ଥାଏ। ଏଥିପାଇଁ ଏଠାରେ ୱାସେବଲ ୱାଲ୍‌ପେପରର ବ୍ୟବହାର କରିବା ଦ୍ୱାରା ଏହାକୁ ସହଜରେ ଧୁଆଯାଇପାରିବ।

# ଆତ୍ମନିର୍ଭରଶୀଳ



**ସାଧାରଣତଃ ଗୃହିଣୀ ଘର କାମରେ ବ୍ୟସ୍ତ ଥାଆନ୍ତି। ଯଦି ସେମାନେ ଅବସର ସମୟକୁ ଠିକ୍ ଭାବେ ସଦୁପଯୋଗ କରି ନିଜର ଦକ୍ଷତା ମୁତାବକ କିଛି କାମ କରିପାରିଲେ, ତେବେ ନିଜେ ରୋଜଗାର କ୍ଷମ ହେବା ସହ ପରିବାରର ଆର୍ଥିକ ବୋଝକୁ କିଛି ପରିମାଣରେ ହାଲୁକା କରିବାରେ ସହାୟକ ହୋଇପାରିବେ ...**

**ଅବସର ସମୟର ସଦୁପଯୋଗ:** ଦିନ ଥିଲା ଗୃହିଣୀମାନଙ୍କ ପାଇଁ ଶିକ୍ଷା ସତସପନ ଥିଲା। କିନ୍ତୁ ଏବେ ସମୟ ବଦଳିଯାଇଛି। ପାଠ ପଢ଼ି ସେମାନେ ବିଭିନ୍ନ କ୍ଷେତ୍ରରେ ଚାକିରି କରିବା ସହ କେତେକ ସର୍ବୋଚ୍ଚ ସ୍ଥାନ ଅଧିକାର କରିପାରୁଛନ୍ତି। ବର୍ତ୍ତମାନ ସେମାନେ କେବଳ ପାଠ ପଢ଼ି ଶିକ୍ଷିତା ନୁହନ୍ତି, କେତେକ ଅତିରିକ୍ତ କୋର୍ସରେ ଡିଗ୍ରୀ ହାସଲକରି ନିଜକୁ ଆତ୍ମନିର୍ଭରଶୀଳ କରାଇପାରିଛନ୍ତି। ଯଦି ଜଣେ ଗୃହିଣୀ ଶିକ୍ଷା ଶେଷ ହେବା ପରେ ଘରସଂସାର କରିଛନ୍ତି ତେବେ ପରବର୍ତ୍ତୀ ସମୟରେ ନିଜର ପାଠ ପଢ଼ାକୁ ଆଗେଇ ନେଇପାରିବେ। ଅବଶ୍ୟ ଏଥିପାଇଁ ଘର କାମ କରିବା ନିମନ୍ତେ ସେମାନଙ୍କୁ ସମୟ ଦେବାକୁ ପଡ଼ିବ। ଯଦି କୌଣସି ଗୃହିଣୀ ଅଧିକ ପାଠ ପଢ଼ିବାକୁ ଚାହୁଁଛନ୍ତି କିମ୍ବା କୌଣସି ଧନ୍ଦାମୂଳକ ଶିକ୍ଷା ନେବାକୁ ଆଗ୍ରହ ରଖିଛନ୍ତି ତେବେ ସେ ନେଇ ସ୍ୱାମୀ ଏବଂ ପରିବାର ସଦସ୍ୟଙ୍କ ସହ ଆଲୋଚନା କରନ୍ତୁ। ଭବିଷ୍ୟତରେ ଏଭଳି ଶିକ୍ଷା ବଳରେ ସେମାନେ କିଛି ରୋଜଗାର କରିପାରିବେ। ଗାର୍ଡେନିଂ, ପାର୍ଲର କୋର୍ସ, କଣ୍ଟେଣ୍ଟ ରାଇଟିଂ, ଇଣ୍ଟେରିୟର ଡିଜାଇନ ଆଦି କାମକୁ ଚୟନ କରିପାରନ୍ତି। ଏଭଳି କାମ ଆରମ୍ଭ କଲେ ଆପଣ କିଛି ଟଙ୍କା ରୋଜଗାର କରିପାରିବେ ଏବଂ ଆପଣ ନିଜେ ଆତ୍ମନିର୍ଭରୀଳ ହୋଇପାରିବେ।

**ଏପରି କରନ୍ତୁ କ୍ୟାରିୟର ଆରମ୍ଭ :** ଅଧିକାଂଶ ମହିଳା ଅଛନ୍ତି ଯିଏକି ବିବାହ ପୂର୍ବରୁ ନିଜ କ୍ୟାରିୟର ବିଷୟରେ ଭାବିଥାନ୍ତି। ହେଲେ ବିବାହ ପରେ ଏହି ସ୍ୱପ୍ନ ଯେପରି ପାଣିଫୋଟକା ପରି କୁଆଡ଼େ ମିଳାଇଯାଏ ତାହା ଜଣାପଡ଼େନି। ସ୍ୱାମୀ ଅଫିସ୍‌ରେ ବ୍ୟସ୍ତ ରହୁଥିବା ବେଳେ ପିଲାମାନେ ବଡ଼ ହୋଇ ନିଜ ନିଜ କାମରେ ବ୍ୟସ୍ତ ରହୁଥିଲେ ସୁଦ୍ଧା ସ୍ତ୍ରୀ ଘରେ ଟିଭିରେ ସିରିଏଲ୍ ଦେଖିବା ,କିଟି ପାର୍ଟି, ସିନେମା ଦେଖିବା ଏବଂ ଅଯଥା ଆଲୋଚନାରେ ସମୟ ନଷ୍ଟ କରିବାରେ ବ୍ୟସ୍ତ ରୁହନ୍ତି । କେତେଜଣ ମହିଳା ଭାବିଥାନ୍ତି ଯେ, ବିବାହ ପରେ ତାଙ୍କ କ୍ୟାରିୟରରେ ବ୍ରେକ୍ ଲାଗିଗଲା । ତାଙ୍କର ଏହି ଚିନ୍ତାଧାରା ବଦଳାଇବା ଆବଶ୍ୟକ। ସତରେ କ'ଣ ବିବାହ ପରେ କ୍ୟାରିୟରରେ ଫୁଲ୍‌ଷ୍ଟପ୍ ଲାଗିଗଲା ? ସେମାନଙ୍କ ସାମ୍ନାରେ କ୍ୟାରିୟର ଚୟନ କରିବା ଲାଗି ଅନେକ ବାଟ ଖୋଲା ଅଛି। ଫଳରେ ନିଜେ ଘରେ ବସି କିଛି ଟଙ୍କା ରୋଜଗାର କରିବାର କ୍ଷମତା ମଧ୍ୟ ତାଙ୍କ ପାଖରେ ରହିଛି। ଏଥିପାଇଁ ନିଜର ବୁଦ୍ଧି ଓ ଜ୍ଞାନ କୌଶଳକୁ ଉପଯୋଗ କରିବା ଆବଶ୍ୟକ। ଯଦି ଆପଣଙ୍କ ନିକଟରେ ସମୟ ଅଛି ଏହାର ସଦୁପଯୋଗ କରିବାକୁ ଚାହୁଁଛନ୍ତି ତେବେ ଆପଣଙ୍କୁ ଏମିତି କିଛି କୋର୍ସ କରିବାର ଅଛି ଯେଉଁଥିରେ ୬ ମାସ,୧ବର୍ଷ ପର୍ଯ୍ୟନ୍ତ ଟ୍ରେନିଂ ନେବାକୁ ପଡ଼ିପାରେ। ଏହି କୋର୍ସ କରି ସାର୍ଟିଫିକେଟ୍ ମଧ୍ୟ ପାଇପାରିବେ। ଏହି ସାର୍ଟିଫିକେଟ୍ ଆପଣଙ୍କ କାମକୁ ବଢ଼ାଇବାରେ ସହାୟକ ହେବ। ଜଣେ ମହିଳାଙ୍କ ପାଇଁ ଆତ୍ମନିର୍ଭରଶୀଳ ହୋଇ ନିଜ ଟଙ୍କାରେ ଯେଉଁ ଆତ୍ମସନ୍ତୁଷ୍ଟି ଥାଏ ତାହା ଅନ୍ୟ କାହା ଟଙ୍କାରେ ନୁହେଁ।

**ଇଣ୍ଟେରିୟର ଡିଜାଇନିଂ:** ଜଣେ ଗୃହିଣୀଙ୍କ ନିକଟରେ ଘର ସଜାଇବାର କଳା ରହିଥାଏ। ଇଣ୍ଟେରିୟର ଡିଜାଇନିଂ କୋର୍ସ ମହିଳାଙ୍କ କ୍ରିଏଟିଭିଟି କଳାକୁ ଆହୁରି ବଢ଼ାଇଥାଏ। ଆପଣ ଚାହିଁଲେ ଅନ୍‌ଲାଇନ୍ ଇଣ୍ଟେରିୟର ଡିଜାଇନିଂ କୋର୍ସରୁ ସବୁ ବିଷୟରେ ତଥ୍ୟ ପାଇପାରିବେ। ଏହାପରେ କୌଣସି ପ୍ରାଇଭେଟ କିମ୍ବା ସରକାରୀ ଅନୁଷ୍ଠାନରୁ ଏହି ଶିକ୍ଷା ଗ୍ରହଣ କରିପାରିବେ । ଏହି କୋର୍ସ ଲାଗି ବେଶି ଟଙ୍କା ଲାଗି ନ ଥାଏ। ମାତ୍ର ଉକ୍ତ କୋର୍ସରେ ଯଦି ଆପଣ ସାର୍ଟିଫିକେଟ୍ ପାଇଗଲେ ତାହାର ଅନେକ ଫାଇଦା ଆପଣଙ୍କୁ ମିଳିଥାଏ।

**ଅନ୍‌ଲାଇନ ଟିଚିଂ କୋର୍ସ:** ଯଦି ଆପଣ ପିଲାଙ୍କୁ ପଢ଼ାଇବା ପସନ୍ଦ କରୁଥାନ୍ତି, ତେବେ ଏଥିପାଇଁ ଆପଣଙ୍କୁ ଟିଚିଂ ଟ୍ରେନିଂ ନେବାକୁ ପଡ଼ିବ। ଯଦି ଆପଣ ବିଏଡ୍ କୋର୍ସ କରିନାହାନ୍ତି ତେବେ ପାଠ ପଢ଼ି ତାହାର ସାର୍ଟିଫିକେଟ ମଧ୍ୟ ହାସଲ କରିପାରିବେ। ବାହାରେ ଚାକିରି ନ କରି ଆପଣ ଘରେ ଟ୍ୟୁଶନ କରି କିମ୍ବା କୋଚିଂ ସେଣ୍ଟରଟିଏ ଖୋଲିପାରିବେ। ଏପରି ଯଦି ଆପଣଙ୍କର ଆର୍ଥିକ ସ୍ୱଚ୍ଛଳତା ଅଛି ତେବେ ସରକାରଙ୍କ ନିୟମ ଅନୁସାରେ ସ୍କୁଲଟିଏ ଖୋଲିପାରିବେ। ହେଲେ ଏ ନେଇ ଯୋଜନାବଦ୍ଧ ଭାବରେ ଆଗେଇବା ନିହାତି ଦରକାର।

**ମେକ୍‌ଅପ୍ ଓ ହେୟାରଷ୍ଟାଇଲିଂ କୋର୍ସ:** ଆପଣଙ୍କର ମେକ୍‌ଅପ୍ ଏବଂ ହେୟାରଷ୍ଟାଇଲିଂ ଉପରେ ଯଦି ଭଲ ଜ୍ଞାନ ଅଛି ତେବେ ଏ ସମ୍ବନ୍ଧରେ ଏକ କୋର୍ସ କରନ୍ତୁ। ଆପଣଙ୍କ ଆଖପାଖରେ ଏମିତି କିଛି ଇନ୍‌ଷ୍ଟିଚ୍ୟୁଟ୍ ଅଛି ବିଭିନ୍ନ ପ୍ରକାର ବିୟୁଟିପାର୍ଲର କୋର୍ସ କରାଇଥାନ୍ତି। ଆପଣ ଏହାର ସାହାଯ୍ୟ ନେଇ ନିଜେ ଏକ ପାର୍ଲର ଖୋଲି କିଛି ଟଙ୍କା ରୋଜଗାର କରିପାରିବେ।

**ଗାର୍ଡେନିଂ:** ଯଦି ଆପଣଙ୍କୁ ଗାର୍ଡେନିଂ କରିବା ପସନ୍ଦ ତେବେ ଛୋଟ ଛୋଟ ଗଛ ଲଗାଇ ଏହାର ଯତ୍ନ ନେବା ସହ ନିଜେ ଏକ ଛୋଟ ନର୍ସରି ମଧ୍ୟ କରି କିଛି ଟଙ୍କା ରୋଜଗାର ମଧ୍ୟ କରିପାରିବେ।

**ଟେଲରିଂ:** ଯଦି ଆପଣଙ୍କୁ ଟେଲରିଂ ପସନ୍ଦ ତେବେ ଏହାକୁ ମଧ୍ୟ ନିଜ କ୍ୟାରିୟରରେ ସାମିଲ କରିପାରିବେ। କୌଣସି ଅନୁଷ୍ଠାନରୁ ଟେଲରିଂ ଶିକ୍ଷା ଗ୍ରହଣ କରିବା ପରେ ନିଜେ ଏକ ବୁଟିକ୍ ଖୋଲି କିଛି ଟଙ୍କା ରୋଜଗାର କରିପାରିବେ।

**ଯୋଗ :** ଯୋଗର ଆବଶ୍ୟକତା ସମସ୍ତଙ୍କ ଜୀବନରେ ରହିଛି। ଏବେ ଏହାକୁ ବ୍ୟବସାୟ ସ୍ତରରେ ଦେଖିବାକୁ ମିଳୁଛି। ଏଥିପାଇଁ ଆପଣଙ୍କ କ୍ୟାରିୟର ମଧ୍ୟ ଯୋଗ ଦ୍ୱାରା ଆରମ୍ଭ କରିପାରିବେ। ଏହାର ଡିପ୍ଲୋମା କୋର୍ସ କରି ନିଜେ ଯୋଗ ଇନ୍‌ଷ୍ଟ୍ରକ୍ଟର ମଧ୍ୟ ହୋଇପାରିବେ।

**କଣ୍ଟେଣ୍ଟ ରାଇଟିଂ କୋର୍ସ:** ଯଦି ଆପଣଙ୍କୁ ଲେଖିବା ପସନ୍ଦ ଏବଂ ନିଜ ଭାବନାରେ କ୍ରିଏଟିଭିଟି ଥାଏ ତେବେ ଏଥିପାଇଁ ଆପଣଙ୍କୁ କଣ୍ଟେଣ୍ଟ ରାଇଟିଂ ଭଲ ଅପ୍‌ସନ ହୋଇପାରିବ। ଆଜିକାଲି ବିଭିନ୍ନ ପ୍ରକାର ଅନ୍‌ଲାଇନ ୱାର୍କଶପ୍ ଚାଲୁଛି। ଯେଉଁଥିରେ ଲେଖିବାର କଳାକୁ ଆହୁରି ସୁନ୍ଦର ମଧ୍ୟ କରିପାରିବେ। ଏଥିସହ କେତେକ ଡିପ୍ଲୋମା କୋର୍ସ ମଧ୍ୟ ରହିଛି ଯାହା ସାହାଯ୍ୟରେ ଆପଣ ଭଲ କଣ୍ଟେଣ୍ଟ ରାଇଟର ମଧ୍ୟ ହୋଇପାରିବେ। ଏଥିପାଇଁ ଆପଣ କଣ୍ଟେଣ୍ଟ ରାଇଟର କୋର୍ସ କରି ସାର୍ଟିଫିକେଟ୍ ପାଇପାରିବେ।





ସୌନ୍ଦର୍ଯ୍ୟ

# ବଜାୟ ରହିବ କେଶର ଚମକ



**ବଦଳୁଥିବା ସମୟ ପାଇଁ କେତେକଙ୍କ କେଶ ଡ୍ୟାମେଜ୍ ଏବଂ ରଫ୍ ହେବା ଦେଖିବାକୁ ମିଳୁଛି। ଯେଉଁ କାରଣରୁ କେତେଜଣ ଯୁବତୀ ଡଲ୍ ଏବଂ ଡ୍ୟାମେଜ୍ କେଶକୁ ଆପଣାଇ ନେଉଛନ୍ତି। ବାୟୁମଣ୍ଡଳ ପ୍ରଦୂଷଣ ଏବଂ ଖରା ଯୋଗୁ କେଶ ବହୁତ ଡ୍ୟାମେଜ୍ ଏବଂ ଡ୍ରାଏ ଦେଖିବାକୁ ମିଳେ। ଏହାଦ୍ୱାରା ଆମ କେଶ ଖରାପ ହୋଇଯାଇଥାଏ। ଏଥିପାଇଁ କେଶର ଚମକ କିପରି ଆସିବ ସେଥିଲାଗି କେତୋଟି ଉପାୟ ଆପଣାଇବାକୁ ପଡ଼ିବ। ଜାଣନ୍ତୁ ଏ ସମ୍ପର୍କରେ କେତୋଟି ଟିପ୍ସ...**

**କ୍ଷୀର ଏବଂ ମହୁ ମିଶ୍ରଣ :** ଏହି ମିଶ୍ରଣକୁ ଆପଣ ସହଜରେ ଘରେ ପ୍ରସ୍ତୁତ କରିପାରିବେ। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ଅଧାକପ କ୍ଷୀର ନିଅନ୍ତୁ ଏବଂ ସେଥିରେ ୨ଚାମଚ ମହୁ ମିଶାନ୍ତୁ। ଏହାପରେ ଏହି ମିଶ୍ରଣକୁ ଭଲ ଭାବେ ମିଶାଇ କେଶରେ ଲଗାଇ କିଛି ସମୟ ରଖନ୍ତୁ। ଏହାକୁ ୩୦ମିନିଟ୍ ପରେ କେଶକୁ ଶାମ୍ପୋ ଲଗାଇ ଭଲଭାବେ ପାଣିରେ ଧୋଇ ଦିଅନ୍ତୁ।

**ଅମୃତଭଣ୍ଡା ମାସ୍କ :** ଯଦି ଆପଣଙ୍କର ରୂପି ସମସ୍ୟା ରହିଛି ତେବେ ଆପଣ ଏଥିପାଇଁ ଅମୃତଭଣ୍ଡାକୁ ବ୍ୟବହାରକରି କେଶକୁ ରୂପି ସମସ୍ୟାଠୁ ଦୂରେଇପାରିବେ। ଅମୃତଭଣ୍ଡା ରସକୁ କେଶରେ ଲଗାଇବା ଦ୍ୱାରା ଆପଣଙ୍କ କେଶ ମଜଭୁତ ହୋଇଥାଏ। ଅମୃତଭଣ୍ଡାର ଚୋପା ଛଡ଼ାଇ ସେଥିରେ ଆପଣ ଅଧାକପ ଦହି ମିଶାଇ ଦିଅନ୍ତୁ। ଏହାପରେ ଏହି ମିଶ୍ରଣର ପେଷ୍ଟକୁ ନିଜ କେଶରେ ଲଗାଇ ଭଲଭାବେ ମସାଜ୍ କରନ୍ତୁ। ଏହାକୁ କିଛି ସମୟ ରଖିବା ପରେ କେଶକୁ ଭଲଭାବେ ଧୋଇଦିଅନ୍ତୁ।



**ଜଜୋବା ଅୟଲ :** ଜଜୋବା ତେଲ କେଶକୁ ପୋଷଣ ପ୍ରଦାନ କରିବା ସହ ମଜଭୁତ,ଘନ ଏବଂ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏହାର ବ୍ୟବହାର ତ୍ୱଚା ଏବଂ କେଶ ଜନିତ ସମସ୍ୟା ଦୂରକରିବାରେ ସାହାଯ୍ୟ କରିଥାଏ।

**ଅଣ୍ଡା ଓ ଦହି ମାସ୍କ :** କେଶକୁ ଉତ୍ତମ ପୋଷଣ ଦେବାକୁ ହେଲେ ଦହି ଏବଂ ଅଣ୍ଡାର ଧଳା ଅଂଶକୁ ମିଶାଇ ହେୟାର ମାସ୍କ ପ୍ରସ୍ତୁତ କରିପାରିବେ। ଏହାଦ୍ୱାରା କେଶ ରୁକ୍ଷ ହେବନାହିଁ ଏବଂ ପ୍ରଦୂଷଣର କୌଣସି ପ୍ରଭାବ କେଶ ଉପରେ ପଡିବନାହିଁ।

ଖାଦ୍ୟରୁଚି

# ମଲାଇ ସ୍ୟାଣ୍ଡଉଇଚ୍

**ଆବଶ୍ୟକ ସାମଗ୍ରୀ:** ବ୍ରେଡ୍, ପିଆଜ, ଗାଜର, ମଲାଇ, ଶିମ୍‌ଲା ଲଙ୍କା, ଟମାଟୋ, ଧନିଆପତ୍ର, ବନ୍ଧାକୋବି, ଲୁଣ, ଗୋଲ ମରିଚ ପାଉଡର, କଞ୍ଚାଲଙ୍କା ।

**ପ୍ରସ୍ତୁତି ପ୍ରଣାଳୀ:** ମଲାଇ ସ୍ୟାଣ୍ଡଉଇଚ୍ ପ୍ରସ୍ତୁତ କରିବାକୁ ହେଲେ ଆପଣଙ୍କୁ ଗାଜର, ଧନିଆପତ୍ର, ବନ୍ଧାକୋବି, ପିଆଜ, କଞ୍ଚାଲଙ୍କା, ଶିମ୍‌ଲା ଲଙ୍କା ଆଦିକୁ ଭଲ ଭାବେ ଧୋଇ ଛୋଟ ଛୋଟ ଆକାରରେ କାଟି ଦିଅନ୍ତୁ। ଏହା ବ୍ୟତୀତ ଆପଣ ଚାହିଁଲେ ଗାଜରକୁ ସ୍ଲାଇସ୍ କରି ଦିଅନ୍ତୁ। ଏହା ବ୍ୟତୀତ ଟମାଟୋକୁ ଆପଣ ନିଜ ହିସାବରେ ଗୋଲ କିମ୍ବା ଛୋଟ ଆକାରରେ କାଟି ପାରିବେ। ଏଥିରେ ମଧ୍ୟ ସୁଇଟ୍ କର୍ନ ପକାଇପାରିବେ। ସବୁ ପନିପରିବାକୁ ଏକ ପାତ୍ରରେ ପକାଇ ଦିଅନ୍ତୁ। ଏବେ ଏହି ପନିପରିବାକୁ ମିକ୍ସଚରରେ ପକାଇ ଭଲଭାବେ ଗ୍ରାଇଣ୍ଡ କରନ୍ତୁ। ଏଥିରେ ମଲାଇ ସହିତ ଲୁଣ ଏବଂ ଗୋଲମରିଚ ପାଉଡର ପକାଇ ଭଲଭାବେ ମିକ୍ସ କରିଦିଅନ୍ତୁ। ଏହା ପରେ ବ୍ରେଡ୍ ଖଣ୍ଡ ଗୋଟେ ନିଅନ୍ତୁ। ପ୍ରସ୍ତୁତ ହୋଇଥିବା ମିକ୍ସରୁ ଏକ ଚାମଚ ନେଇ ବ୍ରେଡ୍ ଖଣ୍ଡ ଉପରେ ପକାଇ ଚାରିଆଡ଼େ ଭଲଭାବେ ଲଗାଇ ଦିଅନ୍ତୁ। ଏବେ ଆପଣ ଚାହିଁଲେ ଏହି ସ୍ୟାଣ୍ଡଉଇଚ୍‌ରୁ ହାଫ୍ କାଟି ସସ୍ ସହିତ ଖାଇପାରନ୍ତି। ଏହା ବ୍ୟତୀତ ଆପଣ ବ୍ରେଡ୍‌କୁ ହାଲ୍‌କା ସେକି ମଧ୍ୟ ଖାଇପାରିବେ। ଏବେ ଆପଣଙ୍କ ମଲାଇ ସ୍ୟାଣ୍ଡଉଇଚ୍ ପ୍ରସ୍ତୁତ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୭/୨୦୨୩ Bhubaneswar, Tuesday, June 27/ 2023

## ଭାରତର କାଶା, ନୋଆଙ୍କ ନୂଆ ବିଶ୍ୱ ରେକର୍ଡ

**ନୂଆଦିଲ୍ଲୀ, ୨୬।୬ (ପି.ଟି.):** କିରଗିଜସ୍ତାନରେ ଅନୁଷ୍ଠିତ ବିଶ୍ୱ ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍‌ରେ ଭାରତର କାଶା ନିଆ ସଚଦେବ ଓ ନୋଆ ସାରା ଇଆପେନ୍ ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ୧୫ ବର୍ଷୀୟା କାଶା ଟିନ୍-୧ ୭୫କେଜିରୁ କମ୍ କାଟେଗୋରିରେ ବିଶ୍ୱ ରେକର୍ଡ କରିଛନ୍ତି। ସେ ଫୁଲ୍ ପାୱାର ଲିଫ୍ଟିଂ ଇଭେଣ୍ଟରେ ୧୯୮.୫ କେଜି (ସ୍କ୍ୱାଟ-୮୦କେଜି, ବେଞ୍ଚ-୩୩.୫ କେଜି ଓ ଡେଡ୍ ଲିଫ୍ଟ-୮୫କେଜି) ଉତ୍ତୋଳନ କରିଥିଲେ। ୧୩ ବର୍ଷୀୟ ନୋଆ ଟିନ୍-୧ ମହିଳା ୬୦ କେଜିରୁ କମ୍ ଓଜନ ବର୍ଗରେ ସ୍ୱର୍ଣ୍ଣ ସହ ବିଶ୍ୱ ରେକର୍ଡ କରିଛନ୍ତି। ଫୁଲ୍ ପାୱାର ଲିଫ୍ଟିଂ ଇଭେଣ୍ଟରେ ସେ ୨୦୧ କେଜି (ସ୍କ୍ୱାଟ-୭୦କେଜି, ବେଞ୍ଚ୍-୪୧.୫ କେଜି ଓ ଡେଡ୍‌ଲିଫ୍ଟ -୯୮.୫ କେଜି) ଉତ୍ତୋଳନ କରିଥିଲେ।

# ଟ୍ରଫି ଟୁର୍ ଲଞ୍ଚ କଲା ଆଇସିସି

**ଦିନିକିଆ ବିଶ୍ୱକପ ୨୦୨୩**



**ଦୁବାଇ, ୨୬।୬(ପି.ଟି.)**

ଆଇସିସି ଦିନିକିଆ ବିଶ୍ୱକପ ୨୦୨୩ର ଟ୍ରଫି ଲଞ୍ଚ କରିଛି ଆଇସିସି। ସୋମବାର ଆଇସିସି ପକ୍ଷରୁ ପୃଥିବୀ ପୃଷ୍ଠର ୧ ଲକ୍ଷ ୨୦ ହଜାର ଫୁଟ ଉପରେ ଟ୍ରଫି ଲଞ୍ଚ କରାଯାଇଥିଲା। ଏହା ପରେ ଅହମଦାବାଦ ସ୍ଥିତ ନରେନ୍ଦ୍ର ମୋଦୀ କ୍ରିକେଟ ଷ୍ଟାଡିୟମରେ ଟ୍ରଫି ଲ୍ୟାଣ୍ଡ କରିଥିଲା। ଏକ ବେସ୍ପୋକ ବେଲୁନ୍‌ରେ ଟ୍ରଫିକୁ ବନ୍ଧା ଯାଇ ଟ୍ରଫିକୁ ଛଡା ଯାଇଥିବା ବେଳେ ୪କେ କ୍ୟାମେରାରେ ଏହାର ଶୁଟିଂ କରାଯାଇଥିଲା। ଜୁନ୍ ୨୭ ତାରିଖରୁ ଯାତ୍ରା ଆରମ୍ଭ କରିବ ବିଶ୍ୱକପ ଟ୍ରଫି। କୁଏଟ୍, ବାହାରିନ୍, ମାଲେସିଆ, ଆମେରିକା, ନାଇଜେରିଆ, ଉଗାଣ୍ଡା, ଫ୍ରାନ୍ସ ଏବଂ ଇଟାଲୀ ପରି ୧୮ଟିଦେଶ ଭ୍ରମଣ କରିବା ପରେ ଆୟୋଜକ ଦେଶ ଭାରତରେ ଟ୍ରଫି ପହଞ୍ଚିବ।

ବିଭିନ୍ନ ଦେଶ ମଧ୍ୟରେ ଟ୍ରଫି ଯାତ୍ରା କରିବାକୁ ଥିବା ବେଳେ ଲକ୍ଷ ଲକ୍ଷ ଫ୍ୟାନ୍ ଏହାର ଦର୍ଶନ କରିବେ। ସମଗ୍ର ବିଶ୍ୱରେ କ୍ରିକେଟର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଆଇସିସି ଇତିହାସର ବୃହତ ଇଭେଣ୍ଟ କରିବା ପାଇଁ ଆମେ ପ୍ରସ୍ତୁତ ବୋଲି ଆଇସିସି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଜିଓଫ୍ ଆଲାର୍ଡାଇସ୍ ପ୍ରକାଶ କରିଛନ୍ତି।

ଭାରତୀୟଙ୍କୁ କ୍ରିକେଟ ସର୍ବଦା ଏକତ୍ରିତ କରିଥାଏ। ୧୪୦ କୋଟି ଦେଶବାସୀଙ୍କ ମଧ୍ୟରେ ଏହା ଏକ ଅଫୁରନ୍ତ ଉତ୍ସାହ ସୃଷ୍ଟି କରୁଥିବା ବେଳେ ବିଶ୍ୱର ଶ୍ରେଷ୍ଠ ୧୦ ଦଳ ଏଥିରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ୬ ସପ୍ତାହର ନନ୍ ଷ୍ଟପ୍ କ୍ରିକେଟ ପାଇଁ ଭାରତ ବାସୀ ପ୍ରସ୍ତୁତ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ଜୁନ୍ ୨୭ରୁ ଆରମ୍ଭ ହେବାକୁ ଥିବା ଟ୍ରଫି ଟୁର୍ ୧୮ ଦେଶ ଭ୍ରମଣ କରିବା ପରେ ସେପ୍ଟେମ୍ବର ୪ ତାରିଖରେ ଭାରତରେ ପହଞ୍ଚିବ।

## ଏସିଆନ୍ ଗେମ୍ସ ପାଇଁ ଅନୁପମାଙ୍କୁ ଯୋଗ୍ୟତା

**ଭୁବନେଶ୍ୱର, ୨୬।୬**
**(ବିଜୟ ରଣା)**

ସେପ୍ଟେମ୍ବରରେ ଚାଇନାର ହାଙ୍ଗ୍‌ଝୋଠାରେ ହେବାକୁଥିବା ଏସିଆନ ଗେମ୍ସର ଜୁଜିତ୍ସୁ ଇଭେଣ୍ଟରେ ଅଂଶଗ୍ରହଣ କରିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି ଓଡ଼ିଶାର ଅନ୍ତର୍ଜାତୀୟ ଖେଳାଳି ଅନୁପମା ସ୍ୱାଇଁ। ଉତ୍ତରାଖଣ୍ଡର ହଲଦ୍ୱାନୀଠାରେ ଅନୁଷ୍ଠିତ ସିଲେକ୍ସନ ଟ୍ରାଏଲ୍‌ରେ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସୂଚନାଯୋଗ୍ୟ, ଅନୁପମା ଗତ ୫ଟି ଜାତୀୟ ଜୁ ଜିତ୍ସୁ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିଲେ। ଏହାଛଡ଼ା ଗତ ୩ଟି ଏସୀୟ ଜୁ ଜିତ୍ସୁ ପ୍ରତିଯୋଗିତାରେ ସେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ଜୁ ଜିତ୍ସୁ ବ୍ୟତୀତ ଶକ୍ତି ଉତ୍ତୋଳନରେ ମଧ୍ୟ ଏସିଆ ଚାମ୍ପିୟନ ହୋଇଛନ୍ତି। ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିଥିବାରୁ ଅନୁପମାଙ୍କୁ ଓଡ଼ିଶା ଜୁ ଜିତ୍ସୁ ସଂଘ ପକ୍ଷରୁ ଅନୁପମାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



ଅନୁପମାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ୱେଷ୍ଟଇଣ୍ଡିଜକୁ ହରାଇଲା ନେଦରଲାଣ୍ଡ୍ସ

**ଆଇସିସି ଦିନିକିଆ ବିଶ୍ୱକପ୍ କ୍ୱାଲିଫାୟର**

**ହରାରେ, ୨୬।୬**

ସ୍ଥାନୀୟ ଟାକାସିଙ୍ଗା ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍ କ୍ୱାଲିଫାୟରର ଏକ ମ୍ୟାଚରେ ନେଦରଲାଣ୍ଡ୍ସ ସୁପର ଓଭରରେ ୱେଷ୍ଟଇଣ୍ଡିଜକୁ ହରାଇଛି। ଟସ୍ ହାରି ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ନିକୋଲାସ ପୁରନଙ୍କ ଅପରାଜିତ ଶତକ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ୩୭୪ ରନ କରିଥିଲା। ପୁରନ ୧୦୪ (୬୫ବଲ୍) ରନ କରିଥିବା ବେଳେ ବ୍ରାଣ୍ଡନ କିଙ୍ଗ୍ ୭୬ ଓ ଜନସନ ଚାର୍ଲ୍ସ ୫୪ ରନ କରିଥିଲେ। ଜବାବରେ ନେଦରଲାଣ୍ଡ୍ସ ତେଜା ନିଡାମାନୁରୁ (୧୧୧)ଙ୍କ ଶତକ ସହାୟତାରେ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ସମାନ ୩୭୪ ରନ କରିଥିଲା। ମ୍ୟାଚ ଟାଇ ରହିବାରୁ ସୁପର ଓଭରର ସହାୟତା ନିଆଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ନେଦରଲାଣ୍ଡ୍ସ ଅଲରାଉଣ୍ଡର ଲୋଗାନ ଭାନ୍ ବିକ୍‌ଙ୍କ ଚମତ୍କାର ପ୍ରଦର୍ଶନ ବଳରେ ବିନା କୌଣସି ଉଇକେଟ ହରାଇ ୩୦ରନ କରିଥିଲା। ଏହି ସମସ୍ତ ରନ ଭାନ୍ ବିକ୍ ସ୍କୋର କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ୨ ଉଇକେଟ ହରାଇ ୮ ରନ କରିପାରିଥିଲା।







E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

**SKY AUTOMOBILES**
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.

**NARAYANI MOTORS**
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/ 48. PURI HIGHWAY PIPLI: 9583022013. TIRTOL: 7381000159.

**ODYSSEY MOTORS**
ANGUL: 7752076136, 9776901481, PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450.

*Offer includes consumer offer, exchange bonus and institutional or rural offer, 2 ka 4 wheeler offer and Gold voucher (wherever applicable) on selected models/ variants. Above mentioned savings amount is the value of maximum savings on selected models. *^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. The price given in the ad is based on Bhubaneswar prices and are subject to vary based on the dealer city. Above offers are valid till 30th June, 2023.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ